# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଜାନୁୟାରୀ ୧୧/୨୦୨୧ (୧୨ ପୃଷ୍ଠା) | Sambalpur, Monday, January 11/2021 | ★★

୧୬ଶ ଭାଗ ୩୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-





**ନୋରାଙ୍କ ଡ୍ୟାନ୍ସ ଭିଡିଓ ଭାଇରାଲ**
ଅଭିନେତ୍ରୀ ନୋରା ଫତେହୀ କରୀନା କପୁରଙ୍କ 'ଫେବିକଲ'ଗୀତରେ ଜବରଦସ୍ତ ଡ୍ୟାନ୍ସ କରୁଥିବା ନଜରକୁ ଆସିଛନ୍ତି। ଏହା ଏବେ ଭାଇରାଲ ହୋଇଛି। ୧୦

୧୨ **ସନ୍ତୋଷ ଚାମ୍ପିୟନ**
ଗୁରୁକୁଳ ଟେନିସ ଏକାଡେମୀ ଆନୁକୂଲ୍ୟରେ ବର୍ଷର ପ୍ରଥମ ସିନିୟର ଟେନିସ ଚାମ୍ପିୟନଶିପ୍‌ର ସିଙ୍ଗଲ୍ସ ବିଭାଗରେ ସନ୍ତୋଷ କୁମାର ମଲିକ ଚାମ୍ପିୟନ ହୋଇଛନ୍ତି।




# ୨୧ରୁ ଲୋଡ଼ାନାହିଁ କୋଭିଡ୍ ରିପୋର୍ଟ

**ପୁରୀ ଅଫିସ, ୧୦।୧:** ଶ୍ରୀମନ୍ଦିରରେ ଦାରୁଦିଅଁଙ୍କ ଦର୍ଶନ ପାଇଁ କଟକଣାକୁ କୋହଳ କରାଯାଇଛି। ଆସନ୍ତା ୨୧ ତାରିଖରୁ ଆଉ କୋଭିଡ୍ ନେଗେଟିଭ ରିପୋର୍ଟ ଆବଶ୍ୟକ ପଡ଼ିବ ନାହିଁ। ଶ୍ରଦ୍ଧାଳୁମାନେ ବିନା କୋଭିଡ୍ ରିପୋର୍ଟରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ସେହିପରି ବୃଦ୍ଧାବୃଦ୍ଧଙ୍କ ପାଇଁ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା ହେବ। ସକାଳ ୮ଟା ପରିବର୍ତ୍ତେ ୭ଟାରୁ ଦର୍ଶନ ଆରମ୍ଭ ହେବ। ତେବେ ପୂର୍ବଭଳି ଆନନ୍ଦବଜାରରେ ମହାପ୍ରସାଦ ସେବନ ଉପରେ କଟକଣା ରହିବ। ମନ୍ଦିର ସାନିଟାଇଜ ନିମନ୍ତେ ପ୍ରତ୍ୟେକ ରବିବାର ଦର୍ଶନ ବନ୍ଦ ରଖାଯିବ। ପ୍ରତିଦିନ ୩୦ ହଜାର ଭକ୍ତଙ୍କୁ ଦର୍ଶନ ସୁଯୋଗ ମିଳିବ। ଆସନ୍ତା ଫେବୃୟାରୀ ୨୧ ପର୍ଯ୍ୟନ୍ତ ପରୀକ୍ଷାମୂଳକ ଭାବେ ଏହି ବ୍ୟବସ୍ଥା ଚାଲିବ। ରବିବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମୀକ୍ଷା ବୈଠକ ପରେ ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ଏହି ସୂଚନା ଦେଇଛନ୍ତି।

ନୂତନ ଦର୍ଶନ ବ୍ୟବସ୍ଥା ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ପୂର୍ବ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର)କୁ ସଂଶୋଧନ କରାଯାଇଛି। ସର୍ବସାଧାରଣ ଦର୍ଶନ ଲାଗି କୋଭିଡ୍ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ ଥିବାବେଳେ ଆସନ୍ତା ୨୧ତାରିଖରୁ ଏହି ପ୍ରତିବନ୍ଧକ ହଟାଇବାକୁ ଜିଲା ଓ ଶ୍ରୀମନ୍ଦିର ପ୍ରଶାସନର ମିଳିତ ସମୀକ୍ଷା ବୈଠକରେ ନିଷ୍ପତ୍ତି ହୋଇଛି। ସେହିଭଳି ପୂର୍ବରୁ ବରିଷ୍ଠ ନାଗରିକଙ୍କୁ ଶ୍ରୀମନ୍ଦିର ପ୍ରବେଶ ଲାଗି ବାରଣ କରାଯାଇଥିବାବେଳେ ୨୧ ତାରିଖରୁ ପ୍ରବେଶ ଅନୁମତି ମିଳିବ। ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା କରାଯିବ। ଶିଶୁଙ୍କୁ ମଧ୍ୟ ମନ୍ଦିରକୁ ଛଡ଼ାଯିବ। ପୂର୍ବଭଳି ବ୍ୟାରିକେଡ୍ ବ୍ୟବସ୍ଥା ଲାଗୁ ହେବ। ଦର୍ଶନ ସମୟ ମଧ୍ୟ ପରିବର୍ତ୍ତନ ହୋଇଛି। ପୂର୍ବର ସକାଳ ୮ଟା ପରିବର୍ତ୍ତେ ୭ଟାରୁ ଦର୍ଶନ ଆରମ୍ଭ ହୋଇ ପହୁଡ଼ ପର୍ଯ୍ୟନ୍ତ ଚାଲିବ। ସହରବାସୀ ସକାଳ ୬ଟାରୁ ଦର୍ଶନ କରିପାରିବେ। ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ମୁଖ୍ୟ ପ୍ରଶାସକ ସେବାୟତମାନଙ୍କ ସହଯୋଗ ଲୋଡ଼ିଛନ୍ତି। ଦ୍ୱାରଫିଟା ଓ ମଙ୍ଗଳଆଳତି ସକାଳ ୫ଟା ୪୫ ସୁଦ୍ଧା ଶେଷ ହୋଇପାରିଲେ, ନିର୍ଦ୍ଧାରିତ ଯୋଜନା ଅନୁଯାୟୀ ଦର୍ଶନ ହୋଇପାରିବ। ତେଣୁ ସେବାୟତମାନେ ଏନେଇ ଧ୍ୟାନ ଦେବାକୁ କ୍ରିଷନ କୁମାର ଅନୁରୋଧ କରିଛନ୍ତି। କୋଭିଡ୍ ନେଗେଟିଭ୍ ରିପୋର୍ଟର ବାଧ୍ୟତାମୂଳକ ପ୍ରାବଧାନକୁ ହଟାଯାଇଥିଲେ ମଧ୍ୟ କୋଭିଡ୍ କଟକଣାକୁ ଗୁରୁତ୍ୱର ସହ ପାଳନ କରାଯିବ ବୋଲି ପ୍ରଶାସନ ସ୍ପଷ୍ଟ କରିଛି। ମାସ୍କ ପରିଧାନ, ସାନିଟାଇଜେଶନ ସମେତ ସାମାଜିକ ଦୂରତ୍ୱକୁ ପୂର୍ବ ଭଳି ପ୍ରାଥମିକତା ଦିଆଯିବ। କୋଭିଡ୍ ସଂକ୍ରମଣକୁ ରୋକିବା ପାଇଁ ଜିଲା ପ୍ରଶାସନ ତରଫରୁ ଯଥାସମ୍ଭବ ଉଦ୍ୟମ ହେବ। ଉଲ୍ଲେଖଯୋଗ୍ୟ, ସଂଶୋଧିତ ଏସ୍‌ଓପିରେ ଆନନ୍ଦବଜାରରେ ଅବଢ଼ା ଖାଇବା ଲାଗି ଅନୁମତି ନାହିଁ। ଅବଢ଼ା କିଣି ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ପରିସର କିମ୍ବା ଆନନ୍ଦବଜାରରେ ଖାଇପାରିବେ ନାହିଁ। ଅନ୍ୟପକ୍ଷରେ ଏସ୍‌ପି ☞ପୃଷ୍ଠା–୪



**ଦାରୁଦିଅଁଙ୍କ ଦର୍ଶନ କଟକଣା କୋହଳ ହେବ**

- ସକାଳ ୭ରୁ ମନ୍ଦିର ପ୍ରବେଶ କରିପାରିବେ ଭକ୍ତ
- ବରିଷ୍ଠ ନାଗରିକଙ୍କ ଲାଗି ସ୍ୱତନ୍ତ୍ର ଧାଡ଼ି ବ୍ୟବସ୍ଥା
- ଦୈନିକ ୩୦ ହଜାର ଶ୍ରଦ୍ଧାଳୁଙ୍କୁ ମିଳିବ ଅନୁମତି
- ସାନିଟାଇଜ ଲାଗି ରବିବାର ବନ୍ଦ ରହିବ ଦର୍ଶନ

## ପୁରୀବାସୀଙ୍କ ପାଇଁ ସକାଳ ୬ରୁ ଦର୍ଶନ

ପୁରୀ ସହରରେ ଅନେକ ଶ୍ରଦ୍ଧାଳୁ ରହିଛନ୍ତି ଯେଉଁମାନେ ପ୍ରତ୍ୟହ ବଡ଼ିଭୋରରୁ ମହାପ୍ରଭୁଙ୍କୁ ଦର୍ଶନ କରନ୍ତି। ଏବେ କୋଭିଡ୍ କଟକଣା ମଧ୍ୟରେ ଦର୍ଶନ ଚାଲିଥିବାରୁ ସେମାନେ ପ୍ରତିଦିନ ଶ୍ରୀମନ୍ଦିରକୁ ଯାଇପାରୁନାହାନ୍ତି। ତେଣୁ ପ୍ରଶାସନ ଏନେଇ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି। ସାଧାରଣ ଦର୍ଶନ ସକାଳ ୭ଟାରୁ ଆରମ୍ଭ ହେବାକୁ ଥିବାବେଳେ ପୁରୀ ସହରବାସୀ ୬ଟାରେ ଶ୍ରୀମନ୍ଦିରରେ ପ୍ରବେଶ କରିପାରିବେ। ସେମାନେ ୭ଟା ପର୍ଯ୍ୟନ୍ତ ଦର୍ଶନ କରିପାରିବେ। ଏହା ବାଦ୍ ଅନ୍ୟ ସମୟରେ ଦର୍ଶନ କରିବାକୁ ଚାହିଁଲେ ସେମାନଙ୍କୁ ସର୍ବସାଧାରଣ ଧାଡ଼ିରେ ଆସିବାକୁ ପଡ଼ିବ। ତେବେ ଏହି ଦର୍ଶନ ପାଇଁ ଚାରିଦ୍ୱାର ଖୋଲା ଯିବ ନାହିଁ। ସାଧାରଣ ଦର୍ଶନ ଭଳି ସେମାନେ ପୂର୍ବଦ୍ୱାର ଅର୍ଥାତ୍ ସିଂହଦ୍ୱାରରେ ପ୍ରବେଶ କରି ଉତ୍ତର ଦ୍ୱାରରେ ପ୍ରସ୍ଥାନ କରିବେ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି।

# କ୍ଷମତା କ'ଣ ନ କରେ

**ତଥାଗତ ସତପଥୀ**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକମାନେ ୬ ଜାନୁୟାରୀ ୨୦୨୧ରେ କ୍ୟାପିଟୋଲ୍ ବିଲ୍ଡିଂ ଭିତରେ ପ୍ରବେଶ କରି ଯେଉଁଭଳି ଅରାଜକତା ସୃଷ୍ଟି କଲେ ତାହା ସବୁଠାରୁ ପୁରୁଣା ଗଣତନ୍ତ୍ର ପ୍ରତି ଏକ ଶକ୍ତ ଧକ୍କା ପହଞ୍ଚାଇଛି। ୨୦୨୦ ନଭେମ୍ବରରେ ଡେମୋକ୍ରାଟିକ୍ ପ୍ରାର୍ଥୀ ଜୋ ବାଇଡେନ୍ ରିପବ୍ଲିକାନ୍ ପ୍ରାର୍ଥୀ ତଥା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହରାଇଥିଲେ। ନିର୍ବାଚନ ପ୍ରକ୍ରିୟାରେ ଜାଲିଆତି ହୋଇଥିବା ଅଭିଯୋଗ କରି ସେବେଠାରୁ ସେ ବାଇଡେନ୍‌ଙ୍କୁ ବିରୋଧ କରିଆସୁଥିଲେ। କିନ୍ତୁ କୌଣସି ଜାଗାରେ ସ୍ପଷ୍ଟ ଭାବେ ଜାଲିଆତିର ପ୍ରମାଣ ଦେବାରେ ରିପବ୍ଲିକାନ୍ ଦଳ ଓ ଟ୍ରମ୍ପଙ୍କ ସମର୍ଥକମାନେ ସଫଳ ହୋଇପାରିନାହାନ୍ତି। ୨୦ ଜାନୁୟାରୀ ୨୦୨୧ରେ କ୍ଷମତା ହସ୍ତାନ୍ତର ଯେତେ ପାଖେଇ ଆସିଲା ଟ୍ରମ୍ପ ଏକପ୍ରକାର ପାଗଳ ହେଲା ଭଳି ଜଣାପଡୁଛନ୍ତି। ତାଙ୍କ ବ୍ୟବହାର ଦେଖି ପୃଥିବୀବ୍ୟାପୀ ଧାରଣା ସୃଷ୍ଟି ହୋଇଛି ଯେ, କ୍ଷମତା କ'ଣ ନ କରେ। କ୍ଷମତା ନେତାଙ୍କୁ କିଭଳି ଅନ୍ଧ କରିଦିଏ, ତାହା କ୍ୟାପିଟୋଲ୍ ବିଲ୍ଡିଂ ଅକ୍ତିଆରରୁ ବୁଝା ପଡ଼ିଯାଉଛି। ଦୀର୍ଘ ବର୍ଷ ଶାସନ କରିବା ଲାଗି ଆକାଂକ୍ଷା ରଖୁଥିବା ନେତା ଯେତେବେଳେ ତାଙ୍କ ପତନ ଦେଖିପାରନ୍ତି, ସେତେବେଳେ ବ୍ୟତିବ୍ୟସ୍ତ ହୋଇପଡ଼ନ୍ତି। ଟ୍ରମ୍ପ ଏହାର ପ୍ରକୃଷ୍ଟ ଦୃଷ୍ଟାନ୍ତ ଭାବେ ଉଭା ହୋଇଛନ୍ତି।

କ୍ୟାପିଟୋଲ୍ ବିଲ୍ଡିଂ ଉପରେ ଆକ୍ରମଣ ଓ ହିଂସାକାଣ୍ଡକୁ ବିଶ୍ୱବ୍ୟାପୀ ନିନ୍ଦା କରାଯିବା ପରେ ଟ୍ରମ୍ପ କହିଲେ ଯେ, ଜାନୁୟାରୀ ୨୦ରେ ଠିକ୍ ଭାବେ ସେ କ୍ଷମତା ହସ୍ତାନ୍ତର କରିବେ। ହେଲେ ସ୍ୱଳ୍ପ ଦିନ କ୍ଷମତା ପାଖରେ ଥିବାରୁ ତା'ର ଦୁରୁପଯୋଗ କରି ଟ୍ରମ୍ପ ପରମାଣୁ ବୋମା ଆକ୍ରମଣ କରିପାରନ୍ତି ବୋଲି ଆମେରିକା ପ୍ରତିନିଧି ସଭା ଅଧ୍ୟକ୍ଷ ତଥା ବାଚସ୍ପତି ନାନ୍ସି ପେଲୋସି ଚିନ୍ତାବ୍ୟକ୍ତ କରିବା ପରେ ଆମେରିକାବାସୀଙ୍କୁ ଆଉ ଏକ ଭୟ ଘାରିଛି। ଏବେ ଟ୍ରମ୍ପ ଯାତ୍ରା କରିବା ବେଳେ 'ନ୍ୟୁକ୍ଲିୟର ଫୁଟ୍‌ବଲ' ସାଙ୍ଗରେ ନେଇ ଯାଉଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏହା ଏକ ବ୍ୟାଗ୍, ଯେଉଁଥିରେ ପରମାଣୁ ଷ୍ଟ୍ରାଇକ୍ ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଓ ଆକ୍ରମଣ ଯୋଜନା ସଂକ୍ରାନ୍ତ ସଙ୍କେତ ରହିଛି। ଲଞ୍ଚ୍ କୋଡ୍ ଜଣାଥିବାରୁ ରାଷ୍ଟ୍ରପତି ଚାହିଁଲେ ଯେକୌଣସି ମୁହୂର୍ତ୍ତରେ ତାହାକୁ ବ୍ୟବହାର କରିପାରିବେ। ଟ୍ରମ୍ପଙ୍କ ମତିଗତି ଦେଖିଲେ ସେ ନିଜ ସ୍ୱାର୍ଥ ପାଇଁ କିଛିବି କରିପାରନ୍ତି ବୋଲି କୁହାଯାଇପାରେ। ତାଙ୍କ ବିଗତ ୪ ବର୍ଷର ଇତିହାସ ଦେଖିଲେ ଗଣତାନ୍ତ୍ରିକ ଦେଶରେ ସେ ଜଣେ ଏକଚ୍ଛତ୍ରବାଦୀ ନେତା ଭାବେ ଅନେକ ନିଷ୍ପତ୍ତି ନେଇ ସମାଲୋଚିତ ହୋଇଛନ୍ତି। ୨୦୨୦ରେ କରୋନା ମହାମାରୀ ଯୋଗୁ ବିଶ୍ୱ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିବା ବେଳେ ଟ୍ରମ୍ପ ଏହାକୁ ଖାତିର କରି ନ ଥିଲେ। ଏହାକୁ ଚାଇନା ଭୂତାଣୁ କହି ସେ ପରିହାସ କରିଥିଲେ। ଏପରି କି ତାଙ୍କ ସମର୍ଥକମାନଙ୍କୁ ମାସ୍କ ନ ପିନ୍ଧିବା ପାଇଁ ପ୍ରବର୍ତ୍ତାଇଥିଲେ। ଫଳସ୍ୱରୂପ କୋଭିଡ୍-୧୯ଜନିତ ସର୍ବାଧିକ ମୃତ୍ୟୁ ଆମେରିକାରେ ଦେଖାଦେଇଥିଲା। ଏବେ ମଧ୍ୟ ସେହି ସ୍ଥିତି ସୁଧୁରି ନାହିଁ। ତାଙ୍କ ଅପରିଣାମଦର୍ଶିତାର ଫଳ ଆମେରିକାବାସୀଙ୍କୁ ଭୋଗ କରିବାକୁ ପଡ଼ିଲା।

ଜଣେ ଶାସକ ଦେଶରେ କେତେ ଜନପ୍ରିୟ ତାଙ୍କ କାର୍ଯ୍ୟ କହିଦିଏ। ଏଠାରେ ସ୍ୱୀକାର କରିବାକୁ ହେବ ଯେ, ଟ୍ରମ୍ପଙ୍କ ପ୍ରତ୍ୟେକ ନିଷ୍ପତ୍ତି ଯୋଗୁ ଆମେରିକାରେ ସାମାଜିକ ବିଭେଦ ବୃଦ୍ଧି ପାଇଆସିଛି। ସେଥିପାଇଁ ପରାଜୟ ସତ୍ତ୍ୱେ ୭ କୋଟିରୁ ଊର୍ଦ୍ଧ୍ୱ ଭୋଟ୍ ପାଇ ଟ୍ରମ୍ପ ନିଜର ଗାଦି ଛାଡ଼ିବା ପାଇଁ ଅପ୍ରସ୍ତୁତ। ତାଙ୍କର ବିଶ୍ୱାସ ହେଉନାହିଁ ଯେ ସେ ହାରିଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ୪ ବର୍ଷ ପୂର୍ବେ ରିପବ୍ଲିକାନ୍ ପ୍ରାର୍ଥୀ ଭାବେ ଟ୍ରମ୍ପ ଯେତେବେଳେ ରାଷ୍ଟ୍ରପତି ନିର୍ବାଚନରେ ଜିଣିଥିଲେ ସେତେବେଳେ ଡେମୋକ୍ରାଟିକ୍ ଦଳର ପ୍ରାର୍ଥୀ ହିଲାରୀ କ୍ଲିଣ୍ଟନ୍‌ଙ୍କ ସମର୍ଥକମାନେ ଅନେକ ମାସ ପର୍ଯ୍ୟନ୍ତ 'ନଟ୍ ମାଇଁ ପ୍ରେସିଡେଣ୍ଟ' ବା 'ମୋ ରାଷ୍ଟ୍ରପତି ନୁହନ୍ତି' ଆନ୍ଦୋଳନ ଜାରି ରଖିଥିଲେ। ଆମେରିକାର ଗଣତାନ୍ତ୍ରିକ ଇତିହାସ ଦେଖିଲେ ସମ୍ଭବତଃ, ଡେମୋକ୍ରାଟିକ୍ ଦଳ ଦ୍ୱାରା ଏଭଳି ପ୍ରତିବାଦ ହିଲାରୀଙ୍କ ପରାଜୟ ଯୋଗୁ ପ୍ରଥମଥର ଦେଖିବାକୁ ମିଳିଥିଲା। ହୁଏତ ସେଇଠୁ ଧାରଣା ପାଇ ଟ୍ରମ୍ପ ତାଙ୍କ ସମର୍ଥକମାନଙ୍କୁ ଉସୁକାଇଥିଲେ। କିନ୍ତୁ ସେହି ଉସୁକାଇବାର ମାତ୍ରା ଯଥେଷ୍ଟ ହୋଇଯିବାରୁ କ୍ୟାପିଟୋଲ ଅର୍ଥାତ୍ ଆମେରିକା ସଂସଦ ଉପରେ ତାଙ୍କ ସମର୍ଥକମାନେ ସିଧାସଳଖ ଆକ୍ରମଣ କରିଥିଲେ। ପୃଥିବୀର ସବୁଠାରୁ ଶକ୍ତିଶାଳୀ ଦେଶ ଭାବରେ ପରିଚିତ ଆମେରିକା ତା'ର ରାଜଧାନୀ ୱାଶିଂଟନ ଡିସିରେ ସୁରକ୍ଷା କେତେ ଦୁର୍ବଳ ହୋଇପଡିଛି, ତାହା ୬ ଜାନୁୟାରୀ ଆକ୍ରମଣ ଫଳରେ ବିଶ୍ୱବାସୀ ଜାଣିପାରିଲେ। କିଛିମାସ ପୂର୍ବେ ଆମେରିକାରେ ଲାଗି ରହିଥିବା 'ବ୍ଲାକ୍ ଲାଇଭ୍ସ ମେଟର' ବା 'କୃଷ୍ଣକାୟଙ୍କ ଜୀବନ ଗୁରୁତ୍ୱପୂର୍ଣ୍ଣ' ଧ୍ୱନିରେ ସୃଷ୍ଟି ହୋଇଥିବା ଆନ୍ଦୋଳନକୁ ଦେଶବ୍ୟାପୀ ପୋଲିସର ଦମନଲୀଳା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଆମେରିକାରେ ବର୍ଣ୍ଣବୈଷମ୍ୟର ଗଭୀରତାକୁ ପୂର୍ବରୁ ଅନ୍ୟ ଦେଶବାସୀ ଜାଣିପାରୁ ନ ଥିଲେ। ଟ୍ରମ୍ପଙ୍କ ସମର୍ଥକମାନେ ଗୋରା ହୋଇଥିବାରୁ ରାଜଧାନୀ ପୋଲିସର ଦଙ୍ଗାକାରୀଙ୍କ ପ୍ରତି ଅତି ନରମ ବ୍ୟବହାର ମଧ୍ୟ ସମାଲୋଚିତ ହେବା ସହିତ ସେଠାରେ ଥିବା ସାମାଜିକ ବିଭେଦକୁ ପଦାରେ ପକାଇଛି।

ଡୋନାଲ୍ଡ ଟ୍ରମ୍ପଙ୍କ ତତ୍ତ୍ୱ ଆମେରିକାର ସାମାଜିକ ବିଭେଦକୁ ଆରମ୍ଭ କରିଛି ବୋଲି ଭାବିବା ଭୁଲ୍ । ସେଠାକାର ବାସିନ୍ଦାଙ୍କ ମନରେ ବସା ବାନ୍ଧିଥିବା ପ୍ରବଳ ମାତ୍ରାର ଘୃଣାକୁ ଟ୍ରମ୍ପଙ୍କ ୪ ବର୍ଷ କେବଳ ଫୁଙ୍କି କରି ନିଆଁ ଲଗାଇଦେଲା। କେବଳ ଆମେରିକା ନୁହେଁ, ଟ୍ରମ୍ପଙ୍କ ଚରିତ୍ରକୁ ଦେଖି ବିଶ୍ୱର ଆହୁରି କେତେକ ଗଣତାନ୍ତ୍ରିକ ଦେଶର ନେତାମାନେ ନିଜର ଅହଂଭାବରେ ଲିଆ ଭଳି ଫୁଟିଲେ। ବିଭିନ୍ନ ନେତାଙ୍କ ବିଶ୍ୱାସ ସୃଷ୍ଟି ହେଲା ଯେ, ଟ୍ରମ୍ପଙ୍କ ମାର୍କାମରା ପାଗଳାମି ଦ୍ୱାରା ନିଜ ଦେଶକୁ ଅନେକ ଭାବରେ ବିଭକ୍ତ କରି ଶାସନ କ୍ଷମତାରେ ଦୀର୍ଘକାଳ ରହିହେବ। ତାଙ୍କର ପରାଜୟ ଅନେକ ନେତାଙ୍କୁ ବିସ୍ମିତ କରିଥିବ। ସେମାନେ ଏହାମଧ୍ୟ ଶିଖିଲେ ଯେ ନିଜର ସ୍ଥିତିକୁ ଦେଖି ପରାଜୟ ବିରୋଧରେ ଲଢ଼ିହେବ। ଆମେରିକାର ବ୍ୟବସ୍ଥା ଅତି ସୁଦୃଢ଼ ବୋଲି ଟ୍ରମ୍ପ ସ୍ୱୀକାର କରିବାକୁ ରାଜି ହେଲେ ଯେ ତାଙ୍କର ରାଷ୍ଟ୍ରପତି ପଦ ଛାଡ଼ିବେ। ଅନ୍ୟ ଦେଶର ନେତାମାନେ ଏଥିରୁ ଶିକ୍ଷା ନେଇ ଆଉ ଦୁଇ ପାଦ ଆଗକୁ ଯିବାକୁ ଚେଷ୍ଟା କରିପାରନ୍ତି। ସମର୍ଥକଙ୍କ ଦକ୍ଷତା ଉପରେ ବିଶ୍ୱାସ ନ ଥିଲେ ଏହି ନେତାମାନେ ସରକାରୀ କଳକୁ ବ୍ୟବହାର କରି ନିଜ ଗାଦି ସୁରକ୍ଷିତ ରଖିବାକୁ ଚେଷ୍ଟା କରିପାରନ୍ତି।

ଏଠାରେ ମନେପଡ଼େ, ୧୯୨୩ ମସିହାର ଜର୍ମାନୀରେ ହୋଇଥିବା ହିଟଲରଙ୍କ ନେତୃତ୍ୱରେ ବିୟର ହଲ୍ ପୁଚ୍ ବା ରାଜନୈତିକ ବିପ୍ଳବର ଉଦ୍ୟମ। ଏହି ଘଟଣାରେ ନାଜି ଦଳର ୧୬ ଜଣ ସମର୍ଥକଙ୍କୁ ବାଭାରିଆ ପୋଲିସ ଗୁଳି କରି ମାରିଦେଇଥିଲା। ପରବର୍ତ୍ତୀ ସମୟରେ ସେଠାକାର ସରକାର ଓ ବ୍ୟବସ୍ଥା ନାଜି ଦଳ ଓ ହିଟ୍‌ଲରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବାରୁ କେଉଁଭଳି ସ୍ଥିତି ସୃଷ୍ଟି ହୋଇଥିଲା, ତାହା ସମଗ୍ର ବିଶ୍ୱ ଜାଣିଛି। ସେହିଭଳି ଆମେରିକାରେ ମଧ୍ୟ ଟ୍ରମ୍ପ ଓ ତାଙ୍କ ସମର୍ଥକମାନଙ୍କ ବିରୋଧରେ ଯଦି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ତେବେ ଆସନ୍ତା ୪ ବର୍ଷ ପରେ ଆମେରିକା ସହିତ ପୃଥିବୀରେ ଏକ ଭୟଙ୍କର ସ୍ଥିତି ସୃଷ୍ଟି ହେବ।

# ଭୁଶୁଡ଼ିଲା ନିର୍ମାଣାଧୀନ ବିଜୁ ସେତୁ



ଭୁଶୁଡ଼ି ପଡ଼ିଥିବା ବିଜୁ ସେତୁର ଏକ ଅଂଶ।

- ଜଣେ ଶ୍ରମିକ ମୃତ, ୩ ଗୁରୁତର
- ଠିକାଦାର, ଅଧିକାରୀଙ୍କୁ ଗିରଫ ନିର୍ଦ୍ଦେଶ

**ନବରଙ୍ଗପୁର/ଉମରକୋଟ/ଭୁବନେଶ୍ୱର, ୧୦।୧(ବି.ପ୍ର./ସ୍ୱ.ପ୍ର./ବ୍ୟୁରୋ)** ନବରଙ୍ଗପୁର ଜିଲା ବଡ଼କୁମାରୀ ପଞ୍ଚାୟତ ଅଧୀନ ତାଲାପଦର ନାଗୀନଦୀ ଉପରେ ବିଜୁ ସେତୁ ଯୋଜନାରେ ତିଆରି ଚାଲିଥିବା ବ୍ରିଜ୍‌ର ୪ର୍ଥ ସ୍ଲାବ୍ ରବିବାର ଅପରାହ୍ନ ପ୍ରାୟ ୫ଟାରେ ଭୁଶୁଡ଼ି ପଡ଼ିବାରୁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୩ ଶ୍ରମିକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଉମରକୋଟ ଗ୍ରାମ୍ୟ ଉନ୍ନୟନ ବିଭାଗର ଚତୁର୍ଥ ଶ୍ରେଣୀ କର୍ମଚାରୀ ମହେନ୍ଦ୍ର ମାଳୀ। ଏଥିରେ ପୁରୀ ଜିଲା ପାତ୍ରପଡ଼ା ଅଞ୍ଚଳର ସନ୍ତୋଷ ଭୋଇ(୩୨), ରମେଶ ଭୋଇ(୫୦) ଓ ବେହେରାଡ଼ାର ପ୍ରକାଶ ତାଣ୍ଡି(୫୦) ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରାଯାଇ ଉମରକୋଟ ☞ପୃଷ୍ଠା–୪

# ଆଜିଠୁ ଖୋଲିବ ଉଚ୍ଚ ଶିକ୍ଷାନୁଷ୍ଠାନ

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)** ରାଜ୍ୟରେ ସୋମବାରଠାରୁ ସମସ୍ତ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଖୋଲିବ। ୨୦୨୦-୨୧ ଶିକ୍ଷାବର୍ଷର ୟୁଜି ଓ ପିଜିର ଶେଷବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଏହି ଉଚ୍ଚ ଶିକ୍ଷାନୁଷ୍ଠାନ ଖୋଲିବ। ୟୁଜିସିର ନିର୍ଦ୍ଦେଶାବଳୀକୁ ଆଧାର କରି ୟୁଜି ୫ମ ଓ ପିଜି ୩ୟ ସେମିଷ୍ଟର ପାଇଁ ଜାନୁୟାରୀ ୧୧ରୁ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ କ୍ଲାସ ଚାଲିବ। ମାର୍ଚ୍ଚ ୧୬ରୁ ୩୧ ପର୍ଯ୍ୟନ୍ତ ଉଭୟ ଶ୍ରେଣୀର ସେମିଷ୍ଟର ପରୀକ୍ଷା ଅନୁଷ୍ଠିତ ହେବ। ଏପ୍ରିଲ ୩୦ ସୁଦ୍ଧା ରେଜଲ୍ଟ ପ୍ରକାଶ ପାଇବ। ସେହିପରି ଏପ୍ରିଲ ୨ରୁ ଜୁନ୍ ୧୫ ପର୍ଯ୍ୟନ୍ତ ୟୁଜି ଓ ପିଜିର ଶେଷ ସେମିଷ୍ଟର କ୍ଲାସ ହେବ। ଜୁନ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ୟୁଜି ଓ ପିଜିର ଶେଷ ସେମିଷ୍ଟର ପରୀକ୍ଷା ଅନୁଷ୍ଠିତ ହେବ। ତେବେ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବା ନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ନିର୍ଦ୍ଦେଶନାମା ଅନୁସାରେ, ପୂର୍ବଭଳି କ୍ଲାସ୍‌ରେ ସମସ୍ତ ଅଧ୍ୟାୟ ପଢ଼ାଯିବ। ସମ୍ଭବ ହେଲେ କ୍ଲାସ୍‌ର ଭିଡିଓ ରେକର୍ଡିଂ କରାଯିବ। କଣ୍ଟେନମେଣ୍ଟ ଜୋନ୍‌ରେ ରହୁଥିବା ଛାତ୍ରୀଛାତ୍ର, ଶିକ୍ଷକ ଓ କର୍ମଚାରୀମାନେ କଲେଜ କିମ୍ବା ବିଶ୍ୱବିଦ୍ୟାଳୟ ଆସିବେ ନାହିଁ। ଫେସ୍ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। କ୍ଲାସ୍‌ରେ ସାନିଟାଇଜେଶନ ବ୍ୟବସ୍ଥା କରାଯିବା ସହିତ ସାମାଜିକ ଦୂରତାକୁ ଗୁରୁତ୍ୱ ଦିଆଯିବ। ଅଧିକ ଛାତ୍ରୀଛାତ୍ର ଥିବା କ୍ଲାସ୍‌କୁ ବିଭାଜିତ କରାଯିବ। ୟୁଜି, ପିଜି, ପିଏଚ୍‌ଡି, ଏମ୍‌ଫିଲ୍ ଛାତ୍ରୀଛାତ୍ର ଓ ରିସର୍ଚ୍ଚ ସ୍କଲାରଙ୍କ ପାଇଁ ରବିବାରଠାରୁ କୋଭିଡ୍ ଗାଇଡ୍‌ଲାଇନ ଅନୁପାଳନ କରି ହଷ୍ଟେଲ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ରବିବାର, ☞ପୃଷ୍ଠା–୪

# ୧୬୦ ସ୍ଥାନରେ ହେବ କୋଭିଡ୍ ଟିକାକରଣ

- ମୟୂରଭଞ୍ଜ ଜିଲାରେ ସର୍ବାଧିକ ୧୦
- ୫ ମହାନଗର ନିଗମରେ ୧୫ ସ୍ଥାନ ଚିହ୍ନଟ

**ଭୁବନେଶ୍ୱର, ୧୦।୧(ବ୍ୟୁରୋ)** ରାଜ୍ୟରେ ୧୬୦ଟି ସ୍ଥାନରେ କୋଭିଡ୍ ଟିକାକରଣ ହେବ। ଏଥିପାଇଁ ସେସନ୍ ସାଇଟ୍ ନିର୍ଦ୍ଧାରଣ କରାଯାଇଛି। ସରକାରୀ ଡାକ୍ତରଖାନା ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଘରୋଇ ଡାକ୍ତରଖାନାକୁ ମିଶାଇ ମୋଟ ୧୬୦ଟି ସ୍ଥାନରେ ଟିକାକରଣ କରାଯିବ। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ☞ପୃଷ୍ଠା–୪

# ବର୍ଷେ ପରେ ବି ଫିଟିନି ରହସ୍ୟ

**ଉହାନ,୧୦।୧** ଚାଇନାରେ ପ୍ରଥମ କରୋନା ମୃତ୍ୟୁର ବର୍ଷେ ପରେ ମଧ୍ୟ ଏହି ଘାତକ ଭୂତାଣୁ ବୈଜ୍ଞାନିକମାନଙ୍କ ପାଇଁ ଏକ ରହସ୍ୟ ହୋଇ ରହିଛି। ଉହାନ ସହରକୁ କୋଭିଡ୍-୧୯ ଭାଇରସ୍‌ର ଉତ୍ପତ୍ତିସ୍ଥଳ ବୋଲି କୁହାଯାଉଥିଲେ ହେଁ ପ୍ରକୃତରେ ଏହା କେଉଁଠୁ ବାହାରିଛି ସେନେଇ ପ୍ରାମାଣିକ ତଥ୍ୟ ନ ମିଳିବା ଭୂତାଣୁକୁ ଆହୁରି ପ୍ରହେଳିକାମୟ କରିଛି।

୨୦୨୦ ଜାନୁୟାରୀ ୧୧ରେ ଚାଇନାରେ କୋଭିଡ୍-୧୯ ଜନିତ ପ୍ରଥମ ମୃତ୍ୟୁ ଖବର ସାମ୍ନାକୁ ଆସିଥିଲା। ଉହାନ ବଜାରକୁ ନିୟମିତ ଭାବେ ଯାଉଥିବା ଜଣେ ୬୧ ବର୍ଷୀୟ ବୃଦ୍ଧ ଘାତକ କରୋନାର ପ୍ରଥମ ଶିକାର ହୋଇଥିଲେ। ଏହା ପରେ କରୋନା ବିଶ୍ୱର ଅଧିକାଂଶ ଦେଶରେ ଅଣାୟତ୍ତ ହୋଇ ପ୍ରାୟ ୨୦ ଲକ୍ଷ ଲୋକଙ୍କ ଜୀବନ ନେଲାଣି। ସଂକ୍ରମିତଙ୍କ ସଂଖ୍ୟା ୯୦,୧୭୬,୫୬୯ରେ ପହଞ୍ଚିଲାଣି। କରୋନା ଭୂତାଣୁ ବିଶ୍ୱ ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିବା ସହ ଦେଶ ଦେଶ ମଧ୍ୟରେ ଦୋଷାରୋପ ପାଇଁ କଳହର ମଞ୍ଜି ସାଜିଛି। ଏହି ଭୂତାଣୁ ପ୍ରକୃତରେ କେଉଁଠୁ ଆରମ୍ଭ ହୋଇଥିଲା ତାହା ଠାବ କରିବା ଲାଗି ବିଭିନ୍ନ ସ୍ତରରେ ଉଦ୍ୟମ ହୋଇଛି। ଏହା ପ୍ରାଣୀଙ୍କଠାରୁ ମଣିଷଙ୍କ ଶରୀରକୁ କିପରି ଡେଇଁଥିଲା ତାହା ଏବେ ମଧ୍ୟ ମୂଳ ପ୍ରଶ୍ନ ହୋଇ ରହିଛି। ୨୦୧୯ ଶେଷ ଆଡ଼କୁ କେନ୍ଦ୍ରୀୟ ଚାଇନାର ଉହାନ ସହରସ୍ଥିତ ମାଛ ଓ ମାଂସ ବଜାରରୁ କରୋନା ଭାଇରସ୍ ସୃଷ୍ଟି ହୋଇଥିବା ନେଇ ଅଧିକାଂଶ ବିଶେଷଜ୍ଞ ମତ ଦେଇଥାନ୍ତି। ଏହି ବଜାରରେ ଜୀବଜନ୍ତୁଙ୍କୁ ଖାଦ୍ୟ ଭାବେ ବିକ୍ରି କରାଯାଉଥିବାରୁ ଏକ ନିର୍ଦ୍ଦିଷ୍ଟ ପ୍ରଜାତିର ବାଦୁଡ଼ିଠାରୁ ରୋଗ ବ୍ୟାପିଥିବା ଅନେକେ ବିଶ୍ୱାସ କରନ୍ତି। କିନ୍ତୁ ଏନେଇ କୌଣସି ପ୍ରମାଣ କାହା ପାଖରେ ନ ଥିବାରୁ ଉକ୍ତ ଅଭିଯୋଗ ଏକପ୍ରକାର ଅପ୍ରାସଙ୍ଗିକ ହୋଇଯାଇଛି। ଏହାକୁ ନେଇ ଏକାଧିକ କନ୍‌ସ୍ପିରେସି ଥିଓରି ବା ଷଡ଼ଯନ୍ତ୍ର ସିଦ୍ଧାନ୍ତ ମଧ୍ୟ ରହିଛି। ଯେମିତି କି ଆମେରିକାର ବିଦାୟୀ ରାଷ୍ଟ୍ରପତିଙ୍କ ମତରେ ଉହାନ ଲାବରେଟୋରିରୁ କରୋନା ଭାଇରସ୍ ଲିକ୍ ହୋଇ ବିଶ୍ୱର ଅନ୍ୟ ଭାଗକୁ ସଂକ୍ରମିତ ହୋଇଥିଲା। ବିଶ୍ୱର କେତେଜଣ ଆଗଧାଡ଼ିର ଭାଇରୋଲୋଜିଷ୍ଟ ମଧ୍ୟ ଅନୁରୂପ ମତ ଦିଅନ୍ତି। କିନ୍ତୁ ଚାଇନା ଏହି ବିଷୟକୁ ଖଣ୍ଡନ କରିଆସିଛି। ☞ପୃଷ୍ଠା–୪



**୨୦୨୦ ଜାନୁୟାରୀ ୧୧ରେ ହୋଇଥିଲା ପ୍ରଥମ କରୋନା ମୃତ୍ୟୁ**



କର୍ନାଟକ ମନ୍ତ୍ରିମଣ୍ଡଳର ବହୁପ୍ରତୀକ୍ଷିତ ସମ୍ପ୍ରସାରଣ ଶୀଘ୍ର ହେବାକୁ ଯାଉଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ରବିବାର ନୂଆଦିଲ୍ଲୀରେ ଭେଟିବା ପରେ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଏନେଇ ସୂଚନା ଦେଇଛନ୍ତି। ଶାହାଙ୍କ ବାସଭବନରେ ଘଣ୍ଟାଏ ଧରି ଆଲୋଚନା ବେଳେ ରାଜ୍ୟ ପ୍ରଭାରୀ ଅରୁଣ ସିଂ ମଧ୍ୟ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ ୟେଦୁରପ୍ପାଙ୍କ କ୍ୟାବିନେଟର ୨୭ ମନ୍ତ୍ରୀ ଆସନ୍ତା ୨୦ ପୂର୍ବରୁ ଇସ୍ତଫା ଦେଇପାରନ୍ତି।

## ସଂକ୍ଷେପରେ

### ଭୂସ୍ଖଳନରେ ୧୧ ମୃତ, ୧୪ ନିଖୋଜ

**ଜାକର୍ତ୍ତା, ୧୦।୧(ଆଇଏଏନ୍ଏସ୍):** ଇଣ୍ଡୋନେସିଆର ପଶ୍ଚିମ ଜାଭା ପ୍ରଦେଶରେ ଭୂସ୍ଖଳନ ଘଟି ୧୧ ଜଣଙ୍କ ମୃତ୍ୟୁ ହେବା ସହ ୧୭ ଜଣ ଆହତ ହୋଇଛନ୍ତି। ଅନ୍ୟ ୧୪ ଜଣଙ୍କର ପତ୍ତା ମିଳୁ ନ ଥିବା ବିପର୍ଯ୍ୟୟ ସଂସ୍ଥାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ପ୍ରବଳ ବର୍ଷା ଯୋଗୁ ସୁମେଡାଙ୍ଗ ଜିଲାର ଚିହାଞ୍ଜୁଆନ୍ ଗ୍ରାମରେ ଶନିବାର ଅପରାହ୍ନରୁ ରାତି ସାଢ଼େ ୭ଟା ମଧ୍ୟରେ ଏହି ଭୂସ୍ଖଳନ ଘଟିବାରୁ ଅନେକ ଲୋକ ମାଟିତଳେ ପୋତିହୋଇ ପଡ଼ିଥିଲେ। ଭୂସ୍ଖଳନରେ ୧୪ଟି ଘର ଧ୍ୱଂସ ପାଇଯାଇଛି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଦ୍ଧାର କାର୍ଯ୍ୟରେ ୫୦୦ ଲୋକ ସାମିଲ ହୋଇଥିଲେ।

### କର୍ତ୍ତବ୍ୟ ଖିଲାପକାରୀଙ୍କୁ ମିଳିବନି ନିର୍ବାଚନ ଡ୍ୟୁଟି

**ନୂଆଦିଲ୍ଲୀ, ୧୦।୧(ପି.ଟି.):** ପୂର୍ବରୁ କୌଣସି ନିର୍ବାଚନରେ କର୍ତ୍ତବ୍ୟ ପାଳନରେ ଅବହେଳା କରିଥିବା ଅଧିକାରୀମାନଙ୍କୁ ଭୋଟ ସମ୍ପର୍କିତ ଡ୍ୟୁଟି ନ ଦେବା ଲାଗି ନିର୍ବାଚନ କମିଶନ (ଇସି) ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଆଗକୁ ପଶ୍ଚିମବଙ୍ଗ, ଆସାମ, କେରଳ, ତାମିଲନାଡୁ ଓ ପୁଡୁଚେରୀ ବିଧାନସଭା ନିର୍ବାଚନ ଥିଲାବେଳେ ସମ୍ପୃକ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବମାନଙ୍କୁ ଇସି ଆଡଭାଇଜରି ଜାରି କରିଛନ୍ତି। ପୂର୍ବରୁ ଯେଉଁ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଥିଲା ଓ ଯେଉଁ ସୁପାରିସ ବିଚାରାଧୀନ ରହିଛି କିମ୍ବା ଯାହାଙ୍କୁ ଦଣ୍ଡ ମିଳିଛି, ସେମାନେ ନିର୍ବାଚନୀ କାର୍ଯ୍ୟରେ ଭାଗନେଇ ପାରିବେ ନାହିଁ। ଏଥିସହିତ ଆଗାମୀ ୬ ମାସ ମଧ୍ୟରେ ଅବସର ନେବାକୁ ଥିବା ଅଧିକାରୀଙ୍କୁ ମଧ୍ୟ ନିର୍ବାଚନ ଡ୍ୟୁଟିରେ ସମ୍ପୃକ୍ତ ନ କରିବାକୁ ଇସି କହିଛନ୍ତି। ସେହିପରି ନିର୍ବାଚନ ଡ୍ୟୁଟିରେ ସିଧାସଳଖ ସମ୍ପୃକ୍ତ ଅଧିକାରୀଙ୍କୁ ତାଙ୍କ ନିଜ ଜିଲାରେ ଅବସ୍ଥାପିତ ନ କରିବାକୁ କୁହାଯାଇଛି। ଚଳିତ ବର୍ଷ ମେ'ରୁ ଜୁନ୍ ମଧ୍ୟରେ ପଶ୍ଚିମବଙ୍ଗ, ତାମିଲନାଡୁ, ଆସାମ, କେରଳ ଓ ପୁଡୁଚେରୀ ବିଧାନସଭା କାର୍ଯ୍ୟକାଳ ଶେଷ ହେଉଛି। ତେଣୁ ଏହିସବୁ ରାଜ୍ୟରେ ଏପ୍ରିଲରୁ ମେ' ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବ।

### 'କିରଣ ବେଦୀଙ୍କୁ ବହିଷ୍କାର କର'




**ପୁଡୁଚେରୀ, ୧୦।୧:** ଉପରାଜ୍ୟପାଳ କିରଣ ବେଦୀଙ୍କ ବହିଷ୍କାର ଦାବିରେ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀଙ୍କ ଧାରଣା ରବିବାର ତୃତୀୟ ଦିନରେ ପହଞ୍ଚିଛି। ସେ ବେଦୀଙ୍କ ସରକାରୀ ବାସଭବନ ନିକଟରେ ବସି ରହିଛନ୍ତି। ଆସନ୍ତା ମେ' ମାସରେ ପୁଡୁଚେରୀ ବିଧାନସଭା ନିର୍ବାଚନ ଥିବାବେଳେ ମୁଖ୍ୟମନ୍ତ୍ରୀ ଓ ଉପରାଜ୍ୟପାଳଙ୍କ ମଧ୍ୟରେ ଦୀର୍ଘଦିନ ହେଲା ବିବାଦ ଲାଗି ରହିଛି। ବେଦୀ ପୁଡୁଚେରୀ ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ନାରାୟଣସ୍ୱାମୀ ଅଭିଯୋଗ କରିଛନ୍ତି।

## ୯୨ ବର୍ଷରେ ଅଙ୍ଗଦାନ



**ନୂଆଦିଲ୍ଲୀ, ୧୦।୧:** ବ୍ରେନ୍ ଡେଡ୍ ଘୋଷିତ ହୋଇଥିବା ଜଣେ ୯୨ ବର୍ଷୀୟ ବୃଦ୍ଧ ମୃତ୍ୟୁ ପୂର୍ବରୁ ନିଜର ଲିଭର ଓ କିଡ୍ନୀ ଦାନ କରି ଜଣେ ୫୬ ବର୍ଷୀୟା ମହିଳାଙ୍କ ଜୀବନ ବଞ୍ଚାଇଛନ୍ତି। ଫଳରେ ଅମ୍ରିତ୍ ଲାଲ୍ ବୁଧରାଜା ଅଙ୍ଗଦାନ କରିବାରେ ବିଶ୍ୱର ସବୁଠୁ ବୟସ୍କ ବ୍ୟକ୍ତିର ପରିଚୟ ହାସଲ କରିଛନ୍ତି। ସେ ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍‌ର ଜଣେ ଅବସରପ୍ରାପ୍ତ ଅଫିସର। ଅମ୍ରିତ୍ ସୁସ୍ଥ ଓ ଶାରୀରିକ ଭାବେ ସକ୍ରିୟ ଥିଲେ। ଜାନୁୟାରୀ ୫ରେ ଦୁର୍ବଳତା ଅନୁଭବ କରିବାରୁ ତାଙ୍କୁ ସାକେତ୍‌ର ମାକ୍ସ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷାରୁ ତାଙ୍କ ମସ୍ତିଷ୍କର ବ୍ଲଡ୍ ଭେସେଲ୍‌ରୁ ରକ୍ତ କ୍ଷରଣ ହେଉଥିବା ଜଣାପଡ଼ିଥିଲା। ଅସ୍ତ୍ରୋପଚାର ସତ୍ତ୍ୱେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ୭ ତାରିଖରେ ଡାକ୍ତର ତାଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରିଥିଲେ। ପରିବାର ଲୋକେ ତାଙ୍କ ଅଙ୍ଗଦାନ କରିବାକୁ ଆଗ୍ରହ ପ୍ରକାଶ କରିବା ପରେ ଲିଭର, କିଡ୍ନୀ ଓ ଅନ୍ୟାନ୍ୟ ଅଙ୍ଗ ସଂଗ୍ରହ କରାଯାଇଥିଲା।

## ବିମାନର ବ୍ଲାକ୍‌ବକ୍ସ ଠାବ



**ଜାକର୍ତ୍ତା, ୧୦।୧:** ଦୁର୍ଘଟଣାଗ୍ରସ୍ତ ଇଣ୍ଡୋନେସିଆ ବିମାନର ଦୁଇଟି ବ୍ଲାକ୍‌ବକ୍ସ ରେକର୍ଡର ଠାବ ହୋଇଥିବା ଏହାର କର୍ତ୍ତୃପକ୍ଷ କହିଛନ୍ତି। ବିମାନଟି କାହିଁକି ଖସିଲା, ତାହା ଉକ୍ତ ରେକର୍ଡରରୁ ଜଣାପଡ଼ିବ ବୋଲି କୁହାଯାଉଛି।

ଜାକର୍ତ୍ତାରୁ ୬୨ ଯାତ୍ରୀଙ୍କୁ ନେଇ ଯାଉଥିବା ଶ୍ରୀୱିଜୟ ଏୟାର ପାସେଞ୍ଜର ଜେଟ୍ ଶନିବାର ଅପରାହ୍ନରେ ଦୁର୍ଘଟଣାଗ୍ରସ୍ତ ହୋଇ ସମୁଦ୍ରରେ ଖସିପଡ଼ିଥିଲା। ଉଡ଼ାଣ ଆରମ୍ଭ କରିବାର ୪ ମିନିଟ ମଧ୍ୟରେ ଜାକର୍ତ୍ତା ବିମାନବନ୍ଦରଠାରୁ ୨୦ କିଲୋମିଟର ଦୂର ଲାକି ଦ୍ୱୀପ ନିକଟରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବୁଡ଼ାଳିମାନେ ଦୁର୍ଘଟଣାସ୍ଥଳରୁ ଯାତ୍ରୀଙ୍କ ଦେହାବଶେଷ, ବିମାନର ଭଗ୍ନାବଶେଷ ଓ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରିଛନ୍ତି। ଦୁଇଟିଯାକ ବ୍ଲାକ୍‌ବକ୍ସ ଠାବ ହୋଇଥିବା ଇଣ୍ଡୋନେସିଆ ପରିବହନ ନିରାପତ୍ତା ସଂସ୍ଥା ମୁଖ୍ୟ ସୋଏର୍ଜାଣ୍ଟୋ ଜାହଜାଣ୍ଟୋ କହିଛନ୍ତି। ବିମାନରେ ୧୦ ଶିଶୁଙ୍କ ସମେତ ୫୦ ଯାତ୍ରୀ ଓ ୧୨ କର୍ମଚାରୀ ଥିଲେ। ଦେହାବଶେଷଗୁଡ଼ିକୁ ଚିହ୍ନଟ ଲାଗି ପୋଲିସ ଡିଭିଆଇ ୟୁନିଟକୁ ହସ୍ତାନ୍ତର କରାଯାଇଛି।

# ସଭାସ୍ଥଳ ପାଲଟିଲା ରଣକ୍ଷେତ୍ର

## ଖଟ୍ଟରଙ୍କ କିଷାନ ମହାପଞ୍ଚାୟତ ବାତିଲ

- ସପକ୍ଷବାଦୀ ଓ ପୋଲିସ ସହ ବିକ୍ଷୋଭକାରୀଙ୍କ ଧସ୍ତାଧସ୍ତି
- କଳାପତାକା ଦେଖାଇ ମୁଖ୍ୟମନ୍ତ୍ରୀଙ୍କ ହେଲିପ୍ୟାଡ୍ ଖୋଳିଲେ ଚାଷୀ
- ପୋଲିସର ଲାଠିଚାର୍ଜ, ଲୁହବୁହା ବାଷ୍ପ ପ୍ରୟୋଗ

**ହାଡ଼ଭଙ୍ଗା ଶୀତ। ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍। ଦିଲ୍ଲୀ ସୀମାରେ ଦୀର୍ଘ ଦେଢ଼ମାସ ଧରି ଆନ୍ଦୋଳନରତ ଚାଷୀ। ବିକ୍ଷୋଭକାରୀଙ୍କ କେବଳ ଗୋଟିଏ ଦାବି, କେନ୍ଦ୍ରର ୩ ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର କର। ଏହାକୁ ନେଇ ୮ ଥର ସରିଲାଣି ମାରାଥନ୍ ବୈଠକ। କିନ୍ତୁ ମୁଣ୍ଡ ନୁଆଁଇବାକୁ ସରକାର ନାରାଜ। ପାଞ୍ଚଦିନ ପରେ କେନ୍ଦ୍ର-କୃଷକଙ୍କ ମଧ୍ୟରେ ନବମ ପର୍ଯ୍ୟାୟ ଆଲୋଚନା ହେବାକୁ ଥିବାବେଳେ ଭାଜପାର ଆନ୍ଦୋଳନ ଭଣ୍ଡୁର ଉଦ୍ୟମକୁ ପୁଣିଥରେ ଲାଗିଛି ଶକ୍ତ ଝଟକା। ଚାଷୀଙ୍କ ଦୃଢ଼ ବିରୋଧ ଯୋଗୁ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କୁ ପ୍ରସ୍ତାବିତ କିଷାନ ମହାପଞ୍ଚାୟତ କାର୍ଯ୍ୟକ୍ରମକୁ ବାତିଲ କରିବାକୁ ପଡ଼ିଛି।**

ଚଣ୍ଡିଗଡ଼, ୧୦।୧(ପି.ଟି.)



କୈମଲା ଗ୍ରାମରେ କୃଷି ଆଇନ ବିରୋଧରେ ଆନ୍ଦୋଳନରତ ଚାଷୀଙ୍କ ଉପରେ ପୋଲିସର ପାଣିବର୍ଷା।

କେନ୍ଦ୍ରର ବିବାଦୀୟ କୃଷି ଆଇନ ବିରୋଧରେ ମୁଣ୍ଡ ଟେକିଥିବା ଆନ୍ଦୋଳନ ଥମିବାର ନାଁ ନେଉନାହିଁ। ଦିନ ଯେତିକି ଗଡ଼ିଚାଲିଛି ଆନ୍ଦୋଳନ ସେତିକି ଉଗ୍ର ହେବାରେ ଲାଗିଛି। ଏହି କ୍ରମରେ ରବିବାର ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ସଭାସ୍ଥଳ କୃଷକଙ୍କ ରଣକ୍ଷେତ୍ର ପାଲଟିଛି। ପୋଲିସର କଡ଼ା ସୁରକ୍ଷା ବନ୍ଦୋବସ୍ତ ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ପହଞ୍ଚିବା ପୂର୍ବରୁ ଆନ୍ଦୋଳନରତ ଚାଷୀ ସଭାସ୍ଥଳକୁ ଦଖଲ କରି ହେଲିପ୍ୟାଡ୍ ଖୋଳିଦେଇଥିଲେ। ସେମାନେ କଳାପତାକା ଦେଖାଇ ବିରୋଧ କରିଥିବାବେଳେ ଉକ୍ତ ଆଇନର ସପକ୍ଷବାଦୀ ଓ ପୋଲିସ ସହିତ ଧସ୍ତାଧସ୍ତି ହୋଇଥିଲେ। ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲାଠିଚାର୍ଜ ସହ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ କଂଗ୍ରେସ ପକ୍ଷରୁ ନିନ୍ଦା କରାଯାଇଛି। ଭାରତୀୟ କିଷାନ ୟୁନିୟନ (ବିକେୟୁ) ନେତା ଗୁର୍‌ନାମ ସିଂ ଚାରୁନିଙ୍କ ଇଙ୍ଗିତରେ ଏସବୁ କାଣ୍ଡ ଭିଆଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ରଦ୍ଦ କରିଦିଆଯାଇଛି ବୋଲି ଭାଜପା ନେତା ରମଣ ମଲ୍ଲିକ ଅଭିଯୋଗ ଆଣିଛନ୍ତି। ୩ ନୂଆ କୃଷି ଆଇନର ସଫଳତା ବଖାଣିବା ପାଇଁ ମୁଖ୍ୟମନ୍ତ୍ରୀ ଖଟ୍ଟର ହରିୟାଣାର କର୍ନାଲ ଜିଲାସ୍ଥିତ କୈମଲା ଗ୍ରାମରେ ଏକ ସଭାର ଆୟୋଜନ କରିଥିଲେ। ଏହି ଆଇନରୁ କୃଷକମାନେ କିପରି ଲାଭାନ୍ୱିତ ହେବେ, ସେନେଇ କିଷାନ ମହାପଞ୍ଚାୟତରେ ସେ ସମ୍ବୋଧିତ କରିଥାନ୍ତେ। କିନ୍ତୁ ଖଟ୍ଟର ସେଠାରେ ପହଞ୍ଚିବା ପୂର୍ବରୁ ଆନ୍ଦୋଳନରତ ଚାଷୀ ଉକ୍ତ ସ୍ଥାନକୁ କବ୍‌ଜା କରିନେଇଥିଲେ। ଚାରୁନି ଗୋଷ୍ଠୀର କୃଷକମାନେ ଉକ୍ତ ଆଇନ ପ୍ରତ୍ୟାହାର ଦାବିରେ କିଷାନ ମହାପଞ୍ଚାୟତକୁ ବିରୋଧ କରିବେ ବୋଲି ପୂର୍ବରୁ ଘୋଷଣା କରିଥିଲେ। ଏହାକୁ ଦୃଷ୍ଟିରେ ରଖି ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିଥିଲା। ତେବେ ମୁତୟନ ହୋଇଥିବା ପୋଲିସ କର୍ମଚାରୀଙ୍କଠାରୁ ବିକ୍ଷୋଭକାରୀଙ୍କ ସଂଖ୍ୟା ଅଧିକ ହେବାରୁ ସ୍ଥିତି ଅଣାୟତ୍ତ ହୋଇଥିଲା। କୃଷକମାନେ କଳାପତାକା ଧରି ଭାଜପା ନେତୃତ୍ୱାଧୀନ ସରକାର ବିରୋଧରେ ସ୍ଲୋଗାନ ଦେଇ କାମିଲା ଗ୍ରାମକୁ ଅଗ୍ରସର ହୋଇଥିଲେ। ଗ୍ରାମର ପ୍ରବେଶ ପଥରେ ପୋଲିସ ବ୍ୟାରିକେଡ୍ କରିଥିଲା। ମୁଖ୍ୟମନ୍ତ୍ରୀଙ୍କୁ କାର୍ଯ୍ୟକ୍ରମରେ ଯୋଗଦେବାକୁ ଦିଆଯିବ ନାହିଁ ବୋଲି ଉତ୍ୟକ୍ତ ଚାଷୀମାନେ ଅଡ଼ିବସିଥିଲେ। ୩ କି.ମି. ଯାଏ ଶୋଭାଯାତ୍ରାରେ ଯାଉଥିବା କୃଷକଙ୍କୁ ପୋଲିସ ଲାଠିଚାର୍ଜ କରି ସେମାନଙ୍କ ଉପରେ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଏହାସତ୍ତ୍ୱେ ସେମାନେ ସଭାସ୍ଥଳରେ ପହଞ୍ଚି ମଞ୍ଚ ସହ ଚେୟାର, ଟେବୁଲ ଓ ଫୁଲଗାମଲାଗୁଡ଼ିକୁ ଭାଙ୍ଗି ଦେଇଥିଲେ। ଏପରି କି ମୁଖ୍ୟମନ୍ତ୍ରୀ ଅବତରଣ କରିବାକୁ ଥିବା ହେଲିପ୍ୟାଡ୍‌କୁ ମଧ୍ୟ ସେମାନେ ଖୋଳିଦେଇଥିଲେ। ଫଳରେ ସେ ଉକ୍ତ ଗ୍ରାମରେ ପହଞ୍ଚିପାରି ନ ଥିଲେ। କର୍ନାଲରେ ଆଇନଶୃଙ୍ଖଳା ପରିସ୍ଥିତି ଅନୁଧ୍ୟାନ ପାଇଁ ପଡ଼ୋଶୀ ଜିଲାଗୁଡ଼ିକରୁ ଅତିରିକ୍ତ ସୁରକ୍ଷା ବଳକୁ ଡକାଇ ସେଠାରେ ମୁତୟନ କରାଯାଇଛି। ଏହାସହ ଡ୍ୟୁଟି ମାଜିଷ୍ଟ୍ରେଟ୍‌ମାନଙ୍କୁ ମଧ୍ୟ ନିଯୁକ୍ତ କରାଯାଇଛି। ବିକେୟୁର ସ୍ଥାନୀୟ ନେତା ଜଗଦୀପ ସିଂ ଅଉଲାଖ କହିଛନ୍ତି, ଖଟ୍ଟର ଓ ଭାଜପା ନେତାମାନେ ଏପରି ବୈଠକ କରି କୃଷକଙ୍କ ମଧ୍ୟରେ ବିଭେଦର ମଞ୍ଜି ବୁଣିବାକୁ ଉଦ୍ୟମ କରୁଛନ୍ତି। ଦିଲ୍ଲୀ ସୀମାରେ ଚାଷୀ ଆନ୍ଦୋଳନ ୪୬ ଦିନରେ ପହଞ୍ଚିଥିବାବେଳେ କୃଷି ଆଇନ ସପକ୍ଷରେ ସଭା କରିବାର ଯଥାର୍ଥତା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି।



> କେନ୍ଦ୍ର ସରକାର କେତେକ ନିର୍ଦ୍ଦିଷ୍ଟ ବିନ୍ଦୁ ଉପରେ ଆଲୋଚନା କରିପାରନ୍ତି। କିନ୍ତୁ ୩ କୃଷି ଆଇନକୁ ପ୍ରତ୍ୟାହାର କରିବେ ନାହିଁ। ଆଜିର ଘଟଣାକୁ ମୁଁ ଦୃଢ଼ ନିନ୍ଦା କରୁଛି। କଂଗ୍ରେସ ପାର୍ଟି ଓ କମ୍ୟୁନିଷ୍ଟମାନେ ଏହି କାଣ୍ଡ ଭିଆଇବାରେ ମୁଖ୍ୟ ଭୂମିକା ନେଇଛନ୍ତି।
>
> **-ମନୋହରଲାଲ ଖଟ୍ଟର, ହରିୟାଣା ମୁଖ୍ୟମନ୍ତ୍ରୀ**

## ମୋଦିଙ୍କ ସହ ଆଲୋଚନା କର

### ବୋରିସ୍‌ଙ୍କୁ ଚିଠି ଲେଖିଲେ ଶତାଧିକ ବ୍ରିଟିଶ୍ ଏମ୍‌ପି

ଲଣ୍ଡନ, ୧୦।୧

କୃଷି ଆଇନ ବିରୋଧରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚଳାଇଥିବା ଚାଷୀମାନଙ୍କ ଉପରେ ପୋଲିସ ପକ୍ଷରୁ ପାଣିବର୍ଷା ଓ ଲୁହବୁହା ବାଷ୍ପ ପ୍ରୟୋଗକୁ ଦେଖି ବ୍ରିଟେନବାସୀ ଆତଙ୍କିତ। ତେଣୁ ଏହାର ତ୍ୱରିତ ସମାଧାନ ଲାଗି ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦିଙ୍କ ସହ ଏନେଇ ଆଲୋଚନା କରନ୍ତୁ ବୋଲି ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କୁ ସେଠାକାର ୧୦୦ରୁ ଊର୍ଦ୍ଧ୍ୱ ଏମ୍‌ପି ପତ୍ର ଲେଖିଛନ୍ତି। ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ନାଗରିକମାନଙ୍କ ଗଣତାନ୍ତ୍ରିକ ମାନବିକ ଅଧିକାର ବୋଲି ସେମାନେ ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି। ଜାନୁୟାରୀ ୫ରେ ଲେଖାଯାଇଥିବା ଏହି ଚିଠିକୁ ଲେବର ପାର୍ଟି ଏମ୍‌ପି ତନ୍‌ମନଜିତ୍ ସିଂ ଧେସି ଶୁକ୍ରବାର ଜାରି କରିଛନ୍ତି।

## ଆମେରିକାରେ ଗୁଳି: ୪ ମୃତ

ସିକାଗୋ, ୧୦।୧(ଆଇଏଏନ୍ଏସ୍)



ଆମେରିକାର ଇଲିନୋଇସ୍ ରାଜ୍ୟରେ ଗୁଳିକାଣ୍ଡ ଘଟି ୪ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ପୋଲିସ ଗୁଳିରେ ସନ୍ଦିଗ୍ଧ ଆକ୍ରମଣକାରୀ ନିହତ ହୋଇଛନ୍ତି। ଶନିବାର ଅପରାହ୍ନରେ ସିକାଗୋର ଏକ ଔଷଧ କମ୍ପାନୀ ନିକଟରେ ପ୍ରଥମ ଗୁଳିକାଣ୍ଡ ଘଟି ଜଣେ ଯୁବକ ପ୍ରାଣ ହରାଇଥିଲେ। ଖସିଯିବାକୁ ଉଦ୍ୟମ କରି ଆକ୍ରମଣକାରୀ ଅନ୍ୟ ୩ ଜଣଙ୍କୁ ଗୁଳିକରି ହତ୍ୟା କରିଥିଲେ। ସେ ଜଣେ ମହିଳାଙ୍କୁ ପଣବନ୍ଦୀ କରିବା ପରେ ତାଙ୍କୁ ଗୁଳି କରିଥିଲେ। ଗୁରୁତର ଅବସ୍ଥାରେ ମହିଳା ଜଣକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେହିପରି ମୁଣ୍ଡରେ ଗୁଳିଚୋଟ ଲାଗିଥିବା ଜଣେ ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲ ନିଆଯାଇଛି। ସନ୍ଦିଗ୍ଧ ଜାସୋନ ନାଇଟେଞ୍ଜିଲ୍ (୩୨) କ'ଣ ପାଇଁ ଗୁଳି ଚଳାଇଲେ ତାହା ଜଣାପଡ଼ିନାହିଁ।

## ଗିରଫ ସୈନ୍ୟଙ୍କୁ ତୁରନ୍ତ ଛାଡ଼ିବାକୁ କହିଲା ଚାଇନା

ବେଜିଂ, ୧୦।୧

ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ଅତିକ୍ରମ କରି ପୂର୍ବ ଲଦାଖ ଚାଲିଆସିଥିବା ଚାଇନା ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ)ର ଜଣେ ସୈନ୍ୟଙ୍କୁ ଭାରତୀୟ ଯବାନମାନେ ପଙ୍ଗୋଙ୍ଗ ସୋ କୂଳରୁ ଶୁକ୍ରବାର ଗିରଫ କରିଥିଲେ। ସୀମାରୁ ପଥଭ୍ରଷ୍ଟ ହୋଇ ଚାଲିଯାଇଥିବା ଉକ୍ତ ସୈନ୍ୟଙ୍କୁ ତୁରନ୍ତ ଫେରାଇଦେବା ପାଇଁ ବେଜିଂ ଭାରତୀୟ ସେନାକୁ ଆହ୍ୱାନ ଦେଇଛି।

## ଅନ୍ଧାରରେ ପାକିସ୍ତାନ

ଇସ୍‌ଲାମାବାଦ, ୧୦।୧(ଆଇଏଏନ୍ଏସ୍)



### ବିଦ୍ୟୁତ୍ ବଣ୍ଟନ ବ୍ୟବସ୍ଥା ଅକାମୀ

ପାକିସ୍ତାନର ବିଦ୍ୟୁତ ବଣ୍ଟନ ବ୍ୟବସ୍ଥାରେ ପ୍ରଯୁକ୍ତିଗତ ତ୍ରୁଟି ଯୋଗୁ କୋଟି କୋଟି ଲୋକଙ୍କୁ ଶନିବାର ରାତି ସାରା ଅନ୍ଧାରରେ ରହିବାକୁ ପଡ଼ିଛି। ରାତି ୧୧ଟା ୪୧ରୁ ଇସ୍‌ଲାମାବାଦ, ଲାହୋର, ପେଶାୱର, କରାଚି, ରାଓଲପିଣ୍ଡି ସମେତ ସମସ୍ତ ବୃହତ୍ ମହାନଗରୀର ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଯାଇଥିଲା। ଜାତୀୟ ବିଦ୍ୟୁତ୍ ବଣ୍ଟନ ସିଷ୍ଟମ୍‌ର ଫ୍ରିକ୍ୱେନ୍ସି ହଠାତ୍ ୫୦ରୁ ଶୂନକୁ ଖସିଯିବାରୁ ଏଭଳି ସମସ୍ୟା ଦେଖାଦେଇଥିବା ପାକ୍ ଶକ୍ତିମନ୍ତ୍ରୀ ଓମାର ଆୟୁବ ଖାନ୍ କହିଛନ୍ତି। କ'ଣ ପାଇଁ ଫ୍ରିକ୍ୱେନ୍ସି ଖସିଲା ଜଣାପଡ଼ିନାହିଁ। ରବିବାର ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ସ୍ୱାଭାବିକ ହୋଇଛି।

## ଅଯୋଗ୍ୟ ହିତାଧିକାରୀଙ୍କ ପାଖକୁ ଯାଇଛି ୧,୩୬୪ କୋଟି

ନୂଆଦିଲ୍ଲୀ, ୧୦।୧(ପି.ଟି.)

### ପିଏମ୍-କିଷାନ

କେନ୍ଦ୍ର ସରକାରଙ୍କ ପିଏମ୍-କିଷାନ (ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି) ଯୋଜନାରେ ଦେଶର ୨୦.୪୮ ଲକ୍ଷ ଅଯୋଗ୍ୟ ହିତାଧିକାରୀଙ୍କୁ ୧,୩୬୪ କୋଟି ଟଙ୍କା ପୈଠ କରାଯାଇଛି। ଆର୍‌ଟିଆଇ(ତଥ୍ୟ ଜାଣିବା ଅଧିକାର)ରେ ଆବେଦନ ପରେ କେନ୍ଦ୍ର କୃଷି ମନ୍ତ୍ରଣାଳୟ ଉପରୋକ୍ତ ତଥ୍ୟ ଦେଇଛି। ୨୦୧୯ରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ୨ ହେକ୍ଟରରୁ କମ୍ ଜମି ଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବର୍ଷକୁ ୩ଟି କିସ୍ତିରେ ୬ ହଜାର ଟଙ୍କା ପୈଠ କରାଯାଉଛି। କମନ୍‌ୱେଲ୍‌ଥ ହ୍ୟୁମାନ ରାଇଟ୍ସ ଇନିସିଏଟିଭ୍ (ସିଏଚ୍‌ଆର୍‌ଆଇ)ର ଭେଙ୍କଟେଶ ନାୟକ ପିଏମ୍-କିଷାନ ସମ୍ପର୍କିତ ତଥ୍ୟ ଜାଣିବା ପାଇଁ ଆବେଦନ କରିଥିଲେ। ତଥ୍ୟ ଅନୁଯାୟୀ ଅନେକ ଅଯୋଗ୍ୟ ହିତାଧିକାରୀ ଏହି ଯୋଜନାର ଫାଇଦା ନେଉଛନ୍ତି। ସେମାନଙ୍କ ମଧ୍ୟରେ ଅଯୋଗ୍ୟ ଓ ଆୟକର ଦେଉଥିବା କୃଷକ ଅଛନ୍ତି। ଅଯୋଗ୍ୟ ହିତାଧିକାରୀଙ୍କଠାରୁ ଉକ୍ତ ଅର୍ଥ ଫେରାଇ ଆଣିବା ପାଇଁ ପ୍ରସ୍ତୁତି ଚାଲିଥିବା ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି।

## ଟ୍ରମ୍ପ୍‌ଙ୍କ ବିରୋଧରେ ମହାଭିଯୋଗ ପ୍ରକ୍ରିୟା ଆଜି

ୱାଶିଂଟନ, ୧୦।୧(ଆଇଏଏନ୍ଏସ୍)



**ଆମେରିକା ସମ୍ବିଧାନର ଅନୁଚ୍ଛେଦ ୧ ସଂଘୀୟ ସରକାରର କୌଣସି ଅଧିକାରୀଙ୍କ ବିରୋଧରେ ମହାଭିଯୋଗ ଆଣିବାର କ୍ଷମତା ପ୍ରତିନିଧି ସଭାକୁ ପ୍ରଦାନ କରିଥିବାବେଳେ ଏହା ଉପରେ ବିଚାର କରିବା କ୍ଷମତା ସିନେଟ୍‌କୁ ଦେଇଛି।**

ଆମେରିକାର କ୍ୟାପିଟୋଲ୍ ବିଲ୍ଡିଂରେ ୬ ତାରିଖରେ ଘଟିଥିବା ହିଂସା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଦାୟୀ କରି ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସର ୩ ଜଣ ଡେମୋକ୍ରାଟ ସଦସ୍ୟ ସୋମବାର ତାଙ୍କ ବିରୋଧରେ ମହାଭିଯୋଗ ଆର୍ଟିକିଲ୍ ଆଗତ କରିବାକୁ ଯାଉଛନ୍ତି। କଂଗ୍ରେସର ମିଳିତ ଅଧିବେଶନରେ ଇଲେକ୍ଟୋରାଲ କଲେଜ ଭୋଟ ଗଣତି ଚାଲିଥିବାବେଳେ ଟ୍ରମ୍ପ୍ ଜାଣିଶୁଣି ଆମେରିକା ସରକାରଙ୍କ ବିରୋଧରେ ହିଂସାକୁ ଉସୁକାଇଥିଲେ ବୋଲି ସେଥିରେ ଅଭିଯୋଗ କରାଯାଇଛି। ଟ୍ରମ୍ପ୍ ତାଙ୍କ ସମର୍ଥକମାନଙ୍କୁ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇ କ୍ୟାପିଟୋଲ୍‌ରେ ବେଆଇନ କାର୍ଯ୍ୟ କରିବା ଲାଗି ଉତ୍ସାହିତ କରିଥିଲେ। ଏଥିରେ ପ୍ରେରିତ ହୋଇ ସମର୍ଥକମାନେ କ୍ୟାପିଟୋଲ ହଲ୍‌ରେ ଧସେଇ ପଶି ଦଙ୍ଗା କରିଥିଲେ। ଏଥିରେ ୫ ଜଣଙ୍କର ମୃତ୍ୟୁ ଘଟିବା ସହ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା। ଫଳରେ ଦେଶର ଗଣତାନ୍ତ୍ରିକ ଇତିହାସରେ କଳା ଦାଗ ଲାଗିଥିଲା। କାଲିଫର୍ନିଆ ଡେମୋକ୍ରାଟ ପ୍ରତିନିଧି ଟେଡ୍ ଲିଉ, ରୋଡେ ଆଇଲାଣ୍ଡ ପ୍ରତିନିଧି ଡାଭିଡ୍ ସିସିଲିନ୍ ଏବଂ ମେରିଲାଣ୍ଡ ଡେମୋକ୍ରାଟ ସଦସ୍ୟ ଜାମି ରସ୍କିନ୍ ଏହି ମହାଭିଯୋଗ ଆର୍ଟିକିଲ୍ ଲେଖିଛନ୍ତି ଓ ତାହା ସୋମବାର ଆମେରିକା ପ୍ରତିନିଧି ସଭାରେ ଉପସ୍ଥାପନ କରାଯିବ। ଟ୍ରମ୍ପ୍‌ଙ୍କୁ ବହିଷ୍କାର କରାଯିବା ସହ ପୁନର୍ବାର ଉକ୍ତ ପଦ ପାଇଁ ଅଯୋଗ୍ୟ ଘୋଷଣା କରାଯିବା ଉଚିତ ବୋଲି ଉକ୍ତ ଆର୍ଟିକିଲ୍‌ରେ ଉଲ୍ଲେଖ କରାଯାଇଛି। ଉକ୍ତ ବିଲ୍‌ର ୧୮୦ ସହ-ପ୍ରାୟୋଜକ ଅଛନ୍ତି।

### 'ମହାଭିଯୋଗ ଭଳି ଅପରାଧ କରିଛନ୍ତି ଟ୍ରମ୍ପ'



ପାଟ୍ ଟୁମି

ରାଷ୍ଟ୍ରପତି ପଦରୁ ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ହଟାଇବା ପାଇଁ ଡେମୋକ୍ରାଟ ସଦସ୍ୟମାନେ ମହାଭିଯୋଗ ଆଣିବାକୁ ପ୍ରସ୍ତୁତ ହେଉଥିବାବେଳେ ଜଣେ ରିପବ୍ଲିକାନ ସିନେଟର ମଧ୍ୟ ଏହାକୁ ସମର୍ଥନ କରିଛନ୍ତି। ଟ୍ରମ୍ପ୍ ମହାଭିଯୋଗ ଭଳି ଅପରାଧ କରିଥିବା ପେନ୍‌ସିଲ୍‌ଭାନିଆର ରିପବ୍ଲିକାନ ସିନେଟର ପାଟ୍ ଟୁମି କହିଛନ୍ତି। ଯଦି ପ୍ରତିନିଧି ସଭା ମହାଭିଯୋଗ ପ୍ରସ୍ତାବର ବିଚାର ପାଇଁ ସିନେଟକୁ ପଠାଏ ତେବେ ବିଚାର ଶେଷରେ ରାଷ୍ଟ୍ରପତିଙ୍କୁ ବହିଷ୍କାର ଲାଗି ସେ ଭୋଟ ଦେବେ କି ନାହିଁ ତାହା ସ୍ପଷ୍ଟ କରିନାହାନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୯,୦୩,୬୪,୪୯୫ | ୧୯,୩୯,୦୮୩ | ୬,୪୬,୩୬,୩୭୫ |
| ଭାରତ | ୧,୦୪,୭୦,୧୭୯ | ୧,୫୧,୧୪୯ | ୧,୦୦,୮୪,୦୧୧ |
| ଓଡ଼ିଶା | ୩,୩୧,୮୭୨ | ୧୮୯୧(+୫୩) | ୩,୨୮,୦୪୩ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### କୋଏଲ ନଦୀରେ ବୁଡ଼ିଗଲେ ୨ ଯୁବକ

ରାଉରକେଲା ଅଫିସ/ ନୂଆଗାଁ (ଡି.ଏନ୍.ଏ.) ୧୦।୧: ସୁନ୍ଦରଗଡ଼ ଜିଲା ବିଶ୍ରା ଥାନା ନୂଆଗାଁ ବ୍ଲକ ଅନ୍ତର୍ଗତ କୋଏଲ ନଦୀର ତେତେରକେଲା ଘାଟରେ ରବିବାର ଅପରାହ୍ନରେ ପିକ୍‌ନିକ୍ କରିବାକୁ ଯାଇ ଗାଧୋଇବାବେଳେ ନଦୀରେ ୨ଜଣ ବୁଡ଼ି ଯାଇଥିଲେ। ସେମାନଙ୍କ ମଧ୍ୟରୁ ବିକି ଶର୍ମା (୧୭)ଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଦୀପକ ଖଣ୍ଡୁଆଲ (୨୨)ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ରାଉରକେଲା ସରକାରୀ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଘର ରାଉରକେଲା ଟିମ୍ବର କଲୋନୀ ଅଞ୍ଚଳରେ। ୯ଜଣ ସାଙ୍ଗହୋଇ କୋଏଲ ନଦୀର ତେତେରକେଲା ଘାଟକୁ ପିକ୍‌ନିକ୍ କରିବାକୁ ଯାଇଥିଲେ। ଅପରାହ୍ନ ୨ଟା ୩୦ରେ ଭୋଜି ଖାଇଥିଲେ। ଏହା ପରେ ସେମାନେ ସମସ୍ତେ ଗାଧୋଇବାକୁ ପାଣିରେ ପଶିଥିଲେ। ଗାଧୋଇବା ସମୟରେ ଗୋଡ଼ ଖସିଯିବାରୁ ବିକି ଓ ଦୀପକ ପାଣିରେ ବୁଡ଼ିଯାଇଥିଲେ। ୯ଜଣଙ୍କ ମଧ୍ୟରୁ ଜଣେ ପହଁରି ଜାଣିଥିଲେ। ସେ ଦୀପକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। କିନ୍ତୁ ବିକିଙ୍କୁ ଉଦ୍ଧାର କରାଯାଇ ପାରି ନ ଥିଲା। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ବିକିଙ୍କ ମୃତଦେହ ଉଦ୍ଧାର କରିଛି। ଏହି ଘାଟରେ ବାରମ୍ବାର ଏଭଳି ଘଟଣା ଘଟୁଥିଲେ ମଧ୍ୟ ଏଠାରେ ସୂଚନା ଫଳକ ଲଗାଯାଉନାହିଁ।

# ‘ଉଦ୍ୟୋଗରେ ପରିଣତ ହେବ ମତ୍ସ୍ୟଚାଷ’

## ମେରାଇନ୍ କେଜ୍ କଲଚର ପ୍ରକଳ୍ପ ଶିଳାନ୍ୟାସ

ବାଲେଶ୍ୱର ଅଫିସ/ ରୂପ୍‌ସା, ୧୦।୧(ଡି.ଏନ.ଏ.)

ଅତ୍ୟାଧୁନିକ ପ୍ରଣାଳୀରେ ମତ୍ସ୍ୟ ଉତ୍ପାଦନ ଲାଗି ବାଲେଶ୍ୱର ଜିଲା ସଦର ବ୍ଲକ ବାହାବଳପୁର ମାଛଧରା କେନ୍ଦ୍ରରେ ରବିବାର ‘ମେରାଇନ୍ କେଜ୍ କଲଚର’ (ସମୁଦ୍ରରେ ପଞ୍ଜୁରୀ ଭିତରେ ମାଛ ଚାଷ) ପ୍ରକଳ୍ପ ଶିଳାନ୍ୟାସ କରାଯାଇଛି। କେନ୍ଦ୍ର ପଶୁପାଳନ, ଦୁଗ୍ଧ ଓ ମତ୍ସ୍ୟ ସମ୍ପଦ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ପାଇଲଟ୍ ପ୍ରକଳ୍ପ ଲାଗି ୨କୋଟି ୫୭ଲକ୍ଷ ଟଙ୍କା ବ୍ୟୟ ହେବ।

ଭାରତ ସରକାରଙ୍କ ଜାତୀୟ ମତ୍ସ୍ୟ ବିଭାଗ ବୋର୍ଡ ଓ କେନ୍ଦ୍ରୀୟ ମାତ୍ସିକ ଅନୁସନ୍ଧାନ ସଂସ୍ଥାନ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ କହିଥିଲେ ଯେ, ଓଡ଼ିଶାରେ ପ୍ରଥମ ବାହାବଳପୁରରେ ଏହି ପ୍ରକଳ୍ପ କରାଯାଇଛି। ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ସମସ୍ତ ମତ୍ସ୍ୟଚାଷୀ ସମୃଦ୍ଧ ହେବେ। ଉଦ୍ୟୋଗରେ ପରିଣତ ହେବ ମତ୍ସ୍ୟଚାଷ। ୨୦୨୪ ସୁଦ୍ଧା ମତ୍ସ୍ୟ ଉତ୍ପାଦନ ୨୨ ମିଲିୟନ ଟନ୍‌କୁ ବୃଦ୍ଧି ପାଇଁ ଧାର୍ଯ୍ୟ ହୋଇଛି। କେନ୍ଦ୍ର ସରକାରଙ୍କ ପ୍ରଦତ୍ତ ୨କୋଟି ୫୭ଲକ୍ଷ ଟଙ୍କାର ଏହି ପ୍ରକଳ୍ପ ମାଧ୍ୟମରେ



କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ଦ୍ୱାରା ପାଇଲଟ ପ୍ରକଳ୍ପର ଶିଳାନ୍ୟାସ କରାଯାଉଛି।

ସମୁଦ୍ର ଭିତରେ ପଞ୍ଜୁରୀ (କେଜ) ମାଧ୍ୟମରେ ବିଭିନ୍ନ ପ୍ରଜାତିର ମାଛ ଚାଷ କରି ମତ୍ସ୍ୟଜୀବୀମାନେ ବାର୍ଷିକ ୧୦ଲକ୍ଷ ଟଙ୍କା ରୋଜଗାର କରିପାରିବେ। ଏଥିପାଇଁ ପରୀକ୍ଷାମୂଳକ ଭାବେ ପଞ୍ଜୁରୀ ପିଛା ୩ଜଣ ଚାଷୀ ମୋଟ୍ ୩୦ଟି ପଞ୍ଜୁରୀରେ ୯୦ଜଣ ଚାଷୀ ସାମିଲ ହେବେ। ଏହାପରେ ଓଡ଼ିଶାର ୪୮୦ କି.ମି. ବ୍ୟାପ୍ତ ସମୁଦ୍ର ଓ ସମଗ୍ର ଭାରତରେ ୮୧୧୯ କି.ମି. ସମୁଦ୍ରରେ ଏହି ପ୍ରକଳ୍ପ ତ୍ୱରାନ୍ୱିତ ହେବ। କେନ୍ଦ୍ର ସରକାରଙ୍କ ସମ୍ପୂର୍ଣ୍ଣ ଅନୁଦାନରେ ଏହି ପ୍ରକଳ୍ପ ୩ମାସ ଭିତରେ ଶେଷ ହେବ। ୩ବର୍ଷ ପରେ ଏହାର ପୂର୍ଣ୍ଣରୂପ ପ୍ରାପ୍ତ ହେବା ସହ ବର୍ତ୍ତମାନ ଏହାକୁ ଏନ୍‌ଏଫ୍‌ଡି ଦ୍ୱାରା ପରିଚାଳିତ କରାଯିବ ବୋଲି ମନ୍ତ୍ରୀ ଷଡ଼ଙ୍ଗୀ କହିଥିଲେ।

ବିଶାଖାପାଟଣାସ୍ଥିତ ଆଇସିଏଆର–ସିଏମଏଫ୍‌ଆରଆଇ ମୁଖ୍ୟ ଡ. ଶୁଭୋଦୀପ ଘୋଷ ମେରାଇନ କେଜ କଲଚର ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଜାତୀୟ ମତ୍ସ୍ୟ ବିକାଶ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ସି. ସୁବର୍ଣ୍ଣା, ଭାରତ ସରକାରଙ୍କ ଯୁଗ୍ମ ସଚିବ ଡ. ଜେ. ବାଲାଜୀ ଓ ସାଗର ମେହେରା, ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଓ ଅତିଥିମାନେ ମତ୍ସ୍ୟ ଚାଷ ସମ୍ପର୍କରେ ପ୍ରସ୍ତୁତ ବିଭିନ୍ନ ପ୍ରଚାରପତ୍ରର ଉନ୍ମୋଚନ କରିଥିଲେ। ମତ୍ସ୍ୟ ବିଭାଗର ଉପନିର୍ଦ୍ଦେଶକ ଅଜୟ କୁମାର ଭୋଇ, ଅତିରିକ୍ତ ନିର୍ଦ୍ଦେଶକ ଦେବାନନ୍ଦ ଭଞ୍ଜ, ଉପନିର୍ଦ୍ଦେଶକ(ସାମୁଦ୍ରିକ) ବସନ୍ତ କୁମାର ଦାସ, ଉପନିର୍ଦ୍ଦେଶକ ବିରଜା ଦ୍ୱିବେଦୀ, ଜିଲା ମତ୍ସ୍ୟ ଅଧିକାରୀ ପ୍ରଦୀପ କୁମାର ଘୋଷ, ମମତା ମହାପାତ୍ର, ସୁବ୍ରତ ଦାଶ, ଆଇସିଏଆର–ସିଏମଏଫ୍‌ଆରଆଇ ପୁରୀ ଶାଖାର ଡ. ସୁବଳ କୁମାର ରାଉଳ, ବାହାବଳପୁର ସରପଞ୍ଚ ରଶ୍ମିତା ମଣ୍ଡଳ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

- ପାଇଲଟ୍ ପ୍ରକଳ୍ପ ଲାଗି ବ୍ୟୟ ହେବ ୨କୋଟି ୫୭ଲକ୍ଷ
- ପ୍ରଥମ ପର୍ଯ୍ୟାୟରେ ସାମିଲ ହେବେ ୩୦ଟି କେଜ୍‌ରେ ୯୦ ମତ୍ସ୍ୟଚାଷୀ

# ସ୍କୁଲ ପରିସରରେ ଭାଲୁ ଆକ୍ରମଣ

## ପ୍ରଧାନଶିକ୍ଷକଙ୍କ ସମେତ ୩ ଗୁରୁତର

କେନ୍ଦୁଝର, ୧୦।୧ (ସ୍ୱ.ପ୍ର.)

କେନ୍ଦୁଝର ସଦର ରେଞ୍ଜ ଅନ୍ତର୍ଗତ ନରଣପୁରସ୍ଥିତ ହାଇସ୍କୁଲ ପରିସରରେ ଭାଲୁ ପଶି ଆକ୍ରମଣ କରିବାରୁ ପ୍ରଧାନ ଶିକ୍ଷକଙ୍କ ସହ ଅନ୍ୟ ଦୁଇଜଣ ଗ୍ରାମବାସୀ ଗୁରୁତର ଆହତ ହୋଇଛନ୍ତି। ଆହତ ପ୍ରଧାନ ଶିକ୍ଷକ ହେଲେ ବସନ୍ତ କର। ଅନ୍ୟ ଦୁଇଜଣ ହେଲେ ମାୟାଧର ବେହେରା ଓ ଭାଗବତ ସାହୁ।

ରବିବାର ସକାଳ ପ୍ରାୟ ୭ଟା ବେଳେ ପ୍ରଧାନ ଶିକ୍ଷକ କର ସ୍କୁଲ ଖୋଲିବାକୁ ଯାଉଥିବା ବେଳେ ସେଠାରେ ପୂର୍ବରୁ ଶୋଇଥିବା ଏକ ବିରାଟକାୟ ଭାଲୁ ତାଙ୍କ ଜଂଘର ପଛପଟକୁ କାମୁଡି ଆହତ କରିଥିଲା। ସେ ଚିତ୍କାର କରିବାରୁ ଭାଲୁଟି ତାଙ୍କୁ ଛାଡି ସ୍କୁଲର ପାଚେରି ଡେଇଁ ୨୦ ନମ୍ବର ଜାତୀୟ ରାଜପଥ ଉପରକୁ ଚାଲି ଆସିଥିଲା। ରାସ୍ତାରେ କାଠ ନେଇଯାଉଥିବା ଭାଗବତ ସାହୁଙ୍କ ସହ ଭାଲୁଟିର ସାମ୍ନାସାମ୍ନି ହୋଇଥିଲା। ଭାଲୁଟି ତାଙ୍କୁ ଆକ୍ରମଣ କରି ମୁଣ୍ଡକୁ ଖଣ୍ଡିଆଖାବରା କରି ପକାଇଥିଲା। ସେଠାରେ ଲୋକମାନେ ଟେକା ମାରିବାରୁ ଭାଲୁଟି ଭାଗବତଙ୍କୁ ଛାଡି ଡିମ୍ବୋ ରାସ୍ତାରେ ଯିବା ବେଳେ ମାୟାଧର ବେହେରାଙ୍କ ହାତ ଓ ଗାଲରେ ରାମ୍ପୁଡି ଆହତ କରିଥିଲା। ଏହାପରେ ଭାଲୁଟି ପାଖ ଜଙ୍ଗଲକୁ ପଳାଇ ଯାଇଥିଲା। ଏନେଇ ସଦର ରେଞ୍ଜ ଅଧିକାରୀ ଅରବିନ୍ଦ ନାୟକ କହିଛନ୍ତ, ଭାଲୁଟି କୋଳି ଖାଇବାକୁ ଆସି ରହିଯାଇଥିଲା। ଆହତମାନେ ଚିକିତ୍ସାଧୀନ ଅଛନ୍ତି।




ILA PANDA
26.10.1932 - 11.01.2005

In loving memory

Baijayant 'Jay', Paramita, Nivedita, Subhrakant
Jagi, Braja, KG, Shaifalika
Raie, Reva, Anuva, Aditya, Raisah, Raemana
Relatives, Members & Associates of
IMFA Group

imfa

Tel : +91 674 2611100, Fax : +91 674 2580020
memoriam@imfa.in


# ଜୟପୁରରୁ ଅଭିଯୁକ୍ତଙ୍କୁ ଉଠାଇନେଲା ମୁମ୍ବାଇ ଏଟିଏସ୍

ଜୟପୁର, ୧୦।୧(ନି.ପ୍ର.)

**ନାଗପୁରକୁ ଗଞ୍ଜେଇ ଚୋରାଚାଲାଣ ଲିଙ୍କ୍**



କୋରାପୁଟ ଜିଲାରେ ଗଞ୍ଜେଇ ଚୋରାଚାଲାଣ ଦିନକୁ ଦିନ ବୃଦ୍ଧି ପାଉଛି। ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀ ବିଭିନ୍ନ ସମୟରେ ଚଢ଼ାଉ କରି ବହୁଳ ପରିମାଣର ଗଞ୍ଜେଇ ଜବତ ମଧ୍ୟ କରୁଛନ୍ତି। ତେବେ ଏହି ଗଞ୍ଜେଇ ଚୋରା ଚାଲାଣର ଲିଙ୍କ୍ ମହାରାଷ୍ଟ୍ର ନାଗପୁରକୁ ଲମ୍ବିଥିବା ଏବେ ଜଣାପଡ଼ିଛି। ଏକ ଗଞ୍ଜେଇ ଚୋରାଚାଲାଣ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ମୁମ୍ବାଇ ନାଗପୁର ବ୍ରାଞ୍ଚର ଆତଙ୍କବାଦୀ ନିରୋଧୀ ସ୍କ୍ୱାଡ୍(ଏଟିଏସ୍) ଶନିବାର ବିଳମ୍ବିତ ରାତିରେ ଜୟପୁର ସଦର ଥାନା ଅଞ୍ଚଳର ଖଗପତି ପାଙ୍ଗିଙ୍କୁ ଗିରଫ କରି ନାଗପୁର ନେଇଯାଇଛି।

ମିଳିଥିବା ସୂଚନା ଅନୁସାରେ ଗତ ଡିସେମ୍ବର ୭ତାରିଖରେ ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ନାଗପୁର ବ୍ରାଞ୍ଚର ଏଟିଏସ୍ ଏକ ମାମଲା ରୁଜୁ କରିଥିଲା। ଉକ୍ତ ମାମଲାରେ ଏଟିଏସ୍ ଭେଙ୍କଟରାଓ ମୋହିତେ ନାମକ ଜଣେ ଯୁବକଙ୍କୁ ଗିରଫ କରିଥିଲା। ମୋହିତେଙ୍କୁ ପଚରାଉଚରା ସମୟରେ ଉକ୍ତ ଗଞ୍ଜେଇ ଚାଲାଣ ଓଡ଼ିଶାରୁ ହେଉଥିବା ଏବଂ ଏଥିରେ ଖଗପତି ତାଙ୍କୁ ସହଯୋଗ କରୁଥିବା ସେ ପ୍ରକାଶ କରିଥିଲେ। ମୋହିତେଙ୍କ ସୂଚନାକୁ ଆଧାର କରି ଏଟିଏସ୍‌ର ମୁଖ୍ୟ ଆଶିଷ କୁମାର ଜୟପୁର ପୋଲିସ ସହ ଯୋଗାଯୋଗ କରିଥିଲେ। ପରେ ଆଶିଷଙ୍କ ନେତୃତ୍ୱରେ ଏକ ୪ ଜଣିଆ ଟିମ୍ ଶନିବାର ଓଡ଼ିଶା ଆସି ଜୟପୁର ସଦର ଥାନା ଅନ୍ତର୍ଗତ କଲାଗୁଡ଼ା ଗ୍ରାମର ଖଗପତିଙ୍କୁ ଉଠାଇ ନେଇଥିଲା। ଏହି ଗଞ୍ଜେଇ ଚାଲାଣରେ ଆହୁରି ଅନେକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଛି ଏବଂ ସେନେଇ ଅଧିକ ତଦନ୍ତ ଚାଲିଛି ବୋଲି ଏଟିଏସ୍ ମୁଖ୍ୟ ଆଶିଷ ସୂଚନା ଦେଇଛନ୍ତି। ଅପରପକ୍ଷରେ ଖଗପତି ନାଗପୁରକୁ ଗଞ୍ଜେଇ ଚାଲାଣ କରନ୍ତି। ଏଟିଏସ୍ ଏନ୍‌ଡିପିଏସ୍‌ର ଦଫା ୨୦ ଓ ୨୨ରେ ଏକ ମାମଲା ରୁଜୁ କରି ଖଗପତିଙ୍କୁ ଗିରଫ କରିବା ସହ ଅଧିକ ତଦନ୍ତ ନିମନ୍ତେ ନାଗପୁର ନେଇଯାଇଛି। ତେବେ ଏନେଇ ଜୟପୁର ସଦର ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ ବୋଲି ଥାନା ଅଧିକାରୀ ଆଦିତ୍ୟ ମହାକୁଡ଼ କହିଛନ୍ତି।

# ‘ଭାବା’ରେ ୩ ଓଡ଼ିଆ ବୈଜ୍ଞାନିକ

କେନ୍ଦୁଝର/ଆସିକା, ୧୦।୧(ସ୍ୱ.ପ୍ର./ଡି.ଏନ.ଏ.)

**ଗୌରବ ଆଣିଲେ ଚନ୍ଦନ, ଓମ୍, କୃଷ୍ଣଚନ୍ଦ୍ର**



ଚନ୍ଦନ କୁମାର ମହାପାତ୍ର



ବେବର୍ତ୍ତା ଓମ୍ ଶୁଭମ୍

ଭାବା ଆଣବିକ ଗବେଷଣା କେନ୍ଦ୍ରରେ ବୈଜ୍ଞାନିକ (ଟ୍ରେନି) ଭାବେ ଓଡ଼ିଶାର ୩ ଜଣ ମନୋନୀତ ହୋଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଚଳିତବର୍ଷ ସମୁଦାୟ ୨୦ ଜଣ ବୈଜ୍ଞାନିକ ଭାବେ ନିଯୁକ୍ତି ପାଇଥିବାବେଳେ କେନ୍ଦୁଝର ଜିଲାର ଚନ୍ଦନ କୁମାର ମହାପାତ୍ର, ଗଞ୍ଜାମ ଜିଲା ଆସିକା ବ୍ଲକ କାଳକଣ୍ଠପୁର ଗ୍ରାମର ବେବର୍ତ୍ତା ଓମ୍ ଶୁଭମ୍ ଏବଂ ସୁନ୍ଦରଗଡ଼ ଜିଲାର କୃଷ୍ଣଚନ୍ଦ୍ର ଦାସ ଏହି ସୁଯୋଗ ପାଇଛନ୍ତି।

ଚନ୍ଦନ କେନ୍ଦୁଝର ସହର ମେଡିକାଲ କଲୋନୀରେ ମା’ ବାପା ଓ ଭଉଣୀଙ୍କ ସହିତ ରୁହନ୍ତି। ବାପା ପ୍ରାଧ୍ୟାପକ ଡ. ବିପିନ ବିହାରୀ ମହାପାତ୍ର, ଅ ବ ସ ର ପ୍ରା । ପ୍ତ ଅଧ୍ୟକ୍ଷ। ମା’ ଗୃହିଣୀ। ପିଲା ଦିନରୁ ମେଧାବୀ ଥିବା ଚନ୍ଦନ ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିରରୁ ମାଟ୍ରିକ ପାସ୍ କରିବା ପରେ ସ୍ଥାନୀୟ ଧରଣୀଧର ମହାବିଦ୍ୟାଳୟରେ ଯୁକ୍ତ ୨ ପଢିଥିଲେ। ଏହା ପରେ ସୁନ୍ଦରଗଡ ଜିଲାରେ ଭୂତତ୍ତ୍ୱ ବିଜ୍ଞାନରେ ଯୁକ୍ତ ୩ ପଢିବା ପରେ ଏନ୍‌ଆଇଟି ରାଉରକେଲାରେ ଭୂତତ୍ତ୍ୱ ବିଜ୍ଞାନରେ ଏମ୍‌ଏସସି (ଏକ୍ସପ୍ଲୋରେସନ ଜିଓଲୋଜି) ପଢିଲେ। ପରେ ଆଇଆଇଟି, ଖଡଗପୁରରେ ଏମ୍‌ଟେକ ପଢିବାର ସୁଯୋଗ ପାଇ ସେଠାରେ ପିଏଚ୍‌ଡି (ଇଞ୍ଜିନିୟରିଂ ଜିଓଲୋଜି) କରୁଥିଲେ। ପିଏଚ୍‌ଡି ଅଧ୍ୟୟନ ସମୟରେ ଭାବା ଆଣବିକ ଗବେଷଣା କେନ୍ଦ୍ରରେ ନିଯୁକ୍ତି ପାଇଁ ଆବେଦନ କରିଥିଲେ। ଯୁକ୍ତ ୩ ପଢ଼ିବା ସମୟରୁ ଭୂତତ୍ତ୍ୱ ବିଜ୍ଞାନ ପଢି ଜଣେ ବୈଜ୍ଞାନିକ ହେବା ଆଶା ରଖି ଉଦ୍ୟମ ଜାରି ରଖିଥିଲେ। ହାଇଦ୍ରାବାଦସ୍ଥିତ ଭାବା ଆଣବିକ ଗବେଷଣା କେନ୍ଦ୍ରରେ ବୈଜ୍ଞାନିକ ଭାବରେ ନିଯୁକ୍ତି ପାଇଛନ୍ତି। ଆଗକୁ ଜଣେ ଦକ୍ଷ ବୈଜ୍ଞାନିକ ହୋଇ ରାଜ୍ୟର ନାମ ରଖିବାକୁ ଚନ୍ଦନ ଆଶାବାଦୀ ଅଛନ୍ତି।

ସେହିପରି ଓମ୍ ସାକ୍ଷାତ୍‌କାରରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପରେ ଗତ ଜାନୁୟାରୀ ୫ ତାରିଖରେ ବମ୍ବେସ୍ଥିତ ଭାବା ଆଣବିକ ଗବେଷଣା କେନ୍ଦ୍ର ପକ୍ଷରୁ ଯୋଗଦାନ ଲାଗି ତାଙ୍କୁ ଡାକରା ଆସିଛି। ଆସନ୍ତା ୧୭ ତାରିଖରେ ଓମ୍ ଏହି କେନ୍ଦ୍ରରେ ଯୋଗଦେବେ। ଓମ୍‌ଙ୍କ ପିତା ବାଲିପଦର କଲେଜର ଅର୍ଥଶାସ୍ତ୍ର ବିଭାଗ ବରିଷ୍ଠ ଅଧ୍ୟାପକ ବିଭୂତିଭୂଷଣ ବେବର୍ତ୍ତା ଓ ମା’ ସଂଯୁକ୍ତା ଜଣେ ଗୃହିଣୀ। ଓମ୍ ହାଇଦ୍ରାବାଦସ୍ଥିତ ବିର୍ଲା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିରେ ଇଲେକ୍ଟ୍ରିକାଲ ଓ ଇନ୍‌ଷ୍ଟ୍ରୁମେଣ୍ଟେଶନରେ ଇଞ୍ଜିନିୟରିଂ ଡିଗ୍ରୀ କରିଥିଲେ। ତା’ପରେ ଗେଟ୍ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ୬୩ ନମ୍ବର ର୍‌ୟାଙ୍କରେ ରହି ଦିଲ୍ଲୀ ଆଇଆଇଟିରେ ଏକ ପାଞ୍ଚବର୍ଷିଆ ଶିକ୍ଷା ପାଠ୍ୟକ୍ରମରେ ଅପଟୋ ଇଲେକ୍ଟ୍ରିକାଲ ଆଣ୍ଡ ଅପଟିକାଲ କମ୍ୟୁନିକେଶନରେ ଏମ୍‌ଟେକ ସହ ପଦାର୍ଥ ବିଜ୍ଞାନରେ ସ୍ନାତକୋତ୍ତର ଶିକ୍ଷାଲାଗି ଯୋଗଦେଇଥିଲେ। ଚଳିତବର୍ଷ ଓମ୍‌ଙ୍କ ଶିକ୍ଷାଗ୍ରହଣର ଶେଷ ବର୍ଷ ଥିଲା ବେଳେ ଏଭଳି ନିଯୁକ୍ତି ମିଳିଥିବା ଜଣାଯାଇଛି। ଓମ୍ କହିଛନ୍ତି ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଗନ୍ତବ୍ୟସ୍ଥଳରେ ପହଞ୍ଚିବା ଲାଗି ଏକାଗ୍ରତା ରହିଲେ ଜଣେ ନିଶ୍ଚୟ ସଫଳ ହୋଇପାରିବ।

# ହାଣ୍ଡିଖାଲ ଜଙ୍ଗଲରୁ ଲ୍ୟାଣ୍ଡମାଇନ ଜବତ

ଚିତ୍ରକୋଣ୍ଡା, ୧୦।୧(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳର ପଣସପୁଟ ପଞ୍ଚାୟତ ଅଧୀନ ହାଣ୍ଡିଖାଲ ଜଙ୍ଗଲରେ କୋମ୍ବିଂ ଅପରେଶନବେଳେ ଶନିବାର ବିଏସ୍‌ଏଫ୍ ଯବାନମାନେ ଏକ ଅଫୁଟା ଲ୍ୟାଣ୍ଡମାଇନ୍ ଜବତ କରିଛନ୍ତି। ଏହାର ଓଜନ ୫ କିଲୋଗ୍ରାମ ହେବ। ଏଥିସହ ମାଓବାଦୀମାନେ ବ୍ୟବହାର କରୁଥିବା ପୋଷାକପତ୍ର, ପଲିଥିନ, ମଲ୍ଟିମିଟର୍, ଓ୍ୱାକିଟକି ମଧ୍ୟ ପୋଲିସ ଜବତ କରିଛି। ଏ ସମ୍ପର୍କରେ ଖବର ପାଇ ବିଏସ୍‌ଏଫ୍ ଯବାନମାନେ ଗୋରାସେତୁ ନିକଟସ୍ଥ ହାଣ୍ଡିଖାଲ ଜଙ୍ଗଲରେ ତଲାସି ଅଭିଯାନ ଆରମ୍ଭ କରିଥିଲେ। ଜଙ୍ଗଲରେ ଏକ ଡ୍ରମ୍ ଭିତରେ ରଖି ପୋତାଯାଇଥିବା ୫ କିଲୋ ଓଜନର ଲ୍ୟାଣ୍ଡମାଇନ ସମେତ ଉପରୋକ୍ତ ସାମଗ୍ରୀ ଜବତ କରିଥିଲେ। ଏକ ବଡଧରଣର ଅଘଟଣ ଘଟାଇବାକୁ ମାଓବାଦୀମାନେ ଏହି ଲ୍ୟାଣ୍ଡମାଇନ୍ ଜଙ୍ଗଲରେ ଲୁଚାଇ ରଖିଥିବା ଅନୁମାନ କରାଯାଉଛି। ରବିବାର ଏହି ଅଫୁଟା ଲ୍ୟାଣ୍ଡମାଇନକୁ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ନିଷ୍କ୍ରିୟ କରିଥିବା ଜଣାପଡ଼ିଛି।





ଜବତ ଡ୍ରମ୍ ଏବଂ ମାଓବାଦୀଙ୍କ ବ୍ୟବହୃତ ସାମଗ୍ରୀ।

## ଦନ୍ତାହାତୀ ମୃତ୍ୟୁ ଘଟଣା | ଫରେଷ୍ଟର, ଫରେଷ୍ଟଗାର୍ଡ ନିଲମ୍ବିତ

କପ୍ତିପଦା, ୧୦।୧(ଡି.ଏନ.ଏ)

ମୟୂରଭଞ୍ଜ ଜିଲା କପ୍ତିପଦା ରେଞ୍ଜ କଳମଗଡ଼ିଆ ପଞ୍ଚାୟତ ଶାରୀଶୁଆ ବିଟ୍ ରାମକୁଣ୍ଡା ଜଙ୍ଗଲରେ ଦନ୍ତା ହାତୀ ମୃତ୍ୟୁ ଘଟଣାରେ ମୟୂରଭଞ୍ଜ ଡ଼ିଏଫ୍‌ଓ ସନ୍ତୋଷ ଯୋଶୀ ରବିବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କାର୍ଯ୍ୟରେ ଅବହେଳା ପାଇଁ ଶାରୀଶୁଆ ଫରେଷ୍ଟର ଚିନ୍ତାମଣି ମହାପାତ୍ର ଏବଂ ବନରକ୍ଷୀ ପ୍ରମିଳା ସେଣଙ୍କୁ ବିଭାଗୀୟ ଚିଠି ନଂ. ୪/୨୧ ଏବଂ ୫/୨୧ରେ ନିଲମ୍ବନ କରାଯାଇଛି। ଗତ ୭ତାରିଖରେ ଏହି ମୃତ ଦନ୍ତାହାତୀକୁ ଠାବ କରାଯାଇଥିଲା।

# ଗୁଳି କରିଥିବା ମାନିଲେ ଶିକାରୀ

କାଳିଆପାଣି, ୧୦।୧(ଡି.ଏନ.ଏ.)





ଗିରଫ ଅଭିଯୁକ୍ତ ଓ ଜବତ ବନ୍ଧୁକ।

- ଗୁଳିମାଡ଼ରେ ବାର୍‌ହା ବଦଳରେ ଟଳି ପଡ଼ିଥିଲା ମଣିଷ
- ବନ୍ଧୁକ ଜବତ, ଅନ୍ୟ ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

ଯାଜପୁର ଜିଲା କାଳିଆପାଣି ଥାନା ଅଧୀନ ନଗଡ଼ା–ଖୁଣ୍ଟାପଶି ଗ୍ରାମ ଜଙ୍ଗଲ ନିକଟରେ ହୋଇଥିବା ଗୁଳିମାଡ଼ ଘଟଣାରେ ଶିକାରୀ ଜୟରାମ ଗୁନ୍ଦୁଆ(୩୫)ଙ୍କୁ ପୋଲିସ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ଏଥିସହିତ ଏକ ବନ୍ଧୁକ ଜବତ କରିଛି। ଘଟଣାରେ ଅନ୍ୟ ଅଭିଯୁକ୍ତ ସମ୍ପୃକ୍ତ ଥିବାରୁ ସେମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଜୟରାମ ବାର୍‌ହା ଭାବି ଗୁଳିମାଡ଼ କରିଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଥିବା ଥାନା ଅଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

ଥାନା ଅଧିକାରୀଙ୍କ କହିବା ଅନୁସାରେ, ଢେଙ୍କାନାଳ ଜିଲା ଭୁବନ ଥାନା କୁନ୍ଦିଆ ଗ୍ରାମର ଗୋବିନ୍ଦ ବେହେରା, ଚହଲି ସେଠୀ ଓ ଚଗଲି ଦାସ ନଗଡ଼ା ଅଞ୍ଚଳକୁ କାଠ ପାଇଁ ଆସିଥିଲେ। ସେମାନେ କାଠ ନେଇ ଫେରୁଥିବାବେଳେ ଗୁଳିକାଣ୍ଡ ଘଟିଥିଲା। ଏଥିରେ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିଲା। ଗୋବିନ୍ଦଙ୍କ ପୁଅଙ୍କ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତବେଳେ ସନ୍ଦେହଘେରକୁ ଆସୁଥିବା ଲୋକଙ୍କୁ ପଚାରା ଉଚରା କରାଯାଇଥିଲା। ହୁଡ଼ିସାହି ପାଟଣା ଗ୍ରାମର ଶିକାରୀ ଜୟରାମଙ୍କ ଉପରେ ସନ୍ଦେହ ବଢ଼ିବାରୁ ତାଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଇଥିଲା। ତେବେ ସେ ହିଁ ଏହି ଗୁଳିକାଣ୍ଡ ଘଟାଇଥିବା ସ୍ୱୀକାର କରିଥିଲେ। ଏହାପରେ ପୋଲିସ ଘଟଣାସ୍ଥଳକୁ ଯାଇ ଗୋବିନ୍ଦ ଓ ତାଙ୍କ ସହଯୋଗୀ ନେଉଥିବା ସିଲପଟ ବନ୍ଧା ସାଇକେଲ ଜବତ କରିଥିଲା। ଜୟରାମ ଘରଠାରୁ ୫ କି.ମି. ଜଙ୍ଗଲ ଭିତରେ ଏକ ବଡ଼ପଥର ଖୋଲରେ ବନ୍ଧୁକ ଲୁଚାଇ ରଖିଥିବା କହିଥିଲେ। ପୋଲିସ ପହଞ୍ଚି ସେଠାରୁ ବନ୍ଧୁକ ଜବତ କରିଥିଲା।

### କିପରି ହେଲା ଗୁଳିମାଡ଼

ଜୟରାମ ଓ ତାଙ୍କ ସହଯୋଗୀ ସେ ଅଞ୍ଚଳରେ ପ୍ରତିଦିନ ଜଙ୍ଗଲୀ ଯନ୍ତୁ ଶିକାର କରୁଥିଲେ। ଘଟଣା ଦିନ ଜୟରାମ ଓ ତାଙ୍କର କେତେଜଣ ସହଯୋଗୀ ପାଟଣାଠାରୁ ୫ କିମି ଭିତର ଜଙ୍ଗଲକୁ ବାର୍‌ହା ଶିକାର କରିବାକୁ ଯାଇଥିଲେ। ରାତି ୧୧ଟା୩୦ରେ ସେ ରାସ୍ତାଦେଇ କେହି ଆସୁଥିବା ଶବ୍ଦଶୁଣି ୨୦ରୁ ୩୦ ମିଟର ଦୂରରୁ ଜୟରାମ ଗୁଳିମାଡ଼ କରିଥିଲେ। ଫଳରେ ଗୁଳି ଆସି ଗୋବିନ୍ଦଙ୍କ ଦେହରେ ବାଜିଥିଲା। ତେବେ ମଣିଷର ଚିତ୍କାର ଶୁଣି ଜୟରାମ ଓ ତାଙ୍କ ସହଯୋଗୀ ବନ୍ଧୁକକୁ ଲୁଚାଇ ଫେରାର ହୋଇଯାଇଥିଲେ।

# ‘ରାଜ୍ୟ ଅର୍ଥନୀତିର ଦାୟିତ୍ୱ ମୁଣ୍ଡାଇଛି ଅନୁଗୋଳ’

ଅନୁଗୋଳ ଅଫିସ, ୧୦।୧



ଯୁବମୋର୍ଚ୍ଚାର କର୍ମକର୍ତ୍ତାମାନେ ଧର୍ମେନ୍ଦ୍ରଙ୍କୁ ଫୁଲ ମାଳ ଦେଇ ସ୍ୱାଗତ କରୁଛନ୍ତି।

- କେନ୍ଦ୍ରୀୟ ଯୋଜନା ଗାଁରେ ପହଞ୍ଚାଇବାକୁ ଆହ୍ୱାନ

ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲା ରାଜ୍ୟ ଅର୍ଥନୀତିର ଦାୟିତ୍ୱ ମୁଣ୍ଡାଇଛି। ଏହାକୁ ଦେଶର ଶ୍ରେଷ୍ଠ ତଥା ଏକ ନମ୍ବର ଜିଲାରେ ପରିଣତ କରିବାକୁ ଗୁଣ୍ଡୁଚିମୂଷା ହୋଇ କାର୍ଯ୍ୟ କରିବେ ବୋଲି କହିଛନ୍ତି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରବିବାର ଦିନିକିଆ ଜିଲା ଗସ୍ତ ଅବସରରେ ରାଣୀଗୁଡ଼ାସ୍ଥିତ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ଯୋଗଦେଇ ସେ ଏହା କହିଛନ୍ତି।

ତାଳଚେର ସାର କାରଖାନା ଖୁବ୍ ଶୀଘ୍ର କାର୍ଯ୍ୟକାରୀ ହେବ। ଏମ୍‌ସିଏଲ୍ ପକ୍ଷରୁ ୫୦୦ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚରେ ନିର୍ମିତ ହୋଇଥିବା ତାଳଚେର ମେଡିକାଲ କଲେଜର ଗଭର୍ନାନ୍ସ ମଡେଲ କ’ଣ ରହିବ, ସେ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହିତ ବିଚାରବିମର୍ଶ ଚାଲିଛି। ବଣ୍ଡାଁରପାଳରେ ଏଲ୍. ଭି. ପ୍ରସାଦ ଚକ୍ଷୁ ଚିକିତ୍ସାକେନ୍ଦ୍ର ଖୁବ୍‌ଶୀଘ୍ର ଏହା ଲୋକଙ୍କୁ ସେବା ଯୋଗାଇବ। ଛେଣ୍ଡିପଦା କୋଇଲା ଖଣି କାର୍ଯ୍ୟକ୍ଷମ ହେଲେ ଅନୁଗୋଳ ଜିଲାରୁ କୋଇଲା ଉତ୍ପାଦନ ପରିମାଣ ୨୦୦ ମେଟ୍ରିକ୍ ଟନ୍ ଛୁଇଁବ। ଖଣି ଖାଦାନ ଅଞ୍ଚଳରେ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯିବ। ଏଥିଲାଗି ନବୀନ ଜିନ୍ଦଲଙ୍କ ସହ ଆଲୋଚନା ହୋଇଛି। ନାଲ୍‌କୋର ଆଲୁମିନିୟମ ଉତ୍ପାଦନ ୪ ଲକ୍ଷ ୬୦ ହଜାର ଟନ୍‌ରୁ ୧ ମିଲିୟନ୍ ଟନ୍‌କୁ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଶିଳ୍ପ କରିଡର ଭାବେ ପରିଚିତ ବଣ୍ଡାଁରପାଳ ଏବଂ ତାଳଚେରକୁ ବାଦ୍ ଦେଲେ ଅନ୍ୟ ବ୍ଲକବାସୀ ଚାଷ ଉପରେ ନିର୍ଭରଶୀଳ। ମୋଦି ସରକାର କୋଇଲା ରୟାଲଟି ବଢ଼ାଇବା ସହ କୋଇଲା ଖଣି ନିଲାମ ଏବଂ ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ବ୍ୟବସ୍ଥା କରିଛନ୍ତି। ହିତାଧିକାରୀଙ୍କ ନିକଟରେ କେନ୍ଦ୍ରୀୟ ଯୋଜନା ପହଞ୍ଚୁଛି ନା ନାହିଁ ତାହା ପରଖିବା ଆବଶ୍ୟକ। ଜିଲାରେ ବିଏଡ୍ ପାଠ୍ୟକ୍ରମ ବନ୍ଦ ହେବା ପରିତାପର ବିଷୟ। ରାଜ୍ୟ ସରକାରଙ୍କ ସହ ଏ ବିଷୟରେ ଆଲୋଚନା କରାଯିବ। ନୟାଗଡ଼ର ପରୀ ହତ୍ୟାକାଣ୍ଡ, ମାହାଙ୍ଗା ଡବଲ ମର୍ଡର ଘଟଣାରୁ ରାଜ୍ୟର ଆଇନଶୃଙ୍ଖଳା ପଦାରେ ପଡ଼ିଛି। ଏଭଳି କାଣ୍ଡ ଦୁର୍ଭାଗ୍ୟଜନକ ବୋଲି ସେ କହିଛନ୍ତି। ଏହି ଅବସରରେ ଗାନ୍ଧୀଙ୍କ ଓଡ଼ିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ ଏବଂ ପରିବହନକୁ ନେଇ ଲାଗି ରହିଥିବା ସମସ୍ୟା ସମାଧାନ ସମ୍ପର୍କରେ ୨ ଟ୍ରକ୍ ମାଲିକ ସଂଘ ସହ ଧର୍ମେନ୍ଦ୍ର ଆଲୋଚନା କରିଥିଲେ।

କେନ୍ଦ୍ରମନ୍ତ୍ରୀ ପ୍ରଥମେ ପୈତୃକ ଗ୍ରାମ ନାଲମ ଗସ୍ତ କରି ଇଷ୍ଟଦେବତା ଲକ୍ଷ୍ମୀନୃସିଂହନାଥଙ୍କୁ ଦର୍ଶନ କରିଥିଲେ। ତାଳଚେରର ଅଧିଷ୍ଠାତ୍ରୀ ଦେବୀ ହିଙ୍ଗୁଳାଙ୍କ ଦର୍ଶନ ସାରି ଅନୁଗୋଳ ସର୍କିଟ ହାଉସରେ ପହଞ୍ଚିଥିଲେ। ଦଳ ପକ୍ଷରୁ ଏକ ବାଇକ୍ ରାଲିରେ ତାଙ୍କୁ ପାର୍ଟି କାର୍ଯ୍ୟାଳୟକୁ ପାଛୋଟି ନିଆଯାଇଥିଲା। ସେଠାରେ ଆୟୋଜିତ ମିଶ୍ରଣ ପର୍ବରେ ବହୁ ବିଜେଡି ଏବଂ କଂଗ୍ରେସ କର୍ମୀ ଭାଜପାରେ ଯୋଗଦେଇଥିଲେ। ଅନୁଗୋଳ ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ, ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ପ୍ରତାପ ଚନ୍ଦ୍ର ପ୍ରଧାନ, ଅଗସ୍ତି ବେହେରା, କାଳିନ୍ଦୀ ସାମଲ, ଅଶୋକ ମହାନ୍ତି, ରବିନାରାୟଣ ପାଣି ପ୍ରମୁଖ ବହୁ ଛାମୁଆ ନେତା ଉପସ୍ଥିତ ଥିଲେ। ଗସ୍ତ ଅବସରରେ କେନ୍ଦ୍ରମନ୍ତ୍ରୀଙ୍କୁ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା।

**ଆଜିର ମନ୍ତବ୍ୟ**

ଇସ୍ପାତ ଓ ସିମେଣ୍ଟ ଶିଳ୍ପର ବଡ଼ କମ୍ପାନୀଗୁଡ଼ିକ ବ୍ୟବସାୟିକ ଗୋଷ୍ଠୀ ଭଳି କାମ କରୁଛନ୍ତି। ଏହି କ୍ଷେତ୍ର ପାଇଁ ଏକ ନିୟନ୍ତ୍ରକ ବ୍ୟବସ୍ଥା ରହିବା ଦରକାର।
–ନୀତିନ ଗଡ଼କରୀ, କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସାରିକା
ପରିବାରବର୍ଗ


ତାପଶ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ବର୍ଷେ ପରେ ବି ...

ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ଗଠିତ ତଦନ୍ତକାରୀ ଟିମ୍‌କୁ ଉହାନ ଭିତରକୁ ଯାଞ୍ଚ ପାଇଁ ପ୍ରବେଶ କରାଇ ଦେଇନାହିଁ। ଏପରି କି କରୋନା ଭାଇରସ୍‌ର ଉତ୍ପତ୍ତିସ୍ଥଳ ଚାଇନା ବୋଲି ବିଶ୍ୱକୁ ଅବଗତ କରାଇଥିବା ହ୍ୱିଶିଲବ୍ଲୋୟର ଓ ରିପୋର୍ଟରମାନଙ୍କୁ ଜେଲରେ ପୂରାଇ ସେମାନଙ୍କ ମୁହଁ ବନ୍ଦ କରିଦିଆଯାଇଛି। ଏସବୁ ଘଟଣା ବେଜିଂର ଭୂମିକାକୁ ସନ୍ଦେହ ଘେରକୁ ଟାଣି ନେଇଛି।

### ଆଜିଠୁ ଖୋଲିବ ...

ସାଧାରଣତନ୍ତ୍ର ଦିବସ, ସରସ୍ୱତୀ ପୂଜା ଓ ଓଡ଼ିଶା ଦିବସରେ କ୍ଲାସ୍ ହେବ ନାହିଁ। ସୂଚନାଯୋଗ୍ୟ, କରୋନା ଯୋଗୁ ଗତ ମାର୍ଚ୍ଚରୁ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ଗତ ୮ତାରିଖରୁ ସ୍କୁଲ ଖୋଲିଯାଇଥିବାବେଳେ ସୋମବାରଠାରୁ ରାଜ୍ୟର ସମସ୍ତ ଉଚ୍ଚଶିକ୍ଷାନୁଷ୍ଠାନ ଖୋଲୁଛି।

### ୨୧ରୁ ଲୋଡ଼ାନାହିଁ ...


ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ଏବଂ ଅନ୍ୟମାନେ।

କନଓର ବିଶାଲ ସିଂ କହିଛନ୍ତି ଯେ, ଟ୍ରାଫିକ୍ ବ୍ୟବସ୍ଥା ନେଇ ଜିଲା ପ୍ରଶାସନ ପ୍ରସ୍ତୁତ ଅଛି। ଜଗନ୍ନାଥ ବଲ୍ଲଭ, ଶରଧାବାଲି, ଲୋକନାଥ ରୋଡ୍, ବାରବାଟୀ, ଯାତ୍ରିକା, ମାଟିମଣ୍ଡପ ସାହିରେ ପାର୍କିଂ ବ୍ୟବସ୍ଥା ହୋଇଛି। କେବଳ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ଲୋକେ ସମ୍ପୃକ୍ତ ସ୍ଥାନରେ ଗାଡ଼ି ପାର୍କିଂ କରିପାରିବେ। ଉକ୍ତ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅଧ୍ୟକ୍ଷତା କରିଥିବାବେଳେ ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ ଭବତାରଣ ସାହୁ ଏବଂ ଏସ୍‌ପି କେ.ବି. ସିଂହଙ୍କ ସମେତ ବରିଷ୍ଠ ଅଧିକାରୀ ଓ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।


ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ପଦ୍ମଚରଣ ପାତ୍ର ଓ ତାଙ୍କ ସହଧର୍ମିଣୀ ସୁବର୍ଣ୍ଣ ସୂର୍ଯ୍ୟ-ଚନ୍ଦ୍ର ପ୍ରଦାନ କରୁଛନ୍ତି।

## ମହାପ୍ରଭୁଙ୍କୁ ସୂର୍ଯ୍ୟ-ଚନ୍ଦ୍ର ଦାନ କଲେ ପଦ୍ମଚରଣ

ପୁରୀ ଅଫିସ, ୧୦।୧:ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ରବିବାର ଭୁବନେଶ୍ୱର ନିବାସୀ ପଦ୍ମଚରଣ ପାତ୍ର ୩ ହଳ ସୁବର୍ଣ୍ଣ ସୂର୍ଯ୍ୟ-ଚନ୍ଦ୍ର ଦାନ କରିଛନ୍ତି। ପଦ୍ମଚରଣ ସସ୍ତ୍ରୀକ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କୁ ୩ ହଳ ସୁବର୍ଣ୍ଣ ସୂର୍ଯ୍ୟ-ଚନ୍ଦ୍ର ପ୍ରଦାନ କରିଥିଲେ। ଏହାକୁ ପ୍ରସ୍ତୁତ କରିବା ପାଇଁ ୩୧୯ ଗ୍ରାମ ସୁନା ଓ ୮୨୨ ଗ୍ରାମର ରୁପା ବ୍ୟବହୃତ ହୋଇଛି। ପରବର୍ତ୍ତୀ ସମୟରେ ଏହି ସୁବର୍ଣ୍ଣ ସୂର୍ଯ୍ୟ-ଚନ୍ଦ୍ର ତିନିଠାକୁରଙ୍କଠାରେ ଲାଗିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ଅନ୍ୟପକ୍ଷରେ ପଦ୍ମଚରଣ କହିଛନ୍ତି, ସେ ମହାପ୍ରଭୁଙ୍କର ଜଣେ ବଡ଼ ଭକ୍ତ। ମହାପ୍ରଭୁଙ୍କ କୃପାରୁ ତାଙ୍କ ପାଖକୁ ଧନ ଓ ଐଶ୍ୱର୍ଯ୍ୟ ଆସିପାରିଛି। ତିନିଠାକୁରଙ୍କ ସେବାରେ ତାଙ୍କ ସୁନା, ରୁପା ଲାଗିପାରିଲେ ଏହା ତାଙ୍କ ପାଇଁ ଗର୍ବର ବିଷୟ ହେବ।

### ୧୬୦ ସ୍ଥାନରେ ...

ବିଭାଗ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟସ୍ତରରେ କିପରି ପ୍ରସ୍ତୁତି ଚାଲିଛି ସେ ସଂକ୍ରାନ୍ତରେ ମଧ୍ୟ ଆଲୋଚନା ହୋଇଛି। ଟିକାକରଣ ଲାଗି ପର୍ଯ୍ୟାୟ କ୍ରମେ ଉପକରଣ ଆସୁଛି। ଏବେ ଯେତିକି ରହିଛି, ପ୍ରଥମ ପର୍ଯ୍ୟାୟ ଟିକାକରଣ ପାଇଁ ଅସୁବିଧା ନାହିଁ। ଯେଉଁଠି ଡ୍ରାଏ ରନ୍ କରାଯାଇଥିଲା ସେଠାରେ ପ୍ରସ୍ତୁତି ସରିଛି। ଆଉ କିଛି ସ୍ଥାନ ଚିହ୍ନଟ ଚାଲିଛି। ପ୍ରଥମେ ପ୍ରତି ସ୍ଥାନରେ ୧୦୦ ଜଣ ଲେଖାଏ ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବ। ତେବେ ରାଜ୍ୟରେ କେବେ ଟିକାକରଣ ଆରମ୍ଭ ହେବ, ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନି। କିନ୍ତୁ ଖୁବ୍ ନିକଟରେ ଟିକାକରଣ ହେବ ବୋଲି ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ସ୍ୱାସ୍ଥ୍ୟ ବିଭାଗର ସୂଚନାନୁସାରେ, ମୟୂରଭଞ୍ଜରେ ସର୍ବାଧିକ ୧୦ଟି ସେସନ୍ ସାଇଟ୍ ଚିହ୍ନଟ ହୋଇଥିବାବେଳେ କଟକ, ଗଞ୍ଜାମ ଓ ପୁରୀରେ ୮ ଲେଖାଏ, କଳାହାଣ୍ଡି ଓ ରାୟଗଡ଼ାରେ ୭ ଲେଖାଏ, କେନ୍ଦ୍ରାପଡ଼ା, କେନ୍ଦୁଝର ଓ ସୁନ୍ଦରଗଡ଼ରେ ୬ ଲେଖାଏ, ବାଲେଶ୍ୱର, ଯାଜପୁର, କନ୍ଧମାଳ, ଖୋର୍ଦ୍ଧା, କୋରାପୁଟ ଓ ସମ୍ବଲପୁରରେ ୫ଟି ଲେଖାଏ, ବରଗଡ଼, ଢେଙ୍କାନାଳ, ଗଜପତି, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ନବରଙ୍ଗପୁର ଓ ନୟାଗଡ଼ରେ ୪ ଲେଖାଏ, ବଲାଙ୍ଗୀର, ଭଦ୍ରକ, ବୌଦ୍ଧ, ମାଲକାନଗିରି ଓ ନୂଆପଡ଼ାରେ ୩ ଲେଖାଏ, ଅନୁଗୋଳ, ଦେବଗଡ଼ ଓ ସୋନପୁରରେ ୨ଟି ଲେଖାଏ ଟିକାକରଣ ସ୍ଥାନ ନିର୍ଦ୍ଧାରଣ କରାଯାଇଛି। ସେହିଭଳି ଭୁବନେଶ୍ୱର ମହାନଗର ନିଗମରେ ୫ଟି, ବ୍ରହ୍ମପୁର ଓ କଟକ ମହାନଗର ନିଗମରେ ୩ଟି ଲେଖାଏ ଏବଂ ରାଉରକେଲା ଓ ସମ୍ବଲପୁର ମହାନଗର ନିଗମରେ ୨ଟି ଲେଖାଏ ସ୍ଥାନ ଚିହ୍ନଟ ହୋଇଛି।

ସୂଚନାଯୋଗ୍ୟ, ଦେଶରେ ଆସନ୍ତା ୧୬ ତାରିଖରୁ ଟିକାକରଣ ଆରମ୍ଭ ହେବ ବୋଲି କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏହି ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ଦେଶର ୩ କୋଟି ଲୋକଙ୍କୁ ଟିକା ଦେବାକୁ ଲକ୍ଷ୍ୟ ରଖାଯାଇଛି। ପ୍ରଥମେ ସ୍ୱାସ୍ଥ୍ୟକର୍ମୀ ଓ ସମ୍ମୁଖ କର୍ମୀଙ୍କୁ ଦିଆଯିବ। ପରେ ୫୦ ବର୍ଷରୁ ଅଧିକ ବୟସ୍କ ଓ ବିଭିନ୍ନ ରୋଗରେ ଆକ୍ରାନ୍ତ ପ୍ରାୟ ୨୭ କୋଟି ଲୋକଙ୍କୁ ଟିକା ଦିଆଯିବ। ଏପଟେ ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୨୮ ହଜାର ସ୍ୱାସ୍ଥ୍ୟକର୍ମୀଙ୍କୁ ଟିକା ଦିଆଯିବ। ସମସ୍ତଙ୍କର ଡାଟାବେସ୍ ପ୍ରସ୍ତୁତ ହୋଇଯାଇଛି। ଏହାପରେ ପୋଲିସ, ପୌର କର୍ମଚାରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର କର୍ମକର୍ତ୍ତାଙ୍କୁ ଟିକାକରଣ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁଣ୍ଡ ମୁକୁଳା ବେକରେ ଫୁଲ,**
**ଚାଲି ଯାଉଥାଏ ଦୁଲ୍ ଦୁଲ୍।**

ଉତ୍ସାହ ଜନକ ପରିବେଶରେ ବ୍ୟକ୍ତି ଉଦବୁଦ୍ଧ ହେବା ସ୍ୱାଭାବିକ। ପରନ୍ତୁ ଅନେକ କ୍ଷେତ୍ରରେ କିଛି ବ୍ୟକ୍ତି ଅନ୍ୟ ଆଗରେ ଦେଖେଇ ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ତୁଚ୍ଛାଟାରେ ଅନ୍ୟ ଆଗରେ ଛଇଛଟକି ଦେଖେଇ ହେଉଥିବା ମହିଳା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମୁକୁତିଆର,**
**ଯାହାର ଖାଇଲି ମୁହିଁ ତାହାର।**

ନ୍ୟାୟ ନିଶାପ ବେଳେ ସାକ୍ଷୀଙ୍କ ଆବଶ୍ୟକତା ଦେଖାଦିଏ। ଯାହା ପକ୍ଷରେ ଯେତେ ଅଧିକ ସାକ୍ଷୀ ଓ ପ୍ରମାଣ ରହିଥାଏ ତାହା ସପକ୍ଷରେ ନ୍ୟାୟ ମିଳିବାର ସେତେ ସମ୍ଭାବନା ବଢିଯାଇଥାଏ। କିଛି ବ୍ୟକ୍ତିଙ୍କ ନିଜତ୍ୱ ବୋଲି କିଛି ନଥାଏ। ଯାହାଠାରୁ କିଛି ଅଧିକ ମିଳିବାର ସମ୍ଭାବନା ରହିଥାଏ, ସେମାନେ ତାରି ପକ୍ଷ ନେବାରେ କୁଣ୍ଠିତ ହେଉ ନଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ**
**– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

### ଭୁଶୁଡ଼ିଲା ନିର୍ମାଣାଧୀନ...

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମହେନ୍ଦ୍ରଙ୍କ ମୃତ୍ୟୁ ହୋଇଛି। ନିମ୍ନମାନର କାମ ଚାଲିବା ସହ ଶ୍ରମିକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଇ ନ ଥିଲା ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ଉନ୍ନୟନ କମିଶନର ପ୍ରଦୀପ ଜେନା ଆପରାଧିକ ମାମଲା ରୁଜୁ କରି ଠିକାଦାର ଆଶିଷ ବିଶ୍ୱାଳ, ଏସ୍‌ଡିଓ ଓ କନିଷ୍ଠ ଯନ୍ତ୍ରୀଙ୍କୁ ଗିରଫ କରିବା ପାଇଁ ନବରଙ୍ଗପୁର ଜିଲାପାଳ ଅଜିତ୍ କୁମାର ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଇଞ୍ଜିନିୟର ଇନ୍ ଚିଫ୍(ଇଆଇସି)ଙ୍କୁ ମଧ୍ୟ ଘଟଣାସ୍ଥଳ ପରିଦର୍ଶନରେ ଯିବାକୁ କୁହାଯାଇଛି। ନିର୍ବାହୀ ଯନ୍ତ୍ରୀଙ୍କ ଭୂମିକାକୁ ତର୍ଜମା କରି ତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ଇଆଇସି ସୋମବାର ଘଟଣାର ତଦନ୍ତ କରିବେ ବୋଲି ଜେନା ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ତାଲାପଦରଠାରୁ ଜାନିଗୁଡ଼ାକୁ ସଂଯୋଗ ପାଇଁ ୨ କୋଟି ୪୧ ଲକ୍ଷ ୫ଶହ ଟଙ୍କା ବ୍ୟୟ ଅଟକଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ନିର୍ମାଣ ଚାଲିଥିବା ଏହି ବିଜୁ ସେତୁର କାର୍ଯ୍ୟାଦେଶ ପୁରୀର ଠିକାଦାର ଆଶିଷ ବିଶ୍ୱାଳ ପାଇଥିଲେ। ୨୦୧୮ ଏପ୍ରିଲ ୪ରୁ ଏହି କାମ ଆରମ୍ଭ ହୋଇ ୨୦୧୯ ମାର୍ଚ୍ଚ ୧୧ରେ ଶେଷ ହେବାର ଥିଲା। କିନ୍ତୁ କାମ ସରିପାରି ନ ଥିଲା। ୩ ଦିନ ତଳେ ଜିଲାପାଳ ସେଠାକୁ ଯାଇ କାମ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବ୍ରିଜ୍ କାମ ଜୋରଦାର ଚାଲିଥିଲା। ସେତୁର ୬ଟି ସ୍ଲାବ ପାଇଁ ବ୍ୟବସ୍ଥା ହୋଇଛି। ୩ଟି ସ୍ଲାବ ଶେଷ ହୋଇଥିବାବେଳେ ୪ର୍ଥ ନମ୍ବର ସ୍ଲାବ ରବିବାର ପଡ଼ିଥିଲା। ଏଥିରେ ୩୦ ଜଣ ମହିଳା ଶ୍ରମିକଙ୍କ ସମେତ ପୁରୀ ଜିଲାର ୧୪ ଜଣ ଠିକା ଶ୍ରମିକ ନିୟୋଜିତ ହୋଇଥିଲେ। ମହିଳାମାନେ କାମ ସାରି ଘରକୁ ଫେରି ଯାଇଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ସାହୁ କାମ ତଦାରଖ ପାଇଁ ମହେନ୍ଦ୍ରଙ୍କ ସହ ସେଠାରେ ପହଞ୍ଚିଥିଲେ। ଅପରାହ୍ନ ପ୍ରାୟ ୫ଟାବେଳେ ମହେନ୍ଦ୍ରଙ୍କ ସମେତ ୩ ଶ୍ରମିକ ବ୍ରିଜ୍ ଉପରକୁ ଯାଇ ସ୍ଲାବ କାମ ଦେଖୁଥିବାବେଳେ ହଠାତ୍ ତାହା ଭୁଶୁଡ଼ି ପଡ଼ିଥିଲା। ଫଳରେ ସେମାନେ ତଳେ ପଡ଼ି ଗୁରୁତର ଆହତ ହୋଇଥିଲେ। ଏହାପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଖବରପାଇ ନବରଙ୍ଗପୁର ଜିଲାପାଳ ଅଜିତ୍ କୁମାର ମିଶ୍ର, ଏସ୍‌ପି ପ୍ରହଲ୍ଲାଦ ସାହାଇ ମୀନା, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ତଦାରଖ କରିଥିଲେ। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଥିବାବେଳେ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କ ଅବହେଳା ଲାଗି ଏହି ଘଟଣା ଘଟିଥିବା ପୂର୍ବତନ ଏମ୍‌ପି ବଳଭଦ୍ର ମାଝି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ମଙ୍ଗଳଙ୍କ ରାଶ୍ୟାବସ୍ଥାନ ଯୋଗୁ ଶାରୀରିକ ସୁସ୍ଥତା ଅକ୍ଷୁଣ୍ଣ ରହିଲେ ମଧ୍ୟ କେତୁ ଯୁକ୍ତ ଚନ୍ଦ୍ର ମାନସିକ ଅଶାନ୍ତିର କାରଣ ହେବ। ଶନି ପ୍ରଭାବରୁ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଅଭାବବୋଧ ଦୂରୀକରଣ ସକାଶେ ଧାରକରଜ କରି କାମ ଚଳାଇ ନେବାକୁ ଚେଷ୍ଟା କରିପାରନ୍ତି। ପରିବାରରେ ମତାନ୍ତର ଘଟିବାର ସୂଚନା ରହିଛି।

**ବୃଷ**
ଦୁଃସ୍ଥାନସ୍ଥ ରବି ଓ ଶୁକ୍ର ପାରିବାରିକ ସମ୍ପର୍କକୁ କ୍ଷୁଣ୍ଣ କରିବ। ଆଜି ଯେଉଁ କାମକୁ ଆରମ୍ଭ କରିବେ ତାହା ଅବଶ୍ୟ ପୂର୍ଣ୍ଣାଙ୍ଗ ହୋଇଯିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସମସ୍ୟା ଭିତରେ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ।

**ମିଥୁନ**
ଅଷ୍ଟମସ୍ଥ ବୁଧ ହେତୁ ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ମଧ୍ୟରେ ଚଳିବେ। ପାରିବାରିକ ସମସ୍ୟା ଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ବ୍ୟବସାୟରେ ସମସ୍ୟା ବଢ଼ି ବଡ଼ ଆକାର ଧାରଣ କରିବ। ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ଗୃହସଜ୍ଜା, ନିର୍ମାଣ, ଦୋକାନ, ଆଇନ ଅଦାଲତ ଓ ପ୍ରଶାସନ ଏବଂ ପ୍ରକାଶନ କ୍ଷେତ୍ରରୁ ସୁଫଳ ପାଇବେ।

**କର୍କଟ**
ନୀଚରାଶିସ୍ଥ ଚନ୍ଦ୍ର ଅସୁସ୍ଥତା ସଙ୍ଗକୁ ସମ୍ପର୍କହାନି କରିବ। ଆକସ୍ମିକ ଉପୁଜିଥିବା ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ଅନୁରୋଧ କରିବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ସମ୍ପର୍କୀୟଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ସିଂହ**
ଧନାଧିପ ଶୁକ୍ରଯୁକ୍ତ ହେତୁ ଆର୍ଥିକ ସମସ୍ୟା ସୁଧୁରି ଯିବାରେ ପଡ଼ୋଶୀ ସହାୟତା କରିବେ। କର୍ମକ୍ଷେତ୍ରରେ ସହକର୍ମୀ ଆପଣଙ୍କ ଅସୁବିଧାକୁ ବୁଝି ସାହାଯ୍ୟ ପ୍ରତିଶ୍ରୁତି ଦେବେ। ମଘା ନକ୍ଷତ୍ର ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା**
ଆଜି ମଙ୍ଗଳଙ୍କ କୁପ୍ରଭାବରେ ସାଧାରଣ କଥାକୁ ନେଇ ସହକର୍ମୀଙ୍କ ସହ କଳହ ହୋଇପାରେ। ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କରିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ସଭା ସମିତିରେ ସମସ୍ୟା ସମାଧାନ ହେବ। ନିଜ ମନ ପସନ୍ଦର ଜିନିଷଟି କିଣିବାରେ ସମର୍ଥ ହେବେ।

**ତୁଳା**
ପରିବାରରେ ସୁଖଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି। ନିର୍ମାଣ, ଶିଳ୍ପ, ବ୍ୟବସାୟ ଓ ପରିବହନରେ ସଫଳତା ଅବଶ୍ୟ ମିଳିବ। ବିଶାଖା ନକ୍ଷତ୍ର କେତେକ କ୍ଷେତ୍ରରେ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତାନ୍ତର ଦେଖାଦେବ।

**ବିଛା**
ଚନ୍ଦ୍ରଙ୍କ ଦୁର୍ବଳତା ହେତୁ ଆପଣଙ୍କ କୌଣସି ଉଦ୍ୟମ ସଫଳ ହେବା କଷ୍ଟକର। ଚତୁର୍ଥସ୍ଥ ଶନିଙ୍କ ପ୍ରଭାବରୁ ଅଧିକାଂଶ ସମୟରେ ଡିପ୍ରେସନ ଲାଗି ରହିବ। ଉତ୍ସାହ ନ ଥାଇ ପରିସ୍ଥିତିବଶତଃ ଯନ୍ତ୍ରବତ୍ କାମ କରିବେ। ଅବଶ୍ୟ ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ରାଜନୀତି ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**ଧନୁ**
ନୀଚସ୍ଥ ବୃହସ୍ପତି ହେତୁ ପ୍ରତ୍ୟେକ କାମ ସମ୍ପନ୍ନରେ ସଫଳ ହେବେ। ପରିବହନ, ଆଲୋଚନା ପରିସରରେ, ସଭାସମିତିରେ, ତର୍କ ଓ ବିବାଦରେ ସ୍ଥଗିତ କାମକୁ ପୂରା କରିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ବକେୟା ଅର୍ଥ ଆଦାୟରେ ଜଣେ ବନ୍ଧୁ ସାହାଯ୍ୟ କରିବାକୁ ଆଗେଇ ଆସିପାରନ୍ତି।

**ମକର**
ଅନୁକୂଳ ଗ୍ରହପ୍ରଭାବରୁ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିପାରନ୍ତି। ସ୍ୱଗୃହୀ ମଙ୍ଗଳଙ୍କ ଯୋଗୁଁ ପାରିବାରିକ ଚାପ କ୍ରମଶଃ କମି କମି ଆସିବ। ମାଲିମକଦ୍ଦମା, କ୍ରୀଡ଼ା, ପ୍ରେସ୍ ଓ ପବ୍ଲିକେଶନ ତଥା ଆର୍ଥିକ ଦିଗରୁ ସମସ୍ୟା ସମାଧାନ ହୋଇଯିବ। ଦୀର୍ଘଦିନର ସୁସମ୍ପର୍କ ବ୍ୟାହତ ହେବାରୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ।

**କୁମ୍ଭ**
ରବିଙ୍କ ନକ୍ଷତ୍ରସ୍ଥ ଶନି ହେତୁ ପ୍ରତ୍ୟେକ କାର୍ଯ୍ୟ ସଂଘର୍ଷପୂର୍ଣ୍ଣ ରହିବ। ମାନସିକ ଚାପ ବୃଦ୍ଧି କାରଣରୁ ଅଫିସରେ କାମ କରିବା କଷ୍ଟକର ହୋଇପଡିବ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇ ଅସୁବିଧାରେ ପଡ଼ିବେ। ଶତଭିଷାର ପରିବାରରେ ପାରସ୍ପରିକ ବୁଝାମଣା ଠିକ୍ ରହିବା ହେତୁ ଆଶ୍ୱସ୍ତି ମିଳିବ।

**ମୀନ**
ଏକାଦଶସ୍ଥ ଏକାଧିକଗ୍ରହ ଆପଣଙ୍କ କାର୍ଯ୍ୟସାଧନରେ ସହାୟକ ହେବେ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମ ସମ୍ପନ୍ନରେ ବିଶେଷ ଅସୁବିଧା ହେବ ନାହିଁ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ମିଳିବ ଓ ବନ୍ଧୁ ମିଳନରୁ ଖୁସି ହେବେ। ବ୍ୟବସାୟ, ନିର୍ମାଣ, ଦୂରଯାତ୍ରା, ସଭାସମିତି ପ୍ରଭୃତିରୁ ଆଶାନୁରୂପ ଫଳ ପାଇବେ।

ଆଜି ପୌଷ କୃଷ୍ଣ ଚତୁର୍ଦ୍ଦଶୀ ସୋମବାର, ଜାନୁୟାରୀ ୧୧ ତାରିଖ, ସ୍ୱାଧୀନ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ତିରୋଧାନ ଦିବସ। ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ। ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢା ପରିକ୍ରମା। ରାଶି ନକ୍ଷତ୍ର-ଦିବା ଘ.୦୯.୦୯ମି. ପରେ ମୂଳା/ଧନୁ, ମିଥୁନ ରାଶିର ଘାତବାର। ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଦ୍ଦଶୀର ପାର୍ବଣଶ୍ରାଦ୍ଧ। ଦିବା ଘ.୦୬.୨୭ମି. ଗତେ ଘ.୦୭.୫୪ମି. ମଧ୍ୟେ, ଘ.୦୯.୨୨ମି. ଗତେ ଘ.୧୧.୩୨ମି. ମଧ୍ୟେ ଅମୃତ ବେଳା। ସକାଳ ଘ. ୦୭.୪୯ମି. ଗତେ ଘ.୦୯.୧୧ମି. ମଧ୍ୟେ ରାହୁ କାଳ।


# classifieds Everyday

0674-2580101, 2549302

**real estate**

**SALE**

**2000Sqft. & 1500Sqft. Plots with fully developed @750/- per Sqft. is for SALE. Contact: 9937847725.** D-19523

Contact for House Construction (Simplex/ Duplex/ Apartment) with Interior Design from the experts. MPlanets-7008550473. D-19527

**Ready to move 2BHK Flat 1st floor @25Lakhs near MOUNT LITERA ZEE School, Kateni, Bhubaneswar. 9937162220.** D-19522

ଭୁବନେଶ୍ୱର ଖଣ୍ଡଗିରିରୁ **10K.M distance** ରେ ପିତାପଲ୍ଲୀ ଛକ **NH**କୁ ଲାଗି **boundary, patta, registry cost** ଏବଂ ମୋରମ୍ **filling** ସହ **sqft. 1100/-**ରେ ମିଳୁଛି। **9090963952.** D-70153

ଭୁବନେଶ୍ୱର ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ ତୁରନ୍ତ ଘର କଲାଭଳି ବାସଉପଯୋଗୀ ଜାଗା **30' road, electric** ସୁବିଧା ଥାଇ **@ 9,00,000** ମିଳୁଛି। **9777566675.** D-70149

**3BHK flat super built area 1375@ near Hanspal 45lakh. 9438299931.** D-70152

ପିପିଲି ବଜାରରେ ସଙ୍ଗେସଙ୍ଗେ ଘର କରିବା ପାଇଁ ପ୍ଲଟ୍ କିଣନ୍ତୁ। **8249776268, 8327774136.** D-69360

Bhubaneswar ସୁନ୍ଦରପଦା Xavier University ନିକଟରେ 2000sqft. plot 6,50,000/- (32 plot available) LIPSA. 9938016295. D-70151

ଭୁବନେଶ୍ୱର ପାହାଳ **NH side** ଘରବାରି **yellowzone fully developed demarcated** ବାସୋପଯୋଗୀ **plot road, electricity** ଥାଇ ତୁରନ୍ତ ଘର କରନ୍ତୁ। **PUJA-6371970725.** D-70145

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/- ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70146

ଭୁବନେଶ୍ୱରରେ ସାମନ୍ତରାପୁର ନୂଆଗାଁ, ଗଙ୍ଗପଡ଼ା, ମଦନପୁରରେ ଘରବାରି ପ୍ଲଟ୍ ବିକ୍ରିହେବ। **9437287595, 7978747764.** D-19454

ଭୁବନେଶ୍ୱର ପଟିଆ Rly.station 1.5k.m. 1200ବର୍ଗଫୁଟକୁ 6,60,000/- ଦେଇ ତୁରନ୍ତ ଘର କରନ୍ତୁ। 8249005131, 9583328312. D-70144

କଟକ **Highcourt**ରୁ **8K.M.** ନନ୍ଦନକାନନ ପଛପଟେ ବାରଙ୍ଗଛକ ନିକଟରେ ମୁଖ୍ୟରାସ୍ତାରୁ **200mtr** ସ୍ଥିତିବାନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। **6372930002.** D-70148

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ **800mtr 100ft** ପିଚୁରୋଡ୍‌କୁ ଲାଗି **30'**ରାସ୍ତା ଇଲେକ୍ଟ୍ରିସିଟି ଥାଇ ସୁନ୍ଦର ଆକର୍ଷଣୀୟ ବାସୋପଯୋଗୀ **boundary plot** ବିକ୍ରିହେବ। **9439116553.** D-70147

**Bhubaneswar Sum Hospital Gurukul** ପାଖରେ **yellowzone gharabari plot** ବିକ୍ରି କରାଯାଉଅଛି। **9439206202.** D-70150

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**GENERAL**

**SALE**

New steelracks- 8nos, 6.5'x 3feet new glass counter- 7feet x 3feet x15". 7205405312, 7735339577. D-19544

**to-let**

3Bedroom Behera Sahi, Nayapalli, Bhubaneswar. 8480204021. D-19517

Tolet coldstorage 15x12x10 near Rasulgarh, Bhubaneswar. 8917525377. D-19518

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**healthcare**

Monalisa massage club : All types body massage with hiprofile smart lady rooms service available 9708545108. D-19493

Swarna SPA newly open positively health benefits with expert therapist. 9556978408. D-70088

Rejuvenate and Ayurvedic full body massage by smart therapist. 9348123330. D-70089

Revitalize your self with our ayurvedic massage and refreshment, Call: 7381239385. D-70082

**Newly open full body massage Saikrupa Panchakarma and Spa. Contact: 8984068077.** D-19492

Experience full body massage with expert therapists. Call: 7377048581. D-70083

Newly open full body massage ladies and gents. 9337349409. D-70406

Refreshing your mind & body with best therapy at Lotus SPA. 8018234866. D-70405

Newly open SPA offer @788/-, positively health benefits, Jaydevbihar. 8114970372. D-19466

**AFFIDAVIT**

By virtue of an affidavit in the court of Executive Magistrate, Angul on dt. 02.11.2020 do hereby solemnly state that I am B.S Bijayeeni Singh, D/o- Brundaban Singh resident of Dholapasi, Po- Batagaon, Dist- Dhenkanal, 759018 have changed my name from B.S Bijayeeni Singh to Bijayeeni which is one & same person. Henceforth, I shall be known as Bijayeeni for all purposes. D-19546

**ନବଜାତ ଶିଶୁର ମୃତଦେହ ଜବତ**

ରାଉରକେଲା ଅଫିସ୍: ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଡୁମେତ୍ରା ଅଞ୍ଚଳରେ ଥିବା ଏକ ପୋଖରୀ ହୁଡ଼ାରୁ ନବଜାତ ଶିଶୁର ମୃତଦେହ ଜବତ କରାଯାଇଛି। ନବଜାତ ଶିଶୁର ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ନବଜାତ ଶିଶୁଟିକୁ ଉଦ୍ଧାର କରିଥିଲା। ଶିଶୁକୁ କେହି ଏକ ନାଳିଗାମୁଛାରେ ଗୁଡ଼ାଇ ପୋଖରୀରେ ପକାଇ ଦେଇଥିବା ପୋଲିସ ସନ୍ଦେହ କରୁଛି। ଶିଶୁଟି ପାଣିରେ ପଡ଼ି ପଚିଯାଇଥିବାରୁ ତାଙ୍କୁ ଚିହ୍ନଟ କରାଯାଇ ପାରିନାହିଁ। ତେବେ ନବଜାତ ଶିଶୁକୁ ହତ୍ୟାକରି ପୋଖରୀରେ ପକାଇ ଦିଆଯାଇଛି କି ଶିଶୁଟି କୌଣସି କାରଣରୁ ମରିଯାଇଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ କହିଛି।

## | ପିକ୍‌ନିକ୍ ସ୍ପଟ୍ |
# 'ଢୁ ଢୁଆ' ଜଳପ୍ରପାତ


'ଢୁ ଢୁଆ' ଜଳପ୍ରପାତ

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରପୂର ଖୋର୍ଦ୍ଧା ଜିଲା। ପାହାଡ଼, ଜଙ୍ଗଲ, ନଦୀ, ଝରଣା, ଆଦିବାସୀ ସଂସ୍କୃତି ଏବଂ ବିଭିନ୍ନ ମନ୍ଦିର ଜିଲାକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଏଠାରେ ରହିଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀ ତଥା ପିକ୍‌ନିକ ସ୍ପଟଗୁଡ଼ିକ ଜିଲା, ରାଜ୍ୟ, ଦେଶ ସମେତ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ଏହା ମଧ୍ୟରେ ଅନ୍ୟତମ ହେଲା ଜିଲାର ବାଣପୁର ବ୍ଲକ ନୀଳାଦ୍ରିପ୍ରସାଦ ପଞ୍ଚାୟତ ଅଧୀନ ବରବରା ଜଙ୍ଗଲ ମଧ୍ୟରେ ରହିଥିବା 'ଢୁ ଢୁଆ' ଜଳପ୍ରପାତ। ଲୁକ୍କାୟିତ ହୋଇ ରହିଥିବା ଏହି ଜଳପ୍ରପାତ ସମ୍ପର୍କରେ କିଛିବର୍ଷ ପୂର୍ବେ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ ଲୋକଙ୍କଠାରୁ ସୂଚନା ମିଳିଥିଲା। ଏହି ଖବର ପ୍ରଚାରିତ ହେବା ପରେ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। ବଣଭୋଜି ପାଇଁ ଏହି ସ୍ଥାନ ଅନୁକୂଳ ହୋଇଥିବା ବେଳେ ପ୍ରପାତରେ ଗାଧୋଇବା ମଧ୍ୟ ନିରାପଦ। ପର୍ଯ୍ୟଟକମାନେ ଏଠାକାର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ନିକଟରେ ଥିବା ପ୍ରସିଦ୍ଧ ମା' ବିରଜାଈ ଠାକୁରାଣୀ, ମା' ତାରିଣୀ ପୀଠ ଏବଂ ବାଣପୁରର ମା' ଭଗବତୀଙ୍କ ପୀଠ ଦର୍ଶନ କରିପାରିବେ। ତେବେ ଏହି ଜଳପ୍ରପାତକୁ ପର୍ଯ୍ୟଟକ କିଭଳି ବହୁ ସଂଖ୍ୟାରେ ଆସିପାରିବେ ଏବଂ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

### କେମିତି ଯିବେ

ବାଣପୁରଠାରୁ ୨୦କିଲୋମିଟର ଦୂରରେ ରହିଛି ନୀଳାଦ୍ରିପ୍ରସାଦ ଗ୍ରାମ। ସେଠାରୁ ମା' ବିରଜାଈ ମନ୍ଦିର ରାସ୍ତାରେ ୨କି.ମି. ଅତିକ୍ରମ କଲେ ପଡ଼ିବ ବ୍ରହ୍ମପଦା ପ୍ରାଥମିକ ବିଦ୍ୟାଳୟ। ଉକ୍ତ ବିଦ୍ୟାଳୟ ପାର୍ଶ୍ୱ ଦେଇ ଯାଇଛି ଏକ ମାଟି ରାସ୍ତା। ଏହି ରାସ୍ତାରେ ଏକ କିଲୋମିଟର ଗଲେ ପଡ଼ିବ ଡିମିରି ସାହି। ସାହି ପାର୍ଶ୍ୱ ଦେଇ ପାଦଚଲା ରାସ୍ତାରେ ୫୦ମିଟର ପରେ 'ଢୁ ଢୁଆ' ଜଳପ୍ରପାତରେ ପହଞ୍ଚିପାରିବେ।

– ରିପୋର୍ଟ: ସଂଗ୍ରାମ ପାଇକରାୟ, ବାଲୁଗାଁ

# ଖରିଫରେ ସବୁଜିମା, ରବିରେ ପଡ଼ିଆ

କୁନାଗଡ, ୧୦।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୁନାଗଡ ବ୍ଲକ ଆଟିଗାଁ, ତଳମଲା ପଞ୍ଚାୟତ ଚାଷୀ ଗତ ୭ ବର୍ଷ ହେବ ରବି (ଡାଲୁଅ) ଚାଷ ପାଇଁ ଇନ୍ଦ୍ରାବତୀ ବାମ କେନାଲରୁ ପାଣି ପାଉନାହାନ୍ତି। ଏପରିକି ଚଳିତବର୍ଷ ମଧ୍ୟ ରବି ଚାଷ ପାଇଁ ପାଣି ଦିଆଯିବ ନାହିଁ ବୋଲି ବିଭାଗ ପକ୍ଷରୁ ଜଣାପଡିଛି। ସ୍ଥାନୀୟ ଚାଷୀ ବିଭାଗୀୟ ଅଧିକାରୀଙ୍କଠୁ ଆରମ୍ଭ କରି ପ୍ରଶାସନ, ରାଜନେତାଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପ୍ରତିଶ୍ରୁତି ଛଡା ଅନ୍ୟ କିଛି ସୁଫଳ ମିଳିନାହିଁ। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି।

ପ୍ରକାଶ ଯେ, ଇନ୍ଦ୍ରାବତୀ କୁସୁମଖୁଣ୍ଟି ଡିଭିଜନ ଅଧୀନ ଛୋରିଆଗଡ ଡ୍ରିଷ୍ଟିବୁଟାରିର ତଳ ମୁଣ୍ଡରେ ଥିବା ଆଟିଗାଁ ଓ ତଳମଲା ପଞ୍ଚାୟତକୁ କେନାଲ ପାଣି ଯୋଗାଇ ଦିଆଯାଉଥିଲା। ଗତ ୨୦୧୪ଠାରୁ ରବି ଚାଷ ସମୟରେ ଏହି ୨ଟି ପଞ୍ଚାୟତକୁ ପାଣି ଯୋଗାଇ ଦିଆଯାଉନାହିଁ। ପାଣି ଅଭାବରୁ ସ୍ଥାନୀୟ ଚାଷୀ ବାଧ୍ୟ ହୋଇ ଜମିକୁ ପଡିଆ ଛାଡି ଦେଇଥାନ୍ତି। କେତେକ ଚାଷୀ କଷ୍ଟ କରି କିଛି ଡାଲିଜାତୀୟ ଫସଲ କରୁଥିବାବେଳେ ଆଉ କେତେକ ଚାଷୀ ଏହି ସମୟରେ କାମ ଧନ୍ଦା ନ ପାଇ ଦାଦନ ଖଟିବାକୁ ଯାଇଥାନ୍ତି। ଏହି ୨ଟି ପଞ୍ଚାୟତରେ ପ୍ରାୟ ୭ଶହ ହେକ୍ଟର ଚାଷଜମି ରହିଛି। ଖରିଫ ସମୟରେ ଏହି ଅଞ୍ଚଳ ସବୁଜମୟ ହେଉଥିବାବେଳେ ରବି ସମୟରେ ସତେ ଯେମିତି ଏହି ଅଞ୍ଚଳ ମରୁଡି ହେବା ବୋଲି ଜଣାପଡୁଛି। ସ୍ଥାନୀୟ ଚାଷୀ କୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର ଓ ବିରୋଧୀ ଦଳ ନେତା ପ୍ରଦିପ୍ତ କୁମାର ନାଏକଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଆସନ୍ତା ୧୪ ତାରିଖରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମୁଖୀଗୁଡାସ୍ଥିତ ଇନ୍ଦ୍ରାବତୀ ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପର ଲୋକାର୍ପଣ କରିବେ। ଏଥିରେ ଜିଲାର ଜୟପାଟଣା, କୋକସରା ଓ ଧର୍ମଗଡ ବ୍ଲକର ହଜାର ହଜାର ଚାଷୀ ଉପକୃତ ହେବେ। ଏହା ଗୋଟିଏ ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ ଯୋଗ୍ୟ ପଦକ୍ଷେପ। କିନ୍ତୁ କେନାଲ ତିଆରି ପରେ ମଧ୍ୟ ଚାଷୀଙ୍କୁ ପାଣି ଯୋଗାଇ ଦିଆ ନ ଯିବା ଦୁଃଖର ବିଷୟ ବୋଲି ସ୍ଥାନୀୟ ଚାଷୀ ପ୍ରକାଶ କରନ୍ତି। ଏ ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଅଜିତ ପାତ୍ର ଓ ଏସ୍‌ଡିଓ ସ୍ନେହାଶିଷ ବେହେରାଙ୍କୁ ପଚାରିବାରୁ ପୂର୍ବପେକ୍ଷା ଡ୍ୟାମରେ ପାଣି କମ୍ ରହିଛି। ଫଳରେ ଉକ୍ତ ଅଞ୍ଚଳକୁ ଚଳିତ ରବି ଚାଷ ପାଇଁ ପାଣି ଦିଆଯାଇପାରୁନାହିଁ। ଚେଷ୍ଟା କରୁଛୁ ଆସନ୍ତା ବର୍ଷ ରବି ଚାଷ ସମୟରେ ଉକ୍ତ ଅଞ୍ଚଳକୁ ପାଣି ପହଞ୍ଚାଇବା ପାଇଁ ବୋଲି କହିଥିଲେ।

ରିପୋର୍ଟ–ଉତ୍ତମ କୁମାର ଦାଶ


ଶୁଖିଲା ପଡିଛି ଆଟିଗାଁ ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲ ।

**ଆଟିଗାଁ, ତଳମଲା ପଞ୍ଚାୟତ**

- ଏଥର ବି ପାଇବେନି, ପଡ଼ିଆ ହେବ ଜମି
- ମିଳୁଛି ପ୍ରତିଶ୍ରୁତି, ହେଉନି ସମାଧାନ
- ୭ ବର୍ଷ ହେଲା ପାଣି ପାଉନାହାନ୍ତି ଚାଷୀ

## ମା ଭବାନୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଦେବଗଡ଼,୧୦।୧(ଡ଼ି.ଏନ୍.ଏ.)

ବାରକୋଟ ବ୍ଲକ ସିଙ୍ଗୁରୀଠାରେ ମା ଭବାନୀ କ୍ଲବ ଆନୁକୁଲ୍ୟରେ ମା ଭବାନୀ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ୨୪ଟି ଦଳ ଯୋଗଦେଇଥିଲେ। ଫାଇନାଲ ଖେଳ ବଣାଇ ଓ ରଘୁନାଥ ପୁର ମଧ୍ୟରେ ହୋଇଥିଲା। ରଘୁନାଥ ଦଳ ୨୭ ରନ୍‌ରେ ବଣାଇକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ଯୁବ ନେତା ସୁଧିର କୁମାର ବ୍ରହ୍ମା ଯୋଗଦେଇଥିଲେ। ଅମ୍ପେୟାର ଯାଦବ ପାତ୍ର ଓ ଦେବାଧି ସାହୁ ଖେଳ ପରିଚଳନା, ସ୍କୋରର୍ ବିକାଶ ସାହୁ ଓ ଦେବରାଜ ପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଫକିର ମୋହନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ମାଝି, କୋ–ଅପରେଟିଭ୍ ବ୍ୟାଙ୍କ ମ୍ୟାନେଜର ଦିପକ କୁମାର ମୁଣ୍ଡା, ଶିକ୍ଷକ ପ୍ରାଣବନ୍ଧୁ ସାହୁ ପ୍ରମୁଖ ମଞ୍ଚସୀନ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସଭାପତି ପ୍ରକାଶ ଚନ୍ଦ୍ର ସାହୁ, ସମ୍ପାଦକ ପ୍ରିୟବ୍ରତ ସାହୁ, ଉପସଭାପତି ଦିପକ କୁମାର ସାହୁ, ସହସମ୍ପାଦକ ନାରାୟଣ ବେହେରା ସହଯୋଗ କରିଥିଲେ ।

# ଭାଗବତ ଟୁଙ୍ଗିରେ ଶିକ୍ଷାଦାନ


ସଂହରାଟିକ୍ରା ଭାଗବତ ଟୁଙ୍ଗିରେ ଦୁଇଜଣ ଶିକ୍ଷକ ପ୍ରାଥମିକ ଶ୍ରେଣୀର ପିଲାଙ୍କୁ ପାଠ ପଢାଉଛନ୍ତି ।

ବିନିକା,୧୦।୧(ଡି.ଏନ୍.ଏ.)

**ପ୍ରାଥମିକ ବିଦ୍ୟାଳୟର ବିଦ୍ୟାର୍ଥୀ ଭୁଲିଲେଣି ପାଠପଢା**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର କେତେକ ସ୍ଥାନରେ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବା ପାଇଁ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି । ସେମାନେ ଘର ଘର ବୁଲି ପିଲାଙ୍କୁ ଏକାଠି କରି ଗୋଟିଏ ସ୍ଥାନରେ ପାଠ ପଢାଇବା ଦେଖିବାକୁ ମିଳୁଛି। କରୋନା ପାଇଁ ବିଦ୍ୟାଳୟକୁ ଯାଇ ପାଠ ପଢିବା ସୁଯୋଗ ନ ଥିବା ବେଳେ ଗରିବ ଘର ପିଲା ସ୍ମାର୍ଟ୍ ଫୋନ ଅଭାବରୁ ଅନ୍‌ଲାଇନ ପାଠପଢାରୁ ବଞ୍ଚିତ ହୋଇଛନ୍ତି। କେତେକ ବହିରୁ ମୁହଁ ଫେରାଇ ନେଇଥିବା ବେଳେ ପାଠପଢା ଭୁଲିଗଲେଣି। ଏଭଳି ପରିସ୍ଥିତିରେ ହାତଗଣତି ସ୍କୁଲର ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ପାଠ ସହ ବାନ୍ଧି ରଖିବା ପାଇଁ ଅଣ୍ଟା ଭିଡିବା ଘଟଣାକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ବିନିକା ଏକ ଦଳିତ ଏବଂ ଆଦିବାସୀ ବହୁଳ ଅଞ୍ଚଳ । ଏହି ଅଞ୍ଚଳର ଅଧିକାଂଶ ପିଲା ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢିଥାନ୍ତି। ୧୩୨ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଆଦିବାସୀ ଓ ମଧ୍ୟବିତ୍ତ ବର୍ଗର ଛାତ୍ରୀଛାତ୍ର ପାଠ ପଢୁଛନ୍ତି । କିନ୍ତୁ ପ୍ରାୟ ୯ମାସ ହେଲା କରୋନା କଟକଣା ଯୋଗୁ ସାରା ରାଜ୍ୟରେ ସମସ୍ତ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନ୍ଦ ରହିଛି। ଫଳରେ ଦୀର୍ଘ ଦିନ ଧରି ବିଦ୍ୟାଳୟ ନ ଯିବା ଫଳରେ ପିଲାଏ ବହି ପଢା ଛାଡି ଖେଳକୁଦରେ ମାତିଛନ୍ତି । ନିଜ ନିଜ ଶ୍ରେଣୀର ପାଠ୍ୟପୁସ୍ତକରେ କଣ ବିଷୟ ଅଛି ତାହା ମଧ୍ୟ ଜଣାନାହିଁ। ଏଥିନେଇ ଅଭିଭାବକ ଓ ଶିକ୍ଷକ ମହଲରେ ଚିନ୍ତା ବଢିଛି । ଏପଟେ ଶିକ୍ଷୟିତ୍ରୀ ଶିକ୍ଷକମାନେ ସପ୍ତାହକୁ ୨ରୁ ୩ ଥର ସ୍ଥାନୀୟ ବିଦ୍ୟାଳୟର ପିଲାଙ୍କୁ ଡକାଇ ସାମାଜିକ ଦୂରତା ରକ୍ଷା କରି ପାଠ ପଢାଉଛନ୍ତି। ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବା, ପାଠ ଦେବା ଓ ଖାତା ଦେଖି ମାର୍ଗଦର୍ଶନ ଦେଉଛନ୍ତି । ବିନିକା ବ୍ଲକ ବାଙ୍କିଗିର୍ଡି ଗ୍ରାପ ସଂହରାଟିକ୍ରା ପଡାର ଭାଗବତ ଟୁଙ୍ଗୀରେ ସଂହରାଟିକ୍ରା ବିଦ୍ୟାଳୟର ୨ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରାଥମିକ ଶ୍ରେଣୀର ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରୁଥିବା ଦେଖିବାକୁ ମିଳିଛି । ସେହିପରି ଭଣ୍ଡାର ପଞ୍ଚାୟତ ଝାରକଦଳୀପାଲିରେ ମଧ୍ୟ ଭାଗବତ ଟୁଙ୍ଗୀରେ ପାଠ ପଢାଯାଉଛି। ବିଦ୍ୟାଳୟ ଖୋଲିବା ପର୍ଯ୍ୟନ୍ତ ବ୍ଲକର ଅନ୍ୟ ଅଞ୍ଚଳରେ ଏପରି ଭାବେ ପାଠ ପଢାଇବା ପାଇଁ ଅଭିଭାବକ ମହଲରେ ଦାବି ହେଉଛି।

## ଫୁଟବଲ: କାଲକାଠ ଦଳ ଚାମ୍ପିୟନ

ଦେବଗଡ଼,୧୦।୧ (ଡ଼ି.ଏନ୍.ଏ.)

ତିଳେଇବଣି ବ୍ଲକ ଅନ୍ତର୍ଗତ ସୁଗୁଡ଼ାଠାରେ ଦୁଇ ଦିନିଆ ସୁଗୁଡ଼ା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏହି ଦୁଇଦିନିଆ ଫୁଟବଲ ଟୁର୍ନାମେଣ୍ଟ ଆଠଟି ଦଳକୁ ନେଇ ଅନୁଷ୍ଠିତ ହୋଇଥିଲ। ଉଦ୍‌ଯାପନୀ ଦିବସରେ ଫାଇନାଲ ମ୍ୟାଚ୍‌ରେ କାଲକାଠ ଓ ବାଲିରଇ ମଧ୍ୟରେ ହୋଇଥିଲା। କାଲକାଠ ଦଳ ବାଲିରଇ ଦଳକୁ ୨–୧ ଗୋଲରେ ପରାସ୍ତ କରି ବିଜୟୀ ହୋଇଥିଲା । ଉକ୍ତ ଫାଇନାଲ ମ୍ୟାଚ୍‌କୁ ସୁଶାନ୍ତ କୁମ୍ଭାର, ପିଙ୍କେଶ୍ୱର ପ୍ରଧାନ, ଅରୁଣ କୁମାର ସାହୁ, ପପନ କୁମାର ସାହୁ ପରିଚାଳନା କରିଥିବାବେଳେ ପୁରସ୍କାର ବିତରଣୀ ଉତ୍ସବରେ ସମ୍ବଲପୁର ସାଂସଦ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀଦଳଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏଲ୍‌ଆଇ . ସୁମନ୍ତ କୁମାର ବେହେରା, ବିପିନ୍ ସାହୁ, ସୁବ୍ରତ କୁମାର ସାହୁ, ବିମଳ ପ୍ରଧାନ, ସନାତନ ସାହୁ ପ୍ରମୁଖ ଉପସ୍ଥିତ ରହି ସକ୍ରୀୟ ସହଯୋଗ କରିଥିଲେ । ସୁପ୍ରିମ୍ କୁମାର ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ ।

## କ୍ରିକେଟ ଟୁର୍ନାମେଣ୍ଟ: ବେଲପଡା ଚାମ୍ପିୟନ


ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଖେଳାଳିଙ୍କ ଗହଣରେ ଅତିଥିବୃନ୍ଦ।

ଦେଓଗାଁ, ୧୦।୧ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ଉଡାର ନିକଟସ୍ଥ ଜଗନ୍ନାଥ ଖେଳପଡିଆରେ ୨ ଦିନ ଧରି ଚାଲିଥିବା ଉଡାର ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ବେଲପଡା ଓ ଲୁହୁରେନପାଲି ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ବେଲପଡା ଦଳ ୧୬ ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଖେଳକୁ ଶିବ ଛତ୍ରିଆ ଓ ବିଘ୍ନରାଜ ପଧାନ ପରିଚାଳନା କରିଥିଲେ। ସ୍କୋରର ଭାବେ ସଂକିର୍ତ୍ତନ ସାହୁ ଓ ପଙ୍କଜ ଲୋଚନ ପଧାନ ଦାୟିତ୍ୱ ନିର୍ବାହ କରିଥିଲେ। ଖେଳ ଶିକ୍ଷକ ବିରେନ୍ଦ୍ର ସୁନାଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ପ୍ରଦୀପ କୁମାର ଛତ୍ରିଆ ଓ ସମ୍ମାନିତ ଅତିଥି ଭାବେ ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସମ୍ପାଦକ କୃଷ୍ଣ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓରନରଅପ ଦଳକୁ ପୁରସ୍କୃତ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବବଲୁ ଲୁହୁରାଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ନାମେଣ୍ଟକୁ ବିକି ଛତ୍ରିଆ, ସିଦ୍ଧାର୍ଥ ନନ୍ଦ, ବରୁଣ ନନ୍ଦ, ଟିକେଶ୍ୱର ଛତ୍ରିଆ, ଶିବେ ଛତ୍ରିଆ, ଅରପା ନନ୍ଦ, ନିରୋଜ ଛତ୍ରିଆ, ଶିବ ଛତ୍ରିଆ, ମନ ନନ୍ଦ, ଅନାଦି ଛତ୍ରିଆ, ମାନସ ନନ୍ଦ, ସ୍ୱରାଟ ଛତ୍ରିଆ, ଗଣେଶ ଛତ୍ରିଆ, ମନବୋଧ ନନ୍ଦ ଓ ବିଜୟ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ। ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ।

## ବିଦ୍ୟୁତ ଟାୱାରରେ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ରାଉରକେଲା ଅଫିସ୍, ୧୦।୧

ଟାଙ୍ଗରପାଲି ଥାନା ଅନ୍ତର୍ଗତ କନଷ୍ଟ୍ରକସନ୍ କଲୋନୀ ଅଞ୍ଚଳରେ ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରିଛି। ପୋଲିସ ସୂଚନା ଅନୁଯାୟୀ, କନଷ୍ଟ୍ରକସନ୍ କଲୋନୀରେ ଅନୁଜ ଶର୍ମା(୨୨) ପରିବାର ସହ ବାସ କରନ୍ତି। କୌଣସି କଥାକୁ ନେଇ ଅନୁଜ ତାଙ୍କ ପରିବାର ଲୋକଙ୍କ ସହ ପାଟିତୁଣ୍ଡ କରିଥିଲେ। ଅପରାହ୍ନ ସାଢ଼େ ୪ଟାରେ ବାହାରକୁ ଖେଳିବାକୁ ଯିବାକୁ କହି ଅନୁଜ ଘର ପାଖରେ ଥିବା ଏକ ବିଦ୍ୟୁତ ଟାୱାର ଉପରେ ଚଢ଼ିଯାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଏହି ଦୃଶ୍ୟ ଦେଖି ସ୍ଥାନୀୟ ଲୋକେ ଟାଙ୍ଗରପାଲି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁଜଙ୍କୁ ଉଦ୍ଧାର କରି ପିତା ରଞ୍ଜନ ଶର୍ମାଙ୍କୁ ହସ୍ତାନ୍ତର କରିଥିଲେ।

# ପରୀ ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି


ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓ ଅନ୍ୟମାନେ ।

ବଲାଙ୍ଗୀର ଅଫିସ,୧୦।୧

ଭାଜପା ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ନୟାଗଡ ପରୀ ହତ୍ୟା ମାମଲାର ସିବିଆଇ ତଦନ୍ତ ତୁରନ୍ତ କରିବାକୁ ଦାବି କରାଯାଇଛି। ଏଥିସହିତ ଏହି ଘଟଣାରେ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଓ ମନ୍ତ୍ରୀମଣ୍ଡଳରୁ ବହିଷ୍କାର ଦାବି କରାଯାଇଥିଲା । ବହୁଚର୍ଚ୍ଚିତ ପରୀ ହତ୍ୟା ଘଟଣାକୁ ନେଇ ବଲାଙ୍ଗୀର ପାଟଣେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଭାଜପା ପକ୍ଷରୁ ରବିବାର ଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଲୋକସଭା ଏମପି ସଙ୍ଗୀତା କୁମାରୀ ସିଂଦେଓ, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ଅନନ୍ତ କୁମାର ଦାଶ, ଆରତୀ ଗୁରୁ, ପଙ୍କଜିନୀ ପଣ୍ଡା, ରଶ୍ମିରେଖା ଦାନୀ, ରଶ୍ମି ଆଚାର୍ଯ୍ୟ, ବାସନ୍ତୀ ଜେନା, ସରିତା ଯୋଷୀ, ଅନୁସୟା ବେଜ୍, ଫିରୋଜା ବିବି, କଲ୍ୟାଣୀ ଆଡବାଙ୍କ, ଜିନା ସାହୁ, ପ୍ରମିଳା ମୁଗ୍ରୀ, ଦିନେଶ ଶର୍ମା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ବାଦିବାହାଲ ପଞ୍ଚାୟତ ହାଇସ୍କୁଲରେ ଶିକ୍ଷାଦାନ ବିପର୍ଯ୍ୟସ୍ତ

ଲୋଇସିଂହା,୧୦।୧(ଡି.ଏନ.ଏ.)



ବାଦିବାହାଲ ପଞ୍ଚାୟତ ହାଇସ୍କୁଲ।

**■ଆବଶ୍ୟକ ୮ , ଅଛନ୍ତି ୨ ଜଣ ଶିକ୍ଷକ**

**■ପଦୋନ୍ନତି, ଅବସରପରେ ପଦବୀ ଖାଲି**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ହାଇସ୍କୁଲ ରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଅଭାବରୁ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡିଛି । ଏହି ପୁରାତନ ଶିକ୍ଷାନୁଷ୍ଠାନରେ ଶିକ୍ଷକଠାରୁ ଆରମ୍ଭ କରି ଚତୁର୍ଥ ଶ୍ରେଣୀ କର୍ମଚାରୀ ପର୍ଯ୍ୟନ୍ତ ଘୋର ଅଭାବ ଦେଖାଦେଇଛି। କେତେକ ଶିକ୍ଷକ ପଦୋନ୍ନତି ପାଇବା ପରେ ଏଠାରୁ ସେମାନଙ୍କର ଅନ୍ୟତ୍ର ବଦଳି ହୋଇଛି । ଆଉ କେତେକ ଶିକ୍ଷକ ଓ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି। ମହାମାରୀ କରୋନା ଯୋଗୁ ୯ ମାସ ପରେ ସ୍କୁଲ ଖୋଲିଛି। ଏହାପରେ ଶିକ୍ଷାନୁଷ୍ଠାନର ସ୍ଥିତି ବଦଳି ଯାଇଛି। ଏବେ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଓ ଜଣେ ସହକାରୀ ଶିକ୍ଷକ ସମେତ ୨ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ରହିଛନ୍ତି। ବିଦ୍ୟାଳୟରେ ୭ଟି ବିଷୟକୁ ୨ ଜଣ ଶିକ୍ଷକ ଅବସ୍ଥାପିତ ହୋଇଛନ୍ତି। ଫଳରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠ ପଢା ବ୍ୟାହତ ହେଉଛି।

ସୂଚନା ଅନୁଯାୟୀ, ୧୯୮୧ ମସିହାରେ ବାଦିବାହାଲଠାରେ ପଞ୍ଚାୟତ ହାଇସ୍କୁଲ ସ୍ଥାପିତ ହୋଇଥିଲା। ସେତେବେଳେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ ପାଇଁ ପ୍ରଧାନ ଶିକ୍ଷକ ସମେତ ୮ ଜଣ ସହକାରୀ ଶିକ୍ଷକ ଓ ୪ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତ ହୋଇଥିଲେ। ଅନେକ ଘାତ ପ୍ରତିଘାତ ଦେଇ ଗତି କରିଥିବା ଏହି ଶିକ୍ଷାନୁଷ୍ଠାନ ୧୯୮୮ ମସିହାରେ ସରକାରୀ ଅନୁଦାନ ଯୋଗ୍ୟ ବିବେଚିତ ହୋଇଥିଲା । ଏହାପରେ ୧୯୯୧ ମସିହାରେ ଶିକ୍ଷାନୁଷ୍ଠାନ ପୂର୍ଣ୍ଣ ଅନୁଦାନ ପାଇଥିଲା। ୧୯୯୪ ମସିହା ଜୁନ ମାସରେ ବିଦ୍ୟାଳୟ ସମ୍ପୂର୍ଣ୍ଣ ସରକାରୀ ମାନ୍ୟତା ହାସଲ କରିଥିଲା। ଅତୀତରେ ଉଚ୍ଚକୋଟୀର କ୍ରୀଡା, ଶିକ୍ଷା ଓ ସ୍ୱଚ୍ଛ ପରିବେଶକୁ ନେଇ ବିଦ୍ୟାଳୟର ସୁନାମ ରହିଛି। ଏବେ ବିଦ୍ୟାଳୟ ସ୍ଥିତି ବଦଳି ଯାଇଛି । ଚଳିତ ମାସରେ ବିଦ୍ୟାଳୟର ୨ ଜଣ ବରିଷ୍ଠ ଶିକ୍ଷକଙ୍କ ପଦୋନ୍ନତି ଘଟିଛି । ସେଥିରୁ କଳା ଶିକ୍ଷକ ବେଣୁଧର ଭୋଇ ପଦୋନ୍ନତି ପାଇ ଏଠି ପ୍ରଧାନ ଶିକ୍ଷକ ଭାବେ ଅବସ୍ଥାପିତ ହୋଇଛନ୍ତି । ପିସିଏମ ଶିକ୍ଷକ ରମେଶଚନ୍ଦ୍ର ସାହୁଙ୍କୁ ଉପରବାହାଲ ପ୍ରଧାନ ଶିକ୍ଷକ ଭାବେ ବଦଳି ହୋଇଛି । ଏହାପୂର୍ବରୁ ଗତ ସେପ୍ଟେମ୍ବର ମାସରେ ସିବିଜେଡ ଶିକ୍ଷକ ସୋମଦତ୍ତ ଦଣ୍ଡସେନାଙ୍କର ଅନ୍ୟତ୍ର ବଦଳି ହୋଇଛି। ୨୦୧୯ ମସିହା ସେପ୍ଟେମ୍ବରରେ ସ୍କୁଲର ରାତି ଜଗୁଆଳି ଜୀବର୍ଦ୍ଧନ ଧରୁଆ, ନଭେମ୍ବର ୨୦୧୯ରେ କ୍ରୀଡା ଶିକ୍ଷକ ସମ୍ପତି ପଧାନ ଓ ଫେବୃୟାରୀ ୨୦୨୦ରେ ସଂସ୍କୃତ ଶିକ୍ଷକ ରଘୁନାଥ ବେହେରା ଅବସର ଗ୍ରହଣ କରିଛନ୍ତି । ଏହାପୂର୍ବରୁ ଡିସେମ୍ବର ୨୦୧୮ରେ ପ୍ରଧାନ ଶିକ୍ଷୟିତ୍ରୀ ରକ୍ମଣୀ ପଣ୍ଡା ଅବସର ନେଇଥିଲେ।୨୦୧୨ ମସିହାରୁ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକ ପଦବୀ ଖାଲି ପଡିଛି। ପଦୋନ୍ନତି ପାଇ ବଦଳି ପରେ ବିଦ୍ୟାଳୟରେ ଏବେ ବିଷୟ ଭିତ୍ତିକ ଶିକ୍ଷକ ପଦବୀ ଖାଲି ପଡିଛି। ଶୁକ୍ରବାର ସ୍କୁଲ ଖୋଲିବା ପରେ ଦଶମ ଶ୍ରେଣୀରେ ଥିବା ୬୧ ଛାତ୍ରୀଛାତ୍ର ମଧ୍ୟରୁ ପ୍ରତ୍ୟହ ୪୦ରୁ ଅଧିକ ପାଠ ପଢିବାକୁ ବିଦ୍ୟାଳୟକୁ ଆସୁଛନ୍ତି । ପାଳି କରି ଯୁବ ସହକାରୀ ଶିକ୍ଷକ ଗଣନାଥ ସାହୁ ଓ ପ୍ରଧାନ ଶିକ୍ଷକ ଭୋଇ ପାଠ ପଢାଉଥିବା କହିଛନ୍ତି। ସ୍କୁଲ ଖୋଲିବା ପୂର୍ବରୁ ଶିକ୍ଷାବିଭାଗ ପକ୍ଷରୁ ଶିକ୍ଷକ ଆବଶ୍ୟକତା ସମ୍ପର୍କରେ ଜଣାଇବାକୁ କୁହାଯାଇଥିଲା।ଏ ନେଇ ସ୍କୁଲ ପକ୍ଷରୁ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା । ହେଲେ ସ୍କୁଲ ଖୋଲିବାର ୩ ଦିନ ପରେ ମଧ୍ୟ ଜଣେ ହେଲେ ଶିକ୍ଷକଙ୍କୁ ନିଯୁକ୍ତି ଦିଆ ନ ଯିବା ଅସନ୍ତୋଷର କାରଣ ହୋଇଛି । ଏ ସମ୍ପର୍କରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନା ବେହେରାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।


BADRIPRASAD
College of Nursing Approved BY Govt. of Odisha
At: Ambapali, Bargarh, Ward No. 17 (Badriprasad School of Nursing)
ADMISSION OPEN FOR 2020-21
Nursing Programmes
Eligibility as per INC/ONMRC Norms
GNM Pass in +2 Sc/Arts/ Com. with English as a Subject & 40% Marks for General & 35% Marks for SC/ST
BSC (N) Pass in +2 Sc. with 45% Marks for General & 40% in PCB for SC/ST
The candidate may Contact in following Numbers or Send application for at the Email mentioned below.
City Office:- Badriprasad Jaiprakash
Infront of Hotel Ganapathi, Bargarh
Contact: 9668822600, 9861599299, 8093798113, 9853435210
Email Id- badriprasad.nursing@gmail.com

HURRY !! HURRY !! HURRY !!
नेशनल इन्श्योरेन्स
National Insurance
NATIONAL INSURANCE COMPANY
1. Crane Insurance (Otv, Etv)
2. Motor Insurance, 3. Car Insurance
SINGHANIA & SONS
AUTHORISED AGENT OF NATIONAL INSURANCE COMPANY
ADDRESS: NIC NEW BUSTAND, ROURKELA, DIST- SUNDARGARH, ODISHA
PHONE: 7978234130, 9938211567

ଭିତରେ କୌଣସି ପ୍ରଲୋଭନ ଜାଗିଲେ ତାକୁ ପ୍ରତିରୋଧ କର। ତା'ପାଖରେ ନିଜକୁ ସମର୍ପି ଦିଅନା। ଥରକ ପାଇଁ ହେଲେ ବି- ଯଦି ତୁମେ ପ୍ରଲୋଭନକୁ ପ୍ରଶ୍ରୟ ଦେଇଛ- ତା'ହେଲେ ତୁମ ଇଚ୍ଛାଶକ୍ତିର ବଳ କମିଯିବ ଏବଂ ବାରମ୍ବାର ପରାଜୟ ପାଇଁ ବାଟ ଖୋଲିଯିବ। -ଶ୍ରୀମା



# ସ୍ଥାନ ସଂରକ୍ଷଣ ଶିକ୍ଷାରେ ସୁଧାର ଆଣିପାରିବ କି



ଅକ୍ଷୟ କୁମାର ମିଶ୍ର

ସରକାରୀ ସ୍କୁଲରେ ପାଠ ପଢୁଥିବା ପିଲାଙ୍କ ପାଇଁ ଉଚ୍ଚ ଶିକ୍ଷାରେ ବିଶେଷ କରି ଡାକ୍ତରୀ ଓ ଇଞ୍ଜିନିୟରିଂ କ୍ଷେତ୍ରରେ 'ସ୍ଥାନ ସଂରକ୍ଷଣର ସଂକଳ୍ପ' ଆଧାରିତ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ ରାଜ୍ୟ କ୍ୟାବିନେଟ ମୋହର ଲଗାଇଛନ୍ତି। ଅବଶ୍ୟ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ; ଯାହା ଲୋକଙ୍କୁ କିଛି ପରିମାଣରେ ସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବ। କିନ୍ତୁ ଏଥିରେ ଅତ୍ୟଧିକ ଖୁସି ହେବାର କିଛି ନାହିଁ, କାରଣ ଯେଉଁ ସବୁ କଥା ପାଇଁ ସରକାରୀ ବିଦ୍ୟାଳୟ ପ୍ରତି ଲୋକଙ୍କ ମନରେ ବିମୁଖ ଭାବନା ଆସିଛି ତାହା ପ୍ରଶମିତ କରିବାରେ ଏହି ସଂକଳ୍ପ କେତେ ଦୂର ସହାୟକ ହେବ ଏଥିରେ ସନ୍ଦେହ ଅଛି। ସକାରାତ୍ମକ ଭାବନାର ଉନ୍ମେଷ ପାଇଁ ପ୍ରଥମେ ନକାରାତ୍ମକ ଭାବନା ସୃଷ୍ଟି ହେବା ପଶ୍ଚାତଭାଗରେ ଯେଉଁ ସବୁ କାରଣ ନିହିତ ଅଛି ତାହାକୁ ଚିହ୍ନଟ କରିବା ଏବଂ ନିରାକରଣ ଦିଗରେ ପଦକ୍ଷେପ ଗ୍ରହଣ କରିବା ବାଞ୍ଛନୀୟ। ନଚେତ୍ ସରକାରୀ ଶିକ୍ଷା ବ୍ୟବସ୍ଥା ଯେମିତି ବିପର୍ଯ୍ୟୟର ଦ୍ୱାର ଦେଶରେ ଉପନୀତ ହେଲାଣି ସେଠାରୁ ଉଦ୍ଧାର କରିବା ସମ୍ଭବ ନୁହେଁ। କଥାରେ ଅଛି ବାଉଁଶ ଥିଲେ ସିନା ବଇଁଶୀ ତିଆରି ହେବ ଆଉ ସେଥିରୁ ସୁମଧୁର ସ୍ୱନ ବାହାରିବ।

ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଦୁର୍ବଳ ଶ୍ରେଣୀ ପାଇଁ ଏକ ପ୍ରୋତ୍ସାହନ, ଯାହା ଭାରତ ବର୍ଷର ପ୍ରାକ୍ ସ୍ୱାଧୀନତା କାଳରୁ ରହିଆସିଛି। ୧୯୦୨ରେ ଛତ୍ରପତି ଶାହୁଜୀ ମହାରାଜ ପ୍ରଥମେ ବଞ୍ଚିତ ତଥା ପଛୁଆ ବର୍ଗର ପିଲାଙ୍କ ପାଇଁ ମୁକ୍ତ ଶିକ୍ଷା ଓ ହଷ୍ଟେଲରେ ଏହି ବ୍ୟବସ୍ଥା ଲାଗୁ କରିଥିଲେ। ସ୍ୱାଧୀନତା ପରେ ଅନୁସୂଚିତ ଜାତି ଓ ଜନଜାତିଙ୍କର ବିକାଶ ପାଇଁ ସ୍ଥାନ ସଂରକ୍ଷଣ ସାମ୍ବିଧାନିକ ସ୍ୱୀକୃତି ଲାଭ କଲା। ୧୯୭୯ରେ ଗଠିତ ମଣ୍ଡଳ କମିଶନ ଏ ବାବଦରେ ଏକ ଐତିହାସିକ ପ୍ରସ୍ତାବ ରଖିଲା। କମିଶନ ଜାତିଗତ ସଂରକ୍ଷଣ ସହିତ ଅର୍ଥନୈତିକ ଅନଗ୍ରସର ଓ ସାମାଜିକ ପଛୁଆବର୍ଗର ଲୋକଙ୍କ ପାଇଁ ସଂରକ୍ଷଣ ସପକ୍ଷରେ ଯୁକ୍ତି ଉପସ୍ଥାପନ କଲା। ଏହି ସଂରକ୍ଷଣ ବ୍ୟବସ୍ଥାକୁ ନେଇ ବହୁ ବାଦବିବାଦ ଚାଲିଥିବା ବେଳେ ସର୍ବୋଚ୍ଚ ନ୍ୟାୟାଳୟ ୧୯୯୨ରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଜରିଆରେ କହିଲେ, ୫୦ ପ୍ରତିଶତରୁ ଅଧିକ ସ୍ଥାନ ସଂରକ୍ଷିତ ରଖାଯାଇ ପାରିବ ନାହିଁ। ତଦନୁଯାୟୀ ଆମ ଦେଶରେ ଅନୁସୂଚିତ ଜାତି ପାଇଁ ୧୫ ପ୍ରତିଶତ, ଅନୁସୂଚିତ ଜନଜାତି ପାଇଁ ୭.୫ ପ୍ରତିଶତ ଏବଂ ଅନ୍ୟାନ୍ୟ ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। ଏହାପରେ ସରକାର ଆଜି ଯେଉଁ ନୂତନ ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି ତା'ର ବୈଧତା ସମ୍ପର୍କରେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିବା ଆରମ୍ଭ ହେଲାଣି। ଯଦି ଏହା ସମ୍ଭବ ହୁଏ ତେବେ ସ୍ୱାଗତ କରିବାରେ ଦ୍ୱିଧା ନାହିଁ। କିନ୍ତୁ ପ୍ରଶ୍ନ ଉଠୁଛି ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଯଦି ଦୁର୍ବଳ ଶ୍ରେଣୀକୁ ଉତ୍ସାହିତ କରିବା ପାଇଁ ଏବଂ ପ୍ରୋତ୍ସାହନ ଯୋଗାଇବା ଉଦ୍ଦେଶ୍ୟରେ ହୋଇଥାଏ ତେବେ ସରକାରୀ ବିଦ୍ୟାଳୟରେ ପଢୁଥିବା ପିଲାମାନେ କ'ଣ ଦୁର୍ବଳ? ଏହା ଯଦି ସତ୍ୟ ତେବେ ଏମାନଙ୍କର ଦୁର୍ବଳ ପ୍ରଦର୍ଶନର କାରଣ କ'ଣ? ଏ ଦିଗରେ ବିଚାର ବିମର୍ଷ ହେବା ମଧ୍ୟ ଅତ୍ୟନ୍ତ ଜରୁରୀ।

ଆମ ରାଜ୍ୟର ସରକାରୀ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଏହି ଆଲୋଚନା ଆଦୌ ନୂଆ ନୁହେଁ। ଏ ସମ୍ପର୍କରେ ବହୁବାର ଆଲୋଚନା ହୋଇଛି ଏବଂ ରାଜ୍ୟର ଶିକ୍ଷାବିତ୍‌ମାନେ ସରକାରୀ ବିଦ୍ୟାଳୟରେ ଉନ୍ନତମାନର ଶୈକ୍ଷିକ ପରିବେଶ ପାଇଁ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି। ମନେରଖିବା ଉଚିତ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ଗୁଣାତ୍ମକ ସାଧନ କେନ୍ଦ୍ରର ବ୍ୟବସ୍ଥା କରି ନ ପାରିଲେ ଶିକ୍ଷାର୍ଥୀ ଭିତରେ ଦକ୍ଷତା ବୃଦ୍ଧି କରିବା ସମ୍ଭବ ନୁହେଁ। କିନ୍ତୁ ଏ ଦିଗରେ ଲଗାତର ଅବହେଳା ଆମକୁ ଏମିତି ଏକ ଚିନ୍ତାଜନକ ସ୍ଥିତିରେ ଛିଡ଼ା କରେଇ ଦେଇଛି ଯେ ସମସ୍ତେ ଧରି ନେଇଛନ୍ତି ସରକାରୀ ବିଦ୍ୟାଳୟ ଉତ୍ତମ ଶିକ୍ଷା ପ୍ରଦାନରେ ବ୍ୟର୍ଥ। ଏଗୁଡ଼ିକ ଦେଶର କେବଳ ସାକ୍ଷରତା ବୃଦ୍ଧିରେ ସହାୟକ।

ସତ କହିବାକୁ ଗଲେ ସର୍ବଶିକ୍ଷା ଅଭିଯାନ ଆସିବା ପରେ ଆମ ରାଜ୍ୟର ବହୁ ସରକାରୀ ଶିକ୍ଷାନୁଷ୍ଠାନର ଚେହେରା ବଦଳି ଯାଇଛି। କେତେକ ବିଦ୍ୟାଳୟରେ ଆବଶ୍ୟକତାଠାରୁ ଅଧିକ କୋଠରି ନିର୍ମାଣ ହେଲାଣି। ସୁନ୍ଦର ରଙ୍ଗ ବୋଳା ପକ୍କାଘର, ସୁଉଚ୍ଚ ତୋରଣ, ପାଚେରିରେ ମନଲୋଭା ରଙ୍ଗ ବେରଙ୍ଗର ଛବି ପିଲାଙ୍କୁ ଆନନ୍ଦ ପ୍ରଦାନର ଖୋରାକ ଯୋଗାଉଛି। କିନ୍ତୁ ସେମାନଙ୍କ ମନରେ ଜାତ ହେଉଥିବା ଜିଜ୍ଞାସାର ମୀମାଂସା ପାଇଁ ଯାହା ଆବଶ୍ୟକ ତାହା ନାହିଁ କହିଲେ ଚଳେ।

ପ୍ରାଥମିକ ବିଦ୍ୟାଳୟ ହେଉଛି ଶିକ୍ଷାର ମୂଳଭିତ୍ତି ଏବଂ ବହୁ ବିଶେଷଜ୍ଞଙ୍କ ଦୃଢ଼ ଯୁକ୍ତି ହେଲା ମଣିଷର କ୍ରମବର୍ଦ୍ଧିଷ୍ଣୁ ମସ୍ତିଷ୍କର ୮୫ ପ୍ରତିଶତ ବିକାଶ ୩ ବର୍ଷରୁ ୬ ବର୍ଷ ଭିତରେ ହୋଇଥାଏ। ଏହି ବର୍ଷର ପିଲାମାନେ ଅଙ୍ଗନୱାଡି ଓ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରନ୍ତି। କିନ୍ତୁ ଆମ ଅଙ୍ଗନୱାଡିର ଅବସ୍ଥା ନ କହିବା ଭଲ। ଜଣେ କର୍ମୀ ଓ ଜଣେ ସହାୟିକାଙ୍କୁ ନେଇ ଚାଲିଛି ଅଙ୍ଗନୱାଡି। ଅଧିକାଂଶ ଅଙ୍ଗନୱାଡିର ନିଜସ୍ୱ ଗୃହ ମଧ୍ୟ ନାହିଁ। ବିଡ଼ମ୍ବନାର ବିଷୟ ହେଲା ଅଧିକାଂଶ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକ ଶିକ୍ଷାର ଅନ୍ତର୍ଗତ ହୋଇଥିବା ବେଳେ ବିଷୟଭିତ୍ତିକ ଶିକ୍ଷକର ପ୍ରୟୋଜନୀୟତାକୁ ଆଖିବୁଜି ଦେବା ଶିକ୍ଷା ଅଧିକାର ଆଇନ ପ୍ରତି ଉପହାସ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏମିତି ବହୁ ବିଦ୍ୟାଳୟ ଅଛି, ଯେଉଁଠାରେ ପାଞ୍ଚଟି ଶ୍ରେଣୀକୁ ଜଣେ ଶିକ୍ଷକ ଅଛନ୍ତି। ଏପରି ଦୟନୀୟ ସ୍ଥିତି ଯେଉଁଠି ସେଠାରେ ନିଜ ପୁଅଝିଅଙ୍କୁ ଭର୍ତ୍ତିକରି ଅନ୍ଧକାର ଭିତରକୁ ଠେଲିଦେବା ପାଇଁ ଜଣେ ଇଚ୍ଛା କରିବ ବା କାହିଁକି ? ମାଧ୍ୟମିକ ବିଦ୍ୟାଳୟର ସ୍ଥିତି ଆହୁରି ନୈରାଶ୍ୟଜନକ। ବିଭିନ୍ନ କିସମର ଓଡ଼ିଆ ମାଧ୍ୟମିକ ବିଦ୍ୟାଳୟ ଓ ଜାତି ଜାତିକା ଶିକ୍ଷକ। ଅର୍ଦ୍ଧାଧିକ ବିଦ୍ୟାଳୟର ସ୍ଥିତି ହେଉଛି ଶିକ୍ଷକ ଅବସର ନେଲେ ଶୂନ୍ୟ ପଦବୀ ପୂରଣର ବ୍ୟବସ୍ଥା ନାହିଁ। ଏମିତି ରାଜ୍ୟରେ ବହୁ ବିଦ୍ୟାଳୟ ଅଛି ଯେଉଁଠାରେ ଇଂଲିଶ, ଗଣିତ, ବିଜ୍ଞାନ ଭଳି ବିଷୟ ଯାହାକୁ ଆଧାର କରି ଡାକ୍ତରୀ ଓ ଇଞ୍ଜିନିୟରିଂ ଶିକ୍ଷା ପାଇଁ ଛାତ୍ରୀଛାତ୍ରମାନେ ମନ ବଳାନ୍ତି ତାକୁ ପଢ଼ାଇବା ପାଇଁ ଶିକ୍ଷକ ନାହାନ୍ତି। ଏବେ ଆସନ୍ତୁ ରାଜ୍ୟରେ ଥିବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କେଉଁ ସ୍ଥିତିରେ ଚାଲିଛି ସେ ବିଷୟରେ ଜାଣିବା। ଦୀର୍ଘ ୪୦ ବର୍ଷ ଲାଗିଲା ଏହି ବିଦ୍ୟାଳୟଗୁଡ଼ିକ ମହାବିଦ୍ୟାଳୟ ଅଧୀନରେ ରହିବ କି ଗଣଶିକ୍ଷା ବିଭାଗକୁ ଆସିବ। ପୁନଶ୍ଚ ରାଜ୍ୟର ଅଳ୍ପ କେତୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଛାଡ଼ିଦେଲେ ଅନ୍ୟ ସବୁଠି ଶିକ୍ଷକ ଅଭାବଜନିତ ସମସ୍ୟା ଯୋଗୁ ଛାତ୍ରୀଛାତ୍ରମାନେ ଟ୍ୟୁଶନ୍ ବା କୋଚିଂ ସେଣ୍ଟର ଉପରେ ସଂପୂର୍ଣ୍ଣ ନିର୍ଭରଶୀଳ। ଏପରି ସ୍ଥଳେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉପରେ ଲୋକଙ୍କର ଆସ୍ଥା ରହନ୍ତା ବା କିପରି ?

ଏହା ସତ୍ତ୍ୱେ ଆଜି ଦିନରେ ରାଜ୍ୟର ୮୩ ପ୍ରତିଶତ ପିଲା ସରକାରୀ ବିଦ୍ୟାଳୟରେ ଅଧ୍ୟୟନ କରନ୍ତି। ଏମାନଙ୍କର ଦକ୍ଷତା ବୃଦ୍ଧି କରିବା ଯେକୌଣସି ସରକାରର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ। ବିଶେଷ ଭାବରେ ଗ୍ରାମ ଓ ସହରତଳି ଅଞ୍ଚଳରେ ବସବାସ କରୁଥିବା ସତୁରି ପ୍ରତିଶତରୁ ଅଧିକ ଲୋକ ଯେଉଁମାନେ ଆର୍ଥିକ ଅନଗ୍ରସର ଓ ପଛୁଆବର୍ଗ ସେମାନଙ୍କ ପାଇଁ ସରକାରୀ ବିଦ୍ୟାଳୟ ଏକ ମାତ୍ର ସାହା ଭରସା। ଏମାନଙ୍କୁ ଶିକ୍ଷା କ୍ଷେତ୍ରରେ ଉପେକ୍ଷା କଲେ ବୈଷମ୍ୟକୁ ସ୍ୱାଗତ କରିବା ହିଁ ସାର ହେବ। ଦ୍ୱିତୀୟରେ ଘରୋଇ ବିଦ୍ୟାଳୟ ଖୋଲିବାରେ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ସେମାନଙ୍କ ପାଇଁ ଯେଉଁ ପ୍ରକାର ସାହାଣ ମେଲା ହୋଇଛି ପରୋକ୍ଷରେ ସାର୍ବଜନୀନ ଶିକ୍ଷା ପ୍ରତି ଆମର ଆନ୍ତରିକତାକୁ ପଦାରେ ପକାଇ ଦେଉଛି। ଗୋଟିଏ ସରକାରୀ ବିଦ୍ୟାଳୟ ନିକଟରେ ଆଉ ଏକ ଘରୋଇ ବିଦ୍ୟାଳୟ ଖୋଲିବାକୁ ଅନୁମତି ଦେବା କାହା ସ୍ୱାର୍ଥରେ ବୋଲି ପ୍ରଶ୍ନ ଉଠୁଛି। ତଥାପି ରାଜ୍ୟ ସରକାର ଯେଉଁ ସଂକଳ୍ପ ପାରିତ କରିବାକୁ ଯାଉଛନ୍ତି ଏହା ଏକ ଶୁଭ ଲକ୍ଷଣ। ଏହା ସହିତ ସରକାରୀ ସ୍କୁଲର ମାନ ବୃଦ୍ଧି ଦିଗରେ ପଦକ୍ଷେପମାନ ନେବାର ଆବଶ୍ୟକତା ଅଛି। ବିଜ୍ଞାନାଗାର, କମ୍ପ୍ୟୁଟର ଲାବ ସମସ୍ତ ବିଦ୍ୟାଳୟରେ ପ୍ରତିଷ୍ଠା ପ୍ରତି ଧ୍ୟାନଦେବା ଜରୁରୀ। ଗୋଟିଏ ଶ୍ରେଣୀରେ ଅତିକମରେ କେତେ ଛାତ୍ରୀଛାତ୍ର ହେଲେ ବିଦ୍ୟାଳୟ ଚାଲିବ ବୋଲି ନିୟମ ଥିବାବେଳେ ସର୍ବାଧିକ କେତେ ଶିକ୍ଷାର୍ଥୀ ଶ୍ରେଣୀ କକ୍ଷରେ ବସିପାରିବେ ସେଥିପାଇଁ ନିୟମ କରିବା ଜରୁରୀ ନୁହେଁ କି ? ପୁନଶ୍ଚ ସବୁ ଥାଇ ଯଦି ଶିକ୍ଷକ ନ ରହିବେ ତେବେ ଉତ୍ତମ ଶିକ୍ଷଣ ପ୍ରକ୍ରିୟା ସମ୍ଭବ ନୁହେଁ। ଏଥିପାଇଁ ଶିକ୍ଷକ ନିଯୁକ୍ତି ଧାରାକୁ ସରଳୀକରଣ କରିବା ବାଞ୍ଛନୀୟ।

କଥା ହେଲା ଏସବୁ କରିବ କିଏ ? ଯେଉଁମାନେ କରିବେ ସେମାନଙ୍କ ପୁଅଝିଅ ଘରୋଇ ବିଦ୍ୟାଳୟରେ। ମନ କଲିକତା ଦେହ ଓଡ଼ିଶା। ଦିନରେ ସରକାରୀ ସ୍କୁଲ ସପକ୍ଷରେ ଯୁକ୍ତି, ରାତିରେ ଘରୋଇ ବିଦ୍ୟାଳୟର ପ୍ରଶଂସାରେ ଶତମୁଖ। ଏହି ଦୈତ୍ୟାଚାରର ପରିସମାପ୍ତି ଘଟିଲେ ଅର୍ଦ୍ଧାଧିକ ସମସ୍ୟାର ସମାଧାନ ଯଥାଶୀଘ୍ର ହେବ ଏଥିରେ ଦ୍ୱିମତ ନାହିଁ। ଏଥିପାଇଁ ଯେଉଁ ବ୍ରହ୍ମାସ୍ତ୍ରର ପ୍ରୟୋଗ ଲୋଡା ତାହା ୨୦୧୫ରେ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଉତ୍ତରପ୍ରଦେଶ ସରକାରଙ୍କୁ ଅର୍ପଣ କରିଥିଲେ। କିନ୍ତୁ ତାହା କାର୍ଯ୍ୟକାରୀ ହେଲା ନାହିଁ କି ଭବିଷ୍ୟତରେ ହେବ ଏଥିରେ ମଧ୍ୟ ସନ୍ଦେହ। ଏହି ଚରମ ନିଷ୍ପତ୍ତିକୁ ଆମ ରାଜ୍ୟ ସରକାର କାର୍ଯ୍ୟକାରୀ କରିପାରିଲେ ସମଗ୍ର ଦେଶ ପାଇଁ ଏକ ନୂତନ ସମ୍ଭାବନାର ବାର୍ତ୍ତାବହ ହେବେ। ଯେମିତି ସରକାରୀ ସ୍କୁଲରେ ପାଠ ପଢ଼ିଲେ ଡାକ୍ତରୀ ଓ ଇଞ୍ଜିନିୟରିଂ ଶିକ୍ଷାରେ 'ସ୍ଥାନ ସଂରକ୍ଷଣର ସଂକଳ୍ପ' ସମ୍ପର୍କିତ କାନୁନ, ସେମିତି ସରକାରଙ୍କ ତହବିଲରୁ ଦରମା କିମ୍ବା ଭତ୍ତା ନେଉଥିବା ସମସ୍ତ ବ୍ୟକ୍ତି ତାଙ୍କ ପିଲାଙ୍କୁ ସରକାରୀ ବିଦ୍ୟାଳୟରେ ପଢ଼ାଇବାକୁ ବାଧ୍ୟ ବୋଲି ଏକ ନିୟମ ପ୍ରଣୟନ କରିପାରିଲେ ସରକାରୀ ବିଦ୍ୟାଳୟ ପ୍ରତି ସରକାରଙ୍କର ଆନ୍ତରିକତାକୁ ନେଇ କେହି ପ୍ରଶ୍ନ ଉଠାଇପାରିବେ ନାହିଁ।

ମୋ: ୭୦୦୮୦୭୩୫୯୯

# ମହାପ୍ରଭୁ ରାସ୍ତା ଖଣ୍ଡେ ଦିଅ

ଡ. ଚନ୍ଦନ କୁମାର ସିଂହ

ଟୁରୁକୁପା ଗାଁର ନାଇକ ରାଜେନ୍ଦ୍ର ଡାଗରେକା। ବୟସ- କେତେ ଜାଣି ନାହିଁ ଆଜ୍ଞା। ମୁନିଗୁଡା ବ୍ଲକ ଘମଟଗୋଡା ପଞ୍ଚାୟତର ଟୁରୁକୁପା ଗାଁ। ଡଙ୍ଗର ଉପରର ଏହି ଗାଁ ଟୁରୁକୁପା। କାଳିକୋଳଥରୁ ଯେଉଁ କଳା ମଚମଚ ରାସ୍ତା ଡେଇଁକୁଦି ଆଗକୁ ଆଗକୁ ଚାଲିଯାଇଛି, ସେଇ ରାସ୍ତାରେ ଖଣ୍ଡେ ଦୂର ଆଗେଇଗଲେ ଆଖିରେ ପଡେ ମାଣିକେଶ୍ୱରୀ ଡଙ୍ଗର। ମାଣିକେଶ୍ୱରୀ ଡଙ୍ଗରର କାନି ଧରି ଧରି ଆଗକୁ ଚାହିଁଲେ ବାଁ ପଟକୁ ପଡେ ଟୁଡୁ ଘାଟି ଡଙ୍ଗର। ନାକ ସିଧାରେ କଲରାଶୁଣି ଡଙ୍ଗର। ଏଇ ତିନି ଡଙ୍ଗରର ଉତ୍ତରା-ଦକ୍ଷିଣା ପବନରେ ଟୁରୁକୁପାର ଚଉହଦୀ ଚିତ୍ର ଓ ଚରିତ୍ର। ଗାଁରେ ସମୁଦାୟ ବାଇଶ ଘର। ସମସ୍ତେ କୁଇବନ୍ଧ ଜନସମ୍ପ୍ରଦାୟର। ମୁହାଁମୁହିଁ ହୋଇ ଠିଆ ହୋଇଛନ୍ତି ବାଇଶ ଘର। ବାଇଶ ଘରର ପାଞ୍ଚ ଘର ସରକାର ମହାପ୍ରଭୁଙ୍କ ଘର। ଆଉ ସବୁତକ ଖଡାରୁଲୁ ଘର। ଏଇ ଘର, ଘର ପାଖକୁ ଗାଈ ଗୁହାଳ, ଛେଳି ଗୁହାଳ। ଟଣାଟଣି ହୋଇ ଏପରି ଠିଆ ହୋଇଛନ୍ତି ଗୁହାଳ ଓ ମଣିଷର ଘର ବାରିହେବାକୁ ଯୁ ନାହିଁ। ଗାଁ ଦାଣ୍ଡରେ ଧରନାପେନୁ କେଉଁକାଲୁ ଡଙ୍ଗର ଓ ଆକାଶକୁ ଅନାଇଛନ୍ତି। ଏବେ ଏବେ ଧରାନ ପେନୁ ଚାରିପଟେ ପକ୍କା ବନ୍ଧ ହୋଇଗଲାଣି। ଟୁରୁକୁପା ଗାଁକୁ ପଶୁ ପଶୁ ଗାଁ ନାଇକ ରାଜେନ୍ଦ୍ର ଜାଗରେକାଙ୍କ ଘର। ସେ ଗାଁ ନାଇକ। ମାତ୍ର ନାଇକଙ୍କ ଘର ଯେ ଅଲଗା ଦିଶିବ, ରାଜେନ୍ଦ୍ର ଜାଗରେକାଙ୍କ ଘର ଦେଖିଲେ ସେକଥା ବୁଝାପଡୁ ନ ଥାଏ।

କଲରାଶୁଣି ଡଙ୍ଗର ଉପରୁ ଝରା ଆସି ଟୁରୁକୁପା ଗାଁକୁ ନ ଛୁଉଁଣୁ ମଣିଷର ପାଦ ଥରଥର ହୋଇ ଡଙ୍ଗରର ବାଆକୁ ନିଜ ଆଡକୁ ଟାଣିନିଏ। ଉଚ୍ଛୁଣିକା ଟୁରୁକୁପା ଦିହକୁ ଛୁଇଁ ଛୁଇଁଯାଇଛି ସୋରିଷ କିଆରିର ସୁନାପାଣିର ଚଦର। ପୁଷ ଯାଇନାହିଁ। ଟୁରୁକୁପା ଆମ୍ବ ଗଛରେ ବଉଳର ହସ ଉଙ୍କିମାରିଲାଣି। ଗଲାସନ ତେନ୍ତୁଳି ଭଲ ହୋଇଥିଲା। ଆମ୍ବ ନ ଥିଲା। ତେନ୍ତୁଳି ବରଷେକୁ ତ ଆମ୍ବ ବରଷେ। କେଉଁକାଳୁ ଏପରି ଚଳିଆସିଛି। ଟୁରୁକୁପାର ସବୁଠାରୁ ପୁରୁଣା ମଣିଷ ସାଇବ ଜାଗରେକା। ଟୁରୁକୁପାର ଗାଁ ଉଠାଣି ଉଠୁ ଉଠୁ ଡାହାଣ ହାତି ଅରମାଭିତରୁ ଟୁରୁକୁପା ସ୍କୁଲ ଜୁକୁ ଜୁକୁ ଦିଶେ। ୭/୮ ମାସ ହେବଣି ଏଠି ଅବଧାନେଙ୍କ ପାଦ ପଡ଼ିଛି କି ନାହିଁ, ସ୍କୁଲ ବାରଣ୍ଡାରୁ ସେ କଥା ପରଟେଯିବ। ସ୍କୁଲ ନା ଉପନ୍ୟାସର ଭୂତକୋଠି, ଆମର, ଦେଶର, ସମ୍ବିଧାନର ଭବିତ୍ୟ ସଂସାର ଏ ସ୍କୁଲ। କିନ୍ତୁ ତା'ର ଏ ନରଖର ରୂପ ଦେଖି ବେଶି କିଛି ଭାବିହୁଏ ନାହିଁ। ରୀନା, ରଶ୍ମି, କରୁ, ବୃନ୍ଦା, ମନୋଜ, ଚନ୍ଦୁ, ରାନୀ, ସବି, ବିରଞ୍ଚି, ପିଣ୍ଟୁ, ଘାସି, ଦୀପକ, ଅମିତ୍ରାଙ୍କ ଆଖିରେ ପୁଳା ପୁଳା ଚାହାଣି। କେବେ ଇସ୍କୁଲ ଖୋଲିବ। ତୁମର ଗାଁ ଭୁବନେଶ୍ୱର, ଆମର ଗାଁ ଟୁରୁକୁପା।

ମଳୟ ସାକାଡାକା। ଗାଁ ଭେଣ୍ଡିଆ। ତେଇଶ ଚବିଶ ବର୍ଷ ବୟସ ହେବ। ଟାଙ୍ଗି ଧରି ଡଙ୍ଗର ବାହାରିଛି। ଡଙ୍ଗରର ବାନ୍ଧଣକାଠ ଭଲ ଜଳେ। ଲାଉଶାଗ, ଚୁଡଙ୍ଗ ସିଝା ଓ ବାତ୍ ଖାଇ ମଳୟ ଡଙ୍ଗର ବାହାରିଛି। ମଳୟ କେରଳ ଯାଇଥିଲା। ମାର୍ଚ୍ଚମାସରୁ ଘର ଆସିଲାଣି। ମଳୟର ସାଙ୍ଗ ଦେବ, ରାଇମାଝୀ, ବିସ୍କେ, ରାସେ, ସୁରେନ୍ଦ୍ର, ବବି, ପ୍ରଫୁଲ୍ଲ ବେଶିଦିନ ହେଲା ଗଲେଣି। ମଳୟ ନଅ ମାସ କେରଳରେ ଥିଲା। କାଗଜ ଚା' ଗ୍ଲାସ ମେଶିନ୍‌ରେ କାମ କରୁଥିଲା। ଖାଇବା, ପିଇବା ରହିବା କମ୍ପାନୀର। ମାସକୁ ଦଶହଜାର ମିଳୁଥିଲା। ଆକାଶ ଓ ମାଟିର କଥା ଶୁଣୁଥିବା ମୁନିଗୁଡା ବ୍ଲକର କାହିଁ କେଉଁ କେଉଁ ଗାଁ ଭିତରୁ ଭେଣ୍ଡିଆ ହଜାର ହଜାର ସଂଖ୍ୟାରେ ନିଜ ଜୀବନର ସୀମାକୁ ଛୁଇଁବା ପାଇଁ କେରଳ ମୁହାଁ।

କାଳିକୋଳଥ ରାସ୍ତାରୁ ପାଞ୍ଚାବାଲି ଛକ ଡେଇଁଗଲେ ଟୁରୁକୁପାକୁ ବାଟ ପଡିଛି କଲରାଶୁଣି ଆଉ ମାଣିକେଶ୍ୱରୀ ଡଙ୍ଗର ଧାଇଧାଇ। ତିନି/ଚାରି ଅନାମିକା ଝରଣା ଡେଇଁ ଡେଇଁ ବୋଲୁଅ, ଢେଲା, ଖାଲ, ଢିପର ମଡ଼ା। ଟୁରୁକୁପା ମଣିଷର ପାଦ ବାଜି ବାଜି ମଡା ପାଦଚଲା ରାସ୍ତା ନିଜ ଦିହକୁ ସୁସ୍ପଷ୍ଟ କରିଛି। ଏହାରି ଉପରେ ଖଟିଆରେ ଭୁଆସୁଣୀ ଜଗଦଲପୁର ଆଉ ମୁନିଗୁଡାକୁ ବୁହା ହେଉଛି। ବର୍ଷା ଚାରିମାସ ଏ ରାସ୍ତା/ମଡ଼ାର ଦୁଃଖ ଦୁର୍ଦ୍ଦଶା ସୀମା ଲଘିଯାଏ। ଫୁଲେଇ ସଜେଇ ଝରଣା ରାଗ ଗର ଗର ହୋଇ ନିଜ ରୂପ ଦେଖାଇଦିଏ। ତାରି ଭିତରେ ଖଟିଆରେ ବୁହା ହୋଇ ଆସନ୍ନ ପ୍ରସବା ଟୁରୁକୁପା ଘାଟି ଗାଁରୁ ଜଗଦଲପୁର ନଚୁବା ମୁନିଗୁଡା ଆସେ। ସାମ୍ବିଧାନିକ ପ୍ରତିଶ୍ରୁତିର ଯନ୍ତ୍ରଣାମୟ ଛବିକୁ କଳନା କରିବା, ଅନ୍ଦାଜ କରିବା ବଡ଼ କଷ୍ଟ। ଗାଁ ନାଇକ ଗାଁ ଭାଇଙ୍କ ସହ କେତେଥର କାନ୍ଧଦେଲେଣି ଖଟିଆ ଭାରରେ। ସେଥିପାଇଁ ଦୁଃଖନାହିଁ। ମାତ୍ର ଆଖିର ଲୁହକୁ ପୋଛୁ ପୋଛୁ କହିଉଠିଲେ, ଆଜ୍ଞା ମୋର ଇଜ୍ଜତ ରହୁ। ଗାଁର ଇଜ୍ଜତ ରହୁ। ସରକାର ଖଟ ଦେଇଛି, ଏ ରାସ୍ତାରେ ଯିବା ପାଇଁ। ନିଜ ଭୁଆସୁଣୀର ଇଜ୍ଜତକୁ ସିନା ଦେଖିପାରିବି। ଝିଅ, ଅନ୍ୟ ଭୁଆସୁଣୀର ଇଜ୍ଜତକୁ କିପରି ଦେଖିବି? ଗୋରୁ ଛେଳିପରି ରକ୍ତ ହୋଇଯାଉଥିବ, କେମିତି ଦେଖିବି ଆଜ୍ଞା। ମହାପ୍ରଭୁ, ମୋ ଗାଁକୁ ରାସ୍ତା ଖଣ୍ଡେ ଦିଅ।

ମୁନିଗୁଡା, ରାୟଗଡା

# ଏଇ ଭାରତରେ

ବର୍ଷା ଓ ବନ୍ୟା ବହୁ ସମୟରେ ପିଆଜ ଚାଷକୁ ବିପର୍ଯ୍ୟୟ କରିଦେଉଛି। ଅନ୍ୟପକ୍ଷରେ ଭଣ୍ଡାର ବ୍ୟବସ୍ଥାର ଅଭାବ ପିଆଜ ଦରବୃଦ୍ଧିର କାରଣ ପାଲଟୁଛି। ତେବେ ଭଣ୍ଡାର ବ୍ୟବସ୍ଥା ବିନା ବହୁଦିନ ରଖାଯାଇପାରୁଥିବା ଏକ କିସମର ପିଆଜ ପ୍ରସ୍ତୁତ କରିଛନ୍ତି ମହାରାଷ୍ଟ୍ରର ଜଣେ କୃଷକ। ମହାରାଷ୍ଟ୍ରର ଡୁଆଣ୍ଡ ନିବାସୀ ସନ୍ଦୀପ ଘୋଲେ ଏହି ପିଆଜର ନାମ ରଖିଛନ୍ତି 'ସନ୍ଦିପ ଓନିୟନ'। ସନ୍ଦିପ ୨୦୦୮ରେ ପିଆଜ ଚାଷ କରିଥିଲେ। ଅମଳ ପରେ ତାହା କିପରି ବହୁଦିନ ଧରି ଗଚ୍ଛିତ ରଖାଯାଇପାରିବ, ସେ ସମ୍ପର୍କରେ ଗବେଷଣା ଜାରି ରଖିଥିଲେ। ୨୦୧୨ରୁ ନୂଆ କିସମର ପିଆଜ ବିହନ ବିକାଶ କରିବାର କାର୍ଯ୍ୟକୁ ବ୍ୟାପକ କରି ଦୀର୍ଘ ଆଠବର୍ଷ ପରେ ସଫଳ ହୋଇଛନ୍ତି। 'ସନ୍ଦିପ ଓନିୟନ'ର ରୋଗ ପ୍ରତିରୋଧକ ଶକ୍ତି ଅଧିକ। ଅମଳ ପରେ ନ ପଚି ବହୁଦିନ ରହୁଥିବା ପିଆଜକୁ ସେ ଲଗାଇ ସେଥିରୁ ମଞ୍ଜି ସଂଗ୍ରହ କରୁଥିଲେ। ପୁଣି ସେହି ମଞ୍ଜିକୁ ଲଗାଇ ଅମଳ ପରେ ସମାନ ପଦ୍ଧତିରେ ମଞ୍ଜି ସଂଗ୍ରହ କରି ପରବର୍ତ୍ତୀ ଚାଷକୁ ଆଗଉଥିଲେ। ଏହିପରି ବର୍ଷ ପରେ ବର୍ଷ ଚାଷ କରିବା ପରେ ଏବେ ସମ୍ପୂର୍ଣ୍ଣ ନୂଆ କିସମ ବିହନ ପ୍ରସ୍ତୁତ କରିଛନ୍ତି। ଯାହା ଅମଳ ପରେ ଶୀଘ୍ର ନଷ୍ଟ ହେଉନି। ଏହି ନୂଆ କିସମର ପିଆଜର ରଙ୍ଗ ଫିକା ନାଲି। ଏହା ଉପରେ ଦୁଇଟି ଚୋପା ବି ରହୁଛି। ସନ୍ଦିପ କଳାରେ ଡିଗ୍ରୀ ହାସଲ କରିବାପରେ ପିଆଜ ଚାଷ କରି ଏଭଳି ସଫଳତା ପାଇଥିବାରୁ ଡାଇରେକ୍ଟୋରେଟ ଅଫ ଓନିୟନ ଆଣ୍ଡ ଗାର୍ଲିକ ରିସର୍ଚ୍ଚ ପକ୍ଷରୁ ତାଙ୍କୁ ପ୍ରଗତିଶୀଳ କୃଷକ ପୁରସ୍କାର ପ୍ରଦାନ କରାଯାଇଛି। ସନ୍ଦିପ ବିକାଶ କରିଥିବା ପିଆଜକୁ କୋଙ୍କୋଣର କୃଷି ବିଶ୍ୱବିଦ୍ୟାଳୟ ଅଧିକ ଅମଳକ୍ଷମ ବିହନର ସ୍ୱୀକୃତି ଦେବାପରେ ଏହି ବିହନକୁ ବିଭିନ୍ନ ରାଜ୍ୟକୁ କୃଷକମାନଙ୍କୁ ପ୍ରଦାନ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଜାନୁୟାରୀ ୧୯୯୬

- ଯୌନ ନିର୍ଯାତନା ମାମଲାରେ ଆମେରିକା ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ବିରୋଧରେ ମକଦ୍ଦମା କରିବା ନେଇ ଜଣେ ମହିଳାଙ୍କୁ ଅଦାଲତ ଅନୁମତି ପ୍ରଦାନ କରିଛନ୍ତି।
- ବିଦାୟୀ ଜାପାନ ପ୍ରଧାନମନ୍ତ୍ରୀ ତୋମିଚି ମୁରାୟାମା ଦେଶର ୧୪ତମ ଦୀର୍ଘସ୍ଥାୟୀ ପ୍ରଧାନମନ୍ତ୍ରୀ ହେବାର ଗୌରବ ଅର୍ଜନ କରିଛନ୍ତି।
- ସାର୍କ ରାଷ୍ଟ୍ର ମଧ୍ୟରେ ବାଣିଜ୍ୟ କାରବାର ଦୃଢ଼ୀକରଣ ପାଇଁ କ୍ରିୟାନୁଷ୍ଠାନ ଯୋଜନା ଆଗତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | 9 | E | | | 6 | | 0 | D | | | | A | 5 |
| | B | | 3 | | | | | | 0 | 9 | E | | 7 | |
| 0 | | C | | 5 | | 7 | | | | B | | D | | |
| 8 | | | 4 | 7 | | | | | | | | | | |
| 5 | E | 2 | | | | | | | A | 4 | | | 8 | C |
| 4 | 0 | D | | | | | 8 | A | 7 | | | | | |
| B | | | A | | 4 | | 2 | D | | | C | E | 9 | |
| | 9 | | 6 | 3 | | C | 0 | | | 1 | | | | |
| | 1 | | | D | | | 3 | E | | | | | | 6 |
| | | | | 9 | 7 | | | | | E | | | 0 | |
| | | 4 | | | | | | 3 | | D | | | 6 | |
| | 6 | | 1 | | | 4 | 5 | | C | 2 | 8 | 9 | | |
| | | | | | | | | | | | A | | 2 | 0 |
| | | | | | E | | | 1 | B | 5 | | | | |
| 2 | | | | | | | | 8 | | | 3 | | E | B |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 1 | D | 7 | 9 | 3 | 2 | 4 | E | B | A | 0 | 6 | 5 | 8 | C |
| E | 3 | A | 0 | C | 5 | 1 | 7 | 9 | D | 2 | 8 | 6 | 4 | B |
| 0 | 4 | 5 | A | B | 8 | D | 6 | C | 1 | 9 | E | 2 | 3 | 7 |
| 8 | 2 | 6 | E | 7 | D | 3 | 5 | 0 | B | 4 | C | 9 | 1 | A |
| 9 | C | B | 4 | 1 | 6 | A | 2 | 8 | 5 | 7 | 3 | D | E | 0 |
| B | 9 | 8 | D | 5 | A | 2 | 4 | E | 7 | 6 | 0 | 3 | C | 1 |
| C | A | 4 | 7 | 6 | 1 | 8 | D | 3 | 2 | B | 5 | E | 0 | 9 |
| 2 | 7 | 1 | 3 | 9 | 0 | 5 | C | 6 | E | A | 4 | B | D | 8 |
| 3 | E | 0 | 2 | 8 | 4 | B | 1 | A | 9 | C | D | 7 | 5 | 6 |
| 6 | 5 | D | C | E | B | 0 | 9 | 7 | 8 | 3 | 1 | 4 | A | 2 |
| D | 1 | 2 | B | 0 | C | 7 | A | 5 | 4 | E | 9 | 8 | 6 | 3 |
| A | B | C | 5 | 4 | 9 | 6 | 8 | 1 | 3 | D | 7 | 0 | 2 | E |
| 5 | 0 | 3 | 8 | D | 7 | E | B | 2 | 6 | 1 | A | C | 9 | 4 |
| 7 | 8 | 9 | 6 | A | E | C | 3 | 4 | 0 | 5 | 2 | 1 | B | D |
| 4 | 6 | E | 1 | 2 | 3 | 9 | 0 | D | C | 8 | B | A | 7 | 5 |

ଗତକାଲିର ଉତ୍ତର

# ଗଙ୍ଗା କଟକରେ ନାହିଁ



ଅଭିମନ୍ୟୁ ଧଳ

ଓଡ଼ିଆରେ କଥାଟିଏ ଅଛି 'ଭାଗ୍ୟରେ ନାହିଁ ତ, ଗଙ୍ଗା କଟକରେ ନାହିଁ।' ପୌରାଣିକ ଆଖ୍ୟାନ ଅନୁସାରେ କପିଳ ମୁନିଙ୍କ ଅଭିଶାପରେ ରାଜା ସଗରଙ୍କ ପୁତ୍ରମାନେ ପ୍ରଜ୍ୱଳିତ ଅଗ୍ନିରେ ବର୍ଷବର୍ଷ ଅସହ୍ୟ ଯନ୍ତ୍ରଣା ଭୋଗୁଥିଲେ। ସେହି ବଂଶର ଯୋଗଜନ୍ମା ଦାୟାଦ ଭାଗୀରଥ କଠୋର ତପସ୍ୟା କରି ଗଙ୍ଗାମାତାଙ୍କୁ ଧାରଣୀ ପୃଷ୍ଠକୁ ଆଣିବାରେ ସକ୍ଷମ ହୋଇଥିଲେ। ମା' ପତିତପାବନୀ ଗଙ୍ଗାଙ୍କ ପବିତ୍ର ଜଳସ୍ପର୍ଶରେ ସଗର ଦାୟାଦମାନେ ମୁକ୍ତି ପାଇଲେ। ହିମାଳୟର ଗଙ୍ଗୋତ୍ରୀ ନାମକ ତୁଷାରସ୍ରୋତରୁ ବାହାରିଥିବା ଚିରସ୍ରୋତା ପବିତ୍ର ଗଙ୍ଗାନଦୀ ପଶ୍ଚିମବଙ୍ଗ ଦେଇ ବଙ୍ଗୋପସାଗରରେ ପଡ଼ିଛି। ଏହି ପବିତ୍ର ନଦୀରେ ବୁଡ଼ ପକାଇଲେ, ମୃତ ବ୍ୟକ୍ତିର ଅସ୍ଥି ପାପନାଶନ ହେବା ସହିତ ମୃତ ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ହୁଏ ବୋଲି ହିନ୍ଦୁମାନଙ୍କର ଗଭୀର ବିଶ୍ୱାସ ରହିଛି। ଏହି ନଦୀର ଜଳରେ ଔଷଧୀୟ ଗୁଣ ରହିଛି। 'ନମାମି ଗଙ୍ଗେ' କାର୍ଯ୍ୟକ୍ରମ ମାଧ୍ୟମରେ ହଜାର ହଜାର କୋଟି କୋଟି ଖର୍ଚ୍ଚ କରି ଏହି ପବିତ୍ର ଜଳର ସ୍ୱଚ୍ଛତା ଫେରାଇ ଆଣିବାକୁ କାର୍ଯ୍ୟକ୍ରମ ଜାରି ରହିଛି। ହିନ୍ଦୁ ପରମ୍ପରା ଅନୁଯାୟୀ ବିବାହ, ବ୍ରତ, ପୂଜା, ପାର୍ବଣ ଏପରି କି ଦଶାହକର୍ମ ଆଦିରେ ପବିତ୍ର ଗଙ୍ଗା ଜଳର ଆବଶ୍ୟକତା ହୋଇଥାଏ। ଆଗେ ଯେଉଁମାନେ କଲିକତାରେ କାମ କରନ୍ତି, ସେମାନେ ଘରକୁ ଫେରିବା ବେଳେ ଗଙ୍ଗାଜଳ ଆଣିବା ପାଇଁ ଭୁଲି ନ ଥାନ୍ତି। ଗାଁଟା ସାରା ଲୋକେ ସେହିମାନଙ୍କ ଘରୁ ଗଙ୍ଗା ଜଳ ଆଣି କର୍ମରେ ଲଗାଇଥାନ୍ତି। ବର୍ତ୍ତମାନ ପୂଜା ସାମଗ୍ରୀ ଦୋକାନଗୁଡ଼ିକରେ ଛୋଟ କାଚ ବା ପ୍ଲାଷ୍ଟିକ ଶିଶିରେ ଗଙ୍ଗା ଜଳ ବିକ୍ରି ହେଉଛି। ଲୋକେ ଏହି ପବିତ୍ର ଜଳକୁ କିଣିଲା ବେଳେ ମୁଣ୍ଡରେ ମାରି ସନ୍ତର୍ପଣର ସହିତ ଠାକୁରଙ୍କ ପୂଜା ସ୍ଥାନରେ ରଖିଥାନ୍ତି।

'ଗଙ୍ଗା କଟକରେ ଅଛି' ବୋଲି ଅସାଧୁ ବ୍ୟବସାୟୀମାନେ ଲୋକମାନଙ୍କ ଧର୍ମୀୟ ଭାବନା ଉପରେ କୁଠାରାଘାତ କରି ବେଶ୍ ଦି' ପଇସା କମେଇ ଚାଲିଛନ୍ତି। ଏପରି ଏକ ନକଲି ପୂଜା ସାମଗ୍ରୀ ପ୍ରସ୍ତୁତ କାରଖାନା ଉପରେ ଚଢ଼ଉ କରି ରହସ୍ୟ ଉନ୍ମୋଚନ ହୋଇଛି। ନିକଟସ୍ଥ କେନାଲ ପାଣିକୁ ଆଣି ଗଙ୍ଗା ଜଳ, ପଞ୍ଚତୀର୍ଥ ଜଳ ବୋତଲ ପିଛା ୧୦ ଟଙ୍କା, ଗୋଲାପ ଜଳ ଓ ଅଗୁରୁ ୨୦ ଟଙ୍କାରେ ଓ ମହୁ ପଚାଶରୁ ଶହେ ଟଙ୍କାରେ ବିକ୍ରି ହେଉଥିଲା। ଚିନିକୁ ପାଗକରି ସେଥିରେ ଏସେନସ ମିଶାଇ ମହୁତିଆରି ଓ ଏକ ପ୍ରକାର ସ୍ପିରିଟ ଓ ଏସେନସ ମିଶାଇ ଅଗୁରୁ ପ୍ରସ୍ତୁତ ହେଉଥିଲା। ଆମେ ଖୋଜି ଖୋଜି ନିଜେ ବ୍ୟବହାର ପାଇଁ ଖାଣ୍ଟି ଗୁଆଘିଅ ସଂଗ୍ରହ କରୁଥିବା ବେଳେ ଠାକୁରଙ୍କ ପାଇଁ ଶସ୍ତା ଘିଅ କିଣି ଦୀପ ଦେଉ। ଯଦିଓ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଓ ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ପରି କେତେକ ମନ୍ଦିରରେ ଆଇନ ଅନୁସାରେ ଗୁଆଘିଅ ଦୀପଜାଳିବା ପ୍ରଣୟନ ହୋଇଛି। ଏହି ଗୁଆଘିଅ ଖାଣ୍ଟି କି? କେତେକ କାରଖାନା ନାମୀଦାମୀ ବ୍ରାଣ୍ଡର ପ୍ୟାକେଟରେ ନକଲି ଗୁଆଘିଅ ପ୍ରସ୍ତୁତ କରି ବଜାରକୁ ଛାଡୁଛନ୍ତି। ଏହିଠାରୁ ସିଇସି ଫ୍ଲେଭର କେମିକାଲ ଜବତ ହୋଇଛି। ଏହାର ମୂଲ୍ୟ ଅଧଲିଟର ପ୍ରତି ୧୫୦୦ ଟଙ୍କା ହୋଇଥିବା ବେଳେ ସେତିକି କେମିକାଲ ୪୫୦୦ ଲିଟର ଘିଅ ପ୍ରସ୍ତୁତି କରିବାରେ ସାହାଯ୍ୟ କରେ।

ବ୍ୟବସାୟର ପେଣ୍ଠସ୍ଥଳ କଟକ ଓ ଏହାର ଆଖପାଖ ଅଞ୍ଚଳରେ ନକଲି ସାମଗ୍ରୀ ପ୍ରସ୍ତୁତ କରିବାରେ ଶ୍ରେଷ୍ଠ ସ୍ଥାନରେ ଅଛି। କିଛିଦିନ ତଳେ ନକଲି ସିମେଣ୍ଟ, ରଙ୍ଗ କାରଖାନା ଓ ରାଉରକେଲାରେ ନାମୀ ବ୍ରାଣ୍ଡର ନକଲି ସୋରିଷ ତେଲ କାରଖାନା ଠାବ ହୋଇଥିଲା। ବର୍ତ୍ତମାନ କଟକରେ ନକଲି ମସଲା, ନକଲି ଗୁଟ୍‌ଖା, ନକଲି ସସ୍, ନକଲି ସୋୟାବଡ଼ି କାରଖାନା ଠାବ ହୋଇଛି। ଚଉଦଟି ମିଲରେ ମସଲା ପ୍ରସ୍ତୁତ ସ୍ଥାନକୁ ସିଲ୍ କରାଯାଇଥିଲା। ବର୍ତ୍ତମାନ କରୋନା ସମୟରେ ଶରୀରର ଇମ୍ୟୁନିଟି ପାୱାର ବଢ଼ାଇବା ପାଇଁ କୋଟି କୋଟି ଲୋକ ସକାଳୁ ଉଷୁମ ପାଣିରେ ହଳଦୀ ଗୁଣ୍ଡ ମିଶାଇ ପିଉଛନ୍ତି। ନକିଲି ହଳଦୀ ଗୁଣ୍ଡର ରାଜ ଚାଲିଛି। ଏଥିରେ ମାରାତ୍ମକ ରଙ୍ଗ ମିଶାଯାଉଛି। ଆମେ ସାଧାରଣତଃ ଉପଭୋକ୍ତା ମଧ୍ୟ ରଙ୍ଗ ଦିଆ ହଳଦୀ ଗୁଣ୍ଡ ଖାଇବାରେ ଲାଗିଛେ। ଯେତେ ରଙ୍ଗ ଅଧିକ ସେତେଭଲ। କନ୍ଧମାଳରୁ ଆମଦାନୀ ହଳଦୀ ଏତେ ରଙ୍ଗ ହୁଏ ନାହିଁ ପରନ୍ତୁ ଏହା ଔଷଧୀୟ ଗୁଣରେ ଭରପୂର। ଅସାଧୁ ବ୍ୟବସାୟୀ ଅର୍ଥାତ୍ ଏହାକୁ ତିଆରି କରୁଥିବା କେତେକ ପାଷାଣ୍ଡ ଏଥିରେ ବିଷ ଭରିଦେଉଛନ୍ତି। କଖାରୁରୁ ପ୍ରସ୍ତୁତ ଟମାଟୋସସ୍ ଓ ଚିଲିସସ୍‌ରେ ଏସେନ୍‌ସ ଓ କେମିକାଲ ଦିଆଯାଇ ପ୍ରସ୍ତୁତ କରାଯାଉଛି। ସୋୟାବଡ଼ିରେ ୯୦ରୁ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ପ୍ରୋଟିନ ଥାଏ। ତେଣୁ ଏହାର ଚାହିଦା ଅଧିକ ପରନ୍ତୁ ପୋକରା ଅରୁଆ ଚାଉଳରେ ଆମୋନିଆ ବାୟୋକାର୍ବୋନେଟ ଓ ଅନ୍ୟାନ୍ୟ କେମିକାଲ ମିଶାଇ ଏବଂ ଆକର୍ଷଣୀୟ ପ୍ୟାକରେ ପ୍ରସ୍ତୁତ କରାଯାଇ ବଜାରକୁ ଆସୁଛି; ଯାହା ଶରୀର ପାଇଁ ଅତି କ୍ଷତିକାରକ। ଆମେ ସ୍ନେହବଶତଃ ଶିଶୁମାନଙ୍କୁ ଯେଉଁ ରଙ୍ଗିନ ଆଲୁଚିପସ ପ୍ୟାକେଟ ଧରାଇଦେଉ ତାହା ପଚାଆଳୁ ଓ କେମିକାଲରେ ତିଆରି ବୋଲି ମଧ୍ୟପ୍ରଦେଶର ଇନ୍ଦୋରଠାରେ ଏକ ନକଲି କାରଖାନା ଠାବ କରାଯାଇଛି। ନାମୀଦାମୀ ବ୍ରାଣ୍ଡରେ ମିଲ୍‌କ ପାଉଡର, ଚା' ଆଦି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ନକଲି ହେଉଛି। ୨୦୧୩ ମସିହା ଜାନୁୟାରୀ ପହିଲାରୁ ଗୁଟ୍‌ଖା ଉପରେ ନିଷେଧାଜ୍ଞା ଜାରି ହୋଇଥିଲେ ମଧ୍ୟ ଆମ ଓଡ଼ିଶାରେ ଏକାଧିକ ନକଲି ଗୁଟ୍‌ଖା କାରଖାନା ଚାଲିବା ଓ ଲକ୍ଷ ଲକ୍ଷ ଦୋକାନରେ ଏହି ହାର ଶୋଭାବର୍ଦ୍ଧନ କରୁଥିବା ଆମର ଦୁର୍ବଳତାକୁ ପଦାରେ ପକାଉଛି। ନକଲି ଗୁଟ୍‌ଖା ବିଷରେ ବିଷ ମିଶାଇଲା ଭଳି। ଆମେ ଯେତେ ନାମୀଦାମୀ ବ୍ରାଣ୍ଡ ଜିନିଷ କିଣିଲେ ବି ଏହା ଅସଲି କି ନକଲି ଜାଣିବା କେମିତି। ସେଇଥିପାଇଁ ତ ଯୁବାବସ୍ଥାରୁ ରୋଗର ପ୍ରାଦୁର୍ଭାବ, ରୋଗୀଙ୍କ ପାଇଁ ଡାକ୍ତରଖାନାରେ ବେଡ଼ନାହିଁ। ଆମେ ଯେଉଁ ଔଷଧଖାଇ ଆରୋଗ୍ୟ ହେବା ତାହା ମଧ୍ୟ ନକଲି ବୋଲି କେତେକ ସ୍ଥାନରେ ଧରାପଡୁଛି। ନିତ୍ୟ ବ୍ୟବହାର୍ଯ୍ୟ ମସଲା ୩୦% ନନ୍ ବ୍ରାଣ୍ଡେଡ। ଏମାନେ ସରକାରଙ୍କୁ ଟିକସ ଫାଙ୍କି ଲୋକଙ୍କ ଜୀବନ ସହିତ ଖେଳ ଖେଳି ଚାଲିଛନ୍ତି। ଢୁଗୁଲା ଆଇନର ସହାୟତା ନେଇ କୋଟି କୋଟି ଲୋକଙ୍କର ଜୀବନର ଅନ୍ତ ଘଟାଉଛନ୍ତି। ଏହା ଫଳରେ କ୍ଷୁଦ୍ର କାରଖାନା ବଜାରର ପ୍ରତିଦ୍ୱନ୍ଦ୍ୱିତାରେ ହାରିଯାଇ ବରବାଦ ହେଉଛନ୍ତି। ଘରୋଇ ଋଣ ଓ ବ୍ୟାଙ୍କ ଋଣ ବୋଝ ମୁଣ୍ଡାଇ ଚାଲିଛନ୍ତି।

ସୁଖର କଥା ଏବେ ପୋଲିସ ପ୍ରଶାସନର ନିଦ ଭାଙ୍ଗିଛି। ଦୁଇ ମାସ ମଧ୍ୟରେ କମିଶନରେଟ ପୋଲିସ ପକ୍ଷରୁ ୨୧ଟି ସ୍ଥାନରେ ଚଢ଼ଉ କରାଯାଇ ୭ କୋଟିରୁ ଅଧିକ ଟଙ୍କାର ସାମଗ୍ରୀ ଜବତ କରାଯିବା ସହ ୨୫ରୁ ଅଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। କେବଳ କଟକ, ଭୁବନେଶ୍ୱର ନୁହେଁ, ଓଡ଼ିଶା ସାରା ଏହି ନକଲି ସାମଗ୍ରୀ ତିଆରି କାରଖାନାକୁ ଜବତ କଲେ ସାଧାରଣ ଖାଉଟିଙ୍କ ଜୀବନ ରକ୍ଷା ହେବା ସହିତ ସରକାର ହରାଉଥିବା ଟିକସ ପୂରଣ ହେବ ଓ ବନ୍ଦ ହୋଇଯାଉଥିବା କାରଖାନା ଠିକରେ ଚାଲିବ। ଦେଶ ହେଉ ବା ରାଜ୍ୟର ଆର୍ଥିକ ଅବସ୍ଥା ସୁଦୃଢ଼ ହେବ। ଦୁର୍ନୀତି ଯେପରି ରାଜ୍ୟ ଓ ଦେଶରେ ତା'ର କାୟା ମେଲାଇ ରହିଛି ନକଲି ସାମଗ୍ରୀ ସେମିତି(ବିଶେଷକରି ଖାଦ୍ୟ ସାମଗ୍ରୀ) ମଣିଷ ଶିକାର କରିଚାଲିଛି। ଏ ଦୁଇଟିକୁ ମୂଳୋତ୍ପାଟନ କରିବା ପାଇଁ ସରକାର ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ। ଅତୀତରେ ଏମିତି କେତେଥର ଆରମ୍ଭ ହୋଇ ବନ୍ଦ ହୋଇଥିବା ଅଭିଯାନ ଏଥର ବନ୍ଦ ନ ହେଉ।

ଓସଙ୍ଗରା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା

ମୋ: ୯୮୬୧୦୪୮୦୫୨

# ପାଠକ ଶ୍ରେଷ୍ଠ ବିଚାରକ

## ନିର୍ବାଚିତ ପ୍ରତିନିଧିଙ୍କ ସମ୍ପତ୍ତିର ତଦନ୍ତ ହେଉ

ମହାଶୟ,

ନିର୍ବାଚନ ପୂର୍ବରୁ ଜନ ପ୍ରତିନିଧିମାନଙ୍କର ସମ୍ପତ୍ତି କେତେ ଥିଲା ଏବଂ ବର୍ତ୍ତମାନ ତାହା କେତେ ତା'ର ତଦନ୍ତ କରାଯାଉ। ଉପରଠାଉରିଆ ଭାବେ ବା କୌଣସି ଚାପର ବଶବର୍ତ୍ତୀ ନ ହୋଇ ପୂର୍ଣ୍ଣ ସ୍ୱାଧୀନତା ପୂର୍ବକ ତନ୍ନ ତନ୍ନ କରି ବିଭିନ୍ନ ବ୍ୟାଙ୍କ, ପୋଷ୍ଟ ଅଫିସ, କମ୍ପାନୀ, ଏଲଆଇସିରେ ନିଜ ନାମରେ ଏବଂ ସେମାନଙ୍କ ସମ୍ପର୍କୀୟମାନଙ୍କ ନାମରେ କେତେ ପରିମାଣରେ ଅର୍ଥ, ସୁନା, ଜମି ଓ କୋଠାବାଡି ସବୁ ରହିଛି ତା'ର ତର୍ଜମା କରି ଲୋକଲୋଚନକୁ ଅଣାଯାଉ। ତେବେ ଜନତାଙ୍କ ଆଗରେ ବାହୁସ୍ଫୋଟ ମାରି ଦେଉଥିବା ବିବୃତିର ଅସଲ ରୂପ ଜଣାପଡିବ। ଏପରି ହେଲେ ପ୍ରକୃତରେ ଦୁର୍ନୀତିର ମୂଳ ଧରାଯାଇପାରିବ। ନଚେତ ମିଛଟାରେ ଏଣେତେଣେ ବାଡି ବୁଲାଇଲେ କିଛି ଫଳ ମିଳିବ ନାହିଁ।

-ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

## ଚିରନ୍ତନୀ

ନୟନ କୋଣେ ଉଠ ଗୋ ଜାଗି
ଅଧର ମୂଳେ ହେ ଅନୁରାଗୀ,
ନିବିଡ଼ କରି ଦିଅ ଗୋ ଦାଗି ଚୁମ୍ବନ
ହୃଦରେ ହୃଦ ପରଶ ରସ ଚନ୍ଦନ।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଏଲ୍ଆଇସି ପକ୍ଷରୁ ଅନ୍‌ଲାଇନ ଡିପୋଜିଟ କଲେକ୍ସନ ସେବା ଆରମ୍ଭ

**ନୂଆଦିଲ୍ଲୀ,୧୦।୧:** ଏଲ୍ଆଇସି ପକ୍ଷରୁ ଆତ୍ମନିର୍ଭର ଏଜେଣ୍ଟ ନୂଆ ବ୍ୟବସାୟ ଡିଜିଟାଲ ଆପ୍ଲିକେଶନରେ ଭଲ ରେସପନ୍ସ ପାଇବା ପରେ ଆନନ୍ଦରେ ଅନ୍‌ଲାଇନ ପ୍ରପୋଜାଲ୍ ଡିପୋଜିଟ୍ କଲେକ୍ସନ ନାମରେ ଆଉ ଏକ ସେବା ଆରମ୍ଭ କରାଯାଇଛି। ଏଲ୍ଆଇସିର ଅଧକ୍ଷ ଏମ୍. ଆର୍. କୁମାର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ନୂଆ ନୂତନ ସେବାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଡି ଟି.ସି. ସୁଶୀଲ କୁମାର, ବିପିନ ଆନନ୍ଦ, ମୁକେଶ ଗୁପ୍ତା ଓ ରାଜ କୁମାର ପ୍ରମୁଖ ଉପସ୍ଥିତ ରହିଥିଲେ। ଏକ ଭିଡିଓ କନ୍‌ଫରେନ୍ସ ଜରିଆରେ ସଂସ୍ଥାର ସମସ୍ତ ଜୋନାଲ ମ୍ୟାନେଜର ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକମାନେ ସାମିଲ ହୋଇଥିଲେ।

### ଟୁଇଟରରେ ମୋଦି ଏକ ନମ୍ବର

**ନୂଆଦିଲ୍ଲୀ,୧୦।୧:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟୁଇଟର ଆକାଉଣ୍ଟ୍ ଉପରେ ପ୍ରତିବନ୍ଧକ ଲାଗିଛି। ଫଳରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ ମିଡିଆରେ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ବର୍ତ୍ତମାନ ସମୟରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଟୁଇଟର ଆକାଉଣ୍ଟରେ ସର୍ବାଧିକ ଫଲୋଅର୍ସ ରହିବା ସହ ସେ ପୃଥିବୀର ଏକ ନମ୍ବର ସକ୍ରିୟ ରାଜନେତା ପାଲଟି ଯାଇଛନ୍ତି। ବର୍ତ୍ତମାନ ମୋଦିଙ୍କ ଟୁଇଟର ପେଜର ଫଲୋଅର୍ସଙ୍କ ସଂଖ୍ୟା ୬ କୋଟି ୪୭ ଲକ୍ଷ ରହିଛି। ଏହି ସମୟରେ ଟ୍ରମ୍ପଙ୍କର ଫଲୋଅର୍ସ ସଂଖ୍ୟା ୮ କୋଟି ୮୭ ଲକ୍ଷ ରହିଥିଲା। ଦେଶ ବିରୋଧୀ ଓ ସୋସିଆଲ ମିଡିଆର ନିୟମାବଳୀ ଯୋଗୁ ତାଙ୍କ ଆକାଉଣ୍ଟ ବନ୍ଦ କରାଯାଇଛି। ସେଥିପାଇଁ ମୋଦି ଟ୍ରମ୍ପଙ୍କୁ ପଛରେ ପକାଇ ଏକ ନମ୍ବର ହୋଇଯାଇଛନ୍ତି। ଏହା ପୂର୍ବରୁ ମୋଦି ଫଲୋଅର୍ସ ସଂଖ୍ୟାରେ ସକ୍ରିୟ ରାଜନେତା ଭାବେ ଦ୍ୱିତୀୟ ସ୍ଥାନରେ ରହିଥିଲେ।

# ବଢୁଛି ବିଟ୍‌କଏନ୍ ବ୍ୟବହାର

ନୂଆଦିଲ୍ଲୀ,୧୦।୧

ବର୍ତ୍ତମାନ ସମୟରେ ବିଟ୍ କଏନର ବ୍ୟବହାର ଓ ଚାହିଦା ମାତ୍ରାଧିକ ବୃଦ୍ଧି ପାଉଛି। ଫଳରେ ଦେଶ ବିଦେଶରେ ପ୍ରଚଳିତ ବିଭିନ୍ନ ମୁଦ୍ରାର ଏକ ବିକଳ୍ପ ହୋଇଛି ଏହି ବିଟ୍ କଏନ୍। ଭାରତରେ ଟଙ୍କା, ଆମେରିକାରେ ଡଲାର, ବ୍ରିଟେନରେ ପାଉଣ୍ଡ, ଜାପାନର ୟେନ୍ ଆଦି ସେହି ସବୁ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଦ୍ୱାରା ପରିଚାଳିତ ସହ ସେହି ମୁଦ୍ରା ଉପରେ କେନ୍ଦ୍ରୀୟ ବ୍ୟାଙ୍କର ନିୟନ୍ତ୍ରଣ ରହିଛି। ବିଟ୍ କଏନ୍ ହେଉଛି ଏଭଳି ଏକ ମୁଦ୍ରା, ଯାହା ଉପରେ କାହାର ନିୟନ୍ତ୍ରଣ ନାହିଁ। ଫଳରେ ଏହାର ବ୍ୟବହାର ଉପରେ କଟକଣା ନ ରହିବାରୁ ଏହା ବ୍ୟବହାର ବଢ଼ି ଚାଲୁଛି। ଫଳରେ ବିଶ୍ୱର ବିଭିନ୍ନ ସ୍ଥାନରେ ଏହାକୁ ଲୋକମାନେ ସାମଗ୍ରୀ ଓ ସେବା ହାସଲ କରିବାରେ ବ୍ୟବହାର କରୁଛନ୍ତି। ବିଟ୍‌କଏନ ବ୍ୟବହାର ଉପରେ କୌଣସି ଦେଶର ନିୟନ୍ତ୍ରଣ ନାହିଁ କିମ୍ବା ଏହାକୁ ବ୍ୟବହାର କଲେ ଟିକସ ଦେବାକୁ ପଡୁନାହିଁ। ଏହା ଏକ ପ୍ରକାର କ୍ରିପ୍ଟୋକରେନ୍ସି। ଏହାକୁ ଭର୍ଚୁଆଲ୍ ବା ଡିଜିଟାଲ୍ ମୁଦ୍ରା ମଧ୍ୟ କୁହାଯାଉଛି। ବର୍ତ୍ତମାନ ସମୟରେ ନଗଦ ଟଙ୍କାର ଏହା ଏକ ବିକଳ୍ପ ଭାବେ ଉଭା ହୋଇଛି। ପ୍ରତି ବିଟ୍ କଏନରେ ଏକ ଗୋପନ କୋଡ୍ ରହିଛି। ସେହି କୋଡ୍ ବିନା ବିଟ୍ କଏନ୍ ମୂଲ୍ୟହୀନ।

### ୨୦୩୦ ବେଳକୁ ୧କୋଟି ଛୁଇଁବ ମୂଲ୍ୟ



ବିଭିନ୍ନ ସ୍ଥାନରେ ବିଟ୍ କଏନ କାରବାର ଲାଗି ଏକ୍ସଚେଞ୍ଜ୍ ରହିଛି, ଟଙ୍କା, ଡଲାର ଆଦି ମୁଦ୍ରା ବଦଳରେ ଏହାକୁ କିଣା ହେଉଛି। ବିଶ୍ୱର ଅନେକ କମ୍ପାନୀ ଓ ବ୍ୟବସାୟୀ ନିଜର ଆର୍ଥିକ କାରବାର ପାଇଁ ବିଟ୍ କଏନକୁ ବ୍ୟବହାର କରୁଛନ୍ତି। ସାରା ବିଶ୍ୱରେ ୫୦ ଲକ୍ଷରୁ ଅଧିକ ଲୋକ ବିଟ୍ କଏନକୁ ବ୍ୟବହାର କରୁଥିବା ଆକଳନ କରାଯାଉଛି। ଏହି କଏନକୁ ଯେଉଁମାନେ ବ୍ୟବହାର କରୁଛନ୍ତି ସେମାନେ ତାହାକୁ ଏକ ଡିଜିଟାଲ୍ ୱାଲେଟରେ ରଖୁଛନ୍ତି। ୱିକିଲିକ୍ସ, ପି୨ପି ଫାଉଣ୍ଡେଶନ, ୱାର୍ଡପ୍ରେସ୍ ଡଟ୍ କମ୍ ଏବଂ ବିଟ୍‌କଏନ୍.ଟ୍ରାଭେଲ୍ ଭଳି କିଛି ସଂସ୍ଥା ବିଟ୍ କଏନକୁ ଗ୍ରହଣ କରୁଛନ୍ତି। ବର୍ତ୍ତମାନ ବିଟ୍ କଏନର ମୂଲ୍ୟ ୪୧ ହଜାର ଡଲାର ବା ପ୍ରାୟ ୩୦ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ଗତ ଡିସେମ୍ବରରୁ ବିଟ୍ କଏନର ମୂଲ୍ୟ ବୃଦ୍ଧି ଜାରି ରହିଛି। କରୋନା ମହାମାରୀ ସମୟରେ ଏହା ପ୍ରାୟ ୨୫%ବୃଦ୍ଧି ଘଟିଥିଲା। ବିଟ୍ କଏନ୍ ମୂଲ୍ୟ ୪ ଲକ୍ଷ ଡଲାର ପର୍ଯ୍ୟନ୍ତ ଯିବାର ସମ୍ଭାବନା ରହିଛି ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ସେହିଭଳି କିଛି ବିଶେଷଜ୍ଞଙ୍କ କହିବାନୁଯାୟୀ ୨୦୩୦ ସୁଦ୍ଧା ଏହାର ମୂଲ୍ୟ ୧ କୋଟି ଟଙ୍କା ଛୁଇଁପାରେ। ମୋବାଇଲ୍ ଆପରେ ପେମେଣ୍ଟ ଯେତିକି ସରଳ ବିଟ୍ କଏନରେ କାରବାର ସେତିକି ସହଜ। ଯେଉଁମାନଙ୍କ ପାଖରେ ବିଟ୍ କଏନ୍ ଅଛି ସେମାନେ ତାହାକୁ ଏକ ୱାଲେଟରେ ରଖିଥାନ୍ତି। ସେହି ୱାଲେଟ୍ ମାଧ୍ୟମରେ ପେମେଣ୍ଟ କରୁଛନ୍ତି। ଏହା ଏକ କମ୍ପ୍ୟୁଟର ଫାଇଲ୍ ହୋଇଥିବାରୁ ଅତି ସହଜରେ ସାରା ବିଶ୍ୱରେ ପ୍ରଚଳିତ ହେଉଛି।

# ସରିଲା ଡେଡ୍‌ଲାଇନ, କଟିବ ଫାଇନ

ନୂଆଦିଲ୍ଲୀ,୧୦।୧




ଗତ ରବିବାର ଥିଲା ୨୦୧୯–୨୦ ଆର୍ଥିକ ବର୍ଷର ଆୟକର ରିଟର୍ନ ଦାଖଲ କରିବାର ଶେଷ ଦିନ। ଏହା ପୂର୍ବରୁ ଆଇଟିଆର ଫାଇଲ କରିବାର ଶେଷ ତାରିଖ ଡିସେମ୍ବର ୩୧ ରହିଥିଲା। ବିଭାଗୀୟ ତ୍ରୁଟି ଓ କରଦାତାଙ୍କ ନିବେଦନକୁ ସମ୍ମାନ ଜଣାଇ ସରକାର ଏହାର ଅବଧି ବୃଦ୍ଧି କରି ୧୦ ଜାନୁୟାରୀ ୨୦୨୧କୁ ଘୁଞ୍ଚାଇ ଦେଇଥିଲେ। ଫଳରେ ଆଇଟିଆର ଫାଇଲ କରିବାର ଶେଷ ସୁଯୋଗ ରବିବାର ରହିଥିଲା। ଯେଉଁ କରଦାତା ସେମାନଙ୍କର ଫାଇଲ କୌଣସି କାରଣବଶତଃ କରି ପାରିନାହାନ୍ତି ସେମାନଙ୍କୁ ଏହା ପରେ ଫାଇନ ଦେବାକୁ ପଡ଼ିପାରେ ବୋଲି ଆଶଙ୍କା କରାଯାଉଛି। ଆୟକର ରିଟର୍ନ ଫାଇଲ କରୁଥିବା ସମୟରେ କିଛି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଧ୍ୟାନ ଦେବା ଉଚିତ। ଆୟକର ବିଭାଗର ସୂଚନା ମୁତାବକ କମ୍ପାନୀମାନଙ୍କୁ ଆଇଟିଆର ଫାଇଲର ଶେଷ ତାରିଖକୁ ବୃଦ୍ଧି କରାଯାଇ ୧୫ ଫେବୃୟାରୀ ୨୦୨୧ କରିଦିଆଯାଇଛି। ଅଗଷ୍ଟ ୨୦୨୦ରେ କେନ୍ଦ୍ର ସରକାର ଆୟକର ଦାଖଲ କରୁଥିବା ବ୍ୟକ୍ତିମାନଙ୍କ ତାଲିକା ଜାରି କରିଥିଲେ। ଫଳରେ ସରକାରୀ ତଥ୍ୟ ଅନୁଯାୟୀ ୧୩୦ କୋଟିରୁ ଉର୍ଦ୍ଧ୍ୱ ଜନସଂଖ୍ୟା ଥିବା ଭାରତରେ ମାତ୍ର ୧.୫ କୋଟି ଲୋକ ଆୟକର ଦିଅନ୍ତି। ଯଦି ଏହାର ତୁଳନା ମୋଟ ଜନସଂଖ୍ୟା ସହ କରାଯାଏ ତେବେ ଦେଶର ଜନସଂଖ୍ୟାର ମୋଟ ଏକ ପ୍ରତିଶତରୁ କମ ଲୋକ ଆୟକର ଦେଉଛନ୍ତି। ରାତି ୧୦ଟା ସୁଦ୍ଧା ବିଭାଗୀୟ ସୂଚନା ଅନୁସାରେ ପ୍ରାୟ ୨୫ ଲକ୍ଷ କରଦାତା ଫାଇଲ କରିଥିବା ଜଣା ପଡ଼ିଛି।

# ମୋଟା କାରବାରରେ ୨୦ ଅଙ୍କ ନମ୍ବର ବ୍ୟବହାର ହେବ

ନୂଆଦିଲ୍ଲୀ,୧୦।୧

ସରକାରୀ ଓ ବେସରକାରୀ ଭାବରେ କାରବାର ହେଉଥିବା ମୋଟା ଅଙ୍କର ଅର୍ଥ ରାଶି ପାଇଁ ନୂଆ ବ୍ୟବସ୍ଥା ଲାଗୁ ହେବ। ଫଳରେ ପ୍ରତି କାରବାର ବିଶେଷ କରି ୫୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର କାରବାର କରୁଥିବା ସଂସ୍ଥାଗୁଡ଼ିକୁ ଏକ ସୁରକ୍ଷିତ ବ୍ୟବସ୍ଥା ପ୍ରଦାନ କରିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ କେନ୍ଦ୍ରୀୟ ପେମେଣ୍ଟ ବ୍ୟବସ୍ଥାରେ ଲିଗାଲ୍ ଏଣ୍ଟିଟି ଆଇଡେଣ୍ଟିଫାୟର୍ (ଏଲ୍ଇଆଇ) ବ୍ୟବହାର ଆରମ୍ଭ କରାଯାଇଛି। ଏହି ନୂଆ ପଦ୍ଧତି ଜରିଆରେ କାରବାର କରାଗଲେ ସବୁ ପ୍ରକାରର ସୁରକ୍ଷା ଉପଭୋକ୍ତାଙ୍କୁ ମିଳିପାରିବ। ଏହା ହେଉଛି ଏକ ୨୦ ଅଙ୍କ ବିଶିଷ୍ଟ ନମ୍ବର, ଯାହା ଜରିଆରେ ବିଶ୍ୱସ୍ତରରେ ଆର୍ଥିକ କାରବାର ମଧ୍ୟ ସହଜ ହୋଇପାରିବ। ଏଭଳି ମୋଟା ଅର୍ଥ ରାଶି କାରବାରରେ ରହୁଥିବା ବିପଦର ମାତ୍ରା ହ୍ରାସ ପାଇବ। ସେହିଭଳି ମୋଟା ଅଙ୍କର ଋଣ କରୁଥିବା କର୍ପୋରେଟ୍ ସଂସ୍ଥାଗୁଡ଼ିକ ପାଇଁ ମଧ୍ୟ ଏହାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ ବୋଲି ଜଣାପଡ଼ିଛି। ଯେଉଁମାନେ ମୋଟା ଅଙ୍କର କାରବାର କରୁଛନ୍ତି ସେମାନଙ୍କୁ ତତ୍‌କ୍ଷଣାତ ଏଲ୍ଇଆଇ ନମ୍ବର ନେବା ଲାଗି ରିଜର୍ଭ ବ୍ୟାଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେହିପରି ଏହାକୁ ମଧ୍ୟ ଲିଗାଲ ଏଣ୍ଟିଟି ଆଇଡେଣ୍ଟିଫାୟର ଇଣ୍ଡିଆ ଲିମିଟେଡ୍‌ଠାରୁ ସଂଗ୍ରହ କରାଯାଇପାରିବ। ଆର୍ଟିଜିଏସ୍ ଓ ଏନ୍ଇଏଫ୍‌ଟି ବ୍ୟବହାର କରୁଥିବା ସଂସ୍ଥାଗୁଡ଼ିକ ମଧ୍ୟ ଏହି ନମ୍ବର ହାସଲ କରିପାରିବେ।

# ୨୧ ଶହ କୋଟିର ଋଣ ଦେବ ଜାପାନ

ନୂଆଦିଲ୍ଲୀ,୧୦।୧




ଭାରତୀୟ ଅର୍ଥ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସି.ଏସ୍. ମହାପାତ୍ର ଏବଂ ଜାପାନର ରାଷ୍ଟ୍ରଦୂତ ସୁଜୁକି ସତୋଶିଙ୍କ ମଧ୍ୟରେ ଏହି ରାଜିନାମା ସ୍ୱାକ୍ଷର କରାଯାଇଛି।

କରୋନା ମହାମାରୀ ସମୟରେ ସାଧାରଣ ଜନତା ନାନା ସମସ୍ୟାରେ ସମ୍ମୁଖୀନ ହୋଇଛନ୍ତି, ଏଭଳି ଏକ କଠିନ ସମୟରେ ପୁଣି ଥରେ ସହଯୋଗର ହାତ ବଢ଼ାଇବା ପାଇଁ ଉଭୟ ଦେଶ ଆଗକୁ ଆସିଛନ୍ତି। କରୋନା ମହାମାରୀ ଭଳି ଏକ ଅସମୟରେ ଦୁଇ ଦେଶ ମଧ୍ୟରେ ଗରିବ, ଦୁର୍ବଳ, ଚିକିତ୍ସା କ୍ଷେତ୍ରରେ ସହାୟତା ପାଇଁ ୩୦ ବିଲିୟନ (୨୧୦୦ କୋଟି) ଟଙ୍କାର ବୁଝାମଣା ସ୍ୱାକ୍ଷରିତ ହୋଇଛି। ଏ ସମ୍ପର୍କରେ ଭାରତୀୟ ଅର୍ଥ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସି.ଏସ୍. ମହାପାତ୍ର ଏବଂ ଜାପାନର ରାଷ୍ଟ୍ରଦୂତ ସୁଜୁକି ସତୋଶିଙ୍କ ମଧ୍ୟରେ ଏହି ରାଜିନାମା ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି। ବାର୍ଷିକ ୦.୬୫% ସୁଧ ହାରରେ ଏହି ରାଜିନାମା ହେବା ସହିତ ଋଣଦେୟର ସମୟସୀମା ୧୫ ବର୍ଷ ରଖାଯାଇଛି। ପୂର୍ବରୁ ଜାପାନ କୋଭିଡ୍ ପରିଚାଳନା ପାଇଁ ଭାରତକୁ ୫୦ ବିଲିୟନ୍ ୟେନ୍ ସହାୟତା କରିଥିଲା। ସେହିଭଳି ୧ ବିଲିୟନ୍ ୟେନ୍ (୭୧ କୋଟି)ର ଅତିରିକ୍ତ ସହାୟତା ମଧ୍ୟ ଦେଇଥିଲା।

ଭାରତ ପକ୍ଷରୁ କୁହାଯାଇଛି ଯେ, ଜାପାନର ଏହି ଆର୍ଥିକ ସହାୟତାକୁ ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣ

### କୋଭିଡ୍ ପରିଚାଳନା ପାଇଁ ଖର୍ଚ୍ଚ ହେବ

ଯୋଜନାରେ ଖର୍ଚ୍ଚ କରାଯିବ। ଫଳରେ ଭାରତରେ ସାମାଜିକ ଉନ୍ନତିରେ ସ୍ଥିରତା ଆସିପାରିବ ବୋଲି ଆକଳନ କରାଯାଉଛି। ଏହା ସହିତ କୋଭିଡ୍–୧୯ ସମୟରେ ନିଜ ଜୀବନକୁ ବାଜି ଲଗାଇ ସଂକ୍ରମିତଙ୍କ ସେବା କରୁଥିବା ଓ ଏହି ଅସମୟରେ ସରକାର ଓ ସାଧାରଣ ଲୋକଙ୍କ ନିକଟରେ ଛିଡା ହୋଇଥିବା ସମସ୍ତ କରୋନା ଯୋଦ୍ଧାଙ୍କର ଏକ ସ୍ୱତନ୍ତ୍ର ବୀମା ମଧ୍ୟ କରାଯିବ। ଏହି ଋଣ ଅର୍ଥକୁ ନିର୍ମାଣ ଶ୍ରମିକଙ୍କ ସହାୟତା ସହ ଗରିବଙ୍କୁ ଆବଶ୍ୟକ ଖାଦ୍ୟ ସାମଗ୍ରୀ ଏବଂ ଅତ୍ୟାବଶ୍ୟକ ଜିନିଷ ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି।

## ରାଜ୍ୟ ଖବର

# ନକଲି ଚାଷୀଙ୍କଠାରୁ ଧାନ କିଣା

ନୟାଗଡ଼ ଅଫିସ,୧୦।୧

- ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ
- ପଞ୍ଜୀକରଣ ଜାଲିଆତି ତଦନ୍ତ ହେଲା ନାହିଁ
- ଶୀତଳଭଣ୍ଡାରରେ ଜିଲାପାଳଙ୍କ ନିର୍ଦ୍ଦେଶ

ନୟାଗଡ଼ ଜିଲାର ବିଭିନ୍ନ ଧାନମଣ୍ଡିରେ ନକଲି ଚାଷୀଙ୍କଠାରୁ ଧାନକିଣା ଯାଇଥିବା ଅଭିଯୋଗ ହୋଇଆସୁଛି। ଜିଲାର ମାନ୍ଧତାପୁର, ନୋଉର, ରଙ୍ଗଦେଉଳି ଓ କଜଳାଇପଲ୍ଲୀ ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଚାଲିଥିବା ଧାନକିଣାରେ ଏପରି ବ୍ୟତିକ୍ରମ ଦେଖାଇଛି। ଏ ନେଇ ତଦନ୍ତ ହେଲେ ନକଲି ଚାଷୀଙ୍କ ଗୁମର ଫିଟିବ ବୋଲି ଚାଷୀମାନେ କହିଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅବଗତରେ ଏ ସବୁ ଚାଲିଛି। ବେଆଇନ ଭାବେ ଚାଲିଥିବା ଚାଷୀଙ୍କ ନାମ ପଞ୍ଜୀକରଣର ତଦନ୍ତ କରାଯାଉ ନାହିଁ। ବରଂ ତଦନ୍ତ ନାଁରେ ଦୁର୍ନୀତିକୁ ଚାପି ଦିଆଯାଉଛି। ଏପରିକି ନକଲି ଚାଷୀଙ୍କ ନାମ ପଞ୍ଜୀକରଣକୁ ରଦ୍ଦ ମଧ୍ୟ କରାଯାଉନାହିଁ। ତୁରନ୍ତ ଏପରି ବେଆଇନ ଧାନକିଣା ଶେଷ କରିବାକୁ ପ୍ରୋତ୍ସାହନ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ୨୦୧୯–୨୦ ଆର୍ଥିକ ବର୍ଷରେ ଧାନ କିଣାବିକାରେ ହୋଇଥିବା ଅନିୟମିତତା ଘଟଣାରେ ୩ ସମବାୟ ସମିତି ସମ୍ପାଦକ, ଜଣେ ଡାଟା ଏଣ୍ଟ୍ରି ଅପରେଟର, ଜଣେ ବ୍ୟାଙ୍କ କର୍ମଚାରୀ ନିଲମ୍ବିତ ହୋଇଥିଲେ। ହେଲେ ସେହି ନିଲମ୍ବିତ କର୍ମଚାରୀଙ୍କ ବିରୋଧରେ ବିଭାଗୀୟ ଓ ଫୌଜଦାରି କାର୍ଯ୍ୟାନୁଷ୍ଠାନ ଆଜି ପର୍ଯ୍ୟନ୍ତ ହୋଇନାହିଁ। ଏହାକୁ ଦେଖି ଚଳିତବର୍ଷ ଦୁର୍ନୀତି ବଢ଼ିଛି। ୨୦୨୦–୨୧ ବର୍ଷରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ନୟାଗଡ ଜିଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ ନଭେମ୍ବର ୧୬ରେ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଡିସେମ୍ବର ୧୮ରେ ଚାଷୀଙ୍କଠାରୁ ଧାନ କିଣିବାକୁ ନିଷ୍ପତ୍ତି ହୋଇଥିଲା। ନକଲି ଚାଷୀଙ୍କୁ ଲଗାମ ଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ହେଲେ ଜିଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା କରି ଜିଲାରେ ଚଳିତ ବର୍ଷ ନକଲି ଚାଷୀଙ୍କଠାରୁ ଧାନ କିଣା ଚାଲିଛି। ଜିଲାର ୧୬୨ ପ୍ରାଥମିକ କୃଷି ସମବାୟ ସମିତିରେ ଧାନ ମଣ୍ଡି ଖୋଲିଥିଲେ ହେଁ ଅଧିକାଂଶ ମଣ୍ଡିରେ ନକଲି ଚାଷୀଙ୍କ ଦ୍ୱାରା ଧାନ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। ଜିଲାର ମାନ୍ଧତାପୁର, ନୋଉର, ରଙ୍ଗଦେଉଳ ଓ କଜଳାଇପଲ୍ଲୀ ପ୍ରାଥମିକ କୃଷି ସମବାୟ ସମିତି ଅଞ୍ଚଳରେ ପୂର୍ତ୍ତବିଭାଗ ରାସ୍ତା, ଠାକୁରଙ୍କ ଜମି, ପଡିଆ(ତଇଲା), ରକ୍ଷିତ ଅନାବାଦୀ (ସରକାରୀ ଜାଗା)କୁ ଶାରଦ ୨ ଦର୍ଶାଇ କାଗଜପତ୍ରରେ ଜାଲିଆତି କରାଯାଉଛି। ସେହି ଜମିରେ ଧାନ ହୋଇଛି ବୋଲି ଦର୍ଶାଯାଇଛି। ଏପରି ଅଭିଯୋଗ ପରେ ବି ସେହି ଚାଷୀଙ୍କୁ ଚିହ୍ନଟ କରି ସେମାନଙ୍କ ନାମ ପଞ୍ଜୀକରଣକୁ ରଦ୍ଦ କରାଗଲା ନାହିଁ ବୋଲି ଚାଷୀମାନେ କହିଛନ୍ତି।

ଜିଲାର ମାନ୍ଧତାପୁର ହେଉ କି ନୋଉର କିମ୍ବା ରଙ୍ଗଦେଉଳି ପରି ଧାନମଣ୍ଡିର ଅନିୟମିତତାକୁ ଅନୁଧ୍ୟାନ କଲେ ନକଲି ଚାଷୀଙ୍କୁ ଲଗାମ ଦେବାରେ ଜିଲା ପ୍ରଶାସନ ବିଫଳ ହୋଇଛି। ଜିଲାରେ କେତେଜଣ ସମବାୟ ସମ୍ପାଦକ, ଧାନ ବ୍ୟବସାୟୀ, ମିଲର, ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଏହି ଦୁର୍ନୀତିରେ ସାମିଲ ହୋଇଛନ୍ତି। ଫଳରେ ଜିଲାପାଳଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ରଙ୍ଗଦେଉଳି ପ୍ରାଥମିକ କୃଷି ସମବାୟ ସମିତିରେ ଖୋଲିଥିବା ଧାନମଣ୍ଡିରେ ଅଭୟ ସାହୁ ନାମକ ଜଣେ ନକଲି ଚାଷୀଙ୍କ ନାଁରେ ଧାନ ବିକ୍ରି ହୋଇଛି। ସେହିପରି ନୋତର ଧାନମଣ୍ଡିରେ ବେଣୁଧର ସାହୁ, ଭାଗୀରଥି ସାହୁ, ଦୀପୁନାଥ ମୁଦୁଲି, ଝିଲିବାଳା ସାହୁ, ପ୍ରମୋଦ ବେହେରା, ରବୀନ୍ଦ୍ରନାଥ ଦାଶ, ସୁମିତ୍ରା ଜେନାଙ୍କ ନାଁରେ ୫୦ କୁଇଣ୍ଟାଲ ଲେଖାଏ ଧାନ କିଣା ହୋଇଛି। ସେହିପରି ମାନ୍ଧତାପୁର ଧାନମଣ୍ଡିରେ ପିଣ୍ଟୁ ସାହୁ, ସୁଦର୍ଶନ ମୁଦୁଲି, ଦୀପ୍ତିମୟୀ ସାହୁଙ୍କ ନାଁରେ ଅନୁରୂପ ମାତ୍ରାରେ ଧାନ କିଣା ହୋଇଛି। ଏପରି ୪ ଧାନମଣ୍ଡିରେ ଧାନ ବିକ୍ରି କରିଥିବା ନକଲି ଚାଷୀଙ୍କ ନାମ, ଠିକଣା ଓ ଚାଷଜମି କାଗଜାତକୁ ଯାଞ୍ଚ କଲେ ଅନିୟମିତତା ଧରାପଡିବ ବୋଲି ସ୍ଥାନୀୟ ଚାଷୀମାନେ କହିଛନ୍ତି।

ଏନେଇ ନୟାଗଡ଼ ଆସିଷ୍ଟାଣ୍ଟ ରେଜିଷ୍ଟ୍ରର ଅଫ୍ କୋପରଟିଭି ସୋସାଇଟି(ଏଆରସିଏସ୍) ଭାସ୍କର ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ଧାନକିଣା ହୋଇଥିବା ନକଲି ଚାଷୀଙ୍କ ଜମି କାଗଜପତ୍ର ଯାଞ୍ଚ କରାଯିବ। ଅଭିଯୋଗ ସତ ହେଲେ ଗତବର୍ଷ ପରି ଦାୟିତ୍ୱରେ ଥିବା ସମ୍ପାଦକ ଓ ଅନ୍ୟମାନଙ୍କୁ ନିଲମ୍ବନ କରାଯିବ ବୋଲି କହିଛନ୍ତି।

# ଓଡ଼ିଶାକୁ ଅବହେଳା କରାଯାଇଛି: କଂଗ୍ରେସ

ଭୁବନେଶ୍ୱର,୧୦।୧(ବ୍ୟୁରୋ)

### ନେତାଜୀଙ୍କ ୧୨୫ତମ ଜୟନ୍ତୀ ପାଳନ କମିଟିକୁ ନେଇ ଉଠିଲା ପ୍ରଶ୍ନ

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ ପାଇଁ ଜାତୀୟସ୍ତରରେ ଗଠିତ କମିଟିକୁ ନେଇ କଂଗ୍ରେସ ଆପତ୍ତି ଉଠାଇଛି। କମିଟି ଗଠନ କ୍ଷେତ୍ରରେ ଓଡ଼ିଶାକୁ ଉପେକ୍ଷା କରାଯାଇଥିବା କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର ରବିବାର ଅଭିଯୋଗ କରିଛନ୍ତି। କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନିଶିକାନ୍ତ କହିଛନ୍ତି, ସର୍ବଭାରତୀୟସ୍ତରରେ ଏହି କମିଟିରେ ୮୫ଜଣ ରହିଛନ୍ତି। ସେଥିରେ ପଶ୍ଚିମବଙ୍ଗର କେବଳ ୨୬ଜଣଙ୍କୁ ସାମିଲ କରାଯାଇଥିବାବେଳେ ଓଡ଼ିଶାରୁ ମାତ୍ର ୩ଜଣ ରହିଛନ୍ତି। ଆଗକୁ ପଶ୍ଚିମବଙ୍ଗ ନିର୍ବାଚନ ଆସୁଥିବାରୁ ସେଠାକାର ଲୋକଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି। ନେତାଜୀ ଓଡ଼ିଶାର ନୁହନ୍ତି ବୋଲି ପ୍ରମାଣ କରାଇବାକୁ କେନ୍ଦ୍ର ସରକାର ଅପଚେଷ୍ଟା କରୁଛନ୍ତି। କମିଟିରେ ସୁରଟର ସରପଞ୍ଚ ସ୍ଥାନ ପାଇଛନ୍ତି କିନ୍ତୁ ନେତାଜୀଙ୍କ ଜନ୍ମ ସ୍ଥାନ କଟକର ବିଧାୟକ ଏହି କମିଟିରେ ନାହାନ୍ତି। ସେହିପରି ଅନ୍ୟ ରାଜ୍ୟର ରାଜ୍ୟପାଳ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ସ୍ଥାନ ମିଳିଥିଲା ବେଳେ ଓଡ଼ିଶାର ଦୁଇ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ଏବଂ ଗିରିଧାରୀ ଗମାଙ୍ଗଙ୍କୁ ରଖାଯାଇ ନାହିଁ। ସେହିପରି କମିଟିରେ ମୋଟ ୧୦ଜଣ କେନ୍ଦ୍ରମନ୍ତ୍ରୀଙ୍କୁ ରଖାଯାଇଥିବାବେଳେ ଓଡ଼ିଶାର ଦୁଇ କେନ୍ଦ୍ରମନ୍ତ୍ରୀ ତାଲିକାରେ ସ୍ଥାନ ପାଇନାହାନ୍ତି। କଂଗ୍ରେସର ୨୫ଜଣଙ୍କୁ ଏଥିରେ ସ୍ଥାନ ଦିଆଯାଉ ବୋଲି ନିଶିକାନ୍ତ ଦାବି କରିଛନ୍ତି।

କଂଗ୍ରେସର ଏହି ଅଭିଯୋଗକୁ ଭାଜପା ଖଣ୍ଡନ କରିବା ସହ ପାଲଟା ଜବାବ ରଖିଛି। ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ନେତାଜୀଙ୍କ ବିଭିନ୍ନ କାର୍ଯ୍ୟକଳାପକୁ କଂଗ୍ରେସ ଲୋକଲୋଚନକୁ ଆଣୁ ନ ଥିଲା। ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ସେସବୁ ଧୀରେ ଧୀରେ ଲୋକଲୋଚନକୁ ଆସୁଛି। ଓଡ଼ିଶାକୁ ମହାତ୍ମା ଗାନ୍ଧୀଙ୍କ ଆଗମନର ଶତବାର୍ଷିକ ପାଳନ ଆଗକୁ ହେବାକୁ ଯାଉଛି। ତେଣୁ ଭାରତବର୍ଷର ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଲାଗି ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପକୁ ନେଇ ହୀନ ରାଜନୀତି କରା ନ ଯାଉ ବୋଲି ପୃଥ୍ୱୀରାଜ କହିଛନ୍ତି। ଅନ୍ୟପଟେ ବିଜେଡି ମଧ୍ୟ କଂଗ୍ରେସ କଥାକୁ ନାପସନ୍ଦ କରିଛି। ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି, ଭାରତବର୍ଷର ହେଉଥିବା କମିଟିରେ ଓଡ଼ିଶାରୁ ୩ଜଣ ସ୍ଥାନ ପାଇବା କମ୍ କଥା ନୁହେଁ ବୋଲି ପଦ୍ମନାଭ କହିଛନ୍ତି। ପ୍ରକାଶ ଯେ, ସୁଭାଷଙ୍କ ୧୨୫ତମ ଜୟନ୍ତୀ ପାଳନ ନିମନ୍ତେ ସର୍ବଭାରତୀୟସ୍ତରରେ ଗଠିତ ହୋଇଥିବା କମିଟିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି. କେ. ମିଶ୍ର ପ୍ରମୁଖ ରହିଛନ୍ତି।

# 'ମନ୍ତ୍ରୀଙ୍କ ଲୋକପ୍ରିୟତାକୁ ସହୁନାହାନ୍ତି ବିରୋଧୀ'

**ଭୁବନେଶ୍ୱର,୧୦।୧(ବ୍ୟୁରୋ):** କଟକ ଜିଲା ମାହାଙ୍ଗାରେ ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କ ହତ୍ୟାକାଣ୍ଡକୁ ନେଇ ରାଜନୀତି କରାଯାଉଛି ବୋଲି ଓଡ଼ିଶା ରାଜ୍ୟ ପଞ୍ଚାୟତ ସମିତି ସଭ୍ୟା/ସଭ୍ୟ ମହାସଂଘ ତରଫରୁ ନିନ୍ଦା କରାଯାଇଛି। ଏହି ହତ୍ୟାକାଣ୍ଡର ମାତ୍ର ୪୮ ଘଣ୍ଟା ମଧ୍ୟରେ ମୁଖ୍ୟ ଅଭିଯୁକ୍ତ ସମେତ ୭ ଜଣଙ୍କୁ ପୋଲିସ ଗିରଫ କରିସାରିଛି। ମାତ୍ର ଏହାକୁ ବିରୋଧୀ ଭାଜପା ଓ କଂଗ୍ରେସ ପକ୍ଷରୁ ରାଜନୈତିକ ରୂପ ଦିଆଯାଇ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଘଟଣା ଭିତରକୁ ଟାଣିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ସାଗରଦ୍ୱୀପରେ ଗଙ୍ଗାସାଗର ମେଳା



ଗଙ୍ଗାସାଗରରେ ମା' ଗଙ୍ଗାଙ୍କ ପ୍ରତିମୂର୍ତ୍ତି।

ଭୋଗରାଇ, ୧୦।୧(ଡି.ଏନ.ଏ.)

- କୋଭିଡ୍ କଟକଣା କଡ଼ାକଡ଼ି, ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା
- ୧୪, ୧୫ରେ ପୁଣ୍ୟସ୍ନାନ, ମୃତ୍ୟୁକାଳୀନ ବୀମାରାଶି ୫ଲକ୍ଷ
- ପୁଣ୍ୟାର୍ଥୀଙ୍କୁ ନଜର ରଖିବେ ସାଗରବନ୍ଧୁ

କୋଭିଡ୍ କଟକଣାକୁ କଡ଼ାକଡ଼ି କରାଯାଇ ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପ୍ରଗଣା ଜିଲା ସାଗରଦ୍ୱୀପରେ ଗଙ୍ଗାସାଗର ମେଳା ଶନିବାରଠାରୁ ଶୁଭାରମ୍ଭ ହୋଇଛି। ଏହି ମେଳା ପାଇଁ ଗଙ୍ଗାସାଗର ଚତୁଃପାର୍ଶ୍ୱକୁ ବ୍ୟାପକ ସାନିଟାଇଜ୍ କରାଯିବା ସହିତ ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ମାସ୍କ ବାଧ୍ୟତାମୂଳକ କରାଯାଇଛି। ଲକ୍ଷାଧିକ ତୀର୍ଥଯାତ୍ରୀଙ୍କ ପାଇଁ ୧୧ଲକ୍ଷ ଶୌଚାଳୟ ନିର୍ମାଣ ହୋଇଛି। ତୀର୍ଥଯାତ୍ରୀଙ୍କର ବାସସ୍ଥାନ ନିମନ୍ତେ ଲକ୍ଷାଧିକ ଅସ୍ଥାୟୀ ଘର କରାଯାଇଛି। ଚଳିତବର୍ଷ ବିଭିନ୍ନ ରାଜ୍ୟରୁ ୩୦ଲକ୍ଷ ପୁଣ୍ୟାର୍ଥୀ ସମବେତ ହେବାର ସମ୍ଭାବନା ଥିବା ସୂଚନା ମିଳିବା ପରେ ପ୍ରଶାସନ ତତ୍ପର ହୋଇପଡ଼ିଛି। ଏଥିପାଇଁ ଜଳ, ସ୍ଥଳ ଓ ଆକାଶ ବାହିନୀକୁ ସଜାଗ ରଖାଯାଇଛି।

ସାଗରମେଳା ପ୍ରବେଶ ପଥରେ ମେଟାଲ ଡିଟେକ୍ଟର ସହ ଲଟ୍‌ନଂ.–୮, ନାମଖାନା–କାକଦ୍ୱୀପ–କଚୁବେଡ଼ିଆ–ଚେମାଗଡ଼ି–ଭାରତ ସେବାଶ୍ରମ ସଂଘ, ଶଙ୍କରାଚାର୍ଯ୍ୟ ଆଶ୍ରମ, କପିଳମୁନି ମନ୍ଦିର ଏବଂ ଭିଆଇପି ସ୍ଥାନରେ ୯ଶହରୁ ଅଧିକ ସିସି କ୍ୟାମେରା ଖଞ୍ଜା ଯାଇଛି। ପ୍ରସିଦ୍ଧ ମେଳାରେ ୮ହଜାରରୁ ଉର୍ଦ୍ଧ୍ୱ ପୋଲିସ, ସନ୍ଧାନୀ କୁକୁର ଓ ବୋମା ନିଷ୍କ୍ରିୟକାରୀ ସ୍କ୍ୱାଡ୍, ୨୦ଟି ଉଚ୍ଚକ୍ଷମତାସମ୍ପନ୍ନ ଡ୍ରୋନ୍ କ୍ୟାମେରା ସଂଯୋଗ କରାଯାଇଛି। ସାଗରବନ୍ଧୁ ନାମିତ ୮ଶହ ଜଣିଆ ଟିମ୍ ପ୍ରସ୍ତୁତ ରହି ପୁଣ୍ୟାର୍ଥୀଙ୍କ ଉପରେ ନଜର ରଖିବା ସହିତ ସମସ୍ତଙ୍କୁ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେଠାରେ ୬ଶହ ଶଯ୍ୟା ବିଶିଷ୍ଟ ଏକ କୋଭିଡ୍ ହସ୍‌ପିଟାଲ୍ ଓ ୬ଟି କଲ୍ୟାଣକେନ୍ଦ୍ର ଖୋଲାଯାଇଥିବା ୨୪ପ୍ରଗଣା ଜିଲାପାଳ ପି. ଉଲଗା ନାଥନ୍ ସୂଚନା ଦେଇଛନ୍ତି।

ଆସନ୍ତା ୧୪, ୧୫ତାରିଖ ମକର ସଂକ୍ରାନ୍ତିରେ ଗଙ୍ଗା ଓ ସାଗର ସଙ୍ଗମସ୍ଥଳରେ ଲକ୍ଷାଧିକ ପୁଣ୍ୟାର୍ଥୀ ମକର ସ୍ନାନ କରିବା ନିମନ୍ତେ କୋଲକାତା ବାବୁଘାଟ, ହାଓଡ଼ା, ଧର୍ମତଲା, ସିଆଲଦାହ ବସ୍‌ଷ୍ଟାଣ୍ଡ ଓ ରେଳଷ୍ଟେଶନରେ ଭିଡ଼ ଜମାଇଛନ୍ତି। ଗଙ୍ଗାସାଗରକୁ ଆଗତ ନାଗାସାଧୁମାନେ କପିଳମୁନି ମନ୍ଦିର ପାର୍ଶ୍ୱରେ ଆସ୍ଥାନ ଜମାଇଛନ୍ତି। ତୀର୍ଥଯାତ୍ରୀଙ୍କ ସକାଶେ ଲଟ୍ ନଂ.୮– କଚୁବେଡ଼ିଆ–ନାମଖାନା–କାକଦ୍ୱୀପ–ଚେମାଗଡ଼ି ନଦୀ ପଥରେ ଭୂତଳ ପରିବହନର ଭେସେଲ ଓ ଲଞ୍ଚ ସେବା ଚାଲୁ ରହିଛି। ମେଳାରେ ତୀର୍ଥଯାତ୍ରୀଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୫ଲକ୍ଷ ଟଙ୍କା ବୀମାରାଶି ଘୋଷଣା କରାଯାଇଛି। ମେଳାକୁ ପ୍ଲାଷ୍ଟିକ ମୁକ୍ତ ସହ ସ୍ୱଚ୍ଛ ରଖିବାକୁ ସାଢ଼େ ୩ ହଜାର ସ୍ୱେଚ୍ଛାସେବକ ମୁତୟନ କରାଯାଇଛି। ୧୧ ତାରିଖରୁ ରସଲପୁର–ମୟାଗାଲିନୀ (ମରାଗଡ଼ିଆ) ଲଞ୍ଚ ଫେରିଘାଟ ବନ୍ଦ କରିଦିଆଯାଇଛି।

## ମନକୁ ଶୃଙ୍ଖଳିତ କରେ ରାଜଯୋଗ

**ସମ୍ବଲପୁର(ବ୍ୟୁରୋ):** ମଣିଷ କ୍ରୋଧର ବଶବର୍ତ୍ତୀ ହୋଇ ଅସାମାଜିକ କାର୍ଯ୍ୟ କରିବସୁଛି। ମନକୁ ଶୃଙ୍ଖଳିତ କରିବାକୁ ହେଲେ ନିୟମିତ ରାଜଯୋଗ ଅଭ୍ୟାସ ଜରୁରୀ। ଏହାଦ୍ୱାରା ପଞ୍ଚେନ୍ଦ୍ରିୟ ଶୃଙ୍ଖଳିତ ହୋଇଥାଏ। ତେଣୁ ମଣିଷ ନିଜ ଭିତରେ ଥିବା ଆତ୍ମାକୁ ଚିହ୍ନିଥାଏ। ପରବର୍ତ୍ତୀ ସମୟରେ ସେ ସମାଜ ପରିବର୍ତ୍ତନ କରିବା ଦିଗରେ ନିଜକୁ ନିୟୋଜିତ କରିଥାଏ। ରବିବାର ସମ୍ବଲପୁର ଦାନୀବନ୍ଧସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ସମାରୋହରେ ବକ୍ତାମାନେ ଏହି ମତ ଦେଇଛନ୍ତି। ବ୍ରହ୍ମାକୁମାରୀ ଆରତୀଙ୍କ ସଂଯୋଜନାରେ ରାଜଯୋଗ ଶୀର୍ଷକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟଅତିଥି ଓ ବ୍ରହ୍ମାକୁମାରୀ ପାର୍ବତୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ।

**ସଂକ୍ଷେପରେ**

## ଲୁହାରଡ଼ରେ ପିଟି ଯୁବକଙ୍କୁ ହତ୍ୟା

**ନୂଆଗାଁ, ୧୦।୧ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ ପୁରୁଣାପାଣି କଦମଟୋଲା ବସ୍ତିରେ ଶନିବାର ରାତିରେ ଘଟିଛି ଏକ ହତ୍ୟାକାଣ୍ଡ। ଜନୈକ ବ୍ୟକ୍ତିଙ୍କ ଘରେ ଜନ୍ମଦିନ ପାଳନ ଅବସରରେ ଗଣ୍ଡଗୋଳ ଘଟି ଜୁଏଲ ସୁରିନ (୪୦) ନାମକ ଜଣେ ଯୁବକଙ୍କୁ ଲୁହାରଡ଼ରେ ପିଟି ହତ୍ୟା କରାଯାଇଛି। ପୋଲିସ ଅଭିଯୁକ୍ତ ଯୁବକ ସୁଜନ ସୁରିନ (୪୧)ଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। କଦମଟୋଲା ବସ୍ତିରେ ଜନ୍ମଦିନ ପାଳନ ଅବସରରେ ନାଚଗୀତ ଚାଲୁଥିଲା। ଏହି ସମୟରେ କୌଣସି ଘଟଣାକୁ ନେଇ ଉକ୍ତ ବସ୍ତିର ଜୁଏଲ ଓ ସୁଜନଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିଥିଲା। ଏଥିରେ ଉତ୍ତେଜିତ ହୋଇ ସୁଜନ ଏକ ଲୁହା ରଡରେ ଜୁଏଲଙ୍କ ମୁଣ୍ଡକୁ ବାରମ୍ବାର ଆଘାତ କରିଥିଲେ। ଏଥିରେ ଜୁଏଲ ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସ୍ଥିତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ହାତୀବାରି ଥାନାରେ ଏକ ମାମଲା (ନଂ. ୪/୨୧) ରୁଜୁ ହୋଇଛି।

## ଫାଇଲେରିଆ ସର୍ବେକ୍ଷଣ

**ଲଖନପୁର,୧୦।୧(ଡି.ଏନ୍.ଏ.):** ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡା. ବୈକୁଣ୍ଠନାଥ କଶ୍ୟପଙ୍କ ତତ୍ତ୍ୱାବଧାନରେ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଫାଇଲେରିଆ ରୋଗ ସର୍ବେକ୍ଷଣ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଲଖନପୁର ଓ ଦ୍ୱିତୀୟ ଦିନରେ ଚାରପାଲି ପଞ୍ଚାୟତ ଧୁଲୁଣ୍ଡା ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫାଇଲେରିଆ ରୋଗୀ ଚିହ୍ନଟ ପାଇଁ ଲୋକଙ୍କ ନିକଟରୁ ରକ୍ତ ନମୁନା ସଂଗ୍ରହ କରାଯାଉଛି। ୨ଦିନରେ ସମୁଦାୟ ୧୦୩୭ଜଣଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଏହାକୁ ପରୀକ୍ଷା ପାଇଁ ଝାରସୁଗୁଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତରଫରୁ ଡା. ଶ୍ୟାମ ରଥ ଶିବିର ପରିଦର୍ଶନ କରି ଫେରିଛନ୍ତି। କାର୍ଯ୍ୟକ୍ରମରେ ମ୍ୟାଲେରିଆ ସୁପରଭାଇଜର ସଞ୍ଜୟ କୁମାର ବାରିକ, ବିପିଏମ୍ ଆଶୁତୋଷ ବେହେରା, ପିଏଚ୍‌ଇଓ ସ୍ୱର୍ଣ୍ଣପ୍ରଭା ଜୁଏଡ୍, ଚାରପାଲି ସରପଞ୍ଚ ପ୍ରଦୀପ ବିଶ୍ୱାଳ ପ୍ରମୁଖ ସ୍ୱାସ୍ଥ୍ୟକର୍ମୀ,ଜନପ୍ରତିନିଧି ଉପସ୍ଥିତ ଥିଲେ।

## ସ୍ୱୟମ୍ଭୂ ମାର୍ଶିଲ ଆର୍ଟସ୍ ପ୍ରତିଯୋଗିତା

**ଲଖନପୁର,୧୦।୧(ଡି.ଏନ୍.ଏ.):** ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ସ୍ୱୟଂମ୍ଭୁ ମାର୍ଶିଲ ଆର୍ଟ୍ସ ଇବ୍‌ଥର୍ମାଲ ଶାଖା ତରଫରୁ ଅଢାପଡା ଗ୍ରାମର ଜନସମ୍ମିଳନୀ କେନ୍ଦ୍ରରେ ସତୋକାନ୍ ଚିତୋକାନ୍ କରାଟ୍ ବେଲ୍ଟ ଟେଷ୍ଟ ଗ୍ରେଡିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇବ୍‌ଥର୍ମାଲ, ଅଢାପଡା, ଫଲସାମୁଣ୍ଡା ଆଦି ଅଞ୍ଚଳର ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହାକୁ ଇବ୍‌ଥର୍ମାଲ ଶାଖାର ପ୍ରଶିକ୍ଷକ ରିଆଜତ୍ ଖାନ୍ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ସାଈଶ୍ରୀ ଶତପଥି, ଆୟୁଷ ପ୍ରଧାନ, ଟିକିସ୍ୟା ସ୍ୱାଇଁ, ସେହେଜାଦ୍ ଖାନ୍ ଓ ଗୌରବ କୁମାର ସାହୁ କୃତିତ୍ୱ ହାସଲକରି ବ୍ଲାକ୍ ବେଲ୍ଟ ପ୍ରାପ୍ତି ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସତୋକାନ୍, ଚିତୋକାନ୍ କରାଟେ ରାଜ୍ୟ ପ୍ରଶିକ୍ଷକ ପ୍ରେମସିଂହ ଥାପା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ବ୍ଲାକ୍, ଗ୍ରୀନ୍, ବ୍ରାଉନ୍, ୟେଲୋ ଓ ଅରେଞ୍ଜ ବେଲ୍ଟ ପ୍ରଦାନ କରିଥିଲେ।

## ଡିପିଏ କଲେଜରେ ଶୋକସଭା

**ସମ୍ବଲପୁର, ୧୦।୧ (ବ୍ୟୁରୋ):** ଦ୍ୱାରିକା ପ୍ରସାଦ ଅଗ୍ରୱାଲ କଲେଜ (ଡିପିଏ)ର କର୍ମଚାରୀ ଅଗ୍ନି କୁମାର ମହାନନ୍ଦଙ୍କ ଅକାଳ ବିୟୋଗ ଘଟିଛି। ତାଙ୍କୁ ୩୭ବର୍ଷ ହୋଇଥିଲା। ଏହି ଅବସରରେ କଲେଜ ଅଧ୍ୟକ୍ଷ କମଳ ଲୋଚନ ପ୍ରଧାନଙ୍କ ପରିଚାଳନାରେ ଶୋକସଭା କରାଯାଇଥିଲା। ଏଥିରେ କଲେଜ ପରିଚାଳନା କମିଟି ସଭାପତି ଡ. ବିନୋଦ ବିହାରୀ ନାୟକ, ପୂର୍ବତନ ସଭାପତି ରାଜକିଶୋର ହୋତା, ସମ୍ପାଦକ ଆଶିଷ କୁମାର ହୋତାଙ୍କ ସମେତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିଥିଲେ। ଅଗ୍ନି କୁମାରଙ୍କ ସ୍ତ୍ରୀ ଓ ୫ ବର୍ଷର ଶିଶୁପୁତ୍ର ଅଛନ୍ତି।

# ୩ ବର୍ଷ ହେଲା ଶଯ୍ୟାଶାୟୀ କିଶୋର

**ସମ୍ବଲପୁର,୧୦।୧(ବ୍ୟୁରୋ)**

■ମେରୁଦଣ୍ଡରେ ସମସ୍ୟା
■ପହଞ୍ଚିପାରି ନାହିଁ ସରକାରୀ ସହାୟତା

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଛାମୁଣା ଭଟଲି ଗ୍ରାମର ୨୬ ବର୍ଷୀୟ ଯୁବକ କିଶୋର ଭୋଇ। ରୋଜଗାର କଲେ ବାପା ତୀର୍ଥଙ୍କୁ ପରିବାର ପ୍ରତିପୋଷଣରେ ସହଯୋଗ ହେବ। ଏଭଳି ଚିନ୍ତା ନେଇ ସେ ମଜୁରି କରିବାକୁ ଯାଉଥିଲେ। ହେଲେ ଦଇବ ସହିଲା ନାହିଁ। ଏକ ସଡ଼କ ଦୁର୍ଘଟଣାରେ କିଶୋର ଗୁରୁତର ଆହତ ହେଲେ। ଚିକିତ୍ସା ପରେ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିବା ଡାକ୍ତର କହିଥିଲେ। ଏବେ ସେ ଖଟରେ ତଳମୁହାଁ ହୋଇ ଶୋଇ ରହୁଛନ୍ତି। ପ୍ରାୟ ୩ବର୍ଷ ହେଲା ଶଯ୍ୟାଶାୟୀ ହୋଇ ଯନ୍ତ୍ରଣା ପାଉଥିବା ପରିବାର ଲୋକେ କହିଛନ୍ତି।

ତୀର୍ଥ କହନ୍ତି, ପୁଅର ଦୁର୍ଘଟଣା ପରେ ପରିବାର ପାଇଁ ଦୁଃଖଦ ସମୟ ଆସିଯାଇଛି। ଚିକିତ୍ସା ପାଇଁ ଧାରକରଜ କରି ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇସାରିଛି। ହେଲେ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସିନାହିଁ। ଶରୀରର ଅନ୍ୟ ଅଙ୍ଗଗୁଡିକ ଠିକ୍ ଭାବେ ପରିଚାଳିତ ହେଉଛି। ଅଣ୍ଟାରୁ ଗୋଡ଼ ପର୍ଯ୍ୟନ୍ତ କାମ କରୁନାହିଁ। ଡାକ୍ତରମାନେ ଉନ୍ନତମାନର ଚିକିତ୍ସା ପାଇଁ ପରାମର୍ଶ ଦେଉଛନ୍ତି। ହେଲେ ଏଭଳି ଚିକିତ୍ସା ପାଇଁ ସାମର୍ଥ୍ୟ ନାହିଁ। ଏବେ ଭଗବାନ୍ ଭରସାରେ ରହିଛୁ। ମଜୁରି ନ ଲାଗିଲେ ପରିବାରକୁ ଦୁଇମୁଠା ଦାନା ମିଳିବ ନାହିଁ।


ଖଟରେ ଶୋଇରହିଛନ୍ତି କିଶୋର ଭୋଇ।

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଗରିବମାନଙ୍କ ପାଇଁ ଅନେକ ଯୋଜନା ରହିଛି। ମାଗଣାରେ ଚିକିତ୍ସା ସୁବିଧା ମଧ୍ୟ ରହିଛି। ହେଲେ ଆମ ପାଖରେ ଆଜିପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ପହଞ୍ଚିପାରି ନାହିଁ। ଜନ ପ୍ରତିନିଧିମାନେ ମଧ୍ୟ ସହାୟତାର ହାତ ବଢାଉ ନାହାନ୍ତି। ତେଣୁ ସରକାରୀ ସହାୟତା ଯୋଗାଇଦେଲେ ପୁଅର ଚିକିତ୍ସା ହୋଇପାରନ୍ତା ବୋଲି ତୀର୍ଥ କୋହଭରା କଣ୍ଠରେ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ଯୁଯୁମୁରା ବିଡିଓ ସରୋଜ ବିଶ୍ୱାଳ କହନ୍ତି, ସରକାରୀ ଯୋଜନାରେ ଯାହା ସହାୟତା ମିଳିବା କଥା ଦିଆଯିବ। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରେ ସେ ଚିକିତ୍ସା କରାଇପାରିବେ। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଯଥାସମ୍ଭବ ସହଯୋଗ କରାଯିବ।

## ଗିରଫ ସଂଖ୍ୟା ୩ରେ ପହଞ୍ଚିଲା

**ସମ୍ବଲପୁର,୧୦।୧ (ବ୍ୟୁରୋ)**

**ବନ ବିଭାଗ ରେଷ୍ଟହାଉସ୍ ଭଙ୍ଗାରୁଜା ଘଟଣା**

ସମ୍ବଲପୁର ବନଖଣ୍ଡ ଧମା ରେଞ୍ଜ କୋଲଗାଁରେ ବନ ବିଭାଗ ରେଷ୍ଟହାଉସ ଓ କର୍ମଚାରୀଙ୍କ କ୍ୱାର୍ଟର୍ସ ଭଙ୍ଗାରୁଜା, ପୋଡ଼ାଜଳା ଘଟଣାରେ ଗିରଫ ସଂଖ୍ୟା ୩ରେ ପହଞ୍ଚିଛି। ରବିବାର କୋଲଗାଁ ଗ୍ରାମର ହୃଷୀକେଶ ପ୍ରଧାନ ଓ ଗୁରୁଚରଣ ପ୍ରଧାନଙ୍କୁ ଗିରଫ କରାଯାଇଛି। ସୋମବାର ଏମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବରୁ ଗ୍ରାମର ରାକେଶ ପ୍ରଧାନ (୨୬)ଙ୍କୁ ଗିରଫ କରାଯାଇଥିଲା। ସୂଚନାଯୋଗ୍ୟ, ବନ ବିଭାଗ ପକ୍ଷରୁ ସଂରକ୍ଷିତ ଜଙ୍ଗଲରେ ଟ୍ରେଞ୍ଚ (ଗାତ) ଖୋଳାଯାଇଥିଲା। କିଛିଦିନ ମଧ୍ୟରେ ଏହି ଗାତରେ ପଡ଼ି ୧୬ ବାରହାଙ୍କ ମୃତ୍ୟୁ ଘଟିଥିଲା। ପରବର୍ତ୍ତୀ ସମୟରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଲାଗି ଜଙ୍ଗଲ ବିଭାଗ ଏହାକୁ ପୋତିଦେଇଥିଲା। ଘଟଣା ପ୍ରଚାରିତ ହେବା ପରେ ସ୍ୱାର୍ଥରେ ଆଞ୍ଚ ଆସିବ ଭାବି କେତେକ ଦୁର୍ବୃତ୍ତ ଫୋନ ଯୋଗେ ବନ କର୍ମଚାରୀଙ୍କୁ ଧମକ ଦେଇଥିଲେ। ପରେ ଗତ ଅକ୍ଟୋବର ୨୭ ତାରିଖରେ ସେମାନେ ବନ ବିଭାଗର ରେଷ୍ଟ ହାଉସରେ ସଂଘବଦ୍ଧ ଭାବେ ଧସେଇ ପସି କବାଟ, ଝରକା, ସୋଫା ଓ ଅନ୍ୟାନ୍ୟ ସାମଗ୍ରୀ ଭଙ୍ଗାରୁଜା କରିଥିଲେ। ଏହି ଘଟଣା ପରେ ଭୟରେ ବନ କର୍ମଚାରୀ ଓ ଅଧିକାରୀଙ୍କ ରେଷ୍ଟ ହାଉସକୁ ଯିବାଆସିବା କମିଯାଇଥିଲା। ପରେ ଅକ୍ଟୋବର ୩୧ ତାରିଖରେ ରାକେଶଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇଥିଲା। ଏବେ ବି ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ଗାଁ ଛାଡି ଚାଲିଯାଇଥିବା ପୋଲିସ କହିଛି।

## ରାୟଷ୍ଟିମକୁ ହରାଇ ଡାଇମଣ୍ଡ ଏକାଦଶ ଚାମ୍ପିୟନ


ଖେଳାଳିଙ୍କ ଗହଣରେ ଅତିଥିମାନେ।

**ବ୍ରଜରାଜନଗର, ୧୦।୧ (ଡି.ଏନ.ଏ.)**

ସ୍ଥାନୀୟ ମଙ୍ଗଳା ମନ୍ଦିର କ୍ରିକେଟ ପଡିଆରେ ଚାଲିଥିବା ପ୍ରଥମ ଚ୍ୟାଲେଞ୍ଜ କପ୍ କ୍ରିକେଟ ପ୍ରତିଯୋଗିତାରେ ରାୟଷ୍ଟିମକୁ ହରାଇ ଡାଇମଣ୍ଡ ଏକାଦଶ ଚାମ୍ପିୟନ ହୋଇଛି। ୧୬ ଗୋଟି ଦଳକୁ ନେଇ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଶେଷରେ ରାୟଷ୍ଟିମ ଓ ଡାଇମଣ୍ଡ ଏକାଦଶ ଫାଇନାଲ ଖେଳିଥିଲେ। ଡାଇମଣ୍ଡ ଏକାଦଶ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୮୪ ରନ କରିଥିଲା। ଜବାବରେ ରାୟଷ୍ଟିମ ସମସ୍ତ ଉଇକେଟ ହରାଇ ୭୫ ରନ କରିବାକୁ ସକ୍ଷମ ହୋଇଥିଲା। ରାକେଶ ବରାଡ ଓ ସଞ୍ଜୀବ କରାଲି ଖେଳ ପରିଚାଳନା କରିଥିଲେ। ଉଦଯାପନୀ ସମାରୋହରେ ଆଇନଜୀବୀ ବିଶ୍ୱନାଥ ନାୟକ ମୁଖ୍ୟଅତିଥି, ବ୍ରଜରାଜନଗର ମୁଭର୍ସ ଆସୋସିଏଶନ ସଭାପତି ଅଜିତ ଧଳ, ମାଲିକ ସଂଘ ସଭାପତି ସତିଶ ସିଂ, ଟାଉନ ବିଜେଡି ସଭାପତି ରାଧାକାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ନଗଦ ୭ ହଜାର ଟଙ୍କା ପ୍ରଦାନ କରିଥିଲେ। ସତ୍ୟ, ତପନ, ମନୋଜ, ଆଶୁ, ଟିଟୁ, ମୁକେଶ, ତ୍ରିନାଥ, ଟିଲୁ, ସନ୍ତୋଷ ପ୍ରମୁଖ ସହାୟତା କରିଥିଲେ।

## ଟୋକନ୍ ବ୍ୟବସ୍ଥା ଧାନ ବିକ୍ରିରେ ପ୍ରତିବନ୍ଧକ

**ସମ୍ବଲପୁର, ୧୦।୧ (ବ୍ୟୁରୋ)**

ଚଳିତବର୍ଷ ସମ୍ବଲପୁର ଜିଲାରେ ଧାନ ଫସଲ ଭଲ ହୋଇଛି। କିନ୍ତୁ ଚାଷୀ ସେମାନଙ୍କ ଉତ୍ପାଦିତ ଧାନ ବିକ୍ରି କରି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେଉଛନ୍ତି। ରାଜ୍ୟ ସରକାରଙ୍କ ଟୋକନ୍ ବ୍ୟବସ୍ଥା ଧାନ ବିକ୍ରିରେ ପ୍ରତିବନ୍ଧକ ସାଜିଛି। ତେଣୁ ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରିବା ଆବଶ୍ୟକ। ଏହାଦ୍ୱାରା ଛୋଟ ଓ ବଡ ଚାଷୀ ସୁବିଧାରେ ଧାନ ବିକ୍ରି କରିପାରିବେ। ରବିବାର ସମ୍ବଲପୁର ପୀରବାବା ଛକର ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ପୂର୍ବତନ ଜିଲା ସଭାପତି ଗୋବିନ୍ଦ ପ୍ରସାଦ ଅଗ୍ରୱାଲ ଏହା କହିଛନ୍ତି। ସେ ଆହୁରି କହିଥିଲେ, କେନ୍ଦ୍ର ସରକାର ଏମ୍‌ଏସ୍‌ପି ସହ ଅଖା, ସୁତୁଲି, ଲୋଡିଂ, ଅନଲୋଡିଂ, ଟ୍ରାନ୍ସପୋର୍ଟିଂ ଚାର୍ଜ, ଗୋଡାଉନ୍ ଭଡା ଆଦି ମଣ୍ଡି ହେଣ୍ଡଲିଂ ନାମରେ ଯୋଗାଇ ଦେଉଛନ୍ତି। କିନ୍ତୁ ପରିତାପର ବିଷୟ ରାଜ୍ୟ ସରକାର ଧାନ ବିକ୍ରି ପରିଚାଳନା କରିପାରୁ ନାହାନ୍ତି। ସେଥିପାଇଁ ଧାନ ସଂଗ୍ରହ ବ୍ୟବସ୍ଥାରେ ପଞ୍ଚାୟତଗୁଡିକୁ ମଧ୍ୟ ସାମିଲ କରିବା ସମୟ ଆସିଛି। ବିଗତ ୨ବର୍ଷ ହେବ ଠିକ୍ ଭାବେ ଜିଲାସ୍ତରୀୟ ଧାନ ସଂଗ୍ରହ ବୈଠକ ମଧ୍ୟ ହେଉନାହିଁ। ହାତଗଣତି ଅଧିକାରୀଙ୍କ ମଧ୍ୟରେ ବୈଠକ ସୀମିତ ରହୁଛି ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ଭାଜପା ବରିଷ୍ଠ ନେତା ଶ୍ରୀକାନ୍ତ ପାଣିଗ୍ରାହୀ, ଡା. ପ୍ରଭାସ ଦେବତା, ମାନସ ରଞ୍ଜନ ବକ୍ସି, ମୁକେଶ ଜରିୱାଲ, ରଞ୍ଜିତ ରଥ, ଦେଓକିରଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ ।

## କୁଲୁତା ସମାଜ ପୀଠସ୍ତରୀୟ ସାଂଗଠନିକ ବୈଠକ

**ଲଖନପୁର,୧୦।୧(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ଅଢାପଡା ମା' ରାମଚଣ୍ଡୀ ମନ୍ଦିର ସଭାଗୃହରେ ରବିବାର କୁଲୁତା ସମାଜ ଅଢାପଡା ପୀଠର ସଭାପତି ରଘୁମଣି ପ୍ରଧାନଙ୍କ ଅଧ୍ୟକ୍ଷତାରେ ପୀଠସ୍ତରୀୟ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ପ୍ରଧାନ, ପିପିଲିକାନୀ ସାତପାଲି ଗୁଡି ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ, ଅଢାପଡା ପାଞ୍ଚପାଲି ଗୁଡି ସଭାପତି ଉପେନ୍ଦ୍ର ଭୋଇ, ପଣ୍ଡରୀ ସାତପାଲି ଗୁଡି ସମ୍ପାଦକ ସଞ୍ଜୀବ ସାହୁ, ବାଗମୁଣ୍ଡା ବାରପାଲି ଡିହ ତିଳିଆ ଗୁଡି ସଭାପତି ଗିରିଶଚନ୍ଦ୍ର ସାହୁ, ବନ୍ଧବାହାଲ ରାମଚଣ୍ଡୀ ସଂଗଠନ ସଭାପତି ଭାଗୀରଥି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସାମାଜିକ ସଂଗଠନ ସମ୍ପର୍କରେ ଆଲୋକପାତ କରିଥିଲେ। ଗତ ମାର୍ଚ୍ଚ ମାସରେ ସମ୍ବଲପୁର ଗମ୍ଭାରୀମୁଣ୍ଡାରେ ହୋଇଥିବା କୁଲୁତା ସମାଜ ମହାସଭାରେ ନୂତନଭାବେ ଅଢାପଡା ଓ ଠେମେରା ନୂତନ ପୀଠ ଭାବେ ଘୋଷଣା କରାଯାଇଥିଲା। ଏବେ କୋଭିଡ୍ ନିୟମ ପାଳନ କରି ପୀଠର ସାଂଗଠନିକ କାର୍ଯ୍ୟକ୍ରମ ଆଗେଇନେବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଆସନ୍ତା ଫେବୃୟାରୀ ୨ତାରିଖରେ ଅଢାପଡା ପୀଠସ୍ତରୀୟ ସାଂଗଠନିକ ଉତ୍ସବ ପାଇଁ ଆଲୋଚନା ହୋଇଛି। ଉତ୍ସବରେ ସମାଜର ପରମ୍ପରା, ଐତିହ୍ୟ ରକ୍ଷା କରାଯିବା ସହ ବରିଷ୍ଠ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବ ବୋଲି ସ୍ଥିର ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜୀବର୍ଦ୍ଧନ ପ୍ରଧାନ, ଗଜପତି ପ୍ରଧାନ, ବେଦବ୍ୟାସ ଭୋଇ, ସନ୍ତୋଷ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ମତାମତ ରଖିଥିଲେ।

## ଅବକାରୀ ଓ ପୋଲିସ ବିଭାଗର ଚଢାଉ

**କୁତ୍ରା, ୧୦।୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ଖଡକୁରବାହାଲ ଗ୍ରାମର ମାଳିପଡାଠାରେ ୧୧ କୁଇଣ୍ଟାଲ ମହୁଲ ପୋଚ ଓ ପ୍ରସ୍ତୁତ ହୋଇସାରିଥିବା ୪୦୦ ଲିଟର ମଦ ସମ୍ବଲପୁର ଅବକାରୀ ବିଭାଗ ଓ କୁତ୍ରା ପୋଲିସ ଦ୍ୱାରା ଜବତ ହୋଇ ଘଟଣା ସ୍ଥଳରେ ହିଁ ନଷ୍ଟ କରି ଦିଆଯାଇଛି । ମହୁଲି ମଦ ରନ୍ଧା ହେଉଥିବା ଖବର ପାଇ ଚଢ଼ାଉ କରୁଥିବା ବେଳେ ପ୍ରସ୍ତୁତିକାରୀ ଓ ସପରିବାର ଘର ଛାଡି ପଳେଇଥିଲେ। ପୋଲିସ ଓ ଅବକାରୀ ବିଭାଗ ଘଟଣା ସ୍ଥଳରେ କାହାକୁ ନ ପାଇ ମଦ ପ୍ରସ୍ତୁତିକାରୀଙ୍କ ସରଞ୍ଜାମ ଜବତ କରିଥିବା ଜଣାପଡିଛି । ଦୀର୍ଘଦିନ ଧରି ଏହି ଅଞ୍ଚଳରେ ଅବାଧ ମଦ ପ୍ରସ୍ତୁତି ଓ ବିକ୍ରୟ ହେଉଥିବା ବେଳେ ଏତେ ବଡ ଧରଣର ଚଢ଼ାଉ ନିକଟ ଅତିତରେ ହୋଇନଥିଲା । ଅନ୍ୟ ପକ୍ଷରେ କୁତ୍ରା ରଜାବସା ଗ୍ରାମ ପଞ୍ଚାୟତର ଖଡୁ ଲାକ୍ରା (୪୩)ଙ୍କ ଘରୁ ୧୨ ଲିଟର ମଦ ଜବତ କରାଯାଇଛି । ସୂଚନାଥାଉ କି, କୁତ୍ରା ଥାନା ଅଧିନସ୍ଥ କନ୍ଦେଇମୁଣ୍ଡା ଗ୍ରାମ ପଞ୍ଚାୟତର ଗୁଲେଇପଡା ଓ ଦାମପଡାରେ ଗୁଲେଇମଦ ଅବାଧ ଭାବରେ ବିକ୍ରି କରାଯାଉଛି। ତେଣୁ ଅବକାରୀ ବିଭାଗ ଓ ପୋଲିସ ଏହା ଉପରେ ନଜର ରଖିବାକୁ ଉକ୍ତ ପଞ୍ଚାୟତବାସୀ ଦାବି ଜଣାଇଛନ୍ତି। ଆଜିର ଜବତ ମଦର ପରିମାଣ ମହୁଲି ପୋଚ ସହିତ ବଜାର ଦର ଦେଢ଼ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜନୈକ ଅବକାରୀ ଅଧିକାରୀ ପ୍ରକାଶ କରିଥିଲେ।


ଅବକାରୀ ବିଭାଗ ଓ ପୋଲିସ ଦ୍ୱାରା ଜବତ ସାମଗ୍ରୀ।

## ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ କଂଗ୍ରେସର ବୈଠକ


ବୈଠକରେ ଉପସ୍ଥିତ କଂଗ୍ରେସ ନେତା।

**କୁତ୍ରା, ୧୦।୧ (ଡି.ଏନ.ଏ)**

କୁତ୍ରା ବ୍ଲକ କଂଗ୍ରେସର ଏକ ବୈଠକ ୧୦ ନମ୍ବର ରାଜ୍ୟ ରାଜପଥର ତେଲିଘଣାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଯଜ୍ଞେଶ୍ୱର ବାବୁ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ରାଜଗାଙ୍ଗପୁର ବିଧାୟକ ଡା. ସିଏସ ରାଜନ ଏକ୍କା, ପୂର୍ବତନ ବିଧାୟକ ମୁଖରାମ ନାୟକ, ଜିଲା ପରିଷଦ ସଭ୍ୟ ଶରତ ଚନ୍ଦ୍ର ସା ସଭାରେ ଯୋଗଦେଇ କଂଗ୍ରେସର ସଙ୍ଗଠନ, କଂଗ୍ରେସର ମହିଳା, ଯୁବବର୍ଗ, କୃଷି ଆଦି ବିଷୟ ବସ୍ତୁକୁ ନେଇ ଆଲୋଚନା ହୋଇଥିଲା। ସଭାରେ ଉପସ୍ଥିତ ଥିବା ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ବିଦ୍ୟାଧର ଓମାତ, ମଙ୍ଗଳୁଧର କୁଜୁର ଓ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଉପସ୍ଥିତ ରହିଅନେକ ମତାମତ ଦେଇଥିଲେ।

## ଗଛରେ ପିଟି ହେଲା ବୋଲେରୋ: ୧ମୃତ

**ସବଡେଗା, ୧୦।୧ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ତଲସରା ଥାନା ଅନ୍ତର୍ଗତ ୨୪ ନମ୍ବର ରାଜ୍ୟ ରାଜପଥ ସବଡେଗା ଫାୟାର ଷ୍ଟେସନ ପାଖରେ ରବିବାର ସକାଳ ୧୦ଟାରେ ଦୁର୍ଘଟଣା ଘଟିଛି। ଏକ ବରଗଛରେ ଏକ ବୋଲେରୋ ପିଟି ହେବାରୁ ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୬ଜଣ ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଝାରସୁଗୁଡାରୁ ଦୁଇଟି ବୋଲେରୋ ଏବଂ ଏକ ପିକଅପ୍ ଗାଡିରେ ୪ ପରିବାରର ଲୋକେ ମିଶି ଛତିଶଗଡ କଣ୍ଡେବିରା ପିକନିକ୍ ସ୍ପଟକୁ ନୂତନ ବର୍ଷର ଭୋଜି କରିବାକୁ ଯାଉଥିଲେ। ସବଡେଗା ପାଖାପାଖି ବୋଲେରୋ ନମ୍ବର ଓଆର ୧୪ ଜେ- ୬୪୪୦ର ଡ୍ରାଇଭର ଭାରସାମ୍ୟ ହରାଇ ଦ୍ରୁତ ଗତିରେ ଏକ ବରଗଛକୁ ଯାଇ ପିଟିଥିଲା। ଡ୍ରାଇଭର ବିଟୁ ମହାରାଜ (୩୮)ଷ୍ଟେରିଙ୍ଗ୍‌ରେ ଚାପି ହୋଇଯାଇଥିଲେ। ଫଳରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଖବରପାଇ ସବଡେଗା ଅଗ୍ନିଶମ ବିଭାଗର ସମସ୍ତ କର୍ମଚାରୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ସବଡେଗା ଡାକ୍ତରଖାନାକୁ ପହଞ୍ଚାଇଥିଲେ। ଖବର ପାଇ ଡାକ୍ତରଖାନାରେ ସବଡେଗାର ଅନେକ ଯୁବକ ପହଞ୍ଚି ସାହାଯ୍ୟ କରିଥିଲେ। ସବଡେଗା ଡାକ୍ତରଖାନାରେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରି ୪ଟି ୧୦୮ ଆମ୍ବୁଲାନ୍ସ ଯୋଗେ ସୁନ୍ଦରଗଡ ଡାକ୍ତରଖାନାକୁ ପଠାଯାଇଥିଲା। ଆହତମାନଙ୍କ ମଧ୍ୟରେ ପରଦୀପ ମୋରେ (୪୦), ଖୁସି ଅଗ୍ରୱାଲ (୨୦), କୁନାଲ ମୋରେ (୧୪), କୈଳାଶ ମୋରେ (୫୦),ଦିଶା ଅଗ୍ରୱାଲ (୧୮), ରୋଶନି ମୋରେ (୨୫) ଥିବା ବେଳେ ଅନେକଙ୍କର ଗୋଡ ଭାଙ୍ଗି ଥିବା ବେଳେ ଅଣ୍ଟା ମଧ୍ୟ ଭାଙ୍ଗିଥିବାର ଜଣାପଡିଛି।


ଗଛରେ ବୋଲେରୋ ପିଟି ହୋଇଛି।

## କଠିନ ପରିଶ୍ରମ, ଦୃଢ଼ ସଂକଳ୍ପ ଓ ଲକ୍ଷ୍ୟ ରଖି କାର୍ଯ୍ୟ କରିବାକୁ ଆହ୍ୱାନ

**ସୁନ୍ଦରଗଡ଼ (ଡି.ଏନ୍.ଏ.)/ ରାଉରକେଲା ଅଫିସ,୧୦।୧**

**ସୁନ୍ଦରଗଡ଼, ରାଉରକେଲାରେ ବିଜୁ ଛାତ୍ର ନେତୃତ୍ୱ ସମ୍ମିଳନୀ**

ଯେ କୌଣସି ଦଳର ଯୁବ ଛାତ୍ରମାନେ ହେଉଛନ୍ତି ସଙ୍ଗଠନର ମୂଳଦୁଆ। ଏଥିପାଇଁ ଯୁବ ଓ ଛାତ୍ର ବିଜେଡି କର୍ମୀମାନେ କଠିନ ପରିଶ୍ରମ, ଦୃଢ ସଂକଳ୍ପ ଓ ଲକ୍ଷ୍ୟ ରଖି କାର୍ଯ୍ୟକଲେ ନବୀନ ପଟ୍ଟନାୟକଙ୍କ ସୁଶାସନର ସୁଫଳ ଓଡିଶାବାସୀଙ୍କ ନିକଟରେ ପହଞ୍ଚିପାରିବ ବୋଲି ରବିବାର ସୁନ୍ଦରଗଡ ଓ ରାଉରକେଲାରେ ଅନୁଷ୍ଠିତ ବିଜୁଯୁବ ଛାତ୍ର ନେତୃତ୍ୱ ସମ୍ମିଳନୀରେ ଯୋଗଦେଇ ଦଳୀୟ ନେତୃବୃନ୍ଦ ପ୍ରକାଶ କରିଛନ୍ତି। ରାଜ୍ୟ ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଯୋଗଦେଇ ରାଜ୍ୟ ଯୁବ ବିଜେଡି ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମୋକେଶ ରାୟ ଉଦବୋଧନ ଦେଇ କହିଥିଲେ ଯେ, ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ହିଁ ବିଜେଡି ସଫଳତାର ପୁଞ୍ଜି। ତାଙ୍କର ନେତୃତ୍ୱକୁ ସମ୍ମାନ ଜଣାଇ ପ୍ରତ୍ୟେକ କର୍ମୀ ଶୃଙ୍ଖଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ସୁନ୍ଦରଗଡ ଜିଲା ପର୍ଯ୍ୟବେକ୍ଷକ ତଥା ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡାଇ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ତଥା ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ରାଜ୍ୟ ବିଜୁ ଛାତ୍ର ଜନତାଦଳ ସଭାପତି ତଥା ବାଙ୍କୀବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବିଜେଡି ଜିଲା ସଭାପତି ତଥା ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ, ବରିଷ୍ଠ ନେତା ତଥା ରାଜ୍ୟ ବିଜେଡି ଉପସଭାପତି ରାଜଗାଙ୍ଗପୁରର ପୂର୍ବତନ ବିଧାୟକ ମଙ୍ଗଳା କିଶାନ୍, ରାଜ୍ୟ ସାଧାରଣ ସମ୍ପାଦକ ତଥା ସୁନ୍ଦରଗଡର ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ବିନୟ ଟପ୍ପୋ, ଓଡିଶା ମୋ ପରିବାରର ସଭ୍ୟ ସୁନୀତା ବିଶ୍ୱାଳ ପ୍ରମୁଖ ଏହି ସମ୍ମିଳନୀରେ ସମ୍ବୋଧିତ କରିଥିଲେ। ବିଜୁଛାତ୍ର ଜନତାଦଳ ରାଉରକେଲା ସାଙ୍ଗଠନିକ ଜିଲା ଆନୁକୂଲ୍ୟରେ ଯୁବଛାତ୍ର ନେତୃତ୍ୱ ସମ୍ମିଳନୀ ଶିକ୍ଷାଞ୍ଚଳରେ ଆୟୋଜିତ ହୋଇଛି। ଏହି ଅବସରରେ ସୁକିନ୍ଦା ବିଧାୟକ ତଥା ସୁନ୍ଦରଗଡ଼ ଜିଲା ପର୍ଯ୍ୟବକ୍ଷକ ପ୍ରୀତିରଞ୍ଜନ ଘଡ଼େଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଉପରୋକ୍ତ ନେତାମାନଙ୍କ ସହ ପୂର୍ବ ଜିଲା ପରିଷଦ ରଞ୍ଜିତ କିଷାନ ଓ ନୂଆଗାଁ ବ୍ଲକ ଅଧ୍ୟକ୍ଷ ମୁକୁଲ ଏକ୍କା, ଅନିବାଶ ସୁମନ ବାଗେ, ରାଣା ପ୍ରତାପ ସିଂ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ରାଉରକେଲା ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀ ଯୁବ ଓ ଛାତ୍ର ସଙ୍ଗଠନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ରକ୍ତଦାନ ଶିବିରରେ ୨୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।


ସୁନ୍ଦରଗଡ଼ରେ ବିଜୁ ଛାତ୍ର ନେତୃତ୍ୱ ସମ୍ମିଳନୀରେ ଉପସ୍ଥିତ ବିଜେଡି କର୍ମୀ ଓ ନେତୃବୃନ୍ଦ।

# ଭାରତର ସଂଘର୍ଷ ଜାରି

ସିଡ୍‌ନୀ,୧୦।୧(ପି.ଟି.)

ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚ ବଞ୍ଚାଇବାକୁ ଭ୍ରମଣକାରୀ ଭାରତର ସଂଘର୍ଷ ଜାରି ରହିଛି। ମ୍ୟାଚରେ ଅଷ୍ଟ୍ରେଲିଆ ପଲା ଭାରି ରହିଛି। ପଞ୍ଚମ ତଥା ଅନ୍ତିମ ଦିବସରେ ଭାରତର ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି। ଅଷ୍ଟ୍ରେଲିଆକୁ ପ୍ରଥମ ଇନିଂସରେ ୧୦୫.୪ ଓଭରରେ ୩୩୮ ରନରେ ଅଲଆଉଟ କରିବା ପରେ ଭାରତ ତା'ର ପ୍ରଥମ ଇନିଂସରେ ୧୦୦.୪ ଓଭରରେ ମାତ୍ର ୨୪୪ ରନ କରି ଆଉଟ ହୋଇଛି। ଫଳରେ ଅଷ୍ଟ୍ରେଲିଆ ୯୪ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ

## ସିଡ୍‌ନୀ ଟେଷ୍ଟ

ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ଚତୁର୍ଥ ଦିବସରେ ୮୭ ଓଭରରେ ୬ ଉଇକେଟ ହରାଇ ୩୧୨ ରନକରି ଇନିଂସ ଘୋଷଣା କରିଛି। ଫଳରେ ଭାରତ ସମ୍ମୁଖରେ କଷ୍ଟସାଧ୍ୟ ୪୦୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।

### ଶୁବମନ, ରୋହିତଙ୍କ ଭଲ ଆରମ୍ଭ

ଜବାବରେ ଭାରତ ଦ୍ୱିତୀୟ ଇନିଂସ ଆରମ୍ଭ କରି ରବିବାର ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ୩୪ ଓଭରରେ ୨ ଉଇକେଟ ହରାଇ ୯୮ ରନ ସଂଗ୍ରହ କରିଛି। ହାତରେ ଆଉ ଗୋଟିଏ ଦିନ ବାକିଥିବା ବେଳେ ଭାରତ ୮ ଉଇକେଟ ହାତରେ ରଖି ବିଜୟ ପାଇଁ ୩୦୯ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ୯ ଓ ଅଧିନାୟକ ଅଜିଙ୍କ୍ୟ ରାହାନେ ୪ ରନ


ରୋହିତ ଶର୍ମା

କରି ଅପରାଜିତ ରହିଛନ୍ତି। ପୂଜାରା ୨୯ଟି ବଲ୍ ଖେଳି ଗୋଟିଏ ଚୌକା ମାରିଥିବା ବେଳେ ରାହାନେ ୧୪ଟି ବଲ୍ ଖେଳିଥିଲେ। ଦ୍ୱିତୀୟ ଇନିଂସରେ ଦୁଇ ଭାରତୀୟ ଓପନର ରୋହିତ ଶର୍ମା ଓ ଶୁବମନ ଗିଲ ଭଲ ଆରମ୍ଭ କରି ସେଟ୍ ହୋଇଥିଲେ । ପ୍ରଥମ ଉଇକେଟରେ ଦୁଇ ଓପନର ୭୧ ରନ ସଂଗ୍ରହ କରିଥିଲେ। ୫୩ ବର୍ଷ ପରେ ପୁଣି ଥରେ ଦୁଇ ଭାରତୀୟ ଓପନର ଗୋଟିଏ ଟେଷ୍ଟର ଦୁଇଟି ଇନିଂସରେ ପ୍ରଥମ ଉଇକେଟରେ ୫୦ରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିବାରେ ସଫଳ ହୋଇଛନ୍ତି। ଶେଷଥର ପାଇଁ ସିଡ୍‌ନୀରେ ଫାରୁକ ଇଞ୍ଜିନିୟର ଓ ସୟଦ ଅବିଦ ଅଲି ଦୁଇଟି ଇନିଂସରେ ୫୦ରୁ ଊର୍ଦ୍ଧ୍ୱ ରନର ଭାଗୀଦାରି ସ୍ଥାପନ କରିଥିଲେ।

ତେବେ ସେଟ୍ ହୋଇ ଦୁଇ ଓପନର ଆଉଟ ହେବା ଫଳରେ ଭାରତ ପୁଣି ଥରେ ସମସ୍ୟାକୁ ଟାଣି ହୋଇଯାଇଛି। ପ୍ରଥମ ଇନିଂସରେ ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ଶୁବମନ ୩୧ ରନକରି ଜୋଶ ହାଜେଲଉଡ୍‌ଙ୍କ ବଲ ଉଇକେଟକିପର ଟିମ୍ ପେନ୍‌ଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଅଫ୍‌ଷ୍ଟମ୍ପ ବାହାରର ବଲ ବ୍ୟାଟ୍‌ର ଏଜ୍ ନେଇ ପେନ୍‌ଙ୍କ ହାତକୁ ଯାଇଥିଲା ଓ ଜବରଦସ୍ତ ଅପିଲ ହୋଇଥିଲା। ଶୁବମନ ରିଭ୍ୟୁ ନେଇଥିଲେ ମଧ୍ୟ କିଛି ଲାଭ ହୋଇ ନ ଥିଲା ଓ ତାଙ୍କୁ ପ୍ୟାଭିଲିୟନ ଫେରିବାକୁ ପଡ଼ିଥିଲା। ସେହିପରି ରୋହିତ ୯୮ଟି ବଲ ଖେଳି ୫ ଚୌକା ଓ ୧ ଛକା ସହ ୫୨ ରନକରିଥିବା ବେଳେ ପ୍ୟାଟ୍ କମିନ୍ସଙ୍କ ଶର୍ଟ ବଲ୍ ପୁଲ୍ କରିବାକୁ ପ୍ରୟାସ କରିଥିଲେ। ତେବେ ବ୍ୟାକ୍‌ୱାର୍ଡ ସ୍କୋୟାର ଲେଗ୍ ବାଉଣ୍ଡାରିରେ ମିଚେଲ ଷ୍ଟାର୍କ ତାଙ୍କ କ୍ୟାଚ ନେଇଥିଲେ। ଅଷ୍ଟ୍ରେଲିଆ ତରଫରୁ ହାଜେଲଉଡ୍ ଓ କମିନ୍ସ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଅନ୍ତିମ ସେସନରେ ଭାରତ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଅନ୍ତିମ ଦିବସରେ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେବ। ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୦୩/୨ରୁ ଅଷ୍ଟ୍ରେଲିଆ ରବିବାର ଖେଳ ଆରମ୍ଭ କରି ଇନିଂସ ଘୋଷଣା କରିଥିଲା।

## ତୃତୀୟ ଟେଷ୍ଟ ସ୍କୋର ବୋର୍ଡ

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୩୮
ଭାରତ ପ୍ରଥମ ଇନିଂସ: ୨୪୪
**ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ**
ୱାର୍ନର–ଏଲ୍‌ବିଡବ୍ଲ୍ୟୁ–ଅଶ୍ୱିନ–୧୩
ପୁକୋଭସ୍କି–କ–ସାହା–ବୋ–ସିରାଜ–୧୦
ଲାବୁସେନ୍–କ–ସାହା–ବୋ–ସଇନି–୭୩
ସ୍ମିଥ୍–ଏଲ୍‌ବିଡବ୍ଲ୍ୟୁ–ଅଶ୍ୱିନ–୮୧
ୱେଡ୍–କ–ସାହା–ବୋ–ସଇନି–୪
ଗ୍ରୀନ୍–କ–ସାହା–ବୋ–ବୁମ୍‌ରା–୮୪
ଟିମ୍ ପେନ୍–ନଟଆଉଟ–୩୯
ଅତିରିକ୍ତ–୮
ମୋଟ (୮୭ ଓଭର,୬ ଉଇକେଟରେ ଇନିଂସ୍ ଘୋଷଣା) ୩୧୨।
ଉଇକେଟ ପତନ :୧/୧୬, ୨/୩୫, ୩/୧୩୮, ୪/୧୪୮, ୫/୨୦୮, ୬/୩୧୨।
**ବୋଲିଂ (ଭାରତ)**
ଯଶପ୍ରୀତ୍ ବୁମ୍‌ରା ୨୧–୪–୬୮–୧
ମହମ୍ମଦ ସିରାଜ ୨୫–୫–୯୦–୧
ନବଦୀପ ସଇନି ୧୬–୨–୫୪–୨
ରବିଚନ୍ଦ୍ରନ ଅଶ୍ୱିନ ୨୫–୧–୯୫–୨।
**ଭାରତ ଦ୍ୱିତୀୟ ଇନିଂସ**
ରୋହିତ–କ–ଷ୍ଟାର୍କ–ବୋ–କମିନ୍ସ–୫୨
ଶୁବମନ–କ–ପେନ୍–ବୋ–ହାଜେଲଉଡ୍–୩୧
ପୂଜାରା–ନଟ ଆଉଟ–୯
ରାହାନେ–ନଟ ଆଉଟ–୪
ଅତିରିକ୍ତ–୨
ମୋଟ (୩୪ ଓଭର, ୨ ଉଇକେଟ) ୯୮
ଉଇକେଟ ପତନ: ୧/୭୧, ୨/୯୨
**ବୋଲିଂ (ଅଷ୍ଟ୍ରେଲିଆ)**
ମିଚେଲ ଷ୍ଟାର୍କ ୬–୦–୨୭–୦
ଜୋସ୍ ହାଜେଲଉଡ୍ ୮–୩–୧୧–୧
ପ୍ୟାଟ୍ କମିନ୍ସ ୯–୧–୨୫–୧
ନାଥାନ ଲିଅନ ୯–୩–୨୨–୦
କାମେରନ ଗ୍ରୀନ୍ ୨–୦–୧୨–୦।

# ଅଧିନାୟକ ପେନ୍‌ଙ୍କୁ ଜରିମାନା

ଦୁବାଇ,୧୦।୧(ପି.ଟି.)

ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସନ୍ତୋଷ ଜାହିର କରି ଅଷ୍ଟ୍ରେଲିଆ ଅଧିନାୟକ ଟିମ୍ ପେନ୍ ଜରିମାନାର ସମ୍ମୁଖୀନ ହୋଇଛନ୍ତି। ସିଡ୍‌ନୀରେ ଚାଲିଥିବା ଭାରତ ବିପକ୍ଷ ତୃତୀୟ ଟେଷ୍ଟର ତୃତୀୟ ଦିନରେ ଅମ୍ପାୟରଙ୍କ ଏକ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଆଚରଣ ବିଧି ନିୟମ ୨.୮ର ଉଲ୍ଲଂଘନ କରି ପେନ୍ ମ୍ୟାଚ ପାଉଣାର ୧୫ ପ୍ରତିଶତ ଜରିମାନା ଆକାରରେ ପୈଠ କରିବେ ବୋଲି କୁହାଯାଇଛି। ଏଥିସହିତ ପେନ୍‌ଙ୍କ ଉପରେ ଗୋଟିଏ ଡିମେରିଟ୍ ପଏଣ୍ଟ ଜାରି କରାଯାଇଛି। ୨୪ ମାସରେ ପେନ୍ ପ୍ରଥମଥର ପାଇଁ ଏଭଳି ତ୍ରୁଟି କରିଛନ୍ତି ବୋଲି ଆଇସିସି ତରଫରୁ କୁହାଯାଇଛି। ଭାରତ ପ୍ରଥମ ଇନିଂସର ୫୬ତମ ଓଭରରେ ଚେତେଶ୍ୱର ପୂଜାରାଙ୍କ ବିପକ୍ଷରେ ଡିଆରଏସ୍ ରିଭ୍ୟୁ ନେଇଥିଲେ ଓ ଏଥିରେ ସଫଳ ହୋଇ ନ ଥିଲେ। ଫଳରେ ସେ ଅସନ୍ତୋଷ ଜାହିର କରିଥିଲେ। ପେନ୍ ମଧ୍ୟ ତାଙ୍କ ତ୍ରୁଟି ସ୍ୱୀକାର କରିଛନ୍ତି। ଫଳରେ ଏ ନେଇ କୌଣସି ଶୁଣାଣିର ଆବଶ୍ୟକତା ନାହିଁ ବୋଲି କୁହାଯାଇଛି।

# ମହାବୀର କ୍ରିକେଟ ଟୁର୍ନାମେଣ୍ଟ: ଆନାକୁଣ୍ଡା ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ପାଣିକୋଇଲି,୧୦।୧(ଡି.ଏନ.ଏ.)

କୋରାଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ପଳସା–ଆମ୍ବଗଡିଆ ଗ୍ରାମର ମହାବୀର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଆନାକୁଣ୍ଡା ଆମ୍ବଗଡିଆ ୫୨ରନରେ ବୁଷ୍ଟାର ପାଣିକୋଇଲିକୁ ପରାସ୍ତ କରି ଦ୍ୱିତୀୟ ଥର ପାଇଁ ଚାମ୍ପିୟନ ହୋଇଛି। ମ୍ୟାଚରେ ଆନାକୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୮୦ ରନ କରିଥିଲା । ଜବାବରେ ବୁଷ୍ଟାର ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ ରନ କରି ପରାଜୟ ବରଣ କରିଥିଲା। ଏହି ମ୍ୟାଚକୁ ସନ୍ତୋଷ ସାହୁ, ଅନନ୍ତ ବେହେରା ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ପୁରସ୍ତମ ଖଣ୍ଡାଇ ଓ ସୁଦାମ ବେହେରା ପ୍ରମୁଖ ଯୋଗଦେଇଥିଲେ । ଅମୂଲ୍ୟ ସାହୁ, ହରେକୃଷ୍ଣ ଶତପଥୀ ଧାରା ବିବରଣୀ ପ୍ରଦାନ କରିଥିଲେ । ଗଙ୍ଗାଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କରଦା ସରପଞ୍ଚ ଗଣେଶ ସାହୁ, କୋରାଇ ପ୍ରେସ୍ କ୍ଲବ ସଭାପତି ସୁବାସ ଧଳ, ବଲ୍ଲଭାନନ୍ଦ ପଣ୍ଡା, ଦାୟାନିଧି ସେନାପତି, ପ୍ରଫୁଲ୍ଲ ପଣ୍ଡା, ବ୍ରଜ କିଶୋର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଶ୍ରୀକାନ୍ତ ସାହୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ବର୍ଣ୍ଣବୈଷମ୍ୟ ଆକ୍ଷେପକୁ ଆଇସିସିର ନିନ୍ଦା



ଗ୍ୟାଲେରିରେ ଗାଳିକରୁଥିବା ଦର୍ଶକଙ୍କ ସମ୍ପର୍କରେ ଅମ୍ପାୟରଙ୍କୁ ଜଣାଉଛନ୍ତି ମହମ୍ମଦ ସିରାଜ।

ଦୁବାଇ,୧୦।୧(ପି.ଟି.)

ଚଳିତ ତୃତୀୟ ଟେଷ୍ଟର ଚତୁର୍ଥ ଦିବସରେ ଭାରତୀୟ ଦ୍ରୁତ ବୋଲର ମହମ୍ମଦ ସିରାଜଙ୍କୁ କେତେକ ଦର୍ଶକ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିଥିଲେ। ଏ ନେଇ ପଡିଆରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା ଓ ଖେଳ କିଛି ସମୟ ବନ୍ଦ ରହିଥିଲା। ଫଳରେ କେତେଜଣ ଦର୍ଶକଙ୍କୁ ଷ୍ଟାଡିୟମରୁ ବାହାର କରି ଦିଆଯାଇଥିଲା। କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ମଧ୍ୟ ଏ ନେଇ କ୍ଷମା ମାଗିଥିଲା।

## ସିଏଠାରୁ ରିପୋର୍ଟ ମାଗିଲା

ତେବେ ରବିବାର ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଏହି ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଏହି ମାମଲାରେ ଆଇସିସି ସିଏଠାରୁ ରିପୋର୍ଟ ମାଗିଛି। ଏଥିରେ କ'ଣ ସବୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ସେ ନେଇ ଆଇସିସି ସ୍ପଷ୍ଟୀକରଣ ମାଗିଛି। ଏହାକୁ ଆଇସିସି ଦୃଢ଼ ଭାବେ ନିନ୍ଦା କରିଛି। ଏହି ଘଟଣାର ତଦନ୍ତ ପାଇଁ ଆଇସିସି ସିଏକୁ ସବୁପ୍ରକାର ସହାୟତା ପ୍ରଦାନ କରିବାକୁ ରାଜି ଅଛି ବୋଲି କହିଛି। କ୍ରିକେଟରେ ବର୍ଣ୍ଣବୈଷମ୍ୟ ଆକ୍ଷେପ ଓ ଏହି ଭଳି ଘଟଣାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଆଇସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ମନୁ ସନେ କହିଛନ୍ତି। ଭେଦଭାବ ଓ ବର୍ଣ୍ଣବୈଷମ୍ୟ ଆକ୍ଷେପ ଆଦୌ ଗ୍ରହଣୀୟ ନୁହେଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏ ସଂକ୍ରାନ୍ତରେ ସିଏ ଓ ଗ୍ରାଉଣ୍ଡ କର୍ତ୍ତୃପକ୍ଷ ଯେଉଁ ନିଷ୍ପତ୍ତି ନେଇଛନ୍ତି ଆଇସିସି ତାହାକୁ ସ୍ୱାଗତ କରିଛି। ଉଲ୍ଲେଖଥାଉ କି, ଶନିବାର ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ଜଣେ ମଦ୍ୟପ ଦର୍ଶକ ସିରାଜ ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରିଥିଲେ। ଆଇସିସି ଭେଦଭାବ ନିରୋଧ ନିୟମ ଅନୁଯାୟୀ ସିଏକୁ ଏହି ମାମଲାରେ ତଦନ୍ତ କରିବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ। ଉଲ୍ଲେଖଥାଉ କି, ସିରାଜଙ୍କୁ ସମ୍ପୃକ୍ତ ଉଚ୍ଛୃଙ୍ଖଳ ଦର୍ଶକମାନେ ମଙ୍କି (ମାଙ୍କଡ) ଓ ବ୍ରାଉନ୍ ଡଗ୍ (ବାଦାମୀ ରଙ୍ଗର କୁକୁର) ବୋଲି କହିଥିଲେ। ଏହି ଘଟଣା ୨୦୦୭–୦୮ରେ ଭାରତର ଅଷ୍ଟ୍ରେଲିଆ ଗସ୍ତ ଅବସରରେ ହୋଇଥିବା ବହୁ ଚର୍ଚ୍ଚିତ ମଙ୍କିଗେଟ୍ ମାମଲାକୁ ମନେ ପକାଇଦେଇଛି।

# ଜାତୀୟ ଦୃଷ୍ଟିହୀନ ଟି ୨୦ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୧୦।୧(କ୍ରୀଡ଼ା ପ୍ରତିନିଧି):** ନଗେଶ ଟ୍ରଫି ଜାତୀୟ ଦୃଷ୍ଟିହୀନ କ୍ରିକେଟ ପାଇଁ ରବିବାର ଓଡ଼ିଶା ଦଳ ଘୋଷିତ ହୋଇଛି। ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ଆସୋସିଏଶନ ପକ୍ଷରୁ ଘୋଷିତ ୨୦ ଜଣିଆ ଦଳର ନେତୃତ୍ୱ ନେବେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଜାଫର ଇକବାଲ। ୨୦୧୮–୧୯ ସିଜନରେ ନଗେଶ ଟ୍ରଫିର ପ୍ରଥମ ସଂସ୍କରଣରେ ଓଡ଼ିଶା ଚାମ୍ପିୟନ ହୋଇଥିଲା। ଆଗାମୀ ପ୍ରତିଯୋଗିତାରେ ମୋଟ ୨୪ଟି ରାଜ୍ୟଦଳ ଅଂଶଗ୍ରହଣ କରିବେ। ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ' ଓ 'ବି'ରୁ ୩ଟି ଲେଖାଏ ଏବଂ 'ସି' ଓ 'ଡି'ରୁ ଗୋଟିଏ ଲେଖାଏ ଦଳ କ୍ୱାର୍ଟରଫାଇନାଲ ପାଇଁ ଯୋଗ୍ୟ ବିବେଚିତ ହେବେ। ଓଡ଼ିଶା ଏଲିଟ୍ ଗ୍ରୁପ୍ 'ଏ'ରେ ପଶ୍ଚିମବଙ୍ଗ, ଦିଲ୍ଲୀ, ଆନ୍ଧ୍ରପ୍ରଦେଶ, ହରିୟାଣା ଓ ମଧ୍ୟପ୍ରଦେଶ ସହିତ ସ୍ଥାନ ପାଇଛି। ଟି୨୦ ଫର୍ମାଟ୍‌ରେ ହେଉଥିବା ଏହି ପ୍ରତିଯୋଗିତାରେ ପ୍ରତି ଦଳ ଲିଗ୍ ପର୍ଯ୍ୟାୟରେ ୫ଟି ଲେଖାଏ ମ୍ୟାଚ ଖେଳିବେ। ଓଡ଼ିଶା ଦଳ ଏହାର ଲିଗ୍ ମ୍ୟାଚଗୁଡ଼ିକ ଫେବୃୟାରୀ ୮ରୁ ୧୨ ପର୍ଯ୍ୟନ୍ତ ବେଙ୍ଗାଲୁରୁରେ ଖେଳିବେ।

### ଓଡ଼ିଶା ଦଳ

ଜାଫର ଇକବାଲ (ଅଧିନାୟକ), କାଳିଆ ପ୍ରଧାନ, ତପନ କୁମାର ଗୌଡ଼ା, ଦେବରାଜ ବେହେରା, ଅନିଲ ମଲିକ, ସାଗର କୁମାର ମାଝି, ଲଲାଟେନ୍ଦୁ ମୋହାନ୍ତ, ନକୁଳ ବଡ଼ନାୟକ, ପଙ୍କଜ ଭୁଏ, ଲିଙ୍ଗରାଜ ରାଉତରା, ସୁଖରାମ ମାଝି, ସିଙ୍ଗରାଇ ମାଝି, ଏକାଦଶୀ ହେମ୍ବ୍ରମ, ଧନପତି ଗୌଡ଼ା, କୁଝର ବାରି, ସୁକଦେବ ସୋରେନ, ଲାଲପ୍ରସାଦ ସୋରେନ, ବିଶ୍ୱନାଥ ଖରା, ଅର୍ଜୁନ ଭାତ୍ରା ଓ ରଘୁରାମ ନାଏକ। କୋଚ୍ ଚନ୍ଦ୍ରଶେଖର ପଟ୍ଟନାୟକ, ସହକାରୀ କୋଚ୍ ଦେବାଶିଷ ଜେନା, ମ୍ୟାନେଜର ବିରଞ୍ଚି ନାରାୟଣ ସାହୁ।

# ଲାୟନ୍ସ ୨୨ ରନରେ ବିଜୟୀ



ସ୍ୱସ୍ତିକ ସାମଲ ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୧୦।୧(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ର ରବିବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଓଡ଼ିଶା ଲାୟନ୍ସ ୨୨ ରନରେ ଚିତାସ୍‌କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଲାୟନ୍ସ ୨୦ ଓଭରରେ ୬ ଉଇକେଟ ହରାଇ ୧୩୩ ରନ କରିଥିଲା। ଦଳ ପକ୍ଷରୁ ଓପନର ସ୍ୱସ୍ତିକ ସାମଲ ସର୍ବାଧିକ ୪୦(୩୯ ବଲ, ୪ ଚୌକା, ୧ ଛକା), ଶୁଭ୍ରଜ୍ୟୋତି ମିଶ୍ର ୩୦, ଅଂଶୁମାନ ତ୍ରିପାଠୀ ୨୫ ଓ ରାକେଶ ପଟ୍ଟନାୟକ ୨୦ ରନ କରିଥିଲେ। ବିପକ୍ଷ ଦଳର ଅଭିଷେକ ରାଉତ ୨ଟି ଏବଂ ମୃଣ୍ମୟ ତ୍ରିପାଠୀ, ମନୋଜ ବାରିକ ଓ ମନୀଷ ରାଉତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୩୪ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଚିତାସ୍ ପୂରା ୨୦ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୧୧୧ ରନ କରି ପାରିଥିଲା। ବାଦଲ ଭୋଳ ସର୍ବାଧିକ

## ଏମ୍‌ଜିଏମ୍ ଟି୨୦ ଲିଗ୍

୨୨ ଓ ମାରୋଜୁ ପ୍ରଶାନ୍ତ ୨୧ ରନ କରିଥିବାବେଳେ ବିଜୟୀ ଦଳର ନଉତ୍ତମ ଭଞ୍ଜ ଓ ବିକାଶ ରାଉତ ୨ଟି ଲେଖାଏ ଏବଂ ଶିବାଶିଷ ସାହୁ, ଦୀପକ ବେହେରା, ରାକେଶ ପଟ୍ଟନାୟକ ଓ ଅଭିଷେକ ଗିରି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ହଂକଂ ଜାତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଅଂଶୁମାନ ରଥ ଅତିଥିଭାବେ ଯୋଗଦେଇ ସ୍ୱସ୍ତିକ ସାମଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

# ପୁମାସ୍ ୨ ରନ୍‌ରେ ଜିତିଲା

**ଭୁବନେଶ୍ୱର, ୧୦।୧ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ଟି୨୦ କ୍ରିକେଟ ଲିଗ୍‌ରେ ଶନିବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚ୍‌ରେ ଓଡ଼ିଶା ପୁମାସ୍ ୨ ରନରେ ଓଡ଼ିଶା ଟାଇଗର୍ସକୁ ପରାସ୍ତ କରିଛି। ଟସ୍ ଜିତି ପୁମାସ୍ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୦୪ ରନ ସଂଗ୍ରହ କରିଥିଲା। ଜବାବରେ ଟାଇଗର୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୦୨ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ୫୪ ରନ (୩୫ ବଲ, ୩ ଚୌକା, ୪ ଛକା)ର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ପୁମାସ୍ ବ୍ୟାଟ୍ସମ୍ୟାନ ପ୍ରୟାସ ସିଂ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏଥିସହ ପୁମାସ୍ ୯ଟି ମ୍ୟାଚ୍ ଖେଳି ୫ ବିଜୟ, ୪ ପରାଜୟ ସହ ୨୦ ପଏଣ୍ଟ ପାଇ ତାଲିକାର ତୃତୀୟ ସ୍ଥାନରେ ରହିଛି।

# ହର୍ଷିତ ଚାମ୍ପିୟନ, ସ୍ଥିତିପ୍ରଜ୍ଞ ରନର୍ସଅପ୍


କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

ଭୁବନେଶ୍ୱର, ୧୦।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଟଙ୍କପାଣିସ୍ଥିତ ସାଇ ବୀଣାପାଣି ଜ୍ଞାନମନ୍ଦିର ପରିସରରେ ୪ର୍ଥ ଆର.ଏନ୍. ଦାଶ ମେମୋରିଆଲ ସ୍କୁଲ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୬ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ଟପ୍ ସିଡ୍ କଟକ ଷ୍ଟିୱାର୍ଟ ସ୍କୁଲର ହର୍ଷିତ ରଞ୍ଜନ ସାହୁ (୧୬୪୫ ରେଟିଂ) ଚାମ୍ପିୟନ ଏବଂ ଜଟଣୀ ମିଶନ ସ୍କୁଲର ସ୍ଥିତିପ୍ରଜ୍ଞ ସାହୁ ରନର୍ସଅପ୍ ହୋଇଛନ୍ତି। ହର୍ଷିତ ପୂରା ୬ ପଏଣ୍ଟ ଏବଂ ସ୍ଥିତିପ୍ରଜ୍ଞ ୫ ପଏଣ୍ଟ ପାଇ ପ୍ରଥମ ଦୁଇସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତୀକ କୁଶାଳ ରାଉତ (୪.୫), ଅଞ୍ଜଳି ମିଶ୍ର, ଦିବ୍ୟସିଂହ ରାୟ, ଅବିନାଶ ଆଚାର୍ଯ୍ୟ, ବିକାଶ କୁମାର ଲେଙ୍କା, ଆଦିତ୍ୟ ରଞ୍ଜନ ଦାସ,

## ସ୍କୁଲ ଓପନ ଚେସ୍

ମନସିଜ ସାମଲ ଓ ସାହାନା ଲେଙ୍କା (ସମସ୍ତେ ୪ ପଏଣ୍ଟ ଲେଖାଏ) ଟପ୍–୧୦ ଫିନିଶ୍ କରିଛନ୍ତି। ଏହା ବ୍ୟତୀତ ଆଦିତ୍ୟ ମହାରଣା, ଅମ୍ଳାନ ସେନାପତି, ଅର୍କ ମିଶ୍ର, ପ୍ରଜ୍ଞାଶ୍ରୀ ଦେହୁରୀ, ରୋହିତ ମଲିକ, ନିୟତି ନିହାରିକା ମହାପାତ୍ର ଓ ପ୍ରୀତିଶା ମିତ୍ରଙ୍କୁ ସ୍ୱତନ୍ତ୍ର ପୁରସ୍କାର ଏବଂ ଲଳିତ ରଞ୍ଜନ ସାହୁ, ଆୟାନ ଅଙ୍କିତ ସ୍ୱାଇଁ, ବୈଭବ ମଜୁମଦାର, ଅମୃତ ଶତପଥୀ ଓ ଜୀବନ ଜ୍ୟୋତି ସାହୁଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାରରେ ସମ୍ମାନିତ କରାଯାଇଛି। ଅଜୟ ବିନୟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏଆଇବିଟି)ର ଏମସିଏ ବିଭାଗ ମୁଖ୍ୟ ଅମରେଶ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ, ସାଇ ବୀଣାପାଣି ଜ୍ଞାନମନ୍ଦିରର ସମ୍ପାଦକ ଭବାନୀ ଶଙ୍କର ମହାପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ମମତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅଷ୍ଟ୍ରେଲୀୟମାନେ ସୀମା ଅତିକ୍ରମ କରିଛନ୍ତି

**ସିଡ୍‌ନୀ, ୧୦।୧ (ପି.ଟି.):** ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡରେ ଭାରତୀୟ ଖେଳାଳିଙ୍କ ପ୍ରତି ଅଷ୍ଟ୍ରେଲିଆ ଦର୍ଶକଙ୍କ ଜାତିଆଣ ଟିପ୍ପଣୀ ଏକ ନୂଆକଥା ନୁହେଁ। ତେବେ ଏଥର ସେମାନେ ସୀମା ଅତିକ୍ରମ କରିଯାଇଥିବା ଭାରତର ପୁରୁଖା ଅଫ୍‌ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ କହିଛନ୍ତି। ଏଠାରେ ଅଷ୍ଟ୍ରେଲିଆ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ଭାରତୀୟ ଖେଳାଳିଙ୍କୁ ଆକ୍ଷେପ କରି ଜାତିଆଣ ଟିପ୍ପଣୀ ଦେଇଥିବା କିଛି ଦର୍ଶକଙ୍କୁ ଅବଶ୍ୟ ଷ୍ଟାଡିୟମରୁ ବିଦା କରିଦିଆଯାଇଥିଲା। ତେବେ ଏହା ଯଥେଷ୍ଟ ନୁହେଁ ସେମାନଙ୍କ ପ୍ରତି କଠୋର ଦଣ୍ଡବିଧାନ କରାଯିବା ଉଚିତ। ଚତୁର୍ଥ ଦିବସ ଖେଳ ଶେଷ ହେବାପରେ ଅଶ୍ୱିନ କହିଛନ୍ତି, ଭାରତୀୟ ଖେଳାଳିମାନେ ଅତୀତରେ ମୃଦୁ ଶବ୍ଦ ବ୍ୟବହାର କରୁଥିଲେ। ଏଥର କିନ୍ତୁ ଅସହ୍ୟ ହୋଇପଡ଼ିଛି। ଯୁବ ପେସ୍ ବୋଲର ମହମ୍ମଦ ସିରାଜ କ୍ରମାଗତ ଦୁଇଦିନ ଧରି ଜାତିଆଣ ଆକ୍ଷେପର ଶିକାର ହେବା ଘଟଣା ଉପରେ ତାଙ୍କର ମନ୍ତବ୍ୟ ରଖି ଏକଥା କହିଛନ୍ତି। ଅଶ୍ୱିନ କହିଛନ୍ତି ଏହା ହେଉଛି ତାଙ୍କର ଚତୁର୍ଥ ଅଷ୍ଟ୍ରେଲିଆ ଟୁର୍। ଅତୀତରେ ଏ ସମ୍ପର୍କରେ ତାଙ୍କର କଛି ଅନୁଭୂତି ରହିଛି।

# ପରାଜୟରୁ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୧୦।୧ (ସ୍ପୋର୍ଟ୍ସ ବ୍ୟୁରୋ)

ସୟଦ ମୁସ୍ତାକ ଅଲି ଟ୍ରଫି ଟି୨୦ ଟୁର୍ନାମେଣ୍ଟର ରବିବାର ଖେଳାଯାଇଥିବା ଏକ ଏଲିଟ୍ ଗ୍ରୁପ୍ 'ବି' ମ୍ୟାଚରେ ଆୟୋଜକ ବେଙ୍ଗଲ ୯ ଉଇକେଟରେ ଓଡ଼ିଶାକୁ ପରାସ୍ତ କରିଛି। ଏହି ମ୍ୟାଚରେ ବେଙ୍ଗଲ ଅଧିନାୟକ ଅନୁଷ୍ଟୁପ୍ ମଜୁମଦାର ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଇଶାନ୍ତ ପୋରେଲ (୪/୨୬) ଓ ଆକାଶ ଦୀପ୍ (୨/୨୦)ଙ୍କ ଉଚ୍ଚକୋଟୀର ବୋଲିଂ ଯୋଗୁ ଓଡ଼ିଶା ବ୍ୟାଟ୍ସମ୍ୟାନମାନେ କ୍ରିଜ୍‌ରେ ତିଷ୍ଠି

## ସୟଦ ମୁସ୍ତାକ ଅଲି ଟ୍ରଫି ଟି୨୦

ପାରି ନ ଥିଲେ। ଓପନର ଶାନ୍ତନୁ ମିଶ୍ର (୬) ଶୁଭଙ୍କର ବଳଙ୍କ ଦ୍ୱାରା ରନ ଆଉଟ ହୋଇ ଶୀଘ୍ର ପ୍ୟାଭିଲିଅନ ଫେରିଥିଲେ। ନିୟମିତ ଉଇକେଟ ପତନ ଘଟିବାରୁ ଦଳର ଇନିଂସ ଆଗେଇ ପାରି ନ ଥିଲା। ଏକଦା ୩୦ରନ ସ୍କୋରରେ ଓଡ଼ିଶା ୫ ଉଇକେଟ ହରାଇ ସାରିଥିଲା। ମାତ୍ର ୬ଷ୍ଠ ଉଇକେଟରେ ରାଜେଶ ଧୂପର (୩୭) ଓ ଅଙ୍କିତ ଯାଦବ (୩୨)ଙ୍କ ମଧ୍ୟରେ୬୫ରନର ପାର୍ଟନରଶିପ୍ ଯୋଗୁ ଦଳ ୨୦ ଓଭରରେ ୧୧୩ ରନ କରି ଅଲଆଉଟ ହୋଇଯାଇଥିଲା। ଜବାବରେ ବେଙ୍ଗଲ ଦଳ ୧୨.୨ ଓଭରରେ ୧ ଉଇକେଟ ବିନିମୟରେ ୧୧୪ ରନ କରି ମ୍ୟାଚ ଜିତିନେଇଥିଲା। ଓପନର ବିବେକ ସିଂ ୩୫ ବଲରୁ ୫୪ (୬ ଚୌକା ଓ ୨ ଛକା) ରନ କରି ଅପରାଜିତ ଥିଲେ। ଶୁଭଙ୍କର ବଳ (୩୪*)ଙ୍କ ସହ ଦ୍ୱିତୀୟ ଉଇକେଟରେ ୭୬ରନର ପାର୍ଟନରଶିପ୍ ହୋଇଥିଲା।


ଓଡ଼ିଶା ଓ ବେଙ୍ଗଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ସଂକ୍ଷିପ୍ତ ସ୍କୋର:** ଓଡ଼ିଶା ୨୦ ଓଭରରେ ୧୧୩/ଅଲଆଉଟ (ରାଜେଶ ଧୂପର–୩୭, ଅଙ୍କିତ ଯାଦବ–୩୨, ଇଶାନ ପୋରେଲ–୪/୨୬, ମୁକେଶ କୁମାର–୨/୨୦, ଆକାଶଦୀପ–୨/୨୦)। ବେଙ୍ଗଲ ୧୨.୨ ଓଭରରେ ୧୧୪/୧ (ବିବେକ ସିଂ–୫୪*, ଶୁଭଙ୍କର ବଳ–୩୪*, ଶ୍ରୀବତ୍ସ ଗୋସ୍ୱାମୀ–୨୫, ଗୋବିନ୍ଦ ପୋଦାର–୧/୧୦)।



ବଲିଉଡ୍‌ର ହ୍ୟାଣ୍ଡସମ ହିରୋଙ୍କ ମଧ୍ୟରୁ ହ୍ରିତିକ ରୋଶନ ଅନ୍ୟତମ। ତାଙ୍କୁ 'ବଲିଉଡ୍‌ର ଟମ କ୍ରୁଜ' ମଧ୍ୟ କୁହାଯାଏ। ଏହି ସୁନ୍ଦର ଚେହେରା ଯୋଗୁ ବଲିଉଡ୍‌ରେ ନିଜର ପ୍ରାରମ୍ଭିକ ଦିନରେ ଯୁବତୀମାନେ ତାଙ୍କର ପ୍ରେମରେ ପଡ଼ିଯାଇଥିଲେ। ୨୦୦୦ରେ ଚଳଚ୍ଚିତ୍ର 'କହୋ ନା ପ୍ୟାର ହୈ' ରିଲିଜ ହୋଇଥିଲା। ନାୟକ ଭାବେ ହ୍ରିତିକ ଏଥିରେ ଡେବ୍ୟୁ କରିଥିଲେ। ଫିଲ୍ମରେ ଅମିଷା ତାଙ୍କର ନାୟିକା ସାଜିଥିବା ବେଳେ ଏହା ସୁପରହିଟ ହୋଇଥିଲା। ଏହି ଫିଲ୍ମ ରିଲିଜ ପରେ ତାଙ୍କୁ ବିବାହ ପାଇଁ ହଜାର ହଜାର ପ୍ରସ୍ତାବ ଆସିଥିଲା। କେବଳ ଭ୍ୟାଲେଣ୍ଟାଇନ ଡେରେ ତାଙ୍କୁ ୩୦ହଜାରରୁ ଅଧିକ ଯୁବତୀ ବିବାହ ପାଇଁ ପ୍ରସ୍ତାବ ପଠାଇଥିଲେ। ଏହାଦେଖି ପରିବାରଲୋକେ ଚକିତ ହୋଇଯାଇଥିଲେ ବୋଲି କପିଲ ଶର୍ମାଙ୍କ ଶୋ'ରେ ହ୍ରିତିକ ଖୁଲାସା କରିଛନ୍ତି।

# ବିଶ୍ୱର ବିଚିତ୍ର ବ୍ରିଜ୍



ବ୍ରିଜ୍ ବା ସେତୁ ହେଉଛି ନଦୀର ଗୋଟିଏ ପଟରୁ ଅନ୍ୟପଟକୁ ଯିବାକୁ ଏକ ମାଧ୍ୟମ। କିନ୍ତୁ ଏଠାରେ ଯେଉଁ ବ୍ରିଜ୍ କଥା କୁହାଯାଉଛି ସେଗୁଡିକର ନିର୍ମାଣ ଢଙ୍ଗ ଭିନ୍ନ ଓ ଦେଖିବାକୁ ବିସ୍ମୟକର। ବିଶ୍ୱର ବିଭିନ୍ନ ସ୍ଥାନରେ ଏପରି କିଛି ଅଜବ ବ୍ରିଜ ରହିଛି , ଯାହା ଅନ୍ୟ ବ୍ରିଜ୍‌ରୁ ଭିନ୍ନ।

**ରୋଲିଙ୍ଗ ବ୍ରିଜ୍ :** ଲଣ୍ଡନ୍ର ଗ୍ରାଣ୍ଡ ୟୁନିୟନ କେନାଲରେ ଚଲା ବାଟ ପାଇଁ ଏକ ବ୍ରିଜ ରହିଛି। ଏହାକୁ ରୋଲିଙ୍ଗ ବ୍ରିଜ୍ ବୋଲି କୁହାଯାଏ। ୨୦୦୪ ମସିହାରେ ୩୯ଟି କାଠଗଣ୍ଡି ଓ ଷ୍ଟିଲ୍‌ରେ ହେଥରୱିକ ଷ୍ଟୁଡିଓ ତରଫରୁ ଏହି ପୋଲ ତିଆରି କରାଯାଇଥିଲା। ଆଶ୍ଚର୍ଯ୍ୟର କଥା ଯେ, ଏହି ବ୍ରିଜ୍ଟି ସମ୍ପୂର୍ଣ୍ଣ ଭାବରେ ଗୋଲ ଆକାରରେ ଉଠିଆସିପାରେ ।

**ହେଣ୍ଡରସନ ୱେଭସ :** ସିଙ୍ଗାପୁରର ଏହି ବ୍ରିଜ୍ ଦେଖିବାକୁ ତରଙ୍ଗ ପରି । ୧୧୮ ଫୁଟ ଉଚ୍ଚତା ବିଶିଷ୍ଟ ଏହି ବ୍ରିଜ୍ ମାଉଣ୍ଟ ଫାବର ପାର୍କଠାରୁ ତେଲକ ବ୍ରାଙ୍ଗସ ହିଲ ପାର୍କ ପର୍ଯ୍ୟନ୍ତ ଲମ୍ବିଛି। ଏହି ବ୍ରିଜ୍ ଅତି ଆକର୍ଷଣୀୟ ଭଙ୍ଗୀରେ ତିଆରି ଏବଂ ଏହାକୁ ଧରି ରଖିବା ପାଇଁ ବହୁତ ଓଜନର ତାର ଓ ମୋଟା ରଡ ବ୍ୟବହାର କରାଯାଇଛି । ଏହି ବ୍ରିଜ ପ୍ରାୟ ୯୦୦ ଫୁଟ ଲମ୍ବ ବିଶିଷ୍ଟ। ଏହାର ଭିତର ପଟେ ଏଲଇଡି ଲାଇଟ ଲାଗିଛି ।

**ସନ୍ଦ୍ୱାଏଲ ବ୍ରିଜ୍:** ଏହି ବ୍ରିଜ୍ଟି ଗୋଟିଏ କାନ୍ଥ ପରି ଉଚ୍ଚ ଟାୱାରରୁ କାଣ୍ଟିଲିଭର୍ ସ୍ପାର କେବୁଲ ତାର ଦ୍ୱାରା ଝୁଲି ରହିଛି। ଏହାର ନିର୍ମାଣ ୨୦୦୪ ମସିହାରେ ଶେଷ ହୋଇଥିଲା । ସାଣ୍ଟିଏଗୋ କାଲାଟ୍ରାଭା ନାମକ ଖ୍ୟାତନାମା ସ୍ପେନିସ ଆର୍କିଟେକ୍ଟରଙ୍କ ଦ୍ୱାରା ଏହି ଝୁଲା ପୋଲ ବା ବ୍ରିଜ ନିର୍ମାଣ ହୋଇଛି ।

**କୁସୋଲିନୋ କୁବିଶ୍ଚେକ ବ୍ରିଜ୍ :** ବ୍ରାଜିଲର ପାରାନୋଆ ହ୍ରଦ ଉପରେ ରହିଛି ଏହି ସେତୁ। ଏହା ୨୦୦୨ ମସିହାରେ ନିର୍ମିତ ହୋଇଥିଲା। ଏହି ବ୍ରିଜ୍ ପ୍ରାୟ ୩୯୦୦ ଫୁଟ ଲମ୍ବ ବିଶିଷ୍ଟ, ଯାହାକୁ ଧରି ରଖିଛି ତିନୋଟି ବିଶାଳ ଇସ୍ପାତ ତୋରଣ, ଯାହା ବ୍ରିଜ୍ର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଡେଇଁ ଡେଇଁ ଗଲା ପରି ଦେଖାଯାଏ।

**ପୋଣ୍ଟ ଗୁସ୍ତଭ ଫ୍ଲଉବଟ :** ଫ୍ରାନ୍ସର ପ୍ରମୁଖ ବାଣିଜ୍ୟିକ ଜଳପଥ ସିନ ନଦୀ ଉପରେ ରହିଛି। ଏହା ଭୂଲମ୍ବ ଆକୃତି ବା ଭର୍ଟିକାଲ ଲିଫ୍ଟ ବ୍ରିଜ୍ । ୨୮୨ ଫୁଟ ଉଚ୍ଚତା ବିଶିଷ୍ଟ ଲୌହ ସ୍ତମ୍ଭରେ ନିର୍ମିତ ଏହି ବ୍ରିଜ୍ ହେଉଛି ସମଗ୍ର ୟୁରୋପର ଉଚ୍ଚତମ ଲିଫ୍ଟ ବ୍ରିଜ । ଏହାର ଡେକ ପ୍ରଜାପତି ଆକୃତିରେ ଉତ୍ତୋଳନ ବ୍ୟବସ୍ଥା ଦ୍ୱାରା ଉପରକୁ ଉଠିଥାଏ। ଯାହାଦ୍ୱାରା ଜାହାଜ ଏହା ତଳ ଦେଇ ସହଜରେ ଯାତାୟାତ କରିପାରେ । ଏହି ବ୍ରିଜ୍ ସମ୍ପୂର୍ଣ୍ଣ ଉପରକୁ ଉଠିବା ପାଇଁ ୧୨ ମିନିଟ ସମୟ ଲାଗେ ଏବଂ ଦିନକୁ ପ୍ରାୟ ୩୦ରୁ ୪୦ ଥର ଏହା ଉପରକୁ ଉଠିଥାଏ ।

**ଲାଙ୍ଗକାୱି ସ୍କାଏ ବ୍ରିଜ୍ :** ଏହି ବକ୍ରାକୃତି ପଦଚାରଣ ସେତୁ ସମୁଦ୍ର ପତନଠାରୁ ୨୦୦୦ ଫୁଟ ଉଚ୍ଚରେ ନିର୍ମିତ। ଏହା ମାଲେସିଆର ମାଟ ସିକାଙ୍ଗ ପର୍ବତ ମଧ୍ୟରେ ରହିଛି । ଏହି ବ୍ରିଜ ଉପରେ ଚାଲିବା ପାଇଁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଏଥିପାଇଁ କେବୁଲ କାର୍ ଯୋଗେ ଉପରକୁ ଆସିବାକୁ ପଡିଥାଏ । ଲାଙ୍ଗକାୱି ସେତୁ ବିଶ୍ୱର ସର୍ବୋଚ୍ଚ ଝୁଲନ୍ତା ସେତୁ ମଧ୍ୟରୁ ଅନ୍ୟତମ । ଏହାର ଡେକ୍ର ଓସାର ୯ଫୁଟ୍ରୁ ସାମାନ୍ୟ କମ ଏବଂ ଏହା ବକ୍ରାକାର ଗତିପଥ ୯୯ଟି ଦ୍ୱୀପ ବିଶିଷ୍ଟ ଦ୍ୱୀପପୁଞ୍ଜର ସୁଦୀର୍ଘ ଦୃଶ୍ୟ ଉପଭୋଗ କରିବାର ସୁଯୋଗ ପ୍ରଦାନ କରିଥାଏ ।

**ଦା ଭିନ୍ସି ବ୍ରିଜ୍ :** ୧୫୦୨ ଖ୍ରୀଷ୍ଟାବ୍ଦରେ କନ୍‌ଷ୍ଟାଣ୍ଟିନୋପଲ୍‌ର ସୁଲତାନ ବଜାଜେ୍ ଦ୍ୱିତୀୟଙ୍କ ପାଇଁ ଏହି ସେତୁର କଳ୍ପନା କରିଥିଲେ ପ୍ରଖ୍ୟାତ ଚିତ୍ରକର ଲିଓନାର୍ଡୋ ଦା ଭିନ୍ସି । କିନ୍ତୁ ଏହି ଯୋଜନା ଜୀବନ୍ତ ରୂପ ନେଲା ୫୦୦ ବର୍ଷ ପରେ ଯେତେବେଳେ ନରୱେର ସ୍ଥପତି ଭିବିଓରନ ସାଣ୍ଡ ଏହାର ନିର୍ମାଣ କଲେ । ଏହିପଦଚାରୀ ସେତୁ ୨୦୦୧ରେ ଉଦ୍‌ଘାଟିତ ହୋଇଥିଲା।

# ନୋରାଙ୍କ ଡ୍ୟାନ୍ସ ଭିଡିଓ ଭାଇରାଲ



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ନୋରା ଫତେହୀ ନିଜ ଦମ୍‌ଦାର ଡ୍ୟାନ୍ସରେ ଫ୍ୟାନମାନଙ୍କ ହୃଦୟ କିଣି ନିଅନ୍ତି। ତାଙ୍କର ଏହି ଡ୍ୟାନ୍ସ ଏବଂ ଷ୍ଟାଇଲ୍‌ରେ ଅଗଣିତ ଫ୍ୟାନ୍ ଦିୱାନା। ନୋରା ସୋସିଆଲ ମିଡିଆରେ ଖୁବ୍ ଆକ୍ଟିଭ୍। ସବୁବେଳେ କିଛି ନା କିଛି ଫଟୋ ଏବଂ ଭିଡିଓ ପ୍ରାୟତଃ ତାଙ୍କ ଡ୍ୟାନ୍ସ ଭିଡିଓ ଇଣ୍ଟରନେଟ୍‌ରେ ଧୁମ୍ ମଚାଉଛି। ଇନ୍‌ଷ୍ଟାରେ ତାଙ୍କର ୨୧.୩ ମିଲିୟନ ଫଲୋର୍ସ। ତେବେ ଏଥିରୁ ତାଙ୍କ ଲୋକପ୍ରିୟତା ସ୍ପଷ୍ଟ ଜଣାପଡୁଛି। ନିକଟରେ ନୋରାଙ୍କ ଏକ ଡ୍ୟାନ୍ସ ଭିଡିଓ ଭାଇରାଲ ହୋଇଛି। ଏହି ଭିଡିଓରେ ନୋରା କରୀନା କପୁରଙ୍କ ଏକ ସୁପରହିଟ୍ ସଙ୍ଗ 'ଫେଭିକଲ'ଗୀତରେ ଜବରଦସ୍ତ ଡ୍ୟାନ୍ସ କରୁଥିବା ନଜର ଆସିଛନ୍ତି। ଏଥିରେ ତାଙ୍କ ସାଥିରେ ସିଙ୍ଗର ତୁଲସୀ କୁମାରଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ନୋରା ଏକ ଫ୍ଲୋରାଲ ପ୍ରିଣ୍ଟେଡ୍ ଆଉଟ୍‌ଫିଟ୍ ପିନ୍ଧିଛନ୍ତି। ଏହି ଭିଡିଓକୁ ନୋରାଙ୍କ ଫ୍ୟାନ୍ କ୍ଲବ ପକ୍ଷରୁ ଇନ୍‌ଷ୍ଟାରେ ଶେୟାର କରାଯାଇଛି। ନୋରାଙ୍କ କ୍ୟାରିୟର କଥା କହିଲେ କିଛିଦିନ ପୂର୍ବରୁ ତାଙ୍କର ଏକ ମ୍ୟୁଜିକ୍ ଭିଡିଓ 'ନାଚ୍ ମେରୀ ରାନୀ' ରିଲିଜ୍ ହୋଇଥିଲା। ଏହାକୁ ଦର୍ଶକମାନେ ବେଶ୍ ପ୍ରଶଂସା କରିଥିଲେ। ଗୀତଟି ଏମିତି ଥିଲା ଯେ, ଦର୍ଶକ ଏହାକୁ ଶୁଣିଲେ ପାଦକୁ ନିଜ ଆୟତ୍ତରେ ରଖିପାରୁ ନ ଥିଲେ। ନୋରା ଫତେହୀ ଏବଂ ଗୁରୁ ରନ୍ଧାୱାଙ୍କ ଏହି ଗୀତକୁ ଏପର୍ଯ୍ୟନ୍ତ ୨୦ କୋଟିରୁ ଅଧିକ ଲୋକ ଦେଖିସାରିଲେଣି। ନୋରା ଆଗକୁ 'ଭୁଜ- ଦ ପ୍ରାଇଡ୍ ଅଫ୍ ଇଣ୍ଡିଆ' ମୁଭିରେ ନଜର ଆସିବେ। ଏହି ଫିଲ୍ମର ଏକ କ୍ଲିପ୍‌କୁ ଲୋକେ ବେଶ୍ ପସନ୍ଦ କରିଛନ୍ତି।

# ବରଫ କଳାକୃତିରେ କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନ




**ଶ୍ରୀନଗର:** କରୋନା ପ୍ରଭାବ ଏବଂ ଅଧିକ ବରଫପାତ ଜମ୍ମୁ ଓ କଶ୍ମୀରରେ ଲୋକଙ୍କୁ ଘରେ ରହିବାକୁ ବାଧ୍ୟ କରିଛି। ଏଭଳି ପରିସ୍ଥିତିରେ ଆଗଧାଡ଼ିରେ ରହି କରୋନା ମହାମାରୀର ମୁକାବିଲା କରୁଥିବା ଯୋଦ୍ଧାଙ୍କୁ କଶ୍ମୀରର ଦୁଇ ଭଉଣୀ ନିଆରା ଢଙ୍ଗରେ ସମ୍ମାନ ଜଣାଇଛନ୍ତି। ଡାକ୍ତର ଏବଂ ଆଇନଜୀବୀଭାବେ କାର୍ଯ୍ୟ କରୁଥିବା ଦୁଇ ଭଉଣୀ କୁରାତୁଲ୍ ଆଇଁ ଜୋହରା ଏବଂ ଏଇମନ୍ ଜୋହରା ସହରର ଆଥ୍‌ୱାଜନସ୍ଥିତ ନିଜ ଘର ନିକଟରେ ବରଫର କଳାକୃତି କରି କରୋନା ଯୋଦ୍ଧାଙ୍କୁ ସମ୍ମାନ ଜଣାଇଛନ୍ତି। ବରଫରେ ଜଣେ ମହିଳା ଡାକ୍ତର, ସିରିଞ୍ଜରେ ଭର୍ତ୍ତି ହୋଇଥିବା କୋଭିଡ୍-୧୯ ଟିକା, ଷ୍ଟେଥୋସ୍କୋପ୍ ଏବଂ ଡବ୍ଲ୍ୟୁଏଚ୍‌ଓ ଲୋଗୋର ମଡେଲ ତିଆରି କରିଛନ୍ତି। ବରଫ କଳା ମାଧ୍ୟମରେ ସେମାନେ ମହିଳା ଡାକ୍ତରଙ୍କ ମଡେଲ ପ୍ରସ୍ତୁତ କରି ମହିଳା ସଶକ୍ତୀକରଣର ଏକ ବାର୍ତ୍ତା ଦେଇଛନ୍ତି। ସେହିପରି କରୋନାରେ ଆର୍ଥିକ ମାନ୍ଦାବସ୍ଥା, ବେକାରି ସମସ୍ୟା ଏବଂ ମାନସିକ ଚାପ ଦେଖାଦେଇଛି। ଟିକା ଭର୍ତ୍ତି ସିରିଞ୍ଜ ମହାମାରୀ ଶେଷ ନେଇ ଏକ ଆଶାର ପ୍ରତୀକ ବୋଲି ଦୁଇ ଭଉଣୀ କହିଛନ୍ତି। ସ୍କୁଲ ସମୟରୁ ହିଁ ଦୁଇ ଭଉଣୀ ବିଭିନ୍ନ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଉଥିଲେ ଏବଂ ଶିକ୍ଷାଲାଭ ପରେ ଦୁହେଁ ମେକ୍‌ଅପ୍ ଆର୍ଟିଷ୍ଟଭାବେ କାମ ଆରମ୍ଭ କରିଥିଲେ। କଳା ଆମ ଜିନ୍‌ରେ ରହିଛି ବୋଲି ସେମାନେ କହିଛନ୍ତି। ଏମାନଙ୍କ କଳାକୃତିର ଫଟୋ ଏବଂ ଭିଡିଓ ଭାଇରାଲ ହେବାପରେ ଅନେକ ଲୋକ ପ୍ରଶଂସା କରିଛନ୍ତି।

# ହାତ ନ ଲଗାଇ ଏଟିଏମ୍‌ରୁ ଉଠାଇହେବ ଟଙ୍କା



**ନୂଆଦିଲ୍ଲୀ:** ଆଦୌ ହାତ ଲଗାଇବେ ନାହିଁ, କିନ୍ତୁ ଏଟିଏମ୍‌ରୁ ଟଙ୍କା ଉଠାଇ ପାରିବେ। ଇନ୍‌ଟେଲ କମ୍ପାନୀ ଏଭଳି ଏକ ଟେକ୍ନୋଲୋଜି ବିକଶିତ କରିଛି, ଯଦ୍ୱାରା ହାତ ନ ଲଗାଇ ଯେକୌଣସି ସ୍ମାର୍ଟ ଡିଭାଇସ୍‌କୁ ଅନ୍‌ଲକ୍ କରିହେବ। କମ୍ପାନୀ ଏହାକୁ 'ରିଅଲ ସେନ୍‌ସ ଆଇଡି' ନାଁ ଦେଇଛି। ଏହା ଏକ ପ୍ରକାରର ଫେସିଆଲ ରେକଗ୍ନିସନ୍ ସିଷ୍ଟମ୍ ଅର୍ଥାତ୍ ବ୍ୟବହାରକାରୀଙ୍କର ମୁହଁ ଦେଖି ଯେକୌଣସି ଡିଭାଇସ୍‌କୁ ଅନ୍‌ଲକ୍ କରିହେବ। ଏହାକୁ ତିଆରି କରିବା ପାଇଁ ଆକ୍ଟିଭ ଡେପ୍‌ଥ ସେନ୍‌ସର ବ୍ୟବହାର କରାଯାଇଛି।

# ୭ ରାଜ୍ୟକୁ ବ୍ୟାପିଲାଣି ବାର୍ଡ ଫ୍ଲୁ

ନୂଆଦିଲ୍ଲୀ, ୧୦।୧

## ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କୁ ମଗାଗଲା ଦୈନିକ ରିପୋର୍ଟ

ବାର୍ଡ ଫ୍ଲୁ କ୍ରମେ ଅଧିକ ରାଜ୍ୟକୁ ବ୍ୟାପିଚାଲିଛି। ଏହି ରୋଗରେ ବହୁସଂଖ୍ୟାରେ ପକ୍ଷୀଙ୍କ ମୃତ୍ୟୁ ଘଟୁଛି। କେନ୍ଦ୍ର ସରକାର ରାଜ୍ୟଗୁଡ଼ିକ ସହ ସମନ୍ୱୟ ରକ୍ଷା କରି ସଂକ୍ରମଣ ରୋକିବାକୁ ବିଭିନ୍ନ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରୁଛନ୍ତି। ସଂକ୍ରମଣ ହଟ୍‌ସ୍ପଟ ଅଞ୍ଚଳ ଉପରେ ତୀକ୍ଷ୍ଣ ନଜର ରଖିବା ସହ ନିୟମିତ ଯୋଗାଯୋଗ କରିବା ଲାଗି ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଉତ୍ତରପ୍ରଦେଶ ସମେତ କେରଳ, ରାଜସ୍ଥାନ, ମଧ୍ୟପ୍ରଦେଶ, ହିମାଚଳପ୍ରଦେଶ, ହରିୟାଣା ଓ ଗୁଜରାଟକୁ ବାର୍ଡ ଫ୍ଲୁ ବ୍ୟାପିଥିବା ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହା ବ୍ୟତୀତ ଦିଲ୍ଲୀ, ଛତିଶଗଡ଼, ମହାରାଷ୍ଟ୍ର, ପଞ୍ଜାବ ଆଦି ବିଭିନ୍ନ ରାଜ୍ୟରେ ପକ୍ଷୀ ମରୁଥିବା ଦେଖାଯାଇଛି। ଚିଡ଼ିଆଖାନା କର୍ତ୍ତୃପକ୍ଷ ଦୈନନ୍ଦିନ ରିପୋର୍ଟ କେନ୍ଦ୍ରୀୟ ଜୁ ଅଥରିଟି (ସିଜେଡ୍‌ଏ)ଙ୍କ ପାଖକୁ ପଠାଇବା ଲାଗି ରବିବାର କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ରୋଗ ବ୍ୟାପିଥିବା ଅଞ୍ଚଳରେ ପକ୍ଷୀ ବିଭାଗକୁ ଲୋକଙ୍କ ପ୍ରବେଶ ଉପରେ କଟକଣା ଲଗାଇବା ସହ ପ୍ରବେଶ କରୁଥିବା ଗାଡ଼ିଗୁଡ଼ିକୁ ସାନିଟାଇଜ୍ କରିବାକୁ କୁହାଯାଇଛି। ଚିଡ଼ିଆଖାନା ଭିତରେ ଥିବା କୃତ୍ରିମ ଜଳାଶୟଗୁଡ଼ିକୁ ଶୁଖାଇଦେବାକୁ କୁହାଯାଇଛି। ପକ୍ଷୀ ବଦଳ କାର୍ଯ୍ୟକ୍ରମ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବିଦେଶାଗତ ପକ୍ଷୀଙ୍କ ପ୍ରବେଶ ପଥ ଉପରେ ମଧ୍ୟ ନଜର ରଖାଯାଇଛି। ଚିଡ଼ିଆଖାନାର ପକ୍ଷୀ ବିଭାଗକୁ ବିଶୋଧନ କରିବା ସହ କର୍ମଚାରୀମାନଙ୍କୁ ପିପିଇ କିଟ୍ ବ୍ୟବହାର କରିବାକୁ କୁହାଯାଇଛି।

# ଖୁଡ଼ୀ ସାଜିଥିଲେ ହତ୍ୟାକାରୀ

ବରଗଡ଼ ଅଫିସ୍,୧୦।୧

## ନାବାଳିକା ହତ୍ୟା ମାମଲାର ପର୍ଦ୍ଦାଫାଶ

ବରଗଡ଼ ଜିଲା ପାଇକମାଳ ଥାନା ଅନ୍ତର୍ଗତ ଯୋଗିନ୍ଦ୍ରନାଥପୁର ଗ୍ରାମର ଜଣେ ନାବାଳିକାଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି । ପାରିବାରିକ କଳହ ହତ୍ୟାର କାରଣ ଏବଂ ମୃତ ନାବାଳିକାଙ୍କ ଖୁଡ଼ୀ ହିଁ ହତ୍ୟାକାରୀ ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଛି। ପୋଲିସ ଅଭିଯୁକ୍ତ ତଥା ମୃତ ନାବାଳିକାଙ୍କ ଖୁଡ଼ୀଙ୍କୁ ରବିବାର ଗିରଫ କରି ପଦ୍ମପୁର କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ପଦ୍ମପୁର ସବଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏ ନେଇ ଏକ ମାମଲା (ନଂ.୭/୨୧) ରୁଜୁ ହୋଇଛି ।

ବରଗଡ଼ ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇ ଏସ୍‌ପି ପଦ୍ମିନୀ ସାହୁ କହିଥିଲେ, ମୃତ ନାବାଳିକାଙ୍କ ବାପା ରାଜିନ୍ଦ୍ର ପାଣ୍ଡେ ଓ ଶ୍ୟାମ ରଣା ଓରଫ ପାଣ୍ଡେ ଦୁଇ ଭାଇ । ଉଭୟେ ବିବାହିତ ଏବଂ ଉଭୟଙ୍କ ଘର ଗୋଟିଏ ଜାଗାରେ ରହିଛି। ରାଜିନ୍ଦ୍ରଙ୍କ କନ୍ୟା (ମୃତ ନାବାଳିକା) ଓ ୪ବର୍ଷର ପୁଅ ଅଛନ୍ତି । ସେହିପରି ଶ୍ୟାମଙ୍କ ଦେଢ଼ବର୍ଷର ଶିଶୁପୁତ୍ର ଅଛନ୍ତି। ଶିଶୁପୁତ୍ର ଅପେକ୍ଷା ଉକ୍ତ ନାବାଳିକାଙ୍କୁ ଶ୍ୟାମଙ୍କ ସମେତ ପରିବାରର ଅନ୍ୟମାନେ ଅଧିକ ସ୍ନେହ କରୁଥିଲେ। ଏଥିରେ ନାବାଳିକାଙ୍କ ଖୁଡ଼ୀ (ଶ୍ୟାମଙ୍କ ସ୍ତ୍ରୀ)ଙ୍କ ଅସହିଷ୍ଣୁତା ମନୋଭାବ ଜାଗ୍ରତ ହୋଇଥିଲା । ଏଥିପାଇଁ ଶ୍ୟାମ ଓ ତାଙ୍କ ସ୍ତ୍ରୀ ମଧ୍ୟରେ ପୂର୍ବରୁ ଝଗଡ଼ା ହୋଇଥିଲା। ଏପରିକି ମୃତ ନାବାଳିକା ତାଙ୍କ ଘରୁ କିଛି ପଇସା ମଧ୍ୟ ଚୋରି କରିଥିବା ଅଭିଯୁକ୍ତ ଖୁଡ଼ୀ ପୋଲିସ ଆଗରେ ବୟାନ ଦେଇଛନ୍ତି ଏବଂ ପୂର୍ବରୁ ଏଥିପାଇଁ ଗଣ୍ଡଗୋଳ ହୋଇଥିବା ଏସ୍‌ପି କହିଛନ୍ତି। ଫଳରେ ଖୁଡ଼ୀ ସେହିଦିନଠାରୁ ପ୍ରତିଶୋଧ ପରାୟଣ ହୋଇ ସୁଯୋଗ ଅପେକ୍ଷାରେ ଥିଲେ।

ଘଟଣା ଦିନ ଅର୍ଥାତ୍ ଗତ ୩ ତାରିଖ ଅପରାହ୍ନ ପ୍ରାୟ ୪ଟା ସମୟରେ ମା' ବାପା ଘରେ ନ ଥିବାବେଳେ ନାବାଳିକା ଜଣକ ଏକ କୁର୍‌କୁରେ ପ୍ୟାକେଟ୍ ଧରି ତାଙ୍କ ଖୁଡ଼ୀଙ୍କ ଘରକୁ ଯାଇଥିଲେ। ସେତେବେଳେ ସେଠାରେ କେହି ନ ଥିବାର ସୁଯୋଗ ନେଇ ଖୁଡ଼ୀ ନାବାଳିକାଙ୍କୁ କ୍ଷେତ ପଟକୁ ଶୌଚଯିବା ଆଳରେ ନିକଟସ୍ଥ ଜଙ୍ଗଲକୁ ନେଇଥିଲେ। ସେଠାରେ ଖୁଡ଼ୀ ସାଙ୍ଗରେ ନେଇଥିବା ବାଲ୍‌ଟିରେ ନାବାଳିକାଙ୍କ ମୁଣ୍ଡକୁ ପିଟିଥିଲେ। ପରେ ପଥରରେ ମୁଣ୍ଡକୁ ଛେଚି ଦେଇଥିଲେ। ଫଳରେ ନାବାଳିକାଙ୍କ ମୃତ୍ୟୁ ହୋଇଥିଲା ବୋଲି ଅଭିଯୁକ୍ତ ବୟାନ ଦେଇଥିବା ଏସ୍‌ପି ସାହୁ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ମିଶ୍ର, ପଦ୍ମପୁର ଏସ୍‌ଡ଼ିପିଓ ପ୍ରଦୀପ କୁମାର ସାହୁ, ପାଇକମାଳ ଥାନାଧିକାରୀ ବିଶ୍ୱଜିତ ମନବୋଧ ପ୍ରମୁଖ ଉପସ୍ଥିତ ଥିଲେ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
79826-37439
96253-73491

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଡରିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

SHREE LAXMI UDYAG
Private Company ଦ୍ୱାରା ୭ଦିନ ମଧ୍ୟରେ ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 5% ପର୍ସନାଲ ଲୋନ, ବ୍ୟବସାୟ, କୃଷି, ଗୃହ, ଶିକ୍ଷା ଓ ସମ୍ପତ୍ତି ଇତ୍ୟାଦି ୧ଲକ୍ଷ ଟଙ୍କାରୁ ୧କୋଟି ପର୍ଯ୍ୟନ୍ତ।
M - 9836232487
W - 8902779180

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସୁରିନାମ୍ ରାଷ୍ଟ୍ରପତି ହେବେ ସାଧାରଣତନ୍ତ୍ର ଦିବସର ଅତିଥି

ନୂଆଦିଲ୍ଲୀ,୧୦।୧

ସୁରିନାମ୍‌ର ଭାରତୀୟ ବଂଶୋଦ୍ଭବ ରାଷ୍ଟ୍ରପତି ଚନ୍ଦ୍ରିକାପର୍ସାଦ ସାନ୍ତୋଖି ଆସନ୍ତା ୨୬ ତାରିଖ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ହେବେ। ପୂର୍ବରୁ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କୁ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ଆମନ୍ତ୍ରଣ କରାଯାଇଥିଲା। ତେବେ ବ୍ରିଟେନରେ କରୋନା ମହାମାରୀର ନୂଆ ଷ୍ଟ୍ରେନ୍ ବ୍ୟାପିଚାଲିଥିବାରୁ ସେ ଭାରତ ଆସିବା ନେଇ ଅକ୍ଷମତା ପ୍ରକାଶ କରିଥିଲେ। ସାନ୍ତୋଖି ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗନେବେ ବୋଲି କେନ୍ଦ୍ର ସରକାରଙ୍କ ଏକ ସୂତ୍ରରୁ ଜଣାପଡ଼ିଛି। ଚଳିତ ସପ୍ତାହରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରେ ସେ ମୁଖ୍ୟ ଅତିଥି ହୋଇଥିଲେ। ୨୦୨୦ ଜୁଲାଇରେ ସନ୍ତୋଖି ସୁରିନାମ୍‌ର ରାଷ୍ଟ୍ରପତି ଭାବେ ଶପଥ ନେଇଥିଲେ।


ଚନ୍ଦ୍ରିକାପର୍ସାଦ ସାନ୍ତୋଖି

**ମନେ ପଡ଼ନ୍ତି**

ତୃତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଶଶାଙ୍କ ଶେଖର ସାମନ୍ତ
ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ
ଜଳସମ୍ପଦ ବିଭାଗ, ଓଡ଼ିଶା
ଆବିର୍ଭାବ: ୩୦.୦୫.୧୯୪୨
ତିରୋଧାନ: ୧୫.୧୨.୨୦୧୭
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳୀ ସହିତ : ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟ ସ୍ୱଜନ
ଧ-୬୯୯୫୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଅପର୍ଣ୍ଣା ମହାନ୍ତି
ନାନିକିପଡ଼ା
ତିରୋଧାନ: ୦୧।୦୧।୨୦୨୧
ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ଉପଦେଶ ଆମର ସବୁଦିନ ଚିର ସ୍ମରଣୀୟ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବାନ୍ଧବ ।
ଧ-୧୯୫୪୪

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସଞ୍ଜୀବ ସାହୁ (ନରୋତ୍ତମ)
ବିଦ୍ୟାନଗରୀ ସାହି, ବୋଲଗଡ଼, ଖୋର୍ଦ୍ଧା
ଆବିର୍ଭାବ: ୧୮।୦୪।୧୯୭୦
ତିରୋଧାନ: ୦୧।୦୧।୨୦୨୧
ଠାକୁର ନିଗମାନନ୍ଦଙ୍କ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
-:ଶୋକସନ୍ତପ୍ତ:-
ପରିବାର, ବନ୍ଧୁବର୍ଗ ଓ ବୋଲଗଡ଼ ଅଞ୍ଚଳର ଜନସାଧାରଣ ।
ଧ-୭୦୪୧୦

ଧରିତ୍ରୀ
DHARITRI
ସୋମବାର, ୧୧ ଜାନୁୟାରୀ, ୨୦୨୧



# ମାନସିକ ରୋଗ ଓ ଜିନ୍



ମାନସିକ ରୋଗ ସହ ଜିନ୍‌ର ସମ୍ପର୍କ ରହିଛି ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ବିଶେଷଭାବରେ ଡାଇବେଟିସ ରୋଗୀଙ୍କ କ୍ଷେତ୍ରରେ ଏହା ପରିଲକ୍ଷିତ ହୋଇଥାଏ ବୋଲି ମଧ୍ୟ ୟୁନିଭର୍ସିଟି ଅଫ କାଲିଫର୍ନିଆ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏ ସମ୍ପର୍କରେ ତର୍ଜମା କରିବା ସମୟରେ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ପ୍ରକାର ଜିନ୍‌କୁ ଠାବ କରିଥିଲେ। ରକ୍ତରେ ସୁଗାର (ଶର୍କରା) ପରିମାଣ ବଢ଼ିଗଲେ ଏହି ଜିନ୍ ଯୋଗୁ ସଂପୃକ୍ତ ବ୍ୟକ୍ତିଙ୍କର ମାନସିକ ସ୍ଥିତିକୁ ପ୍ରଭାବିତ କରିଥାଏ। ଫଳତଃ ସମୟକ୍ରମେ ସେମାନେ ମାନସିକ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ବିଶେଷଜ୍ଞମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

# ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ ଭିଟାମିନ୍ 'ଡି'



ଭିଟାମିନ୍ 'ଡି'ର ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି। ଏହାଦ୍ୱାରା ଆମ ଶରୀରରେ ଥିବା ରୋଗ ପ୍ରତିରୋଧକ ଶକ୍ତି ଆହୁରି ଦୃଢ଼ ହୋଇଥାଏ। ଶରୀରରେ ଏହି ଭିଟାମିନ୍ ପରିମାଣ ସନ୍ତୁଳିତ ରହିଲେ ତାହା ମସ୍ତିଷ୍କକୁ ଆହୁରି ସକ୍ରିୟ କରାଇଥାଏ। କେବଳ ସେତିକି ନୁହେଁ ସ୍ନାୟୁଜନିତ ସମସ୍ୟାକୁ ମଧ୍ୟ କେତେକାଂଶରେ ଦୂର କରେ ଭିଟାମିନ୍ 'ଡି'। ସବୁଠାରୁ ଖାସ୍ କଥା ହେଲା, ହୃଦ୍‌ଜନିତ ରୋଗୀଙ୍କ ପାଇଁ ଏହିଜାତୀୟ ଖାଦ୍ୟ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଡାଇବେଟିସ୍ ରୋଗୀଙ୍କ ଶରୀରରେ ଏହି ଭିଟାମିନ୍ ଇନ୍‌ସୁଲିନ୍ ସ୍ତରକୁ ସନ୍ତୁଳିତ ରଖିଥାଏ। ଶରୀରରେ କ୍ୟାଲ୍‌ସିୟମ ପରିମାଣକୁ ଠିକ୍ ରଖିବାର ପ୍ରମୁଖ ଉତ୍ସ ହେଲା ଭିଟାମିନ୍ 'ଡି'। ଏହା ଶରୀରରେ ଫସଫରସ ସ୍ତରକୁ ସନ୍ତୁଳିତ ରଖିଥାଏ। ସୂର୍ଯ୍ୟକିରଣରେ ଏହି ଭିଟାମିନ ପରିମାଣ ଭରି ରହିଛି। ତେଣୁ ଜଣେ ବ୍ୟକ୍ତି ସକାଳୁ କିଛି ସମୟ ସୂର୍ଯ୍ୟକିରଣରେ ଠିଆ ହେଲେ ତାହା ସ୍ୱାସ୍ଥ୍ୟ ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ।

# ସୁନିଦ୍ରା ଅନ୍ତରାଳେ...



ନିଜକୁ ସୁସ୍ଥ ରଖିବା ପଛରେ ନିଦ୍ରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିରେ ଅସନ୍ତୁଳନ ଦେଖାଦେଲେ ତାହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ। ତେଣୁ ଭଲ ନିଦ ପାଇଁ କେତୋଟି ବିଷୟ ଉପରେ ଦୃଷ୍ଟି ଦେବା ଦରକାର। ବେଡ୍‌ରୁମ୍‌ର ପରିବେଶକୁ ସବୁବେଳେ ଶାନ୍ତ ରଖନ୍ତୁ। ରାତିରେ ଆଦୌ ଗରିଷ୍ଠ ଖାଦ୍ୟ ଖାଆନ୍ତୁ ନାହିଁ। ରାତ୍ରଭୋଜନ ଏବଂ ଶୋଇବା ମଧ୍ୟରେ ଅତିକମ୍‌ରେ ଦୁଇ ଘଣ୍ଟା ବ୍ୟବଧାନ ରହିଲେ ଭଲ। ଶୋଇବାକୁ ଯିବା ପୂର୍ବରୁ ଟିଭି ଦେଖିଲେ ତାହାର ପ୍ରଭାବ ନିଦ୍ରା ଉପରେ ପଡିଥାଏ। ତେଣୁ ଏଭଳି ଅଭ୍ୟାସଠାରୁ ଦୂରେଇ ରହିବା ଭଲ। ଯଦି ଦୀର୍ଘ ଦିନ ଧରି ନିଦ୍ରାଜନିତ ସମସ୍ୟା ଦେଖାଯାଉଛି ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଶୋଇବା ସମୟରେ ଏପରି କଥା ଚିନ୍ତା କରନ୍ତୁ ନାହିଁ, ଯାହା ମନରେ ଟେନସନ ସୃଷ୍ଟି କରିବ। କାରଣ ଏହା ନିଦ୍ରାରେ ବାଧକ ସାଜିଥାଏ। କାରଣ ଥଣ୍ଡା ମିଜାସରେ ଭଲ ନିଦ ହୋଇଥାଏ।

# ଶୀତଦିନିଆ ପନିପରିବା ଓ ସ୍ୱାସ୍ଥ୍ୟ



ଡା.ନିତ୍ୟାନନ୍ଦ ସ୍ୱାଇଁ



ଶୀତଦିନଟା ଖାଇବାର ମଜାନେବା ଋତୁ। ବଜାର ସାରା ଆକର୍ଷଣୀୟ ପୁଷ୍ଟିକର, ସୁସ୍ୱାଦୁ ତଥା ଶସ୍ତା ଶାଗ ଓ ପନିପରିବା ଏବଂ ଭଳିକି ଭଳି ଫଳ ଯାହାକୁ ଯେତେ। ହେଲେ କେଉଁ ସବୁ ଶାଗ ଓ ପରିବା ପତ୍ର ଅତି ସୁଲଭ ମୂଲ୍ୟରେ ମିଳିଥାଏ ଶୀତଦିନେ ? ପୁଣି କେଉଁ ଦିଗରୁ ସେଗୁଡିକ ଆମ ପାଇଁ ହିତକର ସେ ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଉଛି।

**ଶାଗ :** ଶୀତଦିନେ ବେଶି ମିଳେ ପାଳଙ୍ଗ ଶାଗ, ମେଥି ଶାଗ, ସୋରିଷ ଶାଗ ଓ ମୂଳା ଶାଗ। ଶାଗ ମାତ୍ରକେ ଭିଟାମିନ 'ଏ' (ବିଟା–କାରୋଟିନ), ଭିଟାମିନ 'ସି', ଭିଟାମିନ 'ଇ', ଫଲିକ୍ ଏସିଡ, ଲୌହ, କ୍ୟାଲସିୟମ, ପୋଟାସିୟମ ଓ ମ୍ୟାଗନେସିୟମ ଇତ୍ୟାଦି ଉପାଦାନରେ ସମୃଦ୍ଧ। ଶାଗରେ ତନ୍ତୁଜାତୀୟ ଉପାଦାନର ପରିମାଣ ବେଶି, କ୍ୟାଲୋରିର ପରିମାଣ କମ୍। ଶାଗରୁ ମଧ୍ୟ ମିଳେ ଅତି ଉପକାରୀ ଓ 'ମେଗା ଥ୍ରୀ' ନାମକ ଫ୍ୟାଟ ବା ସ୍ନେହସାର। ଶାଗରେ ଥାଏ ବିଟା କାରୋଟିନ, ଭିଟାମିନ 'ସି' ଭିଟାମିନ 'ଇ', ଗ୍ଲୁକୋସାଇକୋଲେଟ ଆଣ୍ଟି ଅକ୍ସିଡାଣ୍ଟ। ତେଣୁ ନିୟମିତ ଶାଗ ଖାଇଲେ ରକ୍ତହୀନତା, ହୃଦରକ୍ତ ନଳୀରୋଗ, ଡାଇବେଟିସ, କାଟାରାକ୍ଟ, ପୃଥୁଳତା, କୋଷ୍ଠକାଠିନ୍ୟ ଏବଂ ବିଭିନ୍ନ ପ୍ରକାର କ୍ୟାନ୍‌ସର ଜାତ ହେବାର ସମ୍ଭାବନା ହ୍ରାସ ପାଏ।

**ଗାଜର, ବିଟ୍ ଓ କନ୍ଦମୂଳ :** ଶୀତଦିନେ ତଟକା ଗାଜର, ବିଟ୍ ଓ କନ୍ଦମୂଳ ପ୍ରଚୁର ପରିମାଣରେ ମିଳେ। ଗାଜରରୁ ମିଳେ ବିଟାକାରୋଟିନ, ଭିଟାମିନ'ସି', ସାୟାନିଡିନ, ଲିଟିନ ଜାତୀୟ ଆଣ୍ଟି ଅକ୍ସିଡାଣ୍ଟ, ବିଟ୍‌ରୁ ବେଶି ମିଳେ ଭିଟାମିନ 'ଏ', 'ବି', 'କେ' ପୋଟାସିୟମ ଓ ଫୋଲେଟ୍। ଜୁସ୍ ହିସାବରେ ଏହା ଖୁବ୍ ଉପଯୋଗୀ। କନ୍ଦମୂଳରେ ରହି ବିଟାକାରୋଟିନ ଓ ଭିଟାମିନ 'ସି' ଭଳି ଆଣ୍ଟି ଅକ୍ସିଡାଣ୍ଟ ଓ ବେଶି ଖାଦ୍ୟ ତନ୍ତୁ। ଚୋପା ନ ଚାଞ୍ଛି ଖାଇଲେ କନ୍ଦମୂଳ ଅଧିକ ହିତକର।

**ମୂଳା, ଫୁଲକୋବି, ବନ୍ଧାକୋବି, ଓଲକୋବି ଓ ବ୍ରୋକୋଲି :** ମୂଳାରେ ରହିଥାଏ ଅଧିକ ଭିଟାମିନ, ଖଣିଜ ଲବଣ ଏବଂ କାଟେଚିନ, ପାଇରୋଗାଲୋଲ ଭଳି ଆଣ୍ଟି ଅକ୍ସିଡାଣ୍ଟ। ଡାଇବେଟିସ ଓ ପୃଥୁଳ ରୋଗୀମାନେ ଏହାକୁ ନିରାପଦରେ ଖାଇପାରିବେ। ଉଚ୍ଚ ରକ୍ତଚାପ ରୋଗୀ ଓ ହୃଦରୋଗୀମାନଙ୍କ ପାଇଁ ଏହା ଉପକାରୀ। ଫୁଲକୋବି, ବନ୍ଧାକୋବି, ଓଲକୋବି ଓ ବ୍ରୋକୋଲରୁ ମିଳେ ଅଧିକ ବିଟାକାରୋଟିନ, ଇଣ୍ଡଲ, ଗ୍ଲାଇକୋସାଇନୋଲେଟ, ଆଇସୋଥାୟୋସାୟାନେଟ୍ ଆଦି ସଲଫର ସମ୍ବନ୍ଧୀୟ ଉପାଦାନ ଯାହା ସ୍ତନ, ଯକୃତ, ଫୁସ୍‌ଫୁସ୍, ଖାଦ୍ୟବାହୀ ନଳୀ, ପାକସ୍ଥଳୀ ଓ ହୃଦଯନ୍ତ୍ର ଆଦି ବିଭିନ୍ନ ସ୍ଥାନରେ କ୍ୟାନ୍‌ସରର ଦମନରେ ସହାୟକ ହୋଇଥାଏ।

**ଶିମ୍ବ, ବିନ୍‌ସ, ଟମାଟୋ:** ଶିମ୍ବରେ ଥିବା ସାଇଟୋଷ୍ଟିରଲ ନିବାରଣ କରେ ଉଚ୍ଚ ରକ୍ତଚାପ ଏବଂ ଏଲଡୋପା ନାମକ ଉପାଦାନଟି ପାରକିନସନ ରୋଗ ପ୍ରତିରୋଧ କରିବା ସହ ମିଜାଜକୁ ଭଲ ରଖେ। ବିନସରେ ଅଛି ଅଧିକ ପରିମାଣର ଭିଟାମିନ ସି ଏବଂ ଏହାକୁ ନିୟମିତ ଖାଇଲେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧିପାଏ। ଉଚ୍ଚରକ୍ତଚାପ, ହୃଦରୋଗ, ଡାଇବେଟିସ, ପୃଥୁଳତା ଓ ମାନସିକ ଅବସାଦ ଇତ୍ୟାଦି ରୋଗରେ ଏହାକୁ ନିରାପଦରେ ଖିଆଯାଇପାରେ। ଟମାଟୋକୁ 'ଶୀତଋତୁର ଗର୍ବ' ବୋଲି କୁହାଯାଏ। ବାଇଗଣରେ ଶ୍ୱେତସାର, ସ୍ନେହସାର ଓ କାଲୋରିର ମାତ୍ରା କମ। ଡାଇବେଟିସ, ହୃଦରୋଗୀ, ପୃଥୁଳକାୟ ରୋଗୀ ଓ ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଏହା ଖୁବ ଉପାଦେୟ। ଏଥିରେ ଥିବା ନାସୁନିନ ଓ କ୍ଲୋରୋଜେନିକ ଏସିଡ ଜାତୀୟ ଆଣ୍ଟିଅକ୍ସିଡାଣ୍ଟ କ୍ୟାନସର ବିରୋଧୀ।

**ଫଳ :** ଶୀତଦିନେ ମିଳେ କମଳା, ମୁସାମ୍ବି, ଲେମ୍ବୁ, ଡାଳିମ୍ବ, ଆପଲ, ଅଙ୍ଗୁର, ଅଁଳା ଆଦି ଫଳ। କମଳାରେ ରହିଛି ଭିଟାମିନ ସି, ଫଲିକ ଏସିଡ, ବିଟା କାରୋଟିନ, ଲିଭଟିନ ଓ ଜିଜାନଥିନ ଜାତୀୟ ଫ୍ଲାଭୋନଏଡ଼ସ। ମୁସାମ୍ବି ଓ ଲେମ୍ବୁରୁ ମିଳୁଥିବା ଭିଟାମିନ ସି ଓ ଲିମୋନିନ କ୍ୟାନସର ବିରୋଧୀ। ଡାଳିମ୍ବରେ ଥିବା ଲାଇକୋପିନ ଏବଂ ପୁନିସିକଏସିଡ, ଜାତୀୟ ପଲିଫିନଲସ, ଆନୋସିଆନିନ, ଏଲ୍ଲାଜିକ ଏସିଡ ଇତ୍ୟାଦି ହୃଦରୋଗ, ଉଚ୍ଚରକ୍ତଚାପ, କ୍ୟାନସର, ଆଲଜିମର୍ସ, ପାର୍କିନସନ ରୋଗର ପ୍ରତିରୋଧରେ ଖୁବ ସହାୟକ। ରୋଗ ପ୍ରତିରୋଧ କରିବାରେ ଆପଲର ନାଆଁ ତ ଏକ କିମ୍ବଦନ୍ତୀ। ଏହା ହୃଦରୋଗ, ଉଚ୍ଚ ରକ୍ତଚାପ, ଫୁସଫୁସ ରୋଗ ଓ କ୍ୟାନ୍‌ସର ଆଦି ନିବାରଣ କରିବା ସଙ୍ଗେ ସଙ୍ଗେ ଏଥିରେ ଥିବା କୋୟେରସେଟିନ ଏକାଗ୍ରତା ଓ ସ୍ମୃତି ଶକ୍ତି ବୃଦ୍ଧି କରିଥାଏ। ଅଙ୍ଗୁରରେ ରହିଛି ବାୟୋଫ୍ଲାଭୋନିଏଡସ, ପଲିଫିନଲସ, ରେମଭେରାଟ୍ରଲ, ଆନ୍ଥୋସିଆନିନସ, ଟେରୋଷ୍ଟିବିଲିନ ଭଳି ଫ୍ଲାଭୋନଏଡସ। ଶୀତ ଦିନିଆ ଫଳ ଭାବରେ ଅଁଳା ଭିଟାମିନ ସି ଭଳି ଆଣ୍ଟିଅକ୍ସିଡାଣ୍ଟରେ ଭରପୂର। ତେଣୁ ଡାଇବେଟିସ, ହୃଦରୋଗ, ଉଚ୍ଚ ରକ୍ତଚାପ, ଚକ୍ଷୁରୋଗ, କ୍ୟାନସର ଓ ଅକାଳ ବାର୍ଦ୍ଧକ୍ୟକୁ ରୋକିବାରେ ଅଁଳା ଅତୁଳନୀୟ।

**ମସଲାମସଲି :** ଅଦାରେ ଥିବା ଜିଞ୍ଜେରୋଲ ଓ ଜିଞ୍ଜିବେରିନ, ହଳଦୀରେ ଥିବା କୁରକୁମିନ ଓ ଜିଞ୍ଜିବେରିନ, ଜିରାରେ ଥିବା ଲିମୋନିନ, ସୋରିଷର ଥାୟୋଗ୍ଲୁକୋସାଇଡସ ଏବଂ ଆଇସୋଥାୟୋସିଆନେଟସ, ରାଶିର ସିସେମିନ ଓ ସିନେମିନଲ, ରସୁଣର ସଲଫାଇଡର୍ସ, ପିଆଜର ଆଲକିଲ ଡାଇସଲଫାଇଡସ ଏବଂ ପାନ ମହୁରିରେ ଆନେବୋଲ ଭଳି ଆଣ୍ଟିଅକ୍ସିଡାଣ୍ଟର ଅଣସଂକ୍ରମକ ଦୀର୍ଘକାଳୀନ ରୋଗଗୁଡ଼ିକର ନିରାକରଣ ଗୁଣ ସହ କ୍ୟାନସର ବିରୋଧୀ ଗୁଣ ମଧ୍ୟ ରହିଛି। ସେହିପରି ପନିପରିବା ଓ ଫଳରୁ ମିଳୁଥିବା ଅଧିକ ପରିମାଣର ଡାଏଟାରୀ ଫାଇବର ବା ଖାଦ୍ୟତନ୍ତୁ ମଧ୍ୟ ଅଣସଂକ୍ରାମକ ଦୀର୍ଘକାଳୀନ ରୋଗମାନ ନିବାରଣ କରିପାରିବା ସହ ବୃହଦନ୍ତ୍ର ଓ ମଳାଶୟ କ୍ୟାନ୍‌ସର ସୃଷ୍ଟିକୁ ବ୍ୟାହତ କରିଥାଏ।

–'ଅଭୀପସା', ସେକ୍ଟର–୬, ପ୍ଲଟ ନଂ. ୧୧୩୧, ଅଭିନବ ବିଡ଼ାନାସୀ, କଟକ
ମୋ: ୮୩୨୮୯୭୫୧୧୮



"ଫୁଲକୋବି, ବନ୍ଧାକୋବି, ଓଲକୋବି ଓ ବ୍ରୋକୋଲିର ସଂପୂର୍ଣ୍ଣ ଉପକାରିତା ପାଇବା ପାଇଁ ହେଲେ ଏଗୁଡିକୁ ତଟକା ଖାଇବା ଦରକାର। ଏସବୁଥିରୁ ମିଳେ ଅଧିକ ବିଟାକାରୋଟିନ, ଇଣ୍ଡଲ, ଗ୍ଲାଇକୋସାଇନୋଲେଟ, ଆଇସୋଥାୟୋସାୟାନେଟ୍ ଆଦି ସଲଫର ସମ୍ବନ୍ଧୀୟ ଉପାଦାନ; ଯାହା ସ୍ତନ, ଯକୃତ, ଫୁସ୍‌ଫୁସ୍, ଖାଦ୍ୟବାହୀ ନଳୀ, ପାକସ୍ଥଳୀ ଓ ହୃଦଯନ୍ତ୍ର ଆଦି ବିଭିନ୍ନ ସ୍ଥାନରେ କ୍ୟାନ୍‌ସରର ଦମନରେ ସହାୟକ ହୋଇଥାଏ।"

'୧୬ ସାଇକେ' ହେଉଛି ସବୁଠାରୁ ମୂଲ୍ୟବାନ ଗ୍ରହାଣୁ। ଏହା ଲୁହା ଓ ନିକେଲକୁ ନେଇ ଗଠିତ। ଏହାର ପୃଷ୍ଠ ଶୁଦ୍ଧ ଲୁହାରେ ଗଠିତ ହୋଇଛି। ଏହି ଗ୍ରହାଣୁରେ ଥିବା ଲୁହା ଓ ନିକେଲର ମୂଲ୍ୟ ୧୦୦୦୦ କ୍ୱାଡ୍ରିଲିଅନ (୧ ପରେ ୧୯ଟି ଶୂନ) ଆମେରିକୀୟ ଡଲାର ହେବ...

# ଲୌହ ଗ୍ରହାଣୁ



ଇଂ ମାୟାଧର ସ୍ୱାଇଁ

ଆମ ସୌର ମଣ୍ଡଳରେ ମଙ୍ଗଳ ଓ ବୃହସ୍ପତି କକ୍ଷ ମଝିରେ ଅନେକଗୁଡ଼ିଏ ଛୋଟଛୋଟ ଜ୍ୟୋତିର୍ବିଦୀୟ ପିଣ୍ଡ ସୂର୍ଯ୍ୟକୁ ପରିକ୍ରମଣ କରୁଛନ୍ତି। ଏଗୁଡିକୁ ଗ୍ରହାଣୁ ବା ଗୌଣ ଗ୍ରହ କୁହାଯାଏ। ଯେଉଁ ଅଞ୍ଚଳରେ ଏଗୁଡ଼ିକ ରହିଛନ୍ତି ତାକୁ 'ଗ୍ରହାଣୁ ବଳୟ' କୁହାଯାଏ। ଏଗୁଡ଼ିକର ସଂଖ୍ୟା ଚାରି ଲକ୍ଷରୁ ଅଧିକ ହେବ। ଇଟାଲି ବୈଜ୍ଞାନିକ ଜିଉସେପେ ପିଆଜ୍ଜି ୧୮୦୧ ଜାନୁୟାରୀ ଏକ ତାରିଖରେ ପ୍ରଥମ ଗ୍ରହାଣୁକୁ ଆବିଷ୍କାର କରିଥିଲେ। ଏହାର ନାମ ହେଉଛି 'ସେରେସ୍' ଓ ଏହା ହେଉଛି ବୃହତ୍ତମ ଗ୍ରହାଣୁ। ବର୍ତ୍ତମାନ ଏହାକୁ ବାମନ ଗ୍ରହ ଶ୍ରେଣୀ ଅନ୍ତର୍ଭୁକ୍ତ କରାଯାଇଛି।

ଅଧିକାଂଶ ଗ୍ରହାଣୁ ପଥରୁ ଗଠିତ ହୋଇଛି ଏବଂ ଅତି ଅଳ୍ପ ଗ୍ରହାଣୁରେ ଧାତୁ ଅଛି। ଧାତୁ ମଧ୍ୟରେ ମୁଖ୍ୟ ହେଉଛି ଲୁହା ଓ ନିକେଲ। ଅବଶିଷ୍ଟ ଗ୍ରହାଣୁଗୁଡିକ ଉଭୟ ପଥର ଓ ଧାତୁ ସହିତ କାର୍ବନ ପଦାର୍ଥ ମିଶି ଗଠିତ ହୋଇଛି। ଗ୍ରହାଣୁ ବଳୟରେ ଥିବା ଗୋଟିଏ ଗ୍ରହାଣୁ ବର୍ତ୍ତମାନ ଜ୍ୟୋତିର୍ବିଦମାନଙ୍କୁ ଅଧିକ ଭାବରେ ଆକୃଷ୍ଟ କରିଛି। ଏହାର ବିଶେଷ ଗୁଣ ହେଉଛି ଯେ ଏହା କେବଳ ଲୁହା ଏବଂ ନିକେଲ୍‌ରୁ ଗଠିତ ଏବଂ ଏହି ଧାତୁଗୁଡ଼ିକୁ ମୂଲ୍ୟାୟନ କଲେ ଆମେ ଆଶ୍ଚର୍ଯ୍ୟ ହେବା। ଏହାର ନାମ ହେଉଛି '୧୬ ସାଇକେ'। ଏହା ହେଉଛି ୧୬ତମ ଆବିଷ୍କୃତ ଗ୍ରହାଣୁ। ଏହାକୁ ଇଟାଲି ଜ୍ୟୋତିର୍ବିଦ ଆନିବେଲ୍ ଦେ ଗାସପାରିସ ୧୮୫୨ ମାର୍ଚ୍ଚ ୧୭ ତାରିଖରେ ଆବିଷ୍କାର କରିଥିଲେ। ଏହାର ହାରାହାରି ବ୍ୟାସ ହେଉଛି ୨୨୬ କି.ମି.। ଏହା ପାଞ୍ଚ ବର୍ଷରେ ଥରେ ସୂର୍ଯ୍ୟଙ୍କୁ ପରିକ୍ରମଣ କରିଥାଏ। ସବୁଠାରୁ ମୂଲ୍ୟବାନ ଗ୍ରହାଣୁ ହେଉଛି '୧୬ ସାଇକେ'। ଏହା ଲୁହା ଓ ନିକେଲକୁ ନେଇ ଗଠିତ। ଏହାର ପୃଷ୍ଠ ଶୁଦ୍ଧ ଲୁହାରେ ଗଠିତ ହୋଇଛି। ଏହି ଗ୍ରହାଣୁରେ ଥିବା ଲୁହା ଓ ନିକେଲର ମୂଲ୍ୟ ୧୦୦୦୦ କ୍ୱାଡ୍ରିଲିଅନ (୧ ପରେ ୧୯ଟି ଶୂନ) ଆମେରିକୀୟ ଡଲାର ହେବ। ହବଲ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ୨୦୧୭ରେ ଏହାକୁ ଦୁଇ ଥର ପର୍ଯ୍ୟବେକ୍ଷଣ କରି ପଠାଇଥିବା ତଥ୍ୟକୁ ଅଧ୍ୟୟନ କରି ବୈଜ୍ଞାନିକମାନେ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି।

ଏହି ଗ୍ରହାଣୁ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶ ସଂସ୍ଥା ଏହା ନିକଟକୁ ଗୋଟିଏ ମହାକାଶଯାନ ପଠାଇବା ପାଇଁ ଯୋଜନା କରିଛି। ଏହି ଅଭିଯାନର ନାମ ରଖାଯାଇଛି 'ସାଇକେ'। ଏହାକୁ ୨୦୨୨ ଜୁଲାଇ ମାସରେ ସ୍ପେସ୍‌ଏକ୍ସ ଫାଲକନ୍ ହେଭି ରକେଟ ସାହାଯ୍ୟରେ ମହାକାଶକୁ ଉତକ୍ଷେପଣ କରାଯିବ ଏବଂ ଏହା ୨୦୨୬ ମସିହା ଜାନୁୟାରୀ ୩୧ ତାରିଖରେ ଗ୍ରହାଣୁ କକ୍ଷରେ ପହଞ୍ଚି ତାକୁ ପରିକ୍ରମଣ କରିବ। ହବଲ ଦୂରବୀକ୍ଷଣ ଯନ୍ତ୍ରରୁ ଯେଉଁ ତଥ୍ୟ ମିଳିଛି ଯେ ଏଠାରେ ପ୍ରଚୁର ପରିମାଣର ଲୁହା ରହିଛି। ଏହି ଅଭିଯାନ ଦ୍ୱାରା ତାହା ପରୀକ୍ଷା କରାଯିବ। ପୁନଶ୍ଚ ଏହି ଗ୍ରହାଣୁକୁ ଅଧ୍ୟୟନ କରି ପୃଥିବୀ ଓ ଅନ୍ୟ ପଥୁରିଆ ଗ୍ରହଗୁଡିକର ଗର୍ଭମଣ୍ଡଳ ସମ୍ବନ୍ଧରେ ସୂଚନା ମିଳିପାରିବ। ଆମେ ପୃଥିବୀର ଗର୍ଭମଣ୍ଡଳକୁ ଯାଇପାରିବା ନାହିଁ। ଏହା ପୃଥିବୀ ପୃଷ୍ଠରୁ ପ୍ରାୟ ୩୦୦୦ କି.ମି. ଗଭୀରରେ ଅଛି। ଆମେ କେବଳ ୧୨ କି.ମି. ଗାତ ଖୋଳି ଅଧ୍ୟୟନ କରିପାରିଛେ। ଏଣୁ ସାଇକେ ଗ୍ରହାଣୁ ଅଧ୍ୟୟନରୁ ପୃଥିବୀ ଗର୍ଭମଣ୍ଡଳ ବିଷୟରେ କିଛି ଜାଣିହେବ ବୋଲି ଆଶା।

ପୂର୍ବରୁ କେତୋଟି ମହାକାଶ ଅଭିଯାନ ଗ୍ରହାଣୁ ନିକଟକୁ ଯାଇ ତଥ୍ୟ ସଂଗ୍ରହ କରିଛି। ଏପରି କି କେତୋଟି ଗ୍ରହାଣୁରୁ ମୃତ୍ତିକା ସଂଗ୍ରହ କରି ଅଧ୍ୟୟନ ପାଇଁ ପୃଥିବୀକୁ ଅଣାଯାଇଛି। ଜାପାନ ୨୦୧୪ ମସିହା ଡିସେମ୍ବର ମାସରେ ର୍‍ୟୁଗୁ ଗ୍ରହାଣୁ ପାଖକୁ 'ହୟାବସୁ–୨' ଅଭିଯାନ ପଠାଇଥିଲା। ଏଥିରେ ଥିବା ଗୋଟିଏ ପ୍ରୋବ ଏହି ଗ୍ରହାଣୁରୁ ମୃତ୍ତିକା ନମୁନା ନେଇ ୨୦୨୦ ମସିହା ଡିସେମ୍ବର ୬ ତାରିଖରେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କରିଛି। କିନ୍ତୁ ପୂର୍ବରୁ ଯେଉଁ ସବୁ ଗ୍ରହାଣୁ ପାଖକୁ ମହାକାଶଯାନ ପଠାଯାଇଥିଲା,



ସେସବୁ ପଥର ଓ ବରଫରେ ଗଠିତ ଥିଲା। ପ୍ରଥମ ଥର ପାଇଁ ଗୋଟିଏ ଧାତବ ଗ୍ରହାଣୁ ପାଖକୁ ମହାକାଶ ଯାନ ଯାଇ ଅନୁସନ୍ଧାନ କରିବ।

ଅନେକେ ପ୍ରଶ୍ନ କରିପାରନ୍ତି ଯେ '୧୬ ସାଇକେ' ଗ୍ରହାଣୁକୁ ପୃଥିବୀକୁ ଆଣି ହେବ କି? ଏହା ସମ୍ଭବ ହେଲେ ଏଥିରେ ଥିବା ଲୁହା ଓ ନିକେଲ ଅନେକ କାର୍ଯ୍ୟରେ ଆସିପାରନ୍ତା। କିନ୍ତୁ ଗୋଟିଏ ଗ୍ରହାଣୁକୁ ପୃଥିବୀକୁ ଆଣିବାର କାରିଗରି ବିଦ୍ୟା ଏ ପର୍ଯ୍ୟନ୍ତ ବିକଶିତ ହୋଇପାରିନାହିଁ। ଅବଶ୍ୟ ମହାକାଶ ଯାନ ପଠାଇ ଗ୍ରହାଣୁରୁ ଲୁହା ପୃଥିବୀକୁ ଆଣିହେବ, କିନ୍ତୁ ସୀମିତ ପରିମାଣରେ। ଯଦି ଭବିଷ୍ୟତରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଅଧିକ ବିକାଶ କରେ, ତାହାହେଲେ ଏହି ମୂଲ୍ୟବାନ ଲୌହ ଗ୍ରହାଣୁକୁ ପୃଥିବୀକୁ ଆଣିବା ସମ୍ଭବ ହୋଇପାରେ।

–୭୦, ଲକ୍ଷ୍ମୀବିହାର, ଭୁବନେଶ୍ୱର
ମୋ : ୯୪୩୮୬୯୩୭୨୪

# ବ୍ୟାୟାମ ବିଷୟରେ...

ବ୍ୟାୟାମ କରିବା ସମୟରେ କେତେକ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ସେ ସମ୍ପର୍କରେ କେତୋଟି ଟିପ୍ସ...

- ବ୍ୟାୟାମ କରିବା ପୂର୍ବରୁ ବ୍ୟାୟାମ ଏକ୍ସପର୍ଟଙ୍କ ସହ ଏ ନେଇ ବିଶଦ୍ ଭାବରେ ଆଲୋଚନା କରନ୍ତୁ।
- ବ୍ୟାୟାମ କରିବା ପାଇଁ ଆପଣ କେତେ ଫିଟ୍ ଅଛନ୍ତି ଏହାପୂର୍ବରୁ ସେ ନେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।
- କେଉଁ ବ୍ୟାୟାମ ଆପଣଙ୍କ ଶରୀର ପାଇଁ ଉପକାରୀ ସେ ନେଇ ଜାଣି ନିଅନ୍ତୁ। ଏପରି ସ୍ଥାନରେ ବ୍ୟାୟାମ କରନ୍ତୁ, ଯେପରି ସେହି ସ୍ଥାନର ପରିବେଶ ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ ଥିବ। ଅସ୍ୱାସ୍ଥ୍ୟକର ପରିବେଶରେ ବ୍ୟାୟାମ କରନ୍ତୁ ନାହିଁ।
- ସକାଳୁ ଉଠି ନିଜର ନିତ୍ୟକର୍ମ ଶେଷ କରି ବ୍ୟାୟାମ କରନ୍ତୁ।
- ବ୍ୟାୟାମ କରିବା ସହ ସକାଳୁ ଅଧ ଘଣ୍ଟାଏ ଚାଲିବା ଅଭ୍ୟାସ କରନ୍ତୁ।
- ବ୍ୟାୟାମ କରିବା ପୂର୍ବରୁ ହାଲକା ଖାଦ୍ୟ ଖାଇପାରନ୍ତି। ବ୍ୟାୟାମ କରିବାର ୧୫–୨୦ ମିନିଟ୍ ପରେ ଖାଦ୍ୟ ଖାଆନ୍ତୁ।



# ସ୍ୱାସ୍ଥ୍ୟ ସୂଚନା

- ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏହାକୁ ବ୍ରେକଫାଷ୍ଟ ତାଲିକାରେ ସାମିଲ କରିବାକୁ ଭୁଲନ୍ତୁ ନାହିଁ।
- କୌଣସି ରୋଗ ସମ୍ପର୍କରେ ଡାକ୍ତରଙ୍କ ସହ ପରାମର୍ଶ କରିବା ସମୟରେ ସେ ଯେଉଁ ଟିପ୍ସ ଦେଉଛନ୍ତି ତାହାକୁ ଅନୁସରଣ କରନ୍ତୁ।
- ପ୍ରେସକ୍ରିପସନରେ ଡାକ୍ତର ଯେତିକି ଦିନ ଔଷଧ ଖାଇବାକୁ ଉଲ୍ଲେଖ କରିଛନ୍ତି ସେଥିରେ ଅବହେଳା କରନ୍ତୁ ନାହିଁ।
- କେତେକ ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥିଲେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ପଡିଥାଏ। ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।
- ନିଜର ସାମର୍ଥ୍ୟଠାରୁ ଅଧିକ କାମ ଆବୋରି ବସି କେତେକ ଅବସାଦଗ୍ରସ୍ତ ହୋଇଥାଆନ୍ତି। ତେଣୁ ନିଜର ସାମର୍ଥ୍ୟ ଅନୁସାରେ ହିଁ କାମ କରନ୍ତୁ।
- ଶରୀରରେ ଜଳୀୟ ଅଂଶକୁ ସନ୍ତୁଳିତ ରଖିବା ପାଇଁ ପାଣି ପିଇବାକୁ ପଡିଥାଏ। ତେଣୁ ଦିନକୁ ଅତିକମ୍‌ରେ ୨–୩ ଲିଟର ପାଣି ପିଅନ୍ତୁ।
- କୌଣସି ଔଷଧକୁ ନେଇ ମନରେ ଯଦି କିଛି ପ୍ରଶ୍ନ ରହିଛି ତାହା ଡାକ୍ତରଙ୍କୁ ପଚାରି ସମାଧାନ କରନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଜାନୁୟାରୀ ୧୧/୨୦୨୧ Sambalpur, Monday, January 11/ 2021

# ସୁଯୋଗ ହାତଛଡ଼ା, ମ୍ୟାଚ ଡ୍ର

**ବାମ୍ବୋଲିମ୍, ୧୦।୧**

ଇଣ୍ଡିଆନ ସୁପରଲିଗ୍ (ଆଇଏସ୍ଏଲ)ରେ ରବିବାର ଅନୁଷ୍ଠିତ ଓଡ଼ିଶା ଏଫ୍‌ସି-ଚେନ୍ନାଇନ୍ ମ୍ୟାଚ ଗୋଲ ଶୂନ୍ୟ ଡ୍ର ରହିଛି। ଉଭୟ ଦଳ ଏକାଧିକ ସୁଯୋଗ ହାତଛଡ଼ା କରିବାରୁ ପଏଣ୍ଟ ଭାଗ କରିବାକୁ ବାଧ ହୋଇଛନ୍ତି। ୧୦ ମ୍ୟାଚରୁ ୧ ବିଜୟ,

## ଆଇଏସ୍ଏଲ୍: ଓଡ଼ିଶା ଏଫ୍‌ସି ବନାମ ଚେନ୍ନାଇନ୍

୬ ପରାଜୟ ଓ ୩ ଡ୍ର ସହ ଭୁବନେଶ୍ୱର ଭିତ୍ତିକ ଓଡ଼ିଶା ଏଫ୍‌ସି ପଏଣ୍ଟ ସଂଖ୍ୟା ୬ରେ ପହଞ୍ଚିଛି। ଚେନ୍ନାଇନ୍ ୧୦ ମ୍ୟାଚରୁ ୨ ବିଜୟ, ୫ ଡ୍ର ଓ ୩ ପରାଜୟ ସହ ୧୧ ପଏଣ୍ଟ ପାଇ ୮ମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଓଡ଼ିଶା ଏଫ୍‌ସି ମାତ୍ର ୩ଟି ଏବଂ ଚେନ୍ନାଇନ୍ ୨ଟି ଶଟ୍ ଟାର୍ଗେଟ କରି ପାରିଥିଲେ। ଉଭୟ ଦଳ ପାଖାପାଖି ଡଜନେ ଗୋଲ ଦେବାର ସୁଯୋଗ ସୃଷ୍ଟି କରିଥିଲେ ହେଁ ଉପଯୁକ୍ତ ଫିନିଶିଂ ହୋଇପାରି ନ ଥିଲା। ଶେଷ ୧୦ ମିନିଟରେ ଚେନ୍ନାଇନ୍ ଆକ୍ରମଣକୁ ଜୋରଦାର କରି ବିଜୟୀ ହେବାକୁ ଉଦ୍ୟମ କରିଥିଲେ ହେଁ ଓଡ଼ିଶା ଡିଫେନ୍ସ ବିଭାଗ ଦୃଢ଼ତାର ସହ ତାହାକୁ ଖଣ୍ଡନ କରିଥିଲା। ଅନ୍ୟଏକ ମ୍ୟାଚରେ କେରଳ ବ୍ଲାଷ୍ଟର୍ସ ୩-୨ ଗୋଲରେ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିଛି।



ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ୍ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଓସିଏ ଓମେନ ଲିଗ୍‌ରେ ୬ ଦଳ

**ଭୁବନେଶ୍ୱର, ୧୦।୧(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଓମେନ ଦିନିକିଆ ଲିଗ୍ ଚଳିତ ମାସ ୧୫ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ୯୦ ଖେଳାଳିଙ୍କୁ ୬ଟି ଦଳରେ ବିଭକ୍ତ କରାଯାଇଛି। ଦଳ ଗୁଡ଼ିକର ନାମ ଓଡ଼ିଶା ରେଡ୍, ଗ୍ରୀନ୍, ଭାଓଲେଟ୍, ୟେଲୋ, ଅରେଞ୍ଜ୍ ଏବଂ ପର୍ପଲ ରଖା ଯାଇଛି। ମ୍ୟାଚ ଗୁଡ଼ିକ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ କିଟ୍, ମୂଳାପଡ଼ିଆ, ବିକାଶ ଗ୍ରାଉଣ୍ଡରେ ଖେଳାଯିବ। ଏହା ମଧ୍ୟରୁ ୫୪ ଖେଳାଳି ପୂର୍ବରୁ ଓଡ଼ିଶା ପକ୍ଷରୁ ଜୁନିୟର ଓ ସିନିୟର ସ୍ତରରେ ଖେଳି ସାରିଥିବାବେଳେ ଅନ୍ୟ ୩୬ ଜଣ ମହିଳା କ୍ରିକେଟ ଟ୍ୟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ ମାଧ୍ୟମରେ ବଛା ଯାଇଛନ୍ତି। ଟୁର୍ନାମେଣ୍ଟ ପାଇଁ ଓସିଏ ପକ୍ଷରୁ ୨୪ ମ୍ୟାଚ ଅଫିସିଆଲ୍‌ଙ୍କୁ ନିଯୁକ୍ତ କରାଯାଇଛି। ଖେଳାଳିମାନେ କିଟ୍ କ୍ୟାମ୍ପସରେ ରହିବେ। ଜାନୁୟାରୀ ୧୩ରେ ଓଡ଼ିଶା ପିଙ୍କ୍ ଓ ଓଡ଼ିଶା ବ୍ଲୁ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ୨୨ରୁ ୨୭ ପର୍ଯ୍ୟନ୍ତ ଟି୨୦ ଫର୍ମାଟରେ ଓମେନ କ୍ରିକେଟ ଲିଗ୍ ଅନୁଷ୍ଠିତ ହେବ ବୋଲି ଓସିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର ସୁବ୍ରତ କୁମାର ବେହେରା ଜଣାଇଛନ୍ତି।

# ସିଙ୍ଗଲ୍ସରେ ସନ୍ତୋଷ, ଡବଲ୍ସରେ ମନୋଜ-ହର୍ଷ ଚାମ୍ପିୟନ



ଚାମ୍ପିୟନ ଓ ରନର୍ସଅପ୍ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୧୦।୧(କ୍ରୀଡ଼ା ପ୍ରତିନିଧି):** ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ ଏକାଡେମୀ ଆନୁକୂଲ୍ୟରେ ବର୍ଷର ପ୍ରଥମ ସିନିୟର ଲନ୍ ଟେନିସ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାର ୩୫ ବର୍ଷରୁ ଊର୍ଦ୍ଧ୍ୱ ବିଭାଗରେ ଦ୍ୱିତୀୟ ସିଡ୍ ସନ୍ତୋଷ କୁମାର ମଲିକ ଟପ୍ ସିଡ୍ ପଶ୍ଚିମବଙ୍ଗର ମନୋଜ ସେଓ୍ୱାଙ୍କୁ ୬-୪, ୬-୩ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ୩୫ରୁ ଊର୍ଦ୍ଧ୍ୱ ଡବଲ୍ସରେ ଟପ୍ ସିଡ୍ ପଶ୍ଚିମବଙ୍ଗର ମନୋଜ-ହର୍ଷ ଦାବ୍ରିଓ୍ୱାଲ ଯୋଡ଼ି ଦ୍ୱିତୀୟ ସିଡ୍ ଦେବାଶିଷ ହାୟେଦ ଓ କାର୍ତ୍ତିକ ଶାହା ଯୋଡ଼ିଙ୍କୁ ୮-୪ରେ ହରାଇ ଟାଇଟଲ ହାସଲ କରିଛନ୍ତି। ୪୫ ବର୍ଷରୁ ଊର୍ଦ୍ଧ୍ୱ ଡବଲ୍ସରେ ଦ୍ୱିତୀୟ ସିଡ୍ ଭୁବନେଶ୍ୱରର କମଲେଶ୍ ସୋନି ଓ ଜଷ୍ଟିନ ପାନ୍‌ମେଇ ଯୋଡ଼ି ଟପ୍ ସିଡ୍ ସେହ୍ନାଶିଷ ବେହେରା ଓ ସି.ଆଇ. ପଟେଲ ଯୋଡ଼ିଙ୍କୁ ୯-୮(୭/୫)ରେ ହରାଇ ଟାଇଟଲ ହାସଲ କରିଛନ୍ତି। ଅବସରପ୍ରାପ୍ତ ପିଏନ୍‌ବି ବ୍ୟାଙ୍କ ସର୍କଲ ମୁଖ୍ୟ ପି.କେ. ପ୍ରଧାନ ଅତିଥିଭାବେ ଯୋଗଦେଇ ପୁରସ୍କାର ଦେଇଥିଲେ।

# ଇଂଲଣ୍ଡ ବିପକ୍ଷ ପ୍ରଥମ ଦୁଇ ଟେଷ୍ଟରୁ ଜାଡେଜା ଆଉଟ୍

**ସିଡ୍‌ନୀ,୧୦।୧(ପି.ଟି.):** ଚଳିତ ତୃତୀୟ ଟେଷ୍ଟର ତୃତୀୟ ଦିନରେ ଆହତ ହୋଇଥିବା ଭାରତୀୟ ସିନିୟର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଏବେ ଆଗାମୀ ଇଂଲଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜର ପ୍ରଥମ ଦୁଇଟି ମ୍ୟାଚରୁ ବାଦ୍ ପଡିଛନ୍ତି। ମିଚେଲ ଷ୍ଟାର୍କଙ୍କ ଏକ ଶର୍ଟ ବଲ୍‌ରେ ବାମହାତ ବୁଢ଼ା ଆଙ୍ଗୁଠିରେ ଆଘାତ ପାଇଥିବା ଜାଡେଜା ଚଳିତ ଟେଷ୍ଟରେ ଦ୍ୱିତୀୟ ଇନିଂସରେ ବୋଲିଂ କରିପାରି ନ ଥିଲେ। ସେ ଏବେ ୪- ୬ ସପ୍ତାହ ବିଶ୍ରାମ ନେବାର ଆବଶ୍ୟକତା ରହିଛି। ଫଳରେ ତାଙ୍କୁ ଇଂଲଣ୍ଡ ବିପକ୍ଷ ପ୍ରଥମ ୨ ଟେଷ୍ଟରୁ ବାଦ୍ ଦିଆଯାଇଛି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ଚେନ୍ନାଇରୁ ଫେବୃୟାରୀ ୫ରୁ ଇଂଲଣ୍ଡ ବିପକ୍ଷ ୪ ମ୍ୟାଚବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**ବେପାରୀଙ୍କୁ ଆକ୍ରମଣ, ଥାନାରେ ମାମଲା**

**ବଲାଙ୍ଗୀର ଅଫିସ:** ବଲାଙ୍ଗୀର ଡେଲିମାର୍କେଟଠାରେ ଶନିବାର ବିଳମ୍ବିତ ରାତିରେ ଜଣେ ପନିପରିବା ବେପାରୀଙ୍କୁ ଆକ୍ରମଣ ହୋଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି । ବେପାରୀମାନେ ମାଛ ଓ ପନିପରିବା ମିନି ଟ୍ରକରେ ଲୋଡିଂ ଅନ୍‌ଲୋଡିଂ କରୁଥିବା ବେଳେ ଚିକୁ ମିଶ୍ର ନାମକ ଜଣେ ଯୁବକ ଏକ ଟାଙ୍ଗିଆ ଧରି ସେଠାକୁ ଆସି ପରିବା ବ୍ୟବସାୟୀଙ୍କୁ ଆକ୍ରମଣ କରିଛନ୍ତି । ଆକ୍ରମଣରେ ପରିବା ବେପାରୀଙ୍କ ବାଇକ୍, ଗାଡି କାଚ ଭାଙ୍ଗି ଯାଇଥିବା ବେଳେ ଜଣେ ଆହତ ହୋଇଛନ୍ତି । ଖବରପାଇ ପିସିଆର ଗାଡି ଘଟଣାସ୍ଥଳକୁ ଆସି ଆକ୍ରମଣକାରୀ ଯୁବକ ଚିକୁଙ୍କୁ ଥାନାକୁ ନେଇ ଆସିଥିଲେ । ରବିବାର ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇ ଆପୋଷ ବୁଝାମଣା ହୋଇଛି ।

## | ପିକ୍‌ନିକ୍ ସ୍ପଟ୍ |
# 'ଡୁ ଡୁଆ' ଜଳପ୍ରପାତ


'ଡୁ ଡୁଆ' ଜଳପ୍ରପାତ

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରପୂର ଖୋର୍ଦ୍ଧା ଜିଲା । ପାହାଡ଼, ଜଙ୍ଗଲ, ନଦୀ, ଝରଣା, ଆଦିବାସୀ ସଂସ୍କୃତି ଏବଂ ବିଭିନ୍ନ ମନ୍ଦିର ଜିଲାକୁ ସ୍ୱତନ୍ତ୍ର ପରିଚୟ ଦେଇଛି । ଏଠାରେ ରହିଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀ ତଥା ପିକ୍‌ନିକ ସ୍ପଟଗୁଡ଼ିକ ଜିଲା, ରାଜ୍ୟ, ଦେଶ ସମେତ ବିଦେଶୀ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ଏହା ମଧ୍ୟରେ ଅନ୍ୟତମ ହେଲା ଜିଲାର ବାଣପୁର ବ୍ଲକ ନୀଳାଦ୍ରିପ୍ରସାଦ ପଞ୍ଚାୟତ ଅଧୀନ ବରବରା ଜଙ୍ଗଲ ମଧ୍ୟରେ ରହିଥିବା 'ଡୁ ଡୁଆ' ଜଳପ୍ରପାତ । ଲୁକ୍କାୟିତ ହୋଇ ରହିଥିବା ଏହି ଜଳପ୍ରପାତ ସମ୍ପର୍କରେ କିଛିବର୍ଷ ପୂର୍ବେ ସ୍ଥାନୀୟ ଆଦିବାସୀ ସମ୍ପ୍ରଦାୟ ଲୋକଙ୍କଠାରୁ ସୂଚନା ମିଳିଥିଲା । ଏହି ଖବର ପ୍ରଚାରିତ ହେବା ପରେ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି । ବଣଭୋଜି ପାଇଁ ଏହି ସ୍ଥାନ ଅନୁକୂଳ ହୋଇଥିବା ବେଳେ ପ୍ରପାତରେ ଗାଧୋଇବା ମଧ୍ୟ ନିରାପଦ । ପର୍ଯ୍ୟଟକମାନେ ଏଠାକାର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ନିକଟରେ ଥିବା ପ୍ରସିଦ୍ଧ ମା' ବିରଜାଈ ଠାକୁରାଣୀ, ମା' ତାରିଣୀ ପୀଠ ଏବଂ ବାଣପୁରର ମା' ଭଗବତୀଙ୍କ ପୀଠ ଦର୍ଶନ କରିପାରିବେ । ତେବେ ଏହି ଜଳପ୍ରପାତକୁ ପର୍ଯ୍ୟଟକ କିଭଳି ବହୁ ସଂଖ୍ୟାରେ ଆସିପାରିବେ ଏବଂ ଏହାକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।

**କେମିତି ଯିବେ**

ବାଣପୁରଠାରୁ ୨୦କିଲୋମିଟର ଦୂରରେ ରହିଛି ନୀଳାଦ୍ରିପ୍ରସାଦ ଗ୍ରାମ । ସେଠାରୁ ମା' ବିରଜାଈ ମନ୍ଦିର ରାସ୍ତାରେ ୨କି.ମି. ଅତିକ୍ରମ କଲେ ପଡ଼ିବ ବ୍ରହ୍ମପଦା ପ୍ରାଥମିକ ବିଦ୍ୟାଳୟ । ଉକ୍ତ ବିଦ୍ୟାଳୟ ପାର୍ଶ୍ୱ ଦେଇ ଯାଇଛି ଏକ ମାଟି ରାସ୍ତା । ଏହି ରାସ୍ତାରେ ଏକ କିଲୋମିଟର ଗଲେ ପଡ଼ିବ ଡିମିରି ସାହି । ସାହି ପାର୍ଶ୍ୱ ଦେଇ ପାଦଚଲା ରାସ୍ତାରେ ୫୦ମିଟର ପରେ 'ଡୁ ଡୁଆ' ଜଳପ୍ରପାତରେ ପହଞ୍ଚିପାରିବେ ।

**– ରିପୋର୍ଟ: ସଂଗ୍ରାମ ପାଇକରାୟ, ବାଲୁଗାଁ**

# ଖରିଫରେ ସବୁଜିମା, ରବିରେ ପଡ଼ିଆ

**କୁନାଗଡ, ୧୦।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ, ତଳମଳା ପଞ୍ଚାୟତ ଚାଷୀ ଗତ ୭ ବର୍ଷ ହେବ ରବି (ଡାଲୁଅ) ଚାଷ ପାଇଁ ଇନ୍ଦ୍ରାବତୀ ବାମ କେନାଲରୁ ପାଣି ପାଉନାହାନ୍ତି । ଏପରିକି ଚଳିତବର୍ଷ ମଧ୍ୟ ରବି ଚାଷ ପାଇଁ ପାଣି ଦିଆଯିବ ନାହିଁ ବୋଲି ବିଭାଗ ପକ୍ଷରୁ ଜଣାପଡିଛି । ସ୍ଥାନୀୟ ଚାଷୀ ବିଭାଗୀୟ ଅଧିକାରୀଙ୍କଠୁ ଆରମ୍ଭ କରି ପ୍ରଶାସନ, ରାଜନେତାଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପ୍ରତିଶ୍ରୁତି ଛଡା ଅନ୍ୟ କିଛି ସୁଫଳ ମିଳିନାହିଁ । ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି ।

ପ୍ରକାଶ ଯେ, ଇନ୍ଦ୍ରାବତୀ କୁସୁମଖୁଣ୍ଟି ଡିଭିଜନ ଅଧୀନ ଛୋରିଆଗଡ ଡ୍ରିଷ୍ଟିବ୍ୟୁଟାରିର ତଳ ମୁଣ୍ଡରେ ଥିବା ଆଟିଗାଁ ଓ ତଳମଳା ପଞ୍ଚାୟତକୁ କେନାଲ ପାଣି ଯୋଗାଇ ଦିଆଯାଉଥିଲା । ଗତ ୨୦୧୪ଠାରୁ ରବି ଚାଷ ସମୟରେ ଏହି ୨ଟି ପଞ୍ଚାୟତକୁ ପାଣି ଯୋଗାଇ ଦିଆଯାଉନାହିଁ । ପାଣି ଅଭାବରୁ ସ୍ଥାନୀୟ ଚାଷୀ ବାଧ୍ୟ ହୋଇ ଜମିକୁ ପଡିଆ ଛାଡି ଦେଇଥାନ୍ତି । କେତେକ ଚାଷୀ କଷ୍ଟ କରି କିଛି ଡାଲିଜାତୀୟ ଫସଲ କରୁଥିବାବେଳେ ଆଉ କେତେକ ଚାଷୀ ଏହି ସମୟରେ କାମ ଧନ୍ଦା ନ ପାଇ ଦାଦନ ଖଟିବାକୁ ଯାଇଥାନ୍ତି । ଏହି ୨ଟି ପଞ୍ଚାୟତରେ ପ୍ରାୟ ୭ଶହ ହେକ୍ଟର ଚାଷଜମି ରହିଛି । ଖରିଫ ସମୟରେ ଏହି ଅଞ୍ଚଳ ସବୁଜମୟ ହେଉଥିବାବେଳେ ରବି ସମୟରେ ସତେ ଯେମିତି ଏହି ଅଞ୍ଚଳ ମରୁଡି ହେବା ବୋଲି ଜଣାପଡୁଛି । ସ୍ଥାନୀୟ ଚାଷୀ ଜୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର ଓ ବିରୋଧୀ ଦଳ ନେତା ପ୍ରଦିପ୍ତ କୁମାର ନାଏକଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ । ଆସନ୍ତା ୧୪ ତାରିଖରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ମୁଖୀଗୁଡାସ୍ଥିତ ଇନ୍ଦ୍ରାବତୀ ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପର ଲୋକାର୍ପଣ କରିବେ । ଏଥିରେ ଜିଲାର ଜୟପାଟଣା, କୋକସରା ଓ ଧର୍ମଗଡ ବ୍ଲକର ହଜାର ହଜାର ଚାଷୀ ଉପକୃତ ହେବେ । ଏହା ଗୋଟିଏ ମୁଖ୍ୟମନ୍ତ୍ରୀଙ୍କ ସ୍ୱାଗତ ଯୋଗ୍ୟ ପଦକ୍ଷେପ । କିନ୍ତୁ କେନାଲ ତିଆରି ପରେ ମଧ୍ୟ ଚାଷୀଙ୍କୁ ପାଣି ଯୋଗାଇ ଦିଆ ନ ଯିବା ଦୁଃଖର ବିଷୟ ବୋଲି ସ୍ଥାନୀୟ ଚାଷୀ ପ୍ରକାଶ କରନ୍ତି । ଏ ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଅଜିତ ପାତ୍ର ଓ ଏସ୍‌ଡିଓ ସ୍ନେହାଶିଷ ବେହେରାଙ୍କୁ ପଚାରିବାରୁ ପୂର୍ବାପେକ୍ଷା ଡ୍ୟାମରେ ପାଣି କମ୍ ରହିଛି । ଫଳରେ ଉକ୍ତ ଅଞ୍ଚଳକୁ ଚଳିତ ରବି ଚାଷ ପାଇଁ ପାଣି ଦିଆଯାଇପାରୁନାହିଁ । ଚେଷ୍ଟା କରୁଛୁ ଆସନ୍ତା ବର୍ଷ ରବି ଚାଷ ସମୟରେ ଉକ୍ତ ଅଞ୍ଚଳକୁ ପାଣି ପହଞ୍ଚାଇବା ପାଇଁ ବୋଲି କହିଥିଲେ ।


ଶୁଖିଲା ପଡିଛି ଆଟିଗାଁ ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲ ।

**ଆଟିଗାଁ, ତଳମଳା ପଞ୍ଚାୟତ**
- ଏଥର ବି ପାଇବେନି, ପଡ଼ିଆ ହେବ ଜମି
- ମିଳୁଛି ପ୍ରତିଶ୍ରୁତି, ହେଉନି ସମାଧାନ
- ୭ ବର୍ଷ ହେଲା ପାଣି ପାଉନାହାନ୍ତି ଚାଷୀ

**ରିପୋର୍ଟ–ଉତ୍ତମ କୁମାର ଦାଶ**

## ଗ୍ରାମୀଣ ସଚେତନତା ସମାବେଶ

**କୁନାଗଡ଼, ୧୦।୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ମାଲଗୁଣ୍ଡଠାରେ ଉତ୍କଳ ସର୍ବୋଦୟ ବିଜ୍ଞାନ ପରିଷଦ ଓ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେଶନର ମିଳିତ ଆନୁକୂଲ୍ୟରେ ରବିବାର ଗ୍ରାମୀଣ ସଚେତନତା ସମାବେଶ ଅନୁଷ୍ଠିତ ହୋଇଥିଲା । ସାମାଜିକ କର୍ମୀ ଚିନ୍ମୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୈଳାସ ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ ପଟ୍ଟନାୟକ, ଅବସରପ୍ରାପ୍ତ ନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, ଯୁବ ସଙ୍ଗଠକ ପ୍ରଭାତ ଦାଶ, ପିବିଏମୱାଇଓ ର ସଭାପତି ବରଦା ପ୍ରସନ୍ନ ପଣ୍ଡା, ଉପସଭାପତି ତ୍ରିନାଥ ଚୌଧୁରୀ, ପୂର୍ବତନ ସଭାପତି ସଞ୍ଜୀବ ଠାକୁର, ଡମରୁ ରଣା ପ୍ରମୁଖ ଯୋଗଦେଇଥିଲେ । ସରକାରଙ୍କ ଦ୍ୱାରା ପରିଚାଳିତ ଜନହିତକାରୀ ଯୋଜନା ଉପରେ ଅତିଥିମାନେ ସଚେତନ କରିଥିଲେ । କାର୍ଯ୍ୟକ୍ରମକୁ ସଙ୍ଗଠନ ସମ୍ପାଦକ ଅବିନାଶ ମୁଣ୍ଡ ପରିଚାଳନା କରିଥିବା ବେଳେ ପଦ୍ମାବତୀ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ ।

# ଭାଗବତ ଟୁଙ୍ଗିରେ ଶିକ୍ଷାଦାନ


ସଂହରାଟିକ୍ରା ଭାଗବତ ଟୁଙ୍ଗିରେ ଦୁଇଜଣ ଶିକ୍ଷକ ପ୍ରାଥମିକ ଶ୍ରେଣୀର ପିଲାଙ୍କୁ ପାଠ ପଢାଉଛନ୍ତି ।

**ବିନିକା, ୧୦।୧ (ଡି.ଏନ୍.ଏ.)**

**ପ୍ରାଥମିକ ବିଦ୍ୟାଳୟର ବିଦ୍ୟାର୍ଥୀ ଭୁଲିଲେଣି ପାଠପଢା**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର କେତେକ ସ୍ଥାନରେ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବା ପାଇଁ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି । ସେମାନେ ଘର ଘର ବୁଲି ପିଲାଙ୍କୁ ଏକାଠି କରି ଗୋଟିଏ ସ୍ଥାନରେ ପାଠ ପଢାଇବା ଦେଖିବାକୁ ମିଳୁଛି । କରୋନା ପାଇଁ ବିଦ୍ୟାଳୟକୁ ଯାଇ ପାଠ ପଢିବା ସୁଯୋଗ ନ ଥିବା ବେଳେ ଗରିବ ଘର ପିଲା ସ୍ମାର୍ଟ ଫୋନ ଅଭାବରୁ ଅନ୍‌ଲାଇନ ପାଠପଢାରୁ ବଞ୍ଚିତ ହୋଇଛନ୍ତି । କେତେକ ବହିରୁ ମୁହଁ ଫେରାଇ ନେଇଥିବା ବେଳେ ପାଠପଢା ଭୁଲିଗଲେଣି । ଏଭଳି ପରିସ୍ଥିତିରେ ହାତଗଣତି ସ୍କୁଲର ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ପାଠ ସହ ବାନ୍ଧି ରଖିବା ପାଇଁ ଅଣ୍ଟା ଭିଡିବା ଘଟଣାକୁ ସବୁ ମହଲରେ ସ୍ୱାଗତ କରାଯାଇଛି । ବିନିକା ଏକ ଦଳିତ ଏବଂ ଆଦିବାସୀ ବହୁଳ ଅଞ୍ଚଳ । ଏହି ଅଞ୍ଚଳର ଅଧିକାଂଶ ପିଲା ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢିଥାନ୍ତି । ୧୩୨ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ଓ ମଧ୍ୟବିତ୍ତ ବର୍ଗର ଛାତ୍ରୀଛାତ୍ର ପାଠ ପଢୁଛନ୍ତି । କିନ୍ତୁ ପ୍ରାୟ ୯ମାସ ହେଲା କରୋନା କଟକଣା ଯୋଗୁ ସାରା ରାଜ୍ୟରେ ସମସ୍ତ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନ୍ଦ ରହିଛି । ଫଳରେ ଦୀର୍ଘ ଦିନ ଧରି ବିଦ୍ୟାଳୟ ନ ଯିବା ଫଳରେ ପିଲାଏ ବହି ପଢା ଛାଡି ଖେଳକୁଦରେ ମାତିଛନ୍ତି । ନିଜ ନିଜ ଶ୍ରେଣୀର ପାଠ୍ୟପୁସ୍ତକରେ କଣ ବିଷୟ ଅଛି ତାହା ମଧ୍ୟ ଜଣାନାହିଁ । ଏଥିନେଇ ଅଭିଭାବକ ଓ ଶିକ୍ଷକ ମହଲରେ ଚିନ୍ତା ବଢିଛି । ଏପଟେ ଶିକ୍ଷୟିତ୍ରୀ ଶିକ୍ଷକମାନେ ସପ୍ତାହକୁ ୨ରୁ ୩ ଥର ସ୍ଥାନୀୟ ବିଦ୍ୟାଳୟର ପିଲାଙ୍କୁ ଡକାଇ ସାମାଜିକ ଦୂରତା ରକ୍ଷା କରି ପାଠ ପଢାଉଛନ୍ତି । ଛାତ୍ରୀଛାତ୍ରଙ୍କୁ ପାଠ ପଢାଇବା, ପାଠ ଦେବା ଓ ଖାତା ଦେଖି ମାର୍ଗଦର୍ଶନ ଦେଉଛନ୍ତି । ବିନିକା ବ୍ଲକ ବାଙ୍କିଗିର୍ଡି ଗ୍ରାପ ସଂହରାଟିକ୍ରା ପଡାର ଭାଗବତ ଟୁଙ୍ଗୀରେ ସଂହରାଟିକ୍ରା ବିଦ୍ୟାଳୟର ୨ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରାଥମିକ ଶ୍ରେଣୀର ପିଲାମାନଙ୍କୁ ଶିକ୍ଷା ପ୍ରଦାନ କରୁଥିବା ଦେଖିବାକୁ ମିଳିଛି । ସେହିପରି ଭଣ୍ଡାର ପଞ୍ଚାୟତ ଝାରକଦଳୀପାଲିରେ ମଧ୍ୟ ଭାଗବତ ଟୁଙ୍ଗୀରେ ପାଠ ପଢାଯାଉଛି । ବିଦ୍ୟାଳୟ ଖୋଲିବା ପର୍ଯ୍ୟନ୍ତ ବ୍ଲକର ଅନ୍ୟ ଅଞ୍ଚଳରେ ଏପରି ଭାବେ ପାଠ ପଢାଇବା ପାଇଁ ଅଭିଭାବକ ମହଲରେ ଦାବି ହେଉଛି ।

## ୧୦ ମାସ ପରେ ଖୋଲିଲା ହରିଶଙ୍କର ମନ୍ଦିର

**ଖପ୍ରାଖୋଲ ୧୦।୧ (ଡି.ଏନ.ଏ.)**

ପଶ୍ଚିମ ଓଡିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହେଉଛି ହରିଶଙ୍କର । କୋଭିଡ କଟକଣା ପାଇଁ ଦୀର୍ଘ ୧୦ ମାସ ଧରି ବନ୍ଦ ରହିଥିବା ହରିଶଙ୍କର ମନ୍ଦିର ରବିବାର ଖୋଲିଛି । ଶ୍ରଦ୍ଧାଳୁମାନେ ହାତ ଧୋଇ, ମାକ୍ସ ପିନ୍ଧି ଓ ସାମାଜିକ ଦୂରତା ରଖି ଧାଡିରେ ଯାଇ ଶୃଙ୍ଖଳିତ ଭାବରେ ଠାକୁର ଦର୍ଶନ କରିଥିବା ଦେଖିବାକୁ ମିଳିଥିଲା । ଦୂର ଦୂରାନ୍ତରୁ ବହୁ ଶ୍ରଦ୍ଧାଳୁ ଆସି ଠାକୁର ଦର୍ଶନ ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରିଥିଲେ । ପାଟଣାଗଡ ଉପ ଜିଲାପାଳ ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ସୋମନାଥ ପଧାନ ମନ୍ଦିର ପରିସରରେ ଉପସ୍ଥିତ ରହି ଶୃଙ୍ଖଳିତ ଦର୍ଶନର ତଦାରଖ କରିଥିଲେ । ଶାନ୍ତିଶୃଙ୍ଖଳା ପାଇଁ ଫାଣ୍ଡି ଅଧିକାରୀ ସେବନ୍ କେର୍କେଟାଙ୍କ ନେତୃତ୍ୱରେ ପୋଲିସ ମୁତୟନ ହୋଇଥିଲେ । ଦୀର୍ଘ ଦିନ ପରେ ଶ୍ରଦ୍ଧାଳୁମାନେ ପାପନାଶିନୀ ଝରଣାରେ ସ୍ନାନ କରି ଠାକୁରଙ୍କ ଦର୍ଶନ ଲାଭ କରିଥିଲେ । ପ୍ରଥମ ଦିନରେ ଶତାଧିକ ଶ୍ରଦ୍ଧାଳୁ ଠାକୁର ଦର୍ଶନ କରିଥିବା ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ପ୍ରକାଶ କରିଛନ୍ତି ।

# କ୍ରିକେଟ ଟୁର୍ନାମେଣ୍ଟ: ବେଲପଡା ଚାମ୍ପିୟନ


ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଖେଳାଳିଙ୍କ ଗହଣରେ ଅତିଥିବୃନ୍ଦ ।

**ଦେଓଗାଁ, ୧୦।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଅନ୍ତର୍ଗତ ଉଡାର ନିକଟସ୍ଥ ଜଗନ୍ନାଥ ଖେଳପଡିଆରେ ୨ ଦିନ ଧରି ଚାଲିଥିବା ଉଡାର ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ବେଲପଡା ଓ ଲୁହୁରେନପାଲି ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ବେଲପଡା ଦଳ ୧୬ ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି । ଖେଳକୁ ଶିବ ଛତ୍ରିଆ ଓ ବିଘ୍ନରାଜ ପଧାନ ପରିଚାଳନା କରିଥିଲେ । ସ୍କୋରର ଭାବେ ସଂକିର୍ତ୍ତନ ସାହୁ ଓ ପଙ୍କଜ ଲୋଚନ ପଧାନ ଦାୟିତ୍ୱ ନିର୍ବାହ କରିଥିଲେ । ଖେଳ ଶିକ୍ଷକ ବିରେନ୍ଦ୍ର ସୁନାଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ପ୍ରଦୀପ କୁମାର ଛତ୍ରିଆ ଓ ସମ୍ମାନିତ ଅତିଥି ଭାବେ ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସମ୍ପାଦକ କୃଷ୍ଣ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓରନରଅପ ଦଳକୁ ପୁରସ୍କୃତ କରିଥିଲେ । ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବବଲୁ ଲୁହୁରାଙ୍କୁ ପୁରସ୍କୃତ କରାଯାଇଥିଲା । ଟୁର୍ନାମେଣ୍ଟକୁ ବିକି ଛତ୍ରିଆ, ସିଦ୍ଧାର୍ଥ ନନ୍ଦ, ବରୁଣ ନନ୍ଦ, ଟିକେଶ୍ୱର ଛତ୍ରିଆ, ଶିବେ ଛତ୍ରିଆ, ଅରପା ନନ୍ଦ, ନିରୋଜ ଛତ୍ରିଆ, ଶିବ ଛତ୍ରିଆ, ମନ ନନ୍ଦ, ଅନାଦି ଛତ୍ରିଆ, ମାନସ ନନ୍ଦ, ସ୍ୱରାଟ ଛତ୍ରିଆ, ଗଣେଶ ଛତ୍ରିଆ, ମନବୋଧ ନନ୍ଦ ଓ ବିଜୟ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ । ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ ।

# ସୋନପୁର କଲେଜରେ ସ୍ୱାଗତ ସମାରୋହ

**ସୋନପୁର, ୧୦।୧ (ନି.ପ୍ର.):** ସୋନପୁର କଲେଜରେ ଅଧ୍ୟାପକମାନଙ୍କ ପାଇଁ ଏକ ସ୍ୱାଗତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ କଲେଜର ଅଧ୍ୟକ୍ଷ ଡ. ତରୁଣ କୁମାର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । କଲେଜ ପରିଚାଳନା କମିଟି ସଭାପତି ତଥା ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଏଥିରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଗବେଷଣାର ମହତ୍ତ୍ୱ ଓ ବର୍ତ୍ତମାନ ସମୟରେ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ଅଶ୍ୱିନୀ କୁମାର ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

# ପରୀ ହତ୍ୟା ମାମଲାର ସିବିଆଇ ତଦନ୍ତ ଦାବି


ଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମରେ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଓ ଅନ୍ୟମାନେ ।

**ବଲାଙ୍ଗୀର ଅଫିସ, ୧୦।୧**

ଭାଜପା ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ନୟାଗଡ ପରୀ ହତ୍ୟା ମାମଲାର ସିବିଆଇ ତଦନ୍ତ ତୁରନ୍ତ କରିବାକୁ ଦାବି କରାଯାଇଛି । ଏଥିସହିତ ଏହି ଘଟଣାରେ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଓ ମନ୍ତ୍ରୀମଣ୍ଡଳରୁ ବହିଷ୍କାର ଦାବି କରାଯାଇଥିଲା । ବହୁଚର୍ଚ୍ଚିତ ପରୀ ହତ୍ୟା ଘଟଣାକୁ ନେଇ ବଲାଙ୍ଗୀର ପାଟଣେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଭାଜପା ପକ୍ଷରୁ ରବିବାର ଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଲୋକସଭା ଏମପି ସଙ୍ଗୀତା କୁମାରୀ ସିଂଦେଓ, ଜିଲା ଭାଜପା ସଭାପତି ଶିବାଜୀ ମହାନ୍ତି, ଅନନ୍ତ କୁମାର ଦାଶ, ଆରତୀ ଗୁରୁ, ପଙ୍କଜିନୀ ପଣ୍ଡା, ରଶ୍ମିରେଖା ଦାନୀ, ରଶ୍ମି ଆଚାର୍ଯ୍ୟ, ବାସନ୍ତୀ ଜେନା, ସରିତା ଯୋଷୀ, ଅନୁସୟା ବେଜ୍, ଫିରୋଜା ବିବି, କଲ୍ୟାଣୀ ଆଡବାଙ୍କ, ଜିନା ସାହୁ, ପ୍ରମିଳା ମୁଗ୍ରୀ, ଦିନେଶ ଶର୍ମା ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ବାଦିବାହାଲ ପଞ୍ଚାୟତ ହାଇସ୍କୁଲରେ ଶିକ୍ଷାଦାନ ବିପର୍ଯ୍ୟସ୍ତ

**ଲୋଇସିଂହା, ୧୦।୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ହାଇସ୍କୁଲ ରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଅଭାବରୁ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡିଛି । ଏହି ପୁରାତନ ଶିକ୍ଷାନୁଷ୍ଠାନରେ ଶିକ୍ଷକଠାରୁ ଆରମ୍ଭ କରି ଚତୁର୍ଥ ଶ୍ରେଣୀ କର୍ମଚାରୀ ପର୍ଯ୍ୟନ୍ତ ଘୋର ଅଭାବ ଦେଖାଦେଇଛି । କେତେକ ଶିକ୍ଷକ ପଦୋନ୍ନତି ପାଇବା ପରେ ଏଠାରୁ ସେମାନଙ୍କର ଅନ୍ୟତ୍ର ବଦଳି ହୋଇଛି । ଆଉ କେତେକ ଶିକ୍ଷକ ଓ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି । ମହାମାରୀ କରୋନା ଯୋଗୁ ୯ ମାସ ପରେ ସ୍କୁଲ ଖୋଲିଛି । ଏହାପରେ ଶିକ୍ଷାନୁଷ୍ଠାନର ସ୍ଥିତି ବଦଳି ଯାଇଛି । ଏବେ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଓ ଜଣେ ସହକାରୀ ଶିକ୍ଷକ ସମେତ ୨ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ରହିଛନ୍ତି । ବିଦ୍ୟାଳୟରେ ୭ଟି ବିଷୟକୁ ୨ ଜଣ ଶିକ୍ଷକ ଅବସ୍ଥାପିତ ହୋଇଛନ୍ତି । ଫଳରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠ ପଢା ବ୍ୟାହତ ହେଉଛି ।



ବାଦିବାହାଲ ପଞ୍ଚାୟତ ହାଇସ୍କୁଲ ।

ସୂଚନା ଅନୁଯାୟୀ, ୧୯୮୧ ମସିହାରେ ବାଦିବାହାଲଠାରେ ପଞ୍ଚାୟତ ହାଇସ୍କୁଲ ସ୍ଥାପିତ ହୋଇଥିଲା । ସେତେବେଳେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ବିଦ୍ୟାର୍ଥୀଙ୍କୁ ଶିକ୍ଷାଦାନ ପାଇଁ ପ୍ରଧାନ ଶିକ୍ଷକ ସମେତ ୮ ଜଣ ସହକାରୀ ଶିକ୍ଷକ ଓ ୪ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତ ହୋଇଥିଲେ । ଅନେକ ଘାତ ପ୍ରତିଘାତ ଦେଇ ଗତି କରିଥିବା ଏହି ଶିକ୍ଷାନୁଷ୍ଠାନ ୧୯୮୮ ମସିହାରେ ସରକାରୀ ଅନୁଦାନ ଯୋଗ୍ୟ ବିବେଚିତ ହୋଇଥିଲା । ଏହାପରେ ୧୯୯୧ ମସିହାରେ ଶିକ୍ଷାନୁଷ୍ଠାନ ପୂର୍ଣ୍ଣ ଅନୁଦାନ ପାଇଥିଲା । ୧୯୯୪ ମସିହା ଜୁନ ମାସରେ ବିଦ୍ୟାଳୟ ସମ୍ପୂର୍ଣ୍ଣ ସରକାରୀ ମାନ୍ୟତା ହାସଲ କରିଥିଲା । ଅତୀତରେ ଉଚ୍ଚକୋଟୀର କ୍ରୀଡା, ଶିକ୍ଷା ଓ ସ୍ୱଚ୍ଛ ପରିବେଶକୁ ନେଇ ବିଦ୍ୟାଳୟର ସୁନାମ ରହିଛି । ଏବେ ବିଦ୍ୟାଳୟ ସ୍ଥିତି ବଦଳି ଯାଇଛି । ଚଳିତ ମାସରେ ବିଦ୍ୟାଳୟର ୨ ଜଣ ବରିଷ୍ଠ ଶିକ୍ଷକଙ୍କ ପଦୋନ୍ନତି ଘଟିଛି । ସେଥିରୁ କଳା ଶିକ୍ଷକ ବେଣୁଧର ଭୋଇ ପଦୋନ୍ନତି ପାଇ ଏଠି ପ୍ରଧାନ ଶିକ୍ଷକ ଭାବେ ଅବସ୍ଥାପିତ ହୋଇଛନ୍ତି । ପିସିଏମ ଶିକ୍ଷକ ରମେଶଚନ୍ଦ୍ର ସାହୁଙ୍କୁ ଉପରବାହାଲ ପ୍ରଧାନ ଶିକ୍ଷକ ଭାବେ ବଦଳି ହୋଇଛି । ଏହାପୂର୍ବରୁ ଗତ ସେପ୍ଟେମ୍ବର ମାସରେ ସିବିଜେଡ ଶିକ୍ଷକ ସୋମଦତ୍ତ ଦଣ୍ଡସେନାଙ୍କର ଅନ୍ୟତ୍ର ବଦଳି ହୋଇଛି । ୨୦୧୯ ମସିହା ସେପ୍ଟେମ୍ବରରେ ସ୍କୁଲର ରାତି ଜଗୁଆଳି ଜୀବର୍ଦ୍ଧନ ଧରୁଆ, ନଭେମ୍ବର ୨୦୧୯ରେ କ୍ରୀଡା ଶିକ୍ଷକ ସମ୍ପତି ପଧାନ ଓ ଫେବୃୟାରୀ ୨୦୨୦ରେ ସଂସ୍କୃତ ଶିକ୍ଷକ ରଘୁନାଥ ବେହେରା ଅବସର ଗ୍ରହଣ କରିଛନ୍ତି । ଏହାପୂର୍ବରୁ ଡିସେମ୍ବର ୨୦୧୮ରେ ପ୍ରଧାନ ଶିକ୍ଷୟିତ୍ରୀ ରକ୍ମଣୀ ପଣ୍ଡା ଅବସର ନେଇଥିଲେ । ୨୦୧୨ ମସିହାରୁ ବିଦ୍ୟାଳୟରେ ହିନ୍ଦୀ ଶିକ୍ଷକ ପଦବୀ ଖାଲି ପଡିଛି । ପଦୋନ୍ନତି ପାଇ ବଦଳି ପରେ ବିଦ୍ୟାଳୟରେ ଏବେ ବିଷୟ ଭିତ୍ତିକ ଶିକ୍ଷକ ପଦବୀ ଖାଲି ପଡିଛି । ଶୁକ୍ରବାର ସ୍କୁଲ ଖୋଲିବା ପରେ ଦଶମ ଶ୍ରେଣୀରେ ଥିବା ୬୧ ଛାତ୍ରୀଛାତ୍ର ମଧ୍ୟରୁ ପ୍ରତ୍ୟହ ୪୦ରୁ ଅଧିକ ପାଠ ପଢିବାକୁ ବିଦ୍ୟାଳୟକୁ ଆସୁଛନ୍ତି । ପାଳି କରି ଯୁବ ସହକାରୀ ଶିକ୍ଷକ ଗଣନାଥ ସାହୁ ଓ ପ୍ରଧାନ ଶିକ୍ଷକ ଭୋଇ ପାଠ ପଢାଉଥିବା କହିଛନ୍ତି । ସ୍କୁଲ ଖୋଲିବା ପୂର୍ବରୁ ଶିକ୍ଷାବିଭାଗ ପକ୍ଷରୁ ଶିକ୍ଷକ ଆବଶ୍ୟକତା ସମ୍ପର୍କରେ ଜଣାଇବାକୁ କୁହାଯାଇଥିଲା । ଏ ନେଇ ସ୍କୁଲ ପକ୍ଷରୁ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇ ଦିଆଯାଇଥିଲା । ହେଲେ ସ୍କୁଲ ଖୋଲିବାର ୩ ଦିନ ପରେ ମଧ୍ୟ ଜଣେ ହେଲେ ଶିକ୍ଷକଙ୍କୁ ନିଯୁକ୍ତି ଦିଆ ନ ଯିବା ଅସନ୍ତୋଷର କାରଣ ହୋଇଛି । ଏ ସମ୍ପର୍କରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀନା ବେହେରାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ ।

- ଆବଶ୍ୟକ ୮, ଅଛନ୍ତି ୨ ଜଣ ଶିକ୍ଷକ
- ପଦୋନ୍ନତି, ଅବସରପରେ ପଦବୀ ଖାଲି

BADRIPRASAD
College of Nursing
Approved BY Govt. of Odisha
At: Ambapali, Bargarh, Ward No. 17 (Badriprasad School of Nursing)
ADMISSION OPEN FOR 2020-21
Nursing Programmes
Eligibility as per INC/ONMRC Norms
GNM | Pass in +2 Sc/Arts/ Com. with English as a Subject & 40% Marks for General & 35% Marks for SC/ST
BSC (N) | Pass in +2 Sc. with 45% Marks for General & 40% in PCB for SC/ST
The candidate may Contact in following Numbers or Send application for at the Email mentioned below.
City Office:- Badriprasad Jaiprakash
Infront of Hotel Ganapathi, Bargarh
Contact: 9668822600, 9861599299, 8093798113, 9853435210
Email Id- badriprasad.nursing@gmail.com

HURRY !! HURRY !! HURRY !!
नेशनल इन्श्योरेन्स
National Insurance
NATIONAL INSURANCE COMPANY
1. Crane Insurance (Otv, Etv)
2. Motor Insurance, 3. Car Insurance
SINGHANIA & SONS
AUTHORISED AGENT OF NATIONAL INSURANCE COMPANY
ADDRESS: NIC NEW BUSTAND, ROURKELA, DIST- SUNDARGARH, ODISHA
PHONE: 7978234130, 9938211567

**ଅବାଧରେ ଚାଲିଛି ସଟ୍ଟା ଖେଳ**

ବରପାଲି(ଡି.ଏନ.ଏ.): ବରପାଲି ସହରରେ ଅବାଧରେ ଚାଲିଛି ସଟ୍ଟା ଖେଳ। ଏଭଳି ଖେଳ ସହରଠୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବିସ୍ତାର କରିଛି । ଏହାକୁ ରୋକିବା ପାଇଁ ବିଭିନ୍ନ ସମୟରେ ଦାବି ହେଉଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସେହିପରି ସ୍ଥାନୀୟ ଶିବମନ୍ଦିର ନିକଟ ଓ ପୋଖରୀହୁଡାରେ ଖୋଲାଖୋଲି ଭାବେ ଜୁଆଖେଳ ଚାଲିଛି। ଫଳରେ ମହିଳାମାନେ ପୋଖରୀ ତୁଠକୁ ଯିବାକୁ ସୁରକ୍ଷିତ ମଣୁନାହାନ୍ତି। ଏ ସମ୍ପର୍କରେ ବରପାଲି ଥାନାଧିକାରୀ ରୋଜାଲିନ ପଟେଲଙ୍କୁ ପଚାରିବାରୁ ଜୁଆଖେଳ ଉପରେ ଚଢାଉ କରାଯିବ ବୋଲି କହିଥିଲେ ।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା

ଭବାନୀପାଟଣା, ୧୦।୧ (ଡି.ଏନ.ଏ.) : ସ୍ଥାନୀୟ ୮ ନମ୍ବର ୱାର୍ଡ ଷ୍ଟେଚ୍ୟୁପଡାର ଅଶୋକ ବେହେରାଙ୍କ ସ୍ତ୍ରୀ କୌଶଲ୍ୟା ବେହେରା (୨୭) ଆତ୍ମହତ୍ୟା କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି କୌଶଲ୍ୟାଙ୍କ ପରିବାରବର୍ଗଙ୍କୁ ଖବର ଦେଇ ଶବ ଜବତ୍ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଭବାନୀପାଟଣା ଟାଉନ ଥାନା ଆଇଆଇସି ସତ୍ୟ କୁମାର ନନ୍ଦ ପ୍ରକାଶ କରିଛନ୍ତି। ତଦନ୍ତ ଚାଲୁରହିଛି, ପୋଷ୍ଟମର୍ଟମ୍ ରିପୋର୍ଟ ଓ ପରିବାର ଲୋକଙ୍କୁ ଜେରା କରିବା ପରେ ସମସ୍ତ ତଥ୍ୟ ଜଣାପଡିବ ବୋଲି ଆଇଆଇସି ନନ୍ଦ ପ୍ରକାଶ କରିଛନ୍ତି।

### ପୋଡ଼ବାଡ଼ିରେ ଡୁମ୍ବାଲ ସମାଜ ବୈଠକ

ଅତାବିରା/ଜାମଟିକ୍ରା, ୧୦।୧ (ଡି.ଏନ.ଏ.): ଅତାବିରା ବ୍ଲକ ପୋଡବାଡି ଉମା ମାହେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଶନିବାର ଡୁମ୍ବାଲ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡୁମ୍ବାଲ ସମାଜର ବରଗଡ଼ ଜିଲା ସଭାପତି ଦୟାସାଗର ମେଣ୍ଡଲିଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଲୋକନାଥ କ୍ଷେତୀ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଫେବୃୟାରୀ ୨୮ ସୁଦ୍ଧା ବରଗଡ଼ ଜିଲାର ୧୨ଟି ବ୍ଲକରେ ଡୁମ୍ବାଲ ସମାଜର ଜନଗଣନା କାର୍ଯ୍ୟ ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଋଷଭ କର୍ଣ୍ଣ, ସୁବାସ ସେଠୀ, ନରୋତ୍ତମ କ୍ଷେତୀ, ଗଣେଶ ପ୍ରଧାନ, ତହସିଲ ବେହେରା, ସନ୍ତୋଷିନୀ ଦନ୍ତା, ହେମବତୀ କରନ ପ୍ରମୁଖ ଯୋଗ ଦେଇଥିଲେ । ଦୟାସାଗର ମେଣ୍ଡୁଲି, ଅଙ୍ଗଦ ମହାକୁର, ଦିଲୀପ ଦେହୁରୀଙ୍କୁ ବିଚାରକ ଭାବେ ମନୋନୀତ କରାଯାଇଥିଲା। ଶେଷରେ ସୁଶୀଲ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

### ଫାଇନାଲରେ ସମ୍ବଲପୁର

ଉଲୁଣ୍ଡା,୧୦।୧(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁକିଆର ରଘୁନାଥ ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ହେଉଥିବା ଚତୁର୍ଥ ଉଷାଦେବୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଖେଳରେ ରବିବାର ଏକ ରୋମାଞ୍ଚକ ମ୍ୟାଚରେ ଜେସିସି ସମ୍ବଲପୁର ଏସଡିସିଏ ସୋନପୁର ଦଳକୁ ୨ ଉଇକେଟରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ବ୍ୟାଟିଂ କରି ସୋନପୁର ଦଳ ୨୦ ଓଭରରେ ୫ ଉଇକେଟ ହରାଇ ୨୧୫ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଭିଳାଷ ନାୟକ ୪୬ ବଲରୁ ୧୧୬ ରନ କରିଥିଲେ । ଏହାର ଜବାବରେ ସମ୍ବଲପୁର ଦଳ ଶେଖ ଜାହାଙ୍ଗୀରଙ୍କ ୭୬ ଓ ସୟଦ ୱାସିମ୍‌ଙ୍କ ୫୧ ରନ ବଳରେ ଶେଷ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇ ଫାଇନାଲରେ ପ୍ରବେଶ କରିଥିଲେ । ଆଜିର ଖେଳକୁ ଶ୍ରୀବନ୍ତ ନାୟକ ଓ ସତ୍ୟନାରାୟଣ ପଧାନ ପରିଚାଳନା କରିଥିଲେ । ସିଦ୍ଧାର୍ଥ ପୁରୋହିତ ସ୍କୋରିଂ ଓ ପାର୍ଥସାରଥି ଦାସ ଧାରା ବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବକୁ ଅତିଥି ଭାବରେ ପୂର୍ବତନ ଖେଳାଳି ରାମକିଙ୍କର ପାଣିଗ୍ରାହୀ ଯୋଗଦେଇ ସମ୍ବଲପୁର ଦଳର ଶେଖ ଜାହାଙ୍ଗୀରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଦେଇଥିଲେ ।

### ବିପିସିଙ୍କ ବଦଳି ଦାବି କଲେ ବ୍ଲକ ଅଧ୍ୟକ୍ଷ

କର୍ଲାମୁଣ୍ଡା, ୧୦।୧ (ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗ୍ରାମୀଣ ଆବାସର ବିପିସି (ବ୍ଲକ ପ୍ରୋଗ୍ରାମ କୋର୍ଡିନେଟର) ଜଣେ ଗ୍ରାମରୋଜଗାରଙ୍କ ସହ ମୋବାଇଲ ଫୋନରେ କଥା ହେଉଥିବା ବେଳେ ଯେଉଁ ଭଳି ମନ୍ତବ୍ୟ ଦେଇଛନ୍ତି। ତାହା ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଓଡିଓ ବାର୍ତ୍ତାଳା ପରେ ବିପିସି ଜଣକ ଜଣେ ଗ୍ରାମରୋଜଗାର ସେବକଙ୍କୁ ଯିଏ ପଇସା ଦେବେ ତାଙ୍କର ଇନସେନଟିପ୍ କର ନ ହେଲେ କାଗଜପତ୍ର ଚିରି ଫିଙ୍ଗିଦିଅ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ବ୍ଲକରେ ଗ୍ରାମିଣ ଆବାସ ଯୋଜନାରେ ଠିକ୍ ସମୟରେ ହିତାଧିକାରୀମାନେ ଇନ୍‌ସେନଟିପ (ପ୍ରୋତ୍ସାହନ ରାଶି) ପାଉ ନ ଥିବା ଅଭିଯୋଗ ହୋଇ ଆସୁଥିବା ବେଳେ ଗୁରୁବାର ବ୍ଲକ ଅଧକ୍ଷ ଅରବିନ୍ଦ ଚୌଧୁରୀ ବିପିସି ହିତାଧିକାରୀମାନଙ୍କୁ ହଇରାଣ କରୁଥିବା ଓ ଠିକ୍ ସମୟରେ କାର୍ଯ୍ୟାଦେଶ ଏବଂ ଇନସେନଟିପ ଟଙ୍କା ଦେଉ ନ ଥିବା ଭଳି ଅଭିଯୋଗ କରି ତାଙ୍କ ବଦଳି ଦାବି କରିଛନ୍ତି। ବିପିସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳ, ଉପଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ନେଇ ବିପିସି ରୁଦ୍ର ପ୍ରସାଦ ସାହୁଙ୍କୁ ପଚାରିବାରୁ ମୁଁ କିଛି ଜାଣିନାହିଁ, ମୋତେ ବଦନାମ କରିବାକୁ ଚେଷ୍ଟା କରାଯାଉଛି ବୋଲି କହିଛନ୍ତି।



ବୌଦ୍ଧ ସହର ନିକଟରେ ମହାନଦୀ ଶୁଖିଲା ପଡିଛି ।

# ଶୁଖିଲା ପଡ଼ିଛି ମହାନଦୀ

ବୌଦ୍ଧ,୧୦।୧(ସ୍ୱ.ପ୍ର)

**ଆଗକୁ ଜଳକଷ୍ଟ ଭୋଗିବେ ବୌଦ୍ଧବାସୀ**

ଛତିଶଗଡ ସରକାର ମହାନଦୀର ଉପରମୁଣ୍ଡରେ ବ୍ୟାରେଜ ନିର୍ମାଣ କରିବା ପରେ ମହାନଦୀରେ ଜଳସ୍ତର କମିବାରେ ଲାଗିଛି। ବିଶେଷ କରି ଖରାଦିନେ ମହାନଦୀ ଶୁଖିଲା ପଡୁଛି। କିନ୍ତୁ ଚଳିତବର୍ଷ ଜାନୁୟାରୀ ମାସ ଆରମ୍ଭରୁ ନଦୀରେ ପାଣି ଦେଖିବାକୁ ମିଳୁନି। ଯେଉଁ ସମୟରେ ମହାଦନୀରେ ଲୋକେ ଡଙ୍ଗାରେ ପାରି ହେଉଥିଲେ, ଆଜି ଚାଲି ଚାଲି ନଦୀ ପାର ହେଉଛନ୍ତି ।

ମହାନଦୀ ସହ ଓଡିଶାର ୧୫ଟି ଜିଲା ଓତଃପ୍ରୋତ ଭାବେ ଜଡିତ। ମହାନଦୀ ଏହି ଜିଲାବାସୀଙ୍କ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇଥାଏ। ନଦୀକୂଳିଆ ଲୋକେ ଚାଷ, ମତ୍ସ୍ୟ, ପାଣି ପାଇଁ ଏହା ଉପରେ ନିର୍ଭର କରିଥାନ୍ତି। କିନ୍ତୁ ବର୍ତ୍ତମାନ ମହାନଦୀ ଶୁଖିଲା ପଡିବା ଯୋଗୁ ନଦୀ କୂଳିଆ ଲୋକଙ୍କୁ ପାନୀୟ ଜଳ କଷ୍ଟ ହେବ। ଚାଷ ଉପରେ ବ୍ୟାପକ ପ୍ରଭାବ ପଡିବା ସହ ମତ୍ସ୍ୟଜୀବୀ ମାନେ ନିଜର ପ୍ରତିଦିନର ବେଉସା ହରାଇବେ। ସେହିପରି ମହାନଦୀ କୂଳରେ ବୌଦ୍ଧ ସହର ରହିଛି। ମହାନଦୀ ବୌଦ୍ଧ ଜିଲାର ମନମୁଣ୍ଡା ଠାରୁ ମାରଡା ପର୍ଯ୍ୟନ୍ତ ୧୫୦ କିମି ପ୍ରବାହିତ। ମନମୁଣ୍ଡାରୁ ବୌଦ୍ଧ ସହର ମଧ୍ୟରେ ତେଲ, ବାଗ, ମେହ୍ଲୁରୁଣୀ ଓ ସାଲୁଙ୍କୀ ଆଦି ନଦୀ ମହାନଦୀରେ ମିଶିଛି। ବୌଦ୍ଧ ସହରର ଦ୍ୱୀପ କୁହାଯାଉଥିବା ମର୍ଜାକୁଦବାସୀ ଏହି ସମୟରେ ମହାନଦୀରେ ଡଙ୍ଗାରେ ପାର ହେଉଥିଲେ। କିନ୍ତୁ ବର୍ତ୍ତମାନ ସେମାନେ ଚାଲି ଚାଲି ନଦୀ ପାର ହେଉଛନ୍ତି। ସେହିପରି ସହରବାସୀ ମହାନଦୀ ପାଣିକୁ ଭରସା କରିଥାନ୍ତି । ଚାଷୀମାନେ ଏହାର ପାଣି ନେଇ ଚାଷ କରନ୍ତି। ଏବେଠୁ ମହାନଦୀ ଶୁଖିଲା ପଡିବା ଦେଖି ମତ୍ସ୍ୟଜୀବୀ ଓ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ସେହିପରି ଆଗାମୀ ଦିନରେ ବୌଦ୍ଧ ସହରବାସୀଙ୍କୁ ପାନୀୟଜଳ କଷ୍ଟ ଭୋଗିବାକୁ ପଡିବ। ଅନ୍ୟପକ୍ଷେ ଦୀର୍ଘଦିନ ହେବ ସହରବାସୀ ମହାନଦୀରେ ଆନିକଟ କରିବାକୁ ଦାବି କରିଆସୁଥିବା ବେଳେ ଏହି ଯୋଜନା ମଧ୍ୟ ସରକାରୀ ନାଲିଫିତାରେ ବନ୍ଧା ହୋଇରହିଛି। ଏଣୁ ପ୍ରଶାସନ ଏବେଠୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ପଦକ୍ଷେପ ନେବା ଜରୁରୀ ହୋଇପଡିଛି। ନଚେତ୍ ଆଗକୁ ପରିସ୍ଥିତି ବିଗିଡିବା ସମ୍ଭାବନା ରହିଛି।

## ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ପାଠପଢା

ଲାଠୋର,୧୦।୧(ଡି.ଏନ.ଏ.)

କୋଭିଡ ଗାଇଡ୍ ଲାଇନକୁ କଡାକଡି ପାଳନ କରି ବିଦ୍ୟାଳୟ ଗୁଡିକ ଗତ ୮ ତାରିଖ ଠାରୁ ଖୋଲି ପିଲାଙ୍କୁ ପାଠ ପଢ଼ାଇବା ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସେହି କ୍ରମରେ ଦୀର୍ଘ ମାସ ପରେ ପିଲାମାନେ ପାଠ ପଢିବା ପାଇଁ ବିଦ୍ୟାଳୟ ମୁହାଁ ହେଉଛନ୍ତି। ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଲାଠୋର ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ପିଲାଙ୍କୁ ପାଠ ପଢା ଯାଉଥିବା ଦେଖିବାକୁ ମିଳୁଛି। ୧୯୯୭ ମସିହାରୁ ସ୍ଥାପିତ ଉକ୍ତ ବିଦ୍ୟାଳୟରେ +୨ କଳା ଏବଂ ବାଣିଜ୍ୟ ବିଭାଗ ଦ୍ୱିତୀୟ ବର୍ଷରେ ସମୁଦାୟ ୨୧୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ବିଦ୍ୟାଳୟ ଖୋଲିବା ପରେ ଆଶାନୁରୂପ ପିଲା ପାଠ ପଢିବାକୁ ଆସୁ ନ ଥିବା ଦେଖାଯାଉଛି। ଯେଉଁ ପିଲାମାନେ ବିଦ୍ୟାଳୟକୁ ଆସୁଛନ୍ତି ସେମାନେ ସାମାଜିକ ଦୂରତା ରକ୍ଷା କରିବା ସହିତ ମାସ୍କ, ସାନିଟାଇଜର ବ୍ୟବହାର କରୁଥିଲେ ହେଁ ଉଭୟ ଛାତ୍ରୀଛାତ୍ରଙ୍କ ପାଇଁ ରହିଥିବା ଶୌଚାଳୟର ପରସ୍କାର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦିଆଯାଇନାହିଁ। ଦୀର୍ଘ ମାସ ଧରି ପରିତ୍ୟକ୍ତ ହୋଇ ପଡି ରହିଥିବା ଶୌଚାଳୟଗୁଡିକ ଏବେ ବ୍ୟବହାର ଉପଯୋଗୀ ନ ଥିଲେ ମଧ ପିଲାମାନେ ବାଧ ହୋଇ ବ୍ୟବହାର କରୁଛନ୍ତି। ସେହିପରି ବିଦ୍ୟାଳୟ ପରିସର ମଧକୁ ବୁଲା ଗାଈଗୋରୁ ଅବାଧରେ ପଶି ଚରାବୁଲା କରୁଥିବା ବେଳେ ଚାରିପାର୍ଶ୍ୱ ସଫା କରାଯାଉନାହିଁ । ଏହି ବିଦ୍ୟାଳୟରୁ ଅସ୍ଥାୟୀ କୋଭିଡ ଶିବିରକୁ ବେଞ୍ଚ ଟେବୁଲ ନିଆଯାଇଥିଲା । ସେଥିମଧରୁ ୯ ଯୋଡା ବେଞ୍ଚ ଟେବୁଲ ଭଙ୍ଗା ଅବସ୍ଥାରେ ଫେରା ଯାଇଥିବା ଓ ଏ ନେଇ ଟଙ୍କା ଦିଆଯାଇ ନ ଥିବା ବିଦ୍ୟାଳୟ ଅଧକ୍ଷ ଡ. ନାରାୟଣ ପ୍ରଧାନ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଅସ୍ଥାୟୀ କୋଭିଡ ଶିବିର ଦାୟିତ୍ୱରେ ଥିବା ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲଙ୍କୁ ପଚାରିବାରେ ଆମକୁ ବିଦ୍ୟାଳୟ ପକ୍ଷରୁ ଖରାପ ବେଞ୍ଚ ଟେବୁଲ ଦିଆଯାଇ ଆମ ମୁଣ୍ଡରେ ଅଠା ବୋଳିବା ପ୍ରୟାସ କରାଯାଉଛି ବୋଲି କହିଛନ୍ତି। ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଷଷ୍ଠୀ ଝାଙ୍କର ତାଙ୍କ ପ୍ରତିକ୍ରିୟାରେ ଅଧକ୍ଷଙ୍କ ସହ ଯୋଗାଯୋଗ କରି ବିହିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## ଫୁଟବଲ: ପୁଟୁରୁପାଲି ଚାମ୍ପିୟନ



ଅତିଥିଙ୍କ ଗହଣରେ ଚାମ୍ପିୟନ, ରନର୍ସ ଅପ୍ ଦଳର ଖେଳାଳିବୃନ୍ଦ ।

ବରଗଡ଼ ଅଫିସ୍,୧୦।୧

ବରଗଡ଼ ବ୍ଲକ ଅନ୍ତର୍ଗତ ଖୁଣ୍ଟପାଲି ତୁରୁଙ୍ଗାରେ ଚାଲିଥିବା ନେହେରୁ କପ୍ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ଉକ୍ତ ପ୍ରତିଯୋଗିତାର ଫାଇନାଲରେ ପୁଟୁରୁପାଲି ପ୍ରତିପକ୍ଷ ଅମ୍ବାପାଲିକୁ ହରାଇ ଚାମ୍ପିୟନ ହୋଇଛି। ମଣ୍ଟୁ ମହାପାତ୍ର, ବସନ୍ତ ଦାଶ, ବିଜୁଲ ସାହୁ, ରାଜକୁମାର ବନଛୋର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ସଞ୍ଜୟ ଦାଶ, ଗୋବିନ୍ଦ ଭୁଏ, ଶ୍ୟାମପ୍ରସାଦ ବିଶି, ଉମେଶ ଭୋଇ ମ୍ୟାଚ୍ ପରିଚାଳନା କରିଥିଲେ। ଆଲୋକ ସାହୁ, ଜୟକିଶାନ ସାହୁ, ଅନିଲ ଭୋଇ ପ୍ରମୁଖ ସହଯୋଗ କରିଥିଲେ। ଉଲ୍ଲେଖନୀୟ, ଉକ୍ତ ପ୍ରତିଯୋଗିତାର ପ୍ରଥମ ସେମି ଫାଇନାଲରେ ପୁଟୁରୁପାଲି ପ୍ରତିପକ୍ଷ ବାଦପାଲି ଏବଂ ଦ୍ୱିତୀୟ ସେମିଫାଇନାଲରେ ଅମ୍ବାପାଲି ପ୍ରତିପକ୍ଷ ସାଇ ସ୍ପୋର୍ଟ୍ସ କ୍ଲବକୁ ହରାଇ ଫାଇନାଲକୁ ଉନ୍ନୀତ ହୋଇଥିଲେ।

## ୧୫ତମ ହିର୍ଲିପାଲି ପଞ୍ଚାୟତ କପ୍

ଜାମଟିକ୍ରା, ୧୦।୧ (ଡି.ଏନ.ଏ)

ଅତାବିରା ବ୍ଲକ ଡୁମ୍ବେରପାଲି ଖେଳ ପଡିଆରେ ୧୫ତମ ହିର୍ଲିପାଲି ପଞ୍ଚାୟତ କପ୍ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଡୁମ୍ବେରପାଲି ସିନିୟର ଓ କାଠଡେରା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କାଠଡେରା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୪୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଡୁମ୍ବେରପାଲି ସିନିୟର ଦଳ ୩.୪ ଓଭରରେ ୪୬ ରନ୍ କରି ବିଜୟୀ ହୋଇଥିଲା। ହିର୍ଲିପାଲି ସରପଞ୍ଚ କବିତା ସାହୁ ମୁଖ୍ୟଅତିଥି, ପ୍ରଭାରି ମେହେର, ବୃନ୍ଦାବନ ବିଶ୍ୱାଳ ଓ ଯଦୁମଣି ସାହୁ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ମୁକେଶ ଭୋଇ, ଫିରୋଜ ସାହୁ, ତପନ ପଧାନ ଖେଳ ପରିଚାଳନା କରିଥିଲେ।

## ଜବରଦଖଲମୁକ୍ତ ହେବ ଗ୍ରାମ୍ୟ ଜଙ୍ଗଲ



ଜଙ୍ଗଲ ଜମି ଚିହ୍ନଟ କରାଯାଉଛି।

ଘଣ୍ଟାପଡା, ୧୦।୧ (ଡି.ଏନ.ଏ.)

ବୌଦ୍ଧ ଜିଲା କଣ୍ଟାମାଳ ବନାଞ୍ଚଳ ନାରାୟଣପ୍ରସାଦ ସେକ୍ସନ ଅଧୀନ ରିଙ୍ଗାପଡା ଗ୍ରାମ୍ୟ ଜଙ୍ଗଲ ଜବରଦଖଲମୁକ୍ତ ପାଇଁ ଜମି ଚିହ୍ନଟ କରାଯାଇଛି । କଣ୍ଟାମାଳ ତହସିଲଦାର ଅର୍ଜୁନ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ବରଗାଁ ଆର୍‌ଆଇ ବିଜୟ କୁମାର ପତି ଶୁକ୍ରବାର ଗ୍ରାମ୍ୟ ଜଙ୍ଗଲ ଜମି ଚିହ୍ନଟ କରିଛନ୍ତି। ତଦନ୍ତ ବେଳେ ପ୍ରାୟ ୮ଏକର ସଂରକ୍ଷିତ ଜଙ୍ଗଲ ଜମିକୁ ୭ଜଣ ବ୍ୟକ୍ତି ଜବରଦଖଲ କରି ଚାଷ କରିବା ସହ ମୂଲ୍ୟବାନ ଗଛ ନଷ୍ଟ କରିଥିବା ଜଣାପଡିଥିଲା। ପରେ ଅନୁଷ୍ଠିତ ସଭାରେ ଜଙ୍ଗଲ ସୁରକ୍ଷା ନେଇ ଆଲୋଚନା ହୋଇଥିଲା। ମାଁ ଖମ୍ବେଶ୍ୱରୀ ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା କମିଟି ସଭାପତି ସୁଦାମ ଭୋଇ, ସମ୍ପାଦକ ଶନିଦେବ ଝାଙ୍କର, ୱାର୍ଡ ସଭ୍ୟ ସୁଦର୍ଶନ ଭୋଇ, ସଭ୍ୟ ରାଧାକାନ୍ତ ପୁଟା, କନସନ ପାତ୍ର, କୃତ୍ତିବାସ ପାତ୍ର, ଟଙ୍କଧର ଭୋଇ, କୁଶଳେଶ୍ୱର ରଣା ପ୍ରମୁଖ ଉପସ୍ଥିତ ଥିଲେ। ବନରକ୍ଷୀ ଗଜେନ୍ଦ୍ର କଅଁର ଅତିଥି ଭାବେ ଯୋଗଦେଇ ଗ୍ରାମ୍ୟ ଜଙ୍ଗଲ ସଂରକ୍ଷଣ ବିଷୟରେ ସୂଚନା ଦେଇଥିଲେ।

## ଥାନା ଘେରିଲେ ଭାଜପା କର୍ମୀ

ପାଇକମାଳ,୧୦।୧(ଡି.ଏନ.ଏ)



ଭାଜପା କର୍ମୀମାନେ ପାଇକମାଳ ଥାନା ଘେରାଉ କରିଛନ୍ତି ।

ବରଗଡ଼ ଜିଲା ପାଇକମାଳ ଥାନାକୁ ରବିବାର ପୂର୍ବାହ୍ନରେ ଭାଜପା କର୍ମୀମାନେ ଘେରାଉ କରିଥିଲେ । ଯୋଗିନ୍ଦ୍ରନାଥପୁର ନାବାଳିକା ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ଗିରଫ ଦାବିରେ ସେମାନେ ଏହି ଆନ୍ଦୋଳନ କରିଥିଲେ। ଅନ୍ୟପଟେ ଅପରାହ୍ନ ପ୍ରାୟ ୪ଟାରେ ବରଗଡ଼ ଏସ୍‌ପି ପଦ୍ମିନୀ ସାହୁ ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଉକ୍ତ ହତ୍ୟା ମାମଲାର ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ସୂଚନା ଦେଇଥିଲେ। ଥାନା ଘେରାଉ କାର୍ଯ୍ୟକ୍ରମରେ ପୂର୍ବତନ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ, ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ରମଳା ଲୁହାର, ପ୍ରୀତେଶ ବହିଦାର, ହରିହର ସାହୁ ପ୍ରମୁଖ ଦଳୀୟ କର୍ମୀ ସାମିଲ ହୋଇଥିଲେ। ଏସ୍‌ଡ଼ିପିଓ ପ୍ରଦୀପ କୁମାର ସାହୁ, ତହସିଲଦାର ମନୋଜ କୁମାର ମେହେର, ଥାନାଧିକାରୀ ବିଶ୍ୱଜିତ ମନବୋଧ ପହଞ୍ଚି ଆନ୍ଦୋଳନ କାରୀଙ୍କ ସହିତ ଆଲୋଚନା କରିଥିଲେ।

## ଭୂମି ପୂଜନ କାର୍ଯ୍ୟକ୍ରମ

ବୌଦ୍ଧ,୧୦।୧(ସ୍ୱ.ପ୍ର)

ବୌଦ୍ଧ ସହର ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ମନ୍ଦିର ଭିତରେ ଥିବା କଲ୍ୟାଣ ମଣ୍ଡପର ସମ୍ପ୍ରସାରଣ ଏବଂ ମନ୍ଦିର ଭିତରେ ନୂତନ ଲକ୍ଷ୍ମୀ ମନ୍ଦିର ଓ ନବଗ୍ରହ ମନ୍ଦିର ନିର୍ମାଣ ପାଇଁ ପୂଜକ ବିଭୁପ୍ରସାଦ ପଣ୍ଡାଙ୍କ ଦ୍ୱାରା ରବିବାର ଭୂମି ପୂଜନ କରାଯାଇଛି। ଜିଲାପାଳ ଲଳାଟେନ୍ଦୁ ମିଶ୍ର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ଅଶ୍ୱିନୀ କୁମାର ମେହେର, ବୌଦ୍ଧ ବିଡିଓ ଦେବୀ ପ୍ରସାଦ ଦାସ, ଆସିଷ୍ଟାଣ୍ଟ ଇଞ୍ଜିନିୟର ଲକ୍ଷ୍ମୀଧର ସିଂ ପ୍ରମୁଖ ଯୋଗଦାନ କରିଥିଲେ।

## ଭବାନୀଶଙ୍କର ନିଆଳଙ୍କ ୨ଟି ଇଂଲିଶ କବିତା ଇଟାଲୀ, ୟୁରୋପୀୟ ଭାଷାରେ ପ୍ରକାଶ

କେସିଙ୍ଗା/ଭବାନୀପାଟଣା, ୧୦।୧ (ଡି.ଏନ.ଏ.)

ହିନ୍ଦୀ ଓ ଓଡ଼ିଆ ସାହିତ୍ୟରେ ଦୀର୍ଘ ଦୁଇ ଦଶନ୍ଧିଧରି ସକ୍ରିୟ ରହିବା ସହିତ ଏକାଧିକ ପୁସ୍ତକର ଲେଖକ ଓ ସମ୍ଭ୍ରାନ୍ତ ସାହିତ୍ୟ ପତ୍ରିକା ମହୁରିର ମୁଖ୍ୟ ସମ୍ପାଦକ ଭାବେ ଓଡିଆ ସାହିତ୍ୟର ଜଣେ ଆଗଧାଡ଼ିର କବି ଓ ସାହିତ୍ୟ ସଙ୍ଗଠକ ଭାବେ ପରିଚିତ କବି ଭବାନୀଶଙ୍କର ନିଆଳ ଏଥର ଅନ୍ତର୍ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି। କରୋନା ଜନିତ ଲକ୍‌ଡାଉନ ବେଳେ ସେ ଲେଖିଥିବା ଦୁଇଟି ମର୍ମସ୍ପର୍ଶି କବିତା ଇଂଲିଶ ଅନୁବାଦ ସାମାଜିକ ଗଣମାଧ୍ୟମରେ ବେଶ ଚର୍ଚ୍ଚିତ ହୋଇଥିବା ବେଳେ ଏହି କବିତାର ଭାବାବେଗ ଓ ସାହିତ୍ୟକ ମୂଲ୍ୟବୋଧରେ ପ୍ରଭାବିତ ହୋଇ ଇଟାଲୀର ଖ୍ୟାତନାମା ଲେଖିକା ଇମାନୁଏଲ ରିଜ୍ଜୋ ଏହାକୁ ଇଟାଲିୟାନ ଭାଷାରେ ଅନୁବାଦ କରିଛନ୍ତି। ଇଟାଲିୟାନ ଭାଷାରେ ଅନୁଦିତ ହେବା ପରେ କବିତା ଯୋଡିକ ଇଟାଲୀର ସାହିତ୍ୟ ଜଗତରେ ଓ ୟୁରୋପୀୟ ଦେଶରେ ଆଲୋଡନ ସୃଷ୍ଟି କରିଛି । ଏ ସମ୍ପର୍କରେ ଖବର ମିଳିବା ପରେ ରାଜ୍ୟର ସାହିତ୍ୟକ ଓ ନିଆଳଙ୍କ ଶୁଭେଚ୍ଛୁଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।

## ଦଶମ ଶ୍ରେଣୀ ପିଲାଙ୍କ ଫର୍ମ ପୂରଣ ମାଗଣାରେ କରାଯାଉ

ତରବୋଡ, ୧୦।୧ (ଡି.ଏନ.ଏ.)

ଚଳିତ ଶିକ୍ଷାବର୍ଷ ମାଟ୍ରିକ ପରୀକ୍ଷା ପାଇଁ ରବିବାରଠାରୁ ଫର୍ମ ପୂରଣ ଆରମ୍ଭ ହୋଇଛି। ଏଥର କରୋନା ମହାମାରୀ ଯୋଗୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଫର୍ମ ପୂରଣ ମାଗଣାରେ କରାଯାଉ ବୋଲି ଭାଜପା ଦାବି କରିଛି। ନୂଆପଡା ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ରାଜ୍ୟ ସରକାରଙ୍କଠାରେ ଦାବି କରିଛନ୍ତି। ଦେଶରେ କରୋନା ମହାମାରୀ ଜନିତ ଲକଡାଉନ, ସଟଡାଉନ ଯୋଗୁ ବହୁ ଲୋକ ଜୀବନ ଜୀବିକା ହରାଇଛନ୍ତି। ଗରବ, ଖଟିଖିଆ, ଦାରିଦ୍ରସୀମାରେଖା ତଳେ ଥିବା ଗରିବ ଲୋକେ ଏବେ ମଧ୍ୟ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେଣୁ ଚଳିତଶିକ୍ଷା ବର୍ଷ ଫର୍ମ ପୁରଣ ଫି’ ଛାଡ କରାଯାଉ ବୋଲି ସେ ସରକାରଙ୍କୁ ଅନୁରୋଧ କରିଛନ୍ତି। ସମ୍ମିଳନୀରେ ଭାଜପା ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ପ୍ରସନ୍ନ ପାଢୀ, ଶିବ ପ୍ରସାଦ ମୁଣ୍ଡ, ହୋମସିଂ ମାଝି, ଜିଲା ସଭାପତି ସୁବ୍ରତ କୁମାର ଠାକୁର, ମନିଜର ଆର୍ଯ୍ୟ, ଯୁବ ମୋର୍ଚ୍ଚା ଜିଲ ସଭାପତି ଅଭିନନ୍ଦନ ପଣ୍ଡା, ଏସସି ମୋର୍ଚ୍ଚା ଜିଲା ସଭାପତି କେଦାର ଜଗତ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ସୂଚନା ଦେଉଛନ୍ତି ।

# ୪ ବର୍ଷ ପରେ ବି ଘର ଅସମ୍ପୂର୍ଣ୍ଣ

- ଅନ୍ୟ ଘରେ ଆଶ୍ରୟ ନେଉଛନ୍ତି ବୃଦ୍ଧା
- ପ୍ରଧାନମନ୍ତ୍ରୀ ଆବାସ ଯୋଜନା

ଖଡିଆଲ, ୧୦।୧ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଲ ବ୍ଲକ ବିରିଘାଟ ପଞ୍ଚାୟତ ଗଦାପଦର ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣାଧୀନ ଘର ୪ ବର୍ଷ ପରେ ସମ୍ପୂର୍ଣ୍ଣ ନ ହୋଇ ପଡ଼ିରହିଥିବା ଦେଖିବାକୁ ମିଳିଛି। ଗଦାପଦର ଗ୍ରାମର ଜଣେ ବୃଦ୍ଧା କୁନ୍ଦନେ ମାଝି (୮୦)ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦୧୭-୧୮ ବର୍ଷରେ କାର୍ଯ୍ୟାଦେଶ ପାଇଥିଲେ। ଆବାସ ଗୃହ ନିର୍ମାଣ ପାଇଁ ପଞ୍ଚାୟତ ଜିଓଟେକ ନିଜେ ଠିକାରେ ନେଇଥିଲେ। ତୁରନ୍ତ ନିର୍ମାଣ କରିବାକୁ କହି ଫାଉଣ୍ଡେଶନ ବାବଦକୁ ପ୍ରଥମ କିସ୍ତି ୧୩ ଡିସେମ୍ବର, ୨୦୧୮ରେ ୨୦ ହଜାର ଟଙ୍କା ସମ୍ପୃକ୍ତ ଜିଓଟେକଙ୍କୁ ଦେଇଥିଲେ। ଟଙ୍କା ପାଇ ମଧ ଗୋଟିଏ ବର୍ଷ ଆବାସ ଗୃହ କାର୍ଯ୍ୟ କରି ନ ଥିଲେ। ଅନ୍ୟ ଲୋକଙ୍କ ଫାଉଣ୍ଡେଶନ ଫଟୋ ଦେଖାଇ ପୁଣି ଥରେ ୧୬ ଜୁଲାଇ, ୨୦୧୯ରେ ଦ୍ୱିତୀୟ କିସ୍ତି ୩୫ ହଜାର ଟଙ୍କା ଉଠାଇଥିଲେ ମଧ ଘର କାମ କଲେ ନାହିଁ। ଜିଓଟେକ ଚଳିତବର୍ଷ ଘର କାମ ୬ ଫୁଟ ପର୍ଯ୍ୟନ୍ତ ଉଠାଇ ଅର୍ଦ୍ଧନିର୍ମିତ ଭାବେ ଛାଡି ଦେଇଛନ୍ତି। ନିୟମ ଅନୁଯାୟୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ୮୪ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ନିର୍ମାଣ କରି ଏନ୍‌ଆରଇଜିଏସ ହିସାବ ଅନୁଯାୟୀ ଦୈନିକ ୧୯୮ ଟଙ୍କା ହିସାବରେ ୨୦ ହଜାର ୫୧୦ ଟଙ୍କା ବିଲ ହୋଇସାରିଛି। ମୋଟ ୭୫ ହଜାର ୫୧୦ ଟଙ୍କା ଗୃହ ନିର୍ମାଣ ବାବଦକୁ ଉଠି ସାରିଛି। ଏପରିକି କୁନ୍ଦନେଙ୍କ ଦୁଇଟି କୋଠରି ନିର୍ମାଣ କରୁଥିବା ବେଳେ ୩ କୋଠରି ଥିବା ଫଟୋ ଦେଇ ଟଙ୍କା ଉଠାଣ ହୋଇଥିବା ଅଭିଯୋଗ ହେଉଛି। ସୂଚନାଥାଉ ବିଧବା ବୃଦ୍ଧାଙ୍କ ଘର ନ ଥିବାରୁ ଅନ୍ୟ ଘରେ ଆଶ୍ରୟ ନେଇଥିବା ଜଣାପଡିଛି। ଏ ନେଇ ଖଡିଆଳ ବିଡିଓ ଉତ୍ତମ କୁମାର ବାଗଙ୍କ ସହିତ ଯୋଗାଯୋଗ କରିବାରୁ ବର୍ତ୍ତମାନ ପଞ୍ଚାୟତସ୍ତରରେ ମିଶନ ଶକ୍ତି ନାମରେ ଟ୍ରେନିଂ କ୍ୟାମ୍ପ କରାଯାଇଛି। ଏଥିରେ ହିତାଧିକାରୀଙ୍କ ସମସ୍ୟା କ’ଣ ଅଛି ସେ ନେଇ ସମାଧାନ କରି ଅର୍ଦ୍ଧନିର୍ମିତ ଗୃହଗୁଡିକ ସମ୍ପୂର୍ଣ୍ଣ କରାଯିବ ବୋଲି କହିଛନ୍ତି।



ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣାଧୀନ ଘର ଆଗରେ ବୃଦ୍ଧା କୁନ୍ଦନେ ମାଝି ।